79th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

# ପ୍ରଜାତନ୍ତ୍ର
The Prajatantra

ମୀନାବଜାର
ମୂଲ୍ୟ: ୨୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 | @the_prajatantra | theprajatantra@yahoo.com | www.theprajatantra.org

୭୯ବର୍ଷ ■ ସଂଖ୍ୟା-୨୭୧● କଟକ ● ଗୁରୁବାର ● ୦୭ ମଇ- ୨୦୨୬ ● ବୃଷ- ୬●ସାଲ୍ ୧୪୩୧
CUTTACK● THURSDAY ● 07 MAY-2026 ● RNI Regd.No.4001/57
ମୂଲ୍ୟ: ₹ ୫ ଟଙ୍କା

# ବହିଷ୍କାର କରନ୍ତୁ, ଇସ୍ତଫା ଦେବିନି: ମମତା

କୋଲକାତା: ମୁଁ ଇସ୍ତଫା ଦେବି ନାହିଁ , ସେମାନେ ମୋତେ ବହିଷ୍କାର କରନ୍ତୁ। ମୁଁ ଚାହେଁ ଏହି ଦିନକୁ 'କଳା ଦିବସ' ଭାବରେ ପାଳନ କରାଯାଉ। ଏମିତି କହିଛନ୍ତି ଟିଏମସି ମୁଖ୍ୟ ମମତା ବାନାର୍ଜୀ। ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳ ଉପରେ କଡ଼ା ଆପତ୍ତି ପ୍ରକାଶ କରି, ଟିଏମସି ମୁଖ୍ୟ ମମତା ବାନାର୍ଜୀ। ଦୃଢ଼ ଆପତ୍ତି ପ୍ରକାଶ କରି କହିଛନ୍ତି ଯେ ତାଙ୍କର ପରାଜିତ ପ୍ରାର୍ଥୀମାନଙ୍କୁ ଏକ ଷଡ଼ଯନ୍ତ୍ରର ଅଂଶ ଭାବରେ ବଳପୂର୍ବକ ପରାସ୍ତ କରାଯାଇଛି। ସେ ଏହି ଫଳାଫଳ ପାଇଁ ନିର୍ବାଚନ କମିଶନ, ପଶ୍ଚିମବଙ୍ଗ ପୁଲିସ, ସିଆରପିଏଫ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାୟୀ କରିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି ଯେ ତାଙ୍କ ଦଳର ୧,୫୦୦ ରୁ ଅଧିକ କାର୍ଯ୍ୟାଳୟ ଜବତ କରାଯାଇଛି।

ଏକ ରିପୋର୍ଟ ଅନୁଯାୟୀ, ନବ ନିର୍ବାଚିତ ଟିଏମସି ବିଧାୟକଙ୍କ ସହ ଏକ ବୈଠକରେ ମମତା ବାନାର୍ଜୀ କହିଛନ୍ତି, "ବଙ୍ଗଳାକୁ ଅନୁସରଣ କରି, ଭାରତ ମେଣ୍ଟ ଦଳ ଏବେ ଏକଜୁଟ ହୋଇଛି। ମୁଁ ଇସ୍ତଫା ଦେବି ନାହିଁ – ସେମାନେ ମୋତେ ବହିଷ୍କାର କରନ୍ତୁ। ମୁଁ ଚାହେଁ ଏହି ଦିନକୁ 'କଳା ଦିବସ' ଭାବରେ ପାଳନ କରାଯାଉ। ଆମକୁ ଦୃଢ଼ ରହିବାକୁ ପଡ଼ିବ। ବିଧାନସଭା ଅଧିବେଶନର ପ୍ରଥମ ଦିନରେ, ସମସ୍ତ ଟିଏମସି ବିଧାୟକ କଳା ପୋଷାକ ପିନ୍ଧିବା ଉଚିତ। ଯେଉଁମାନେ ଦଳ ସହିତ ବିଶ୍ୱାସଘାତକତା କରିଛନ୍ତି ସେମାନଙ୍କୁ ବହିଷ୍କାର କରାଯିବ। ମୁଁ ହସୁଛି; ମୁଁ ସେମାନଙ୍କୁ ନୈତିକ ଭାବରେ ପରାସ୍ତ କରିଛି। ମୁଁ ଏକ ମୁକ୍ତ ପକ୍ଷୀ। ମୁଁ ସମସ୍ତଙ୍କ ପାଇଁ କାମ କରିଛି। ଆମେ ହାରିଯାଇଥିଲୁ, କିନ୍ତୁ ଆମେ ଲଢ଼ିବୁ।"



ଏଥିସହ ବିଜେପି ନିର୍ବାଚନକୁ ହେରଫେର କରି ଜିତିଛି ଓ ଏହା ବିରୋଧରେ ସେ ସୁପ୍ରିମକୋର୍ଟ ଯିବାକୁ ବିଚାର କରୁଥିବା ସଙ୍କେତ ଦେଇଛନ୍ତି। ନିଜେ ମମତା ସୁପ୍ରିମକୋର୍ଟରେ ନିଜ ମାମଲା ପରିଚାଳନା କରିବେ ବୋଲି ମଧ କହିଛନ୍ତି। ଆଇନଗତ ଲଢ଼େଇ ବା ଓକିଲାତି କରିବାର ସଙ୍କେତ ଦେଇ ମମତା ଘୋଷଣା କରିଛନ୍ତି ସେ, ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ ଓ ଅନ୍ୟ ସହକର୍ମୀମାନେ ଆଇନଗତ ଅଭ୍ୟାସ ଆରମ୍ଭ କରିବେ ଓ କୋର୍ଟରେ ସେମାନଙ୍କ ଲଢ଼େଇ ନିଜେ ଲଢ଼ିବେ। ବେଙ୍ଗଲରେ ପରାଜୟର ସାମ୍ନା କରିଥିଲେ ହେଁ ଦଳର ମୁଖ୍ୟ ଟାର୍ଗେଟ ଦିଲ୍ଲୀ ଓ ବିରୋଧୀ ମେଣ୍ଟ ଇଣ୍ଡିଆ ସହ ମିଶି ସେ ବିଜେପି ବିରୋଧରେ ଅଭିଯାନ ଜାରି ରଖିବେ ବୋଲି ବି କହିଛନ୍ତି।

ଟିଏମସି ମୁଖପାତ୍ର ଏବଂ ବିଧାୟକ କୁନାଲ ଘୋଷ କହିଛନ୍ତି, "ହିଂସା ରୋକିବା ନିର୍ବାଚନ କମିଶନର ଦାୟିତ୍ୱ। ଭାଜପା ଯାହା ଦାବି କରିଛି ଏବଂ ପ୍ରକୃତରେ ଯାହା ଘଟୁଛି ତାହା ସମ୍ପୂର୍ଣ୍ଣ ବିରୋଧ କରାଯାଇଛି। ବର୍ତ୍ତମାନ ଘଟୁଥିବା ହିଂସା ଗଣତନ୍ତ୍ର ପାଇଁ କ୍ଷତିକାରକ। ମମତା ବାନାର୍ଜୀଙ୍କ ଇସ୍ତଫା ଦେବାକୁ ମନା କରିବା ଭାଜପାର ଆସନ 'ଲୁଣ୍ଠନ' ବିରୋଧରେ ଏକ ପ୍ରତୀକାତ୍ମକ ପ୍ରତିବାଦ। ବିରୋଧୀ ଦଳ ନେତା ଭାବରେ କିଏ କାର୍ଯ୍ୟ କରିବ – କିମ୍ବା ବିଧାନସଭା ମଧ୍ୟରେ ଆମ ଦଳ କିପରି କାର୍ଯ୍ୟ କରିବ – ସେ ବିଷୟରେ ନିଷ୍ପତ୍ତି ସମ୍ପୂର୍ଣ୍ଣ ତାଙ୍କ ଉପରେ ଛାଡିବାକୁ ଦିଦି ଆମକୁ କହିଛନ୍ତି। ଆମେ ତାଙ୍କ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରିବୁ। ବିଧାନସଭା ମଧ୍ୟରେ ପ୍ରତ୍ୟେକ ବିଧାୟକଙ୍କୁ ନ୍ୟସ୍ତ କରାଯିବାକୁ ନିର୍ଦ୍ଦିଷ୍ଟ ଦାୟିତ୍ୱ ନିର୍ଦ୍ଦିଷ୍ଟ କରିବାକୁ ଆମେ ତାଙ୍କୁ ଅନୁରୋଧ କରିଛୁ।"

## ହିଂସା ନିଆଁରେ ଜଳୁଛି ବଙ୍ଗଳା

କୋଲକାତା: : ଭାରତୀୟ ଜନତା ପାର୍ଟି (ବିଜେପି)ର ଦମଦାର୍ ବିଜୟ ପରେ, ରାଜ୍ୟ ସାରା ଉତ୍ସବର ପରିବେଶ ସୃଷ୍ଟି ହୋଇଛି। ନୂତନ ସରକାର ଗଠନ ପାଇଁ ପ୍ରସ୍ତୁତି ମଧ ଜୋର ଧରିଛି। ଏହା ମଧ୍ୟରେ ବିଭିନ୍ନ ସ୍ଥାନରୁ ହିଂସା ଏବଂ ଭଙ୍ଗାରୁଜାର ରିପୋର୍ଟ ଆସୁଛି, ଯାହା ପରିବେଶକୁ ଉତ୍ତେଜନାପୂର୍ଣ୍ଣ କରିଦେଉଛି। ବଙ୍ଗଳାରେ ବିଧାନସଭା ନିର୍ବାଚନର ଫଳାଫଳ ଘୋଷଣା ହେବା ପରଠାରୁ, ଏହି ଅଞ୍ଚଳରେ ହିଂସାର ନିଆଁ ଜଳି ଉଠିଛି। ସଦ୍ୟତମ ରିପୋର୍ଟ ଅନୁସାରେ, ଏପର୍ଯ୍ୟନ୍ତ ପୃଥକ ଘଟଣାରେ ତିନି ଜଣ ପ୍ରାଣ ହରାଇଛନ୍ତି ଏବଂ ୪୦୦ ରୁ ଅଧିକ ସ୍ଥାନରେ ଟିଏମସି କାର୍ଯ୍ୟାଳୟ ଭଙ୍ଗାରୁଜା କରାଯାଇଛି। ହିଂସା ପରେ ରାଜ୍ୟ ସରକାର ୧୦ ସଦସ୍ୟ ବିଶିଷ୍ଟ ଏକ ତଥ୍ୟ ଅନୁସନ୍ଧାନ କମିଟି ଗଠନ ଘୋଷଣା କରିଛନ୍ତି। ଏହି ସମୟରେ ହିଂସା ମାମଲାରେ ପୁଲିସ ଆଜି ପର୍ଯ୍ୟନ୍ତ ୮୦ ଜଣଙ୍କୁ ଗିରଫ କରିଛି। ରିପୋର୍ଟ ଅନୁଯାୟୀ, ଆସାନସୋଲର ଗୋଧୂଳି ଅଞ୍ଚଳରେ ଥିବା ତୃଣମୂଳ କଂଗ୍ରେସ (ଟିଏମସି) କାର୍ଯ୍ୟାଳୟରେ ଭଙ୍ଗାରୁଜା ହୋଇଥିବା ଅଭିଯୋଗ ହୋଇଛି, ଯେତେବେଳେ ହାଓ୍ୱଡାର ଡୁମୁରଜାଲାରେ ଥିବା ଅନ୍ୟ ଏକ କାର୍ଯ୍ୟାଳୟକୁ ମଧ ଟାର୍ଗେଟ କରାଯାଇଛି। ଟଲିଗଞ୍ଜ, କସବା, ବାରୁଇପୁର, କମାର-ହାଟି, ବାରାନଗର, ହାଓ୍ୱଡା ଏବଂ ବ୍ରହ୍ମପୁରରେ ଟିଏମସି କାର୍ଯ୍ୟାଳୟରେ ଭଙ୍ଗାରୁଜାର ଘଟଣା ରିପୋର୍ଟ ହୋଇଛି। ଏହା ବ୍ୟତୀତ, ବୀରଭୂମି (ଟିଏମସି ସମର୍ଥକ), ନ୍ୟୁଟାଉନ (ବିଜେପି ସମର୍ଥକ) ଏବଂ ଅନ୍ୟ ଦୁଇଟି ପୃଥକ ସ୍ଥାନରେ କର୍ମୀଙ୍କୁ ହତ୍ୟା କରାଯାଇଥିବା ରିପୋର୍ଟ ରହିଛି।

## ଭାରତ ଏବଂ ଭିଏତନାମ ମଧ୍ୟରେ ୧୦ ଚୁକ୍ତିନାମା ସ୍ୱାକ୍ଷରିତ

ନୂଆଦିଲ୍ଲୀ : ଭାରତ ଏବଂ ଭିଏତନାମ ମଧ୍ୟରେ ସମ୍ପର୍କ ଆହୁରି ମଜବୁତ ହେବାକୁ ଯାଉଛି । ରାଷ୍ଟ୍ରପତି ଟୋ ଲାମଙ୍କ ଭାରତ ଗସ୍ତ ପରେ – ତାଙ୍କ ନିର୍ବାଚନର ମାତ୍ର ଗୋଟିଏ ମାସ ପରେ – ଭିଏତନାମ ଏବଂ ଭାରତ ମଧ୍ୟରେ ଦଶଟି ପ୍ରମୁଖ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ବ୍ୟାଙ୍କିଙ୍ଗ, ଶିକ୍ଷା, ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ଔଷଧ ଭଳି କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରି, ଏହି ଚୁକ୍ତିନାମା ଉଭୟ ରାଷ୍ଟ୍ର ପାଇଁ ଗୁରୁତ୍ୱପୂର୍ଣ୍ଣ ହେବାକୁ ପ୍ରସ୍ତୁତ। ଗତ ଦଶନ୍ଧି ମଧ୍ୟରେ ଭାରତ ଏବଂ ଭିଏତନାମ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଦ୍ୱିଗୁଣିତ ହୋଇଛି, ଯାହାର ମୂଲ୍ୟ ୧୬ ବିଲିୟନ ଡଲାରରେ ପହଞ୍ଚିଛି। ୨୦୩୦ ସୁଦ୍ଧା ଏହି ବାଣିଜ୍ୟ ପରିମାଣକୁ ୨୫ ବିଲିୟନକୁ ବୃଦ୍ଧି କରିବାର ଲକ୍ଷ୍ୟ ହାସଲ କରିବା ପାଇଁ ଏହି ଚୁକ୍ତିନାମାଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । ଭାରତ ସରକାର ଏବଂ ଭିଏତନାମ ମଧ୍ୟରେ ହୋଇଥିବା ଔଷଧ ଚୁକ୍ତିନାମା ଭିଏତନାମ ମଧ୍ୟରେ ଭାରତୀୟ ଔଷଧର ପ୍ରବେଶକୁ ବୃଦ୍ଧି କରିବ। ଭିଏତନାମକୁ ଭାରତର କୃଷି, ମତ୍ସ୍ୟ ଏବଂ ପଶୁ ଉତ୍ପାଦର ରପ୍ତାନି ମଧ ସୁଗମ ହେବାକୁ ଯାଉଛି। ଏହି ଚୁକ୍ତିନାମା ଅନୁଯାୟୀ, ବହୁତ ଶୀଘ୍ର ଭିଏତନାମ ଭାରତର ଅଙ୍ଗୁର ଏବଂ ଡାଳିମ୍ବ ସ୍ୱାଦ ପାଇବ, ଯେତେବେଳେ ଭାରତ ଭିଏତନାମର ଡୁରିଆନ ଏବଂ ପୋମେଲୋର ସ୍ୱାଦ ନେବ। ଏହା ବ୍ୟତୀତ, ଆର୍ଥିକ ସଂଯୋଗୀକରଣକୁ ବୃଦ୍ଧି କରିବା ପାଇଁ, ଉଭୟ ଦେଶ ସେମାନଙ୍କର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମଧ୍ୟରେ ସହଯୋଗ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଭାରତର ଟଟଓ ଏବଂ ଭିଏତନାମର ଦ୍ରୁତ ଦେୟ ବ୍ୟବସ୍ଥା ମଧ ଖୁବ୍ ଶୀଘ୍ର ସଂଯୋଗ ହେବାକୁ ଯାଉଛି। ଏହା ସହିତ, ଦୁଇ ରାଷ୍ଟ୍ର ମଧ୍ୟରେ ରାଜ୍ୟ-ରୁ-ରାଜ୍ୟ ଏବଂ ସହର-ରୁ-ସହର ସହଯୋଗକୁ ସୁଦୃଢ଼ କରିବା ପାଇଁ ପ୍ରୟାସ କରାଯିବ।

## ଜନଗଣନାରେ ନିୟୋଜିତ ଶିକ୍ଷକଙ୍କୁ ଅଟକାଇଲେ ହେବ କଡ଼ା ଆକ୍ସନ୍

ଭୁବନେଶ୍ୱର, (ପିପିଏସ୍): ଜନଗଣନାରେ ନିୟୋଜିତ ଶିକ୍ଷକଙ୍କୁ ଅଟକାଇଲେ ହେବ କଡ଼ା ଆକ୍ସନ୍। କିଛି ସ୍କୁଲ୍ କର୍ତ୍ତୃପକ୍ଷ ଶିକ୍ଷକଙ୍କୁ ରିଲିଜ୍ କରୁନଥିବା ନଜରକୁ ଆସିଛି। ଏନେଇ କଡ଼ା ନିର୍ଦ୍ଦେଶ ଜାରି କଲା ସ୍କୁଲ୍ ଓ ଗଣଶିକ୍ଷା ବିଭାଗ। ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, 'ସେନସସ୍ ଆକ୍ଟ-୧୯୪୮' ଅନୁସାରେ ଜନଗଣନା କାର୍ଯ୍ୟ ସମ୍ପୂର୍ଣ୍ଣ ବାଧ୍ୟତାମୂଳକ। ଏଣୁ ଏହି ଜାତୀୟ କାର୍ଯ୍ୟରେ ନିଯୁକ୍ତ ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ତୁରନ୍ତ ରିଲିଭ୍ କରିବାକୁ ସ୍କୁଲ କର୍ତ୍ତୃପକ୍ଷ ବାଧ୍ୟ। ଅନ୍ୟଥାରେ କୌଣସି ବି ଶିକ୍ଷକଙ୍କୁ ଜନଗଣନା କାମରୁ ବଞ୍ଚିତ କରାଯାଇ ପାରିବ ନାହିଁ। ଯଦି କୌଣସି ସ୍କୁଲ କର୍ତ୍ତୃପକ୍ଷ ଏହି ନିର୍ଦ୍ଦେଶକୁ ଅମାନ୍ୟ କରନ୍ତି କିମ୍ବା ଶିକ୍ଷକଙ୍କୁ ଛାଡ଼ିବାରେ ଅବହେଳା କରନ୍ତି, ତେବେ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି ଚେତାବନୀ ଦିଆଯାଇଛି। ଏହି ନିର୍ଦ୍ଦେଶନାମା ଜାରି ହେବା ପରେ ସମସ୍ତ ସରକାରୀ ଏବଂ ବେସରକାରୀ ସ୍କୁଲଗୁଡ଼ିକରେ ହଲଚଲ ବଢ଼ିଯାଇଛି।

## ଆସାମରେ ରାଜ୍ୟପାଳଙ୍କୁ ଭେଟି ଇସ୍ତଫା ପ୍ରଦାନ କଲେ ହିମନ୍ତ ବିଶ୍ୱଶର୍ମା



ଦିସ୍‌ପୁର: ଆସାମରେ ନୂଆ ସରକାର ଗଠନ ପାଇଁ ଚଞ୍ଚଳ ପରିସ୍ଥିତି ଦେଖାଦେଇଛି। ଆଜି ରାଜ୍ୟର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ରାଜଭବନକୁ ଯାଇ ରାଜ୍ୟପାଳ ଲକ୍ଷ୍ମଣ ଆଚାର୍ଯ୍ୟଙ୍କୁ ତାଙ୍କର ଇସ୍ତଫା ପ୍ରଦାନ କରିଛନ୍ତି। ଏହା ସହିତ ଆସାମରେ ନୂତନ ସରକାର ଗଠନ ପାଇଁ ପଥ ସ୍ପଷ୍ଟ ହୋଇଯାଇଛି। ରାଜଭବନରେ ହୋଇଥିବା ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ତାଙ୍କର ପଦତ୍ୟାଗ ପତ୍ର ଦେବା ସମୟରେ, ରାଜ୍ୟର ଆଗାମୀ ଶାସନ ବ୍ୟବସ୍ଥା ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି। ଏହି ପଦକ୍ଷେପକୁ ନୂତନ ମଣ୍ଡଳୀ ଗଠନ ପୂର୍ବର ଏକ ସାଧାରଣ ପ୍ରକ୍ରିୟା ଭାବେ ଦେଖାଯାଉଛି। ଏପରି ସମୟରେ ଆସାମର ରାଜନୈତିକ ପରିଦୃଶ୍ୟରେ ବଡ ଜିତ ହାସଲ କରିଛି ଏନଡିଏ ମେଣ୍ଟ। ୧୨୬ଟି ଆସନରୁ ୧୦୨ଟି ଆସନରେ ବିଜୟ ହାସଲ କରି, ଏହି ମେଣ୍ଟ ଭାରୀ ମତାଧିକ ସହ ସରକାର ଗଠନ କରିବାକୁ ଯାଉଛି। ଏହା ସହିତ, ଆସାମରେ ତୃତୀୟ ଥର ପାଇଁ ବିଜେପି ନେତୃତ୍ୱାଧୀନ ସରକାର ଗଠନ ହେବା ନିଶ୍ଚିତ ହୋଇପାରିଛି। ରାଜନୈତିକ ବିଶ୍ଳେଷକମାନେ ଏହି ଜୟକୁ ଏକ ଐତିହାସିକ ସଫଳତା ବୋଲି କହୁଛନ୍ତି। ଲୋକମାନଙ୍କର ବିଶ୍ୱାସ ଓ ବିକାଶମୂଳକ ଆଶା ଉପରେ ଆଧାର କରି ଏନଡିଏ ମେଣ୍ଟ ଏହି ବଡ ବିଜୟ ଲାଭ କରିଥିବା କୁହାଯାଉଛି। ଏବେ ସମସ୍ତଙ୍କର ଦୃଷ୍ଟି ରହିଛି ନୂତନ ମନ୍ତ୍ରିମଣ୍ଡଳ ଗଠନ ଓ ମୁଖ୍ୟମନ୍ତ୍ରୀଙ୍କ ଶପଥ ଗ୍ରହଣ ଉତ୍ସବ ଉପରେ, ଯାହା ଆଗାମୀ କିଛି ଦିନ ମଧ୍ୟରେ ହେବାର ସମ୍ଭାବନା ରହିଛି।

## ପଶ୍ଚିମବଙ୍ଗରେ ୯ରେ ଶପଥ ଗ୍ରହଣ



କୋଲକାତା: ଭାରତୀୟ ଜନତା ପାର୍ଟି (ବିଜେପି) ଖୁବ୍ ଶୀଘ୍ର ପଶ୍ଚିମବଙ୍ଗର ନୂତନ ମୁଖ୍ୟମନ୍ତ୍ରୀଙ୍କ ନାମ ଘୋଷଣା କରିବାର ସମ୍ଭାବନା ରହିଛି। ଶୁକ୍ରବାର ବିଜେପି ଏ ନେଇ ଏକ ବଡ଼ ବୈଠକ କରିବ ଓ ଏହା ପରେ ବିଧାୟକ ଦଳ ନେତାଙ୍କ ନାମ ଘୋଷଣା ହେବାର ସମ୍ଭାବନା ରହିଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ପଶ୍ଚିମବଙ୍ଗର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦେଇଛି ବିଜେପି। ବଙ୍ଗଳାରେ ବିଜେପି ୨୦୭ଟି ଆସନ ଜିତିଛି। ମେ ୯ରେ ହେବ ନୂଆ ସରକାରର ଶପଥ ଗ୍ରହଣ ଉତ୍ସବ। ରାଜଧାନୀ କୋଲକାତାରେ ଶୁକ୍ରବାର ବିଜେପି ବିଧାୟକଙ୍କ ଏକ ବୈଠକ ଅନୁଷ୍ଠିତ ହେବ। ରିପୋର୍ଟ ଅନୁଯାୟୀ, ଏହି ବୈଠକରେ ଅଧିକାରୀଙ୍କୁ ବିଧାୟକ ଦଳର ନେତା ଭାବରେ ନିର୍ବାଚିତ କରାଯିବ ବୋଲି ଜଣାପଡ଼ିଛି। ବିଜେପି ରାଜ୍ୟ ଅଧ୍ୟକ୍ଷ ଶମିକ ଭଟ୍ଟାଚାର୍ଯ୍ୟ ଅଧିକାରୀଙ୍କ ନାମ ପ୍ରସ୍ତାବ ଦେବେ ଏବଂ ଶାହ ତାଙ୍କ ନାମ ଘୋଷଣା କରିବେ ବୋଲି ସୂତ୍ରରୁ ଜଣାପଡ଼ିଛି।

୨୯୩ ସଦସ୍ୟ ବିଶିଷ୍ଟ ବିଧାନସଭାରେ ବିଜେପି ୨୦୭ଟି ଆସନ ଜିତି ତୃଣମୂଳ କଂଗ୍ରେସକୁ ପରାସ୍ତ କରିବା ସହ ରାଜ୍ୟରେ ଏହାର ୧୫ ବର୍ଷର ଶାସନର ଅନ୍ତ ଘଟାଇଥିଲା। ଯଦିଓ ଦଳ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିନାହିଁ, ଗୃହମନ୍ତ୍ରୀ ଶାହଙ୍କ ସମେତ ବରିଷ୍ଠ ନେତାମାନେ ନିର୍ବାଚନ ପ୍ରଚାର ସମୟରେ ସୂଚାଇଥିଲେ ଯେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ପଶ୍ଚିମବଙ୍ଗର ବାସିନ୍ଦା ହେବେ। ୨୦୨୧ ମସିହାରେ ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କଠାରୁ ଅଲଗା ହୋଇଥିଲେ। କେବଳ ଏତିକି ନୁହେଁ, ସେ ନନ୍ଦୀଗ୍ରାମରୁ ମଧ ତାଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଖୁବ୍ କମ୍ ବ୍ୟବଧାନରେ ପରାଜୟର ସମ୍ମୁଖୀନ ହେବାକୁ ପଡ଼ିଥିଲା। ୨୦୧୧ ମସିହାରେ ତୃଣ-ମୂଳ କଂଗ୍ରେସକୁ କ୍ଷମତାକୁ ଆଣିବାରେ ନନ୍ଦୀଗ୍ରାମ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ଏବଂ ଏହା ମମତାଙ୍କ ଗଡ଼ ଥିଲା। ଏହା ପରେ ୨୦୨୬ରେ ମଧ ବିଜେପି ମମତା ବାନାର୍ଜୀଙ୍କ ବିରୋଧରେ ଲଢ଼ିବା ପାଇଁ ଅଧିକାରୀଙ୍କୁ ଫିଲ୍ଡିଂ କରିଥିଲା, କିନ୍ତୁ ଏଥର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟତମ ଗଡ଼ ଭବାନୀପୁରରେ। ଏଠାରେ ଫଳାଫଳ ସମାନ ଆସିଥିଲା। ସୋମବାର ସନ୍ଧ୍ୟାରେ ଅଧିକାରୀଙ୍କୁ ପ୍ରାୟ ୧୫,୦୦୦ ଭୋଟ୍ ବ୍ୟବଧାନରେ ବିଜେତା ଘୋଷଣା କରାଯାଇଥିଲା।

### ସମ୍ପାଦକୀୟ
ଜଳ ଲାଗି ମରୁଛନ୍ତି ଲୋକେ

### ବାଟେଘାଟେ



ମୁଖ୍ୟ ମନ୍ତ୍ରୀଙ୍କର ମୂଳ ସମ୍ପତି
ହେଉ ଅଛି ରାଜ ଗାଦି
ହାରି ଯାଇଛନ୍ତି ତଥାପି ଜାବୁଡି
ଧରନ୍ତି ମମତା ଦିଦି
ବାହାର କରନ୍ତି ଫନ୍ଦି
ଭୋଟ ଚୋରି ଯୋଗୁଁ ଏମନ୍ତ ହୋଇଲା
କହୁଛନ୍ତି କାନ୍ଦି କାନ୍ଦି
ସମ୍ବିଧାନ ଅଛି ତାହାକୁ ନମାନି
ହୋଇବେ କେବଳ ଧନ୍ଦି
କ୍ଷମତା ଲୋଭରେ ଏପରି ହୋଇଲେ
ପାଦରୁ ଫୁଟିବ ଚାନ୍ଦି
-ରାହୀ

## ପଥର ଖୋଲରେ ଫସିଥିବା ନାବାଳକ ଉଦ୍ଧାର



ଓଡଗାଁ, (ପିପିଏସ୍): ମହୁ ଆଣିବା ବେଳେ ପଥର ଖୋଲରେ ଫସି ଯାଇଥିବା ନାବାକଳ ଜଣଙ୍କ ଶେଷରେ ଉଦ୍ଧାର ହୋଇଛନ୍ତି। ଦୀର୍ଘ ୯ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ଉଦ୍ଧାର ଟିମ ସୁରକ୍ଷିତ ଭାବେ ପଥର ସନ୍ଧିରୁ ନାବାଳକଙ୍କୁ ଉଦ୍ଧାର କରିଛନ୍ତି। ପଥର ଖୋଲରେ ନାବାଳକଙ୍କ ମୁଣ୍ଡ ଫସି ଯାଇଥିବା ବେଳେ ତାଙ୍କ ଶରୀରର ବାହାରେ ରହିଥିଲା। ସେହି ଅବସ୍ଥାରେ ସେ ୯ ଘଣ୍ଟା କାଳ ରହିବା ପରେ ସୁରକ୍ଷିତ ଭାବେ ଉଦ୍ଧାର ହୋଇଛନ୍ତି। ଉଦ୍ଧାରକାରୀ ଟିମ ପାହାଡ଼ ଉପରକୁ ଯାଇ ପିଲାଟିକୁ ଉଦ୍ଧାର କରିବାରେ ସକ୍ଷମ ହୋଇଛନ୍ତି। ନୟାଗଡ଼ ଜିଲ୍ଲାର କାଣିପଦା ଜଙ୍ଗଲ ଅଞ୍ଚଳରେ ଏକ ଘଟଣା ଘଟିଛି। ଆଜି ସକାଳେ ମହୁ ସଂଗ୍ରହ ପାଇଁ ଓଡଗାଁ ବାଉଁଶଗାଡ଼ିଆ ଅଞ୍ଚଳର ଜଙ୍ଗଲକୁ ଯାଇଥିଲେ ଜଣେ ନାବାଳକ। ସେଠାରେ ଥିବା ପଥର ଖୋଲରୁ ସେ ମହୁ ଆଣିବାକୁ ଚେଷ୍ଟା କରୁଥିବା ବେଳେ ହଠାତ୍ ଖୋଲ ଭିତରେ ତାଙ୍କ ମୁଣ୍ଡ ଫସିଯାଇଥିଲେ। ନାବାଳକଙ୍କର ମୁଣ୍ଡ ପଥର ଖୋଲରେ ଅଟକି ଯିବାରୁ ସେ ବାହାରି ପାରି ନଥିଲେ। ଏନେଇ ସ୍ଥାନୀୟ ଲୋକ ଜାଣିବା ପରେ ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ନୟାଗଡ଼ ଓ ଓଡଗାଁ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। କିନ୍ତୁ ସଂକୀର୍ଣ୍ଣ ପଥର ଖୋଲରେ ମୁଣ୍ଡ ଅଟକିଥିବାରୁ ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ ଚ୍ୟାଲେଞ୍ଜିଂ ହୋଇପଡ଼ିଥିଲା। ଘଟଣାସ୍ଥଳରେ ଭୟ ଓ ଉତ୍ତେଜନାର ପରିବେଶ ଦେଖା ଦେଇଥିଲା। ସ୍ଥାନୀୟ ଲୋକେ ନାବାଳକଙ୍କ ସୁରକ୍ଷିତ ଉଦ୍ଧାର ପାଇଁ ପ୍ରାର୍ଥନା ଆରମ୍ଭ କରିଥିଲେ। ଏସବୁ ଭିତରେ ଅଗ୍ନିଶମ କର୍ମଚାରୀମାନେ ବେଶ ସତର୍କତାର ସହିତ ଉଦ୍ଧାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ। ସେମାନେ ବିଭିନ୍ନ ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର କରିଥିଲେ। ଭୁବନେଶ୍ୱରେ ଥିବା କଣ୍ଟ୍ରୋଲ ରୁମ ନିର୍ଦ୍ଦେଶରେ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ଉଦ୍ଧାରୀ ଟିମ ପଥରକୁ କାଟି ପିଲାଟିକୁ ଦୀର୍ଘ ୯ ଘଣ୍ଟା ପରେ ବାହାର କରିଛନ୍ତି। ପଥର ଖୋଲରୁ ବାହାରିବା ପରେ ପିଲାଟିକୁ ଅଧିକ ଚିକିତ୍ସା ପାଇଁ ସ୍ଥାନୀୟ ମେଡିକାଲକୁ ନିଆଯାଇଛି। ପିଲାଟିର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

## ସରକାର ଗଠନ ପାଇଁ ବିଜୟଙ୍କ ଦାବି



ନୂଆଦିଲ୍ଲୀ: ତାମିଲନାଡୁ ରାଜନୀତିରେ ରୋଚକ ଦୃଶ୍ୟ । ସରକାର ଗଠନ କରିବା ପାଇଁ ଦାବି ଜଣାଇଛନ୍ତି ଟିଭିକେ । ବିଜୟଙ୍କ ଦଳ ନିର୍ବାଚନରେ ୧୦୮ ଆସନରେ ଜିତିଥିବାବେଳେ ସରକାର ଗଠନ ପାଇଁ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ଭେଟିଛନ୍ତି । ୧୧୨ ବିଧାୟକଙ୍କ ସମର୍ଥନ ଥିବା ଏକ ଦସ୍ତଖତ ଟିଭିକେ ପକ୍ଷରୁ ରାଜ୍ୟପାଳଙ୍କୁ ପ୍ରଦାନ କରାଯଇଛି । ଏହାସହ ବିଜୟ ସରକାର ଗଠନ ପାଇଁ ଦାବି କରିଛନ୍ତି । ସେପଟେ ରାଜ୍ୟପାଳ କହିଛନ୍ତି କି, ଆଣନ୍ତୁ ୧୧୮ ବିଧାୟକଙ୍କ ଦସ୍ତଖତ । ଯେଉଁ କାରଣରୁ ଏହି ଦାବିକୁ ଫେରାଇ ଦେଇଛନ୍ତି ରାଜ୍ୟପାଳ ।

କହି ରଖୁଛୁ କି, ଯଦିଓ ତାମିଲନାଡୁରେ ସର୍ବାଧିକ ଆସନରେ ବିଜୟ ହୋଇଛି ବିଜୟଙ୍କ ଟିଭିକେ ତଥାପି ସେମାନଙ୍କ ପାଖରେ ନାହିଁ ମ୍ୟାଜିକ୍ ନମ୍ବର। ୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ସରକାର ଗଠନ ପାଇଁ ଆବଶ୍ୟକ ୧୧୮ ମ୍ୟାଜିକ୍ ନମ୍ବର । ବିଜୟ ଦୁଇଟି ଆସନରୁ ଲଢୁଥିବାବେଳେ ଗୋଟିଏ ଆସନ ଛାଡ଼ିବେ । ଟିଭିକେ ପାଖରେ ୧୦୭ ଆସନ ରହିଥିବାବେଳେ କଂଗ୍ରେସର ୫ ବିଧାୟକଙ୍କ ସମର୍ଥନ ବଳରେ ୧୧୨ରେ ପହଞ୍ଚିଛି । ଏବେ ଆଉ ୬ ବିଧାୟକଙ୍କ ସମର୍ଥନ ଆବଶ୍ୟକ ରହିଛି । ଯେଉଁ କାରଣରୁ ରାଜ୍ୟପାଳଙ୍କୁ କିଛି ସମୟ ମାଗିଛନ୍ତି ବିଜୟ ।




# ବିଶ୍ୱର ସବୁଠୁ ବଡ଼ କାଠର ସହର ହେବ ସୁଇଡେନ

ଏପରି ଅନେକ ସହର ଅଛି, ଯାହା ଦେଖିବାକୁ ବହୁତ ସୁନ୍ଦର। ତା'ର ଉଚ୍ଚ ଅଟ୍ଟାଳିକା ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିଥାଏ। ହେଲେ ସମସ୍ତ ଅଟ୍ଟାଳିକା କଂକ୍ରିଟ୍ରେ ତିଆରି ହୋଇଥିବା ସାଧାରଣ କଥା। କିନ୍ତୁ ଏପରି ଏକ ସହର ଅଛି, ଯାହାର ସମସ୍ତ ଜିନିଷ କାଠରେ ତିଆରି। ସୁଇଡେନ ଦୁନିଆର ପ୍ରଥମ କାଠର ସହର କରିବାକୁ ଘୋଷଣା କରିଛି, ଯାହା ବିଶ୍ୱର ସବୁଠୁ ବଡ଼ କାଠ ସହର ହେବ। ରିପୋର୍ଟ ମୁତାବକ, ସ୍ୱିଡେନ ରାଜଧାନୀ ଷ୍ଟକ୍‌ହୋମରେ ବିଶ୍ୱର ସର୍ବପ୍ରଥମ କାଠର ସହର ତିଆରି କରାଯିବ। ଏହାକୁ ଡ୍ୟାନିସ ଷ୍ଟୁଡିଓ ହେନିଂ ଲାର୍ସେନ ଏବଂ ସୁଇଡେନ ଫିର୍ମ ୱାଇଟ୍ ଆର୍କିଟେକ୍ଟର ଡିଜାଇନ କରିବେ। ୨୦୨୫ ବେଳକୁ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ।



୨୦୨୭ ଭିତରେ ଏହା ସମ୍ପୂର୍ଣ୍ଣ ହେବ ବୋଲି ସୂଚନା ରହିଛି। ନିକଟରେ ସ୍ୱିଜରଲାଣ୍ଡ, ଅଷ୍ଟ୍ରେଲିଆ ଭଳି ଦେଶରେ ଆକାଶ ଛୁଉଁଥିବା କାଠର କୋଠା ନିର୍ମାଣ କରାଯାଇଛି। ଗତବର୍ଷ ସିଙ୍ଗାପୁରରେ ୪୬୮ ହଜାର ବର୍ଗଫୁଟ ଅଞ୍ଚଳର କଲେଜ ପରିସର ଉଦ୍ଘାଟନ କରାଯାଇଛି। ଏଠାରେ ସମ୍ପୂର୍ଣ୍ଣ କାଠରେ ହିଁ ପ୍ରସ୍ତୁତ କରାଯାଇଛି। ଏହାକୁ କାଠରେ ତିଆରି ଏସିଆର ସବୁଠୁ ବଡ଼ କଲେଜ ବୋଲି କୁହାଯାଉଛି। ଷ୍ଟକ୍‌ହୋମର ଦକ୍ଷିଣ-ପୂର୍ବ ଅଞ୍ଚଳରେ ତିଆରି ହେବାକୁ ଥିବା ଏହି ସହରର ପ୍ରାୟ ୨୫୦ ହଜାର ବର୍ଗ କି.ମି. ଅଞ୍ଚଳରେ ପରିବ୍ୟାପ୍ତ ହେବ। ଏଠାରେ ୭ହଜାର ଅଫିସ, ୨ହଜାର ଘର ତିଆରି କରାଯିବ। ଏଠାରେ ଲୋକ ରହିପାରିବେ। ଏଥିସହ ରେଷ୍ଟୁରାଣ୍ଟ, ଦୋକାନ ଏବଂ ପାର୍କ ମଧ୍ୟ ନିର୍ମାଣ କରାଯିବ। ଏହି ସ୍ଥାନରେ ପୂର୍ବରୁ ୫୦୦ରୁ ଅଧିକ କମ୍ପାନୀ କାର୍ଯ୍ୟ କରୁଛି। ଏହି ସହରକୁ ୫ ମିନିଟ୍ର ସହର ମଧ୍ୟ କୁହାଯାଇ ପାରିବ। କାରଣ ଏହି ସହରକୁ ୫ ମିନିଟ୍‌ରେ ପୂରା ବୁଲିହେବ।

# ଚିନାବାଦାମ ଖାଇଲେ ଦୂର ହୁଏ ଏସବୁ ସମସ୍ୟା...

ଚିନାବାଦାମରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ସବୁଠାରୁ ଖାସ୍ କଥା ହେଲା, ଏହାକୁ ଖାଇଲେ ଦୃଷ୍ଟି ଶକ୍ତି ଆହୁରି ପ୍ରଖର ହୋଇଥାଏ। 'ପ୍ରଖର ଦୃଷ୍ଟିଶକ୍ତିରେ ଚିନାବାଦାମର ଭୂମିକା' ଶୀର୍ଷକ ବିଷୟକୁ ନେଇ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏଭଳି ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କୁ ନିୟମିତ ଚିନାବାଦାମ ଖାଇବାକୁ ପରାମର୍ଶ ଦିଆଯାଇଥିଲା। ତା'ସହ ନିୟମିତ ସମୟ ଅନ୍ତରାଳରେ ଏହାର କି ପ୍ରକାର ସୁପ୍ରଭାବ ଦୃଷ୍ଟିଶକ୍ତି ଉପରେ ପଡୁଛି ତାହାକୁ ମଧ୍ୟ ବିଶେଷଜ୍ଞମାନେ ତନ୍ନ ତନ୍ନ କରି ତର୍ଜମା କରିଥିଲେ। ପରିଶେଷରେ ଜଣାପଡ଼ିଥିଲା ଯେ, ଏହାକୁ ଖାଇବା ଦ୍ୱାରା ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତଙ୍କର ଦୃଷ୍ଟିଶକ୍ତିରେ ଉନ୍ନତି ହୋଇଥିଲା। କେବଳ ସେତିକି ନୁହେଁ, ଚିନାବାଦାମରେ ଭିଟାମିନ୍-ଇ ଭରି ରହିଛି। ଏଥିରେ ମଧ୍ୟ ଆଣ୍ଟି ଅକ୍ସିଡାଣ୍ଟ ରହିଛି। ଏହା ଚର୍ମରେ ମଧ୍ୟ ଚମକ ଆଣିଥାଏ। ସବୁଠାରୁ ଖାସ୍ କଥା ହେଲା, ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିବାରେ ଏହା ମଧ୍ୟ ସାହାଯ୍ୟ କରିଥାଏ। ତା' ସହ ଶରରୀରେ କୋଲେଷ୍ଟରଲ୍ ପରିମାଣକୁ ମଧ୍ୟ ସନ୍ତୁଳିତ ରଖେ।



# ଦିନରେ ୧୦ ହଜାର ଥର ଶୁଏ

ଦୁନିଆରେ ଅନେକ ଲୋକଙ୍କ ମଧ୍ୟରେ କିଛି ଲୋକ ବହୁତ ଅଳସୁଆ ପ୍ରକୃତିର ଥାନ୍ତି। ଯେଉଁମାନଙ୍କୁ ଅଧିକାଂଶ ସମୟ ଶୋଇବାକୁ ଭଲ ଲାଗେ। ହେଲେ ଏପରି ଏକ ଜୀବ ଅଛି, ଯିଏ ଦିନରେ ୨-୪ ଥର ନୁହେଁ, ୧୦ ହଜାର ଥର ଶୁଏ। ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ସତ। ନିକଟରେ ବୈଜ୍ଞାନିକମାନେ ଏନେଇ ଏକ ତଥ୍ୟ ପ୍ରକାଶ କରିଛନ୍ତି। ଏହି ଜୀବ ହେଉଛି ଚିନ୍ସ୍ଟ୍ରାପ ପେଙ୍ଗୁଇନ୍। ଆଣ୍ଟାର୍କଟିକାରେ ଦେଖାଯାଉଥିବା ପେଙ୍ଗୁଇନ୍‌ଙ୍କ ଏହା ଏକ ପ୍ରଜାତି। ବୈଜ୍ଞାନିକମାନେ ଆଣ୍ଟାର୍କଟିକାର କିଙ୍ଗ୍ ଜର୍ଜ ଦ୍ୱୀପରେ ଦେଖାଯାଉଥିବା ପକ୍ଷୀଙ୍କ ଉପରେ ଏକ ଗବେଷଣା କରୁଥିଲେ। ସେତେବେଳେ ଏପରି ଏକ ତଥ୍ୟ ସାମ୍ନାକୁ ଆସିଲା। ରିପୋର୍ଟ ମୁତାବକ, ଚିନ୍ସ୍ଟ୍ରାପ ପେଙ୍ଗୁଇନ୍ ଦୁନିଆର ଏପରି ଏକ ପକ୍ଷୀ, ଯିଏ ଦିନକୁ ୧୦ ହଜାର ଥର ଶୋଇଥାଏ। ତେବେ ସେମାନଙ୍କ ସମସ୍ତ ନିଦ୍ରାର ଅବଧି କେବଳ ୪ ସେକେଣ୍ଡର ହୋଇଥାଏ। ଯେତେବେଳେ ଏମାନଙ୍କ ବେକ ହଲୁଥାଏ, ସେତେବେଳେ ନିଦ୍ରାରେ ଥାନ୍ତି। ନିଜ ଅଣ୍ଡା ଏବଂ ପ୍ରତି ସବୁ ସମୟରେ ବିପଦ ଅନୁଭବ କରିଥାନ୍ତି। ସେଥିପାଇଁ ଏମାନେ ବାରମ୍ବାର ନିଦ୍ରାରୁ ଉଠି ଛୁଆଙ୍କ ପ୍ରତି ନଜର ରଖାଥାନ୍ତି। ବୈଜ୍ଞାନିକଙ୍କ ଅନୁସାରେ, ଏମାନେ ଦିନରେ ୧୧ ଘଣ୍ଟା ନିଦ୍ରାରେ ଆସକ୍ତ ହୋଇଥାନ୍ତି। ୧୯୮୦ ମସିହାରେ ମଧ୍ୟ ଏମାନଙ୍କ ଉପରେ ରିସର୍ଚ୍ଚ ହୋଇଥିଲା। ହେଲେ ସେତେବେଳେ କେବଳ ଏମାନେ ବାରମ୍ବାର ଶୋଉଥିବା ଜଣାପଡ଼ିଥିଲା। କଳା ଏବଂ ଧଳା ରଙ୍ଗର ଚିନ୍ସ୍ଟ୍ରାପ ପେଙ୍ଗୁଇନ୍ ଦକ୍ଷିଣ ଗୋଲାର୍ଦ୍ଧରେ ରୁହନ୍ତି। ଏମାନଙ୍କ ପାଖରେ ପୁଚ୍ଛ ଥିଲେ ମଧ୍ୟ ଉଡ଼ିପାରନ୍ତି ନାହିଁ। କେବଳ ପହଁରିବାରେ କାମ ଦେଇଥାଏ। ପେଙ୍ଗୁଇନ୍‌ଙ୍କ ମୁଣ୍ଡ ତଳେ ଏକ କଳା ରଙ୍ଗ ପଟି ରହିଥାଏ, ସେଥିପାଇଁ ଏମାନଙ୍କୁ ଚିନ୍ସ୍ଟ୍ରାପ ପେଙ୍ଗୁଇନ୍ କୁହାଯାଏ। ଖାଦ୍ୟ ଅନ୍ୱେଷଣରେ ଏମାନେ ୭୦ ମିଟର ସମୁଦ୍ର ଭିତରକୁ ଯାଇଥାନ୍ତି। ଏମାନେ ଅଧା ମିନିଟ୍ରେ ୧୦ ମିଟର ତଳକୁ ଯାଇ ତାଙ୍କ ଖାଦ୍ୟ ସଂଗ୍ରହ କରିପାରନ୍ତି।



# ପେଟ ଗରମ ହେବାରୁ ମୁକ୍ତି ଦିଏ ଏହି ମସଲା

**ଆଜିକାଲି ରାଜ୍ୟର ଅଧିକାଂଶ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରହୁଛି। ବର୍ଦ୍ଧିତ ଗରମ ଶରୀରରେ ପାଣି ଏବଂ ଇଲେକ୍ଟ୍ରୋଲାଇଟ୍ସ ହ୍ରାସ ପାଏ, ଯାହା ଫଳରେ ଥକାପଣ, ପେଟ ପୋଡ଼ିବା, ଦୁର୍ବଳତା, ମୁଣ୍ଡ ବିନ୍ଧା ଏବଂ ଗାଢ଼ ହଳଦିଆ ପରିସ୍ରା ଭଳି ଲକ୍ଷଣ ଦେଖାଯାଏ। ଏହାକୁ ଏଡାଇବା ପାଇଁ, ଦିନସାରା ପାଣି ପିଅନ୍ତୁ। ପାଣି ବ୍ୟତୀତ, ଆପଣଙ୍କ ଖାଦ୍ୟରେ ଏମିତି କିଛି ମସଲା ସାମିଲ କରନ୍ତୁ। ଏହି ମସଲା ମିଶ୍ରିତ ପାଣି ପିଇବା ଦ୍ୱାରା ଡିହାଇଡ୍ରେସନ ରୋକିବାରେ ସାହାଯ୍ୟ ମିଳିବ। ଆସନ୍ତୁ ଜାଣିବା ସେହି ମସଲାଗୁଡ଼ିକ କ'ଣ।**

**ଗ୍ରୀଷ୍ମ ଋତୁରେ ଏହି ମସଲାଗୁଡ଼ିକୁ ଆପଣଙ୍କ ଖାଦ୍ୟରେ ସାମିଲ କରିବା ଉଚିତ:**

ପାନମହୁରି: ପାନମହୁରି ଶରୀରକୁ ଥଣ୍ଡା କରିବା, ପେଟର ଗରମକୁ କମାଇବା ଏବଂ ପାଚନ ଶକ୍ତିକୁ ଉନ୍ନତ କରିବା ପାଇଁ ଜଣାଶୁଣା। ଗ୍ରୀଷ୍ମ ଋତୁରେ ଏହାକୁ ସେବନ କରିବା ଦ୍ୱାରା ଅଂଶୁଘାତକୁ ଏଡାଇବା ଏବଂ ଶରୀରର ତାପମାତ୍ରା ନିୟନ୍ତ୍ରଣ କରିବା ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ।

ଧନିଆ ବିହନ: ଧନିଆ ମଧ୍ୟ ଶରୀରରେ ପିତ୍ତ ଏବଂ ଉତ୍ତାପକୁ ଶାନ୍ତ କରିବା ପାଇଁ ଏକ ଆୟୁର୍ବେଦିକ ଉପଚାର। ଏହାକୁ ସେବନ କରିବା ଦ୍ୱାରା ପେଟର ଜ୍ୱଳନ ହ୍ରାସ ହୁଏ, ପାଚନ ଶକ୍ତି ଉନ୍ନତ ହୁଏ ଏବଂ ରକ୍ତ ଶର୍କରା ନିୟନ୍ତ୍ରଣ କରିବାରେ ମଧ୍ୟ ସହାୟକ ହୁଏ।

ଗୁଜୁରାତି: ଗ୍ରୀଷ୍ମ ଋତୁରେ ଗୁଜୁରାତି ଶରୀରକୁ ଥଣ୍ଡା କରେ। ଏହା ଏସିଡିଟି, ପେଟ ଫୁଲିବା ଏବଂ ପାଚନ ସମସ୍ୟାରୁ ମୁକ୍ତି ଦେଇଥାଏ ଏବଂ ଏହାକୁ ସବୁ ଋତୁରେ ସେବନ କରାଯାଇପାରିବ।



**ପୁଦିନା:** ପୁଦିନାର ଏକ ଶୀତଳତା ପ୍ରଭାବ ମଧ୍ୟ ଅଛି, ଯାହା ଗ୍ରୀଷ୍ମ ଋତୁରେ ଶରୀରକୁ ଥଣ୍ଡା କରିବା ଏବଂ ପେଟର ଗରମକୁ ଶାନ୍ତ କରିବା ପାଇଁ ଉତ୍କୃଷ୍ଟ। ଏଥିରେ ମେନ୍ଥଲ ନାମକ ଏକ ଉପାଦାନ ଥାଏ, ଯାହା ପେଟ ଯନ୍ତ୍ରଣା, ଏସିଡିଟି, ବଦହଜମୀ ଏବଂ ଗ୍ୟାସରୁ ତୁରନ୍ତ ଆରାମ ପ୍ରଦାନ କରେ।

ଆମଚୁର: ଆମଚୁର ମସଲା ପାଚନ ପ୍ରକ୍ରିୟାକୁ ଉନ୍ନତ କରିବାରେ, ପେଟ ଫୁଲିବା ହ୍ରାସ କରିବାରେ ଏବଂ ଭୋକ ବୃଦ୍ଧି କରିବାରେ ସାହାଯ୍ୟ କରେ। ଆୟୁର୍ବେଦରେ, ଏହାର ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସି ଗୁଣ ଯୋଗୁଁ ଏହାକୁ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବୋଲି ବିବେଚନା କରାଯାଏ।

# ସପ୍ତାହରେ ଦୁଇଥର ଖାଆନ୍ତୁ ଚୁନାମାଛ

ସପ୍ତାହକୁ ଦୁଇ ଥର ମାଛ ଖାଇବା ଦ୍ୱାରା ହୃତପିଣ୍ଡ ସୁସ୍ଥ ରହିବା ସହ ହାର୍ଟଆଟାକ ଆଶଙ୍କା ହ୍ରାସ ପାଇଥାଏ। ମାଛରେ ପ୍ରଚୁର ମାତ୍ରାରେ ଓମେଗା ୩ ଫ୍ୟାଟି ଏସିଡ ଥାଏ। ଯାହା ହୃଦରୋଗ ଜନିତ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିଥାଏ। ଆମେରିକା ହାର୍ଟ ଆସୋସିଏସନର ବୈଜ୍ଞାନିକଙ୍କ ପରାମର୍ଶରେ ଏହି ଦାବି କରାଯାଇଛି। ଆମେରିକାର ହାଭାର୍ଡ ଟିଏଚାନ ସ୍କୁଲ ଅଫ ପବ୍ଲିକ ହେଲଥର ପ୍ରଫେସର୍ ଏରିକ ବି ରିମଙ୍କ ମତରେ, ବୈଜ୍ଞାନିକଙ୍କ ଏହି ଗବେଷଣାରେ ଓମେଗା ୩ ଫ୍ୟାଟି ଏସିଡ ସ୍ୱାସ୍ଥ୍ୟ ପାଇଁ କେତେ ଉପକାରୀ; ବିଶେଷକରି ହୃତପିଣ୍ଡ ପାଇଁ ତାହା ଜାଣିବାକୁ ଚେଷ୍ଟା କରାଯାଇଥିଲା। ଗବେଷଣାରେ ସାମିଲ ଲୋକଙ୍କୁ ସପ୍ତାହକୁ ଦୁଇଥର ମାଛ ଖାଇବାକୁ ଦିଆଯାଇଥିଲା, ଯେଉଁଥିରେ ଓମେଗା ୩ ଫ୍ୟାଟି ଏସିଡ ସ୍ତର ଅଧିକ ଥିଲା। ନିଷ୍କର୍ଷରେ ଦେଖିବାକୁ ମିଳିଥିଲା, ଯେଉଁମାନଙ୍କର ହୃଦରୋଗ ଜନିତ ସମସ୍ୟା ଥିଲା ତାହା ଅନେକ ମାତ୍ରାରେ ହ୍ରାସ ପାଇଥିଲା। ଯେଉଁମାନେ ହୃଦରୋଗରେ ପୀଡ଼ିତ ହେବାକୁ ଯାଉଥିଲେ ସେମାନଙ୍କ ହୃତପିଣ୍ଡ ସମ୍ପୂର୍ଣ୍ଣ ସୁସ୍ଥ ଆଡ଼କୁ ଗତି କରିଥିଲା।



# ହୁମାଙ୍କ ବାଜିବ ସାହାନାଇ



ହାତକୁ ଦି' ହାତ ହେବାକୁ ଯାଉଛନ୍ତି ବଲିଉଡ ଅଭିନେତ୍ରୀ ହୁମା କୁରେଶୀ। ବିବାହକୁ ନେଇ ନେଇ ଚାଲିଥିବା ଗୁଜବ ଶେଷରେ ସତ ହୋଇଛି। ନିକଟରେ ହୁମା ତାଙ୍କ ବୟଫ୍ରେଣ୍ଡ ରଚିତ ସିଂଙ୍କ ସହ ବୁଲୁଥିବା ଦେଖିବାକୁ ମିଳିଥିଲା। ଉଭୟ ଖୁବ୍‌ଶୀଘ୍ର ବିବାହ କରିବେ ବୋଲି ଇଣ୍ଡଷ୍ଟ୍ରୀରେ ଚର୍ଚ୍ଚା ହେଉଛି। ଚଳିତବର୍ଷ ଶେଷ ସୁଦ୍ଧା ରଚିତଙ୍କ ହାତ ଧରିବେ ହୁମା। ବିବାହ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ଉଭୟ ଅକ୍ଟୋବର ଶେଷ କିମ୍ବା ନଭେମ୍ବରରେ ବିବାହ କରିବାକୁ ଯୋଜନା କରୁଛନ୍ତି। ଦୁହେଁ ଭବ୍ୟ ବିବାହ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ବିବାହରେ ତାଙ୍କ ନିକଟତର ବନ୍ଧୁ ଏବଂ ପରିବାର ଯୋଗଦେବେ ଏବଂ ପରେ ଏକ ବଡ଼ ରିସେପ୍ସନ ହେବ। ଏହି କାର୍ଯ୍ୟକ୍ରମ ମୁମ୍ବାଇରେ ହେବ।

# ଆଜିର ରାଶିଫଳ

**ମେଷ** – ପରିବାରରେ ସୁଖ ଶାନ୍ତି ବଜାୟ ରହିବ। ବେପାର କରୁଥିବା ଲୋକଙ୍କୁ ଲାଭ ମିଳିବା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ନୂଆ ନୂଆ ଖୁସି ଆସିବ। ଆପଣ ଅଧିକ ଉତ୍ତେଜିତ ହୁଅନ୍ତୁନାହିଁ। ସ୍ୱାସ୍ଥ୍ୟ ଭଲ ରହିବ।

**ବୃଷ** – ନୂଆ ଚାକିରି ପାଇଁ କେ ?ଣସି ସୁଯୋଗ ଆସିପାରେ। ପୂର୍ବରୁ କରିଥିବା ନିବେଶରୁ ଲାଭ ପାଇବେ। ଆପଣଙ୍କ ସ୍ୱଭାବରେ ଧର୍ମ ପ୍ରତି ଆସ୍ଥା ଜାଗ୍ରତ ହେବ। ପାରିବାରିକ ଜୀବନ ସୁଖମୟ ରହିବ।

**ମିଥୁନ** – କାର୍ଯ୍ୟ କ୍ଷେତ୍ରରେ କାମର ବୋଝ ଅଧିକ ରହିବ। ଆପଣଙ୍କ କ୍ୟାରିୟରରେ ପ୍ରଗତିର ଯୋଗ ଅଛି। କେ ?ଣସି ସଂପତ୍ତିକୁ ନେଇ ଅଧିକ ଯାତୟାତ କରିପାରନ୍ତି। ରାଜନୀତିରେ ସଫଳତା ପାଇବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**କର୍କଟ** – କୌଣସି କାମରେ ବିଦେଶ ଯିବାର ସୁଯୋଗ ଆସିବ। ବ୍ୟବସାୟକୁ ଆହୁରି ବଢ଼ାଇବା ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ଆପଣ କାହାରି ସହିତ କଥା ହେବାବେଳେ ଭାଷା ଉପରେ ଧ୍ୟାନ ଦିଅନ୍ତୁ।

**ସିଂହ** – ଭଲ ରଣନୀତି ପ୍ରସ୍ତୁତ କରି କାମ କରିବେ। ପାରିବାରିକ ଖର୍ଚ୍ଚ ବଢ଼ିବ। ନିଜର ଯୋଜନା ଅନ୍ୟମାନଙ୍କୁ କହନ୍ତୁ ନାହିଁ। ସ୍ୱାସ୍ଥ୍ୟ ସମ୍ବନ୍ଧରେ ସଚେତନ ରହନ୍ତୁ। ଶିକ୍ଷାର୍ଥୀ ଏକାଗ୍ର ମନରେ ଅଧ୍ୟୟନ କରନ୍ତୁ।

**କନ୍ୟା** – ଆପଣଙ୍କୁ କୌଣସ ବଡ଼ ଲାଭ ପ୍ରାପ୍ତି ହୋଇପାରେ। କୋର୍ଟର ପରିଣାମ ଆପଣଙ୍କ ପକ୍ଷରେ ଆସିବ। ପାରିବରିକ ଜୀବନରେ ଖୁସି ବଜାୟ ରହିବ। କାର୍ଯ୍ୟକ୍ଷେତ୍ରରେ ଆହ୍ୱାନର ପଛଘୁଞ୍ଚା ଦେବେନାହିଁ।

**ତୁଳା** – ଆପଣଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। ଆର୍ଥିକରୂପେ ମଜଭୁତ ଆସିବ। ସ୍ୱାସ୍ଥ୍ୟ ଉପରେ ବିଶେଷ ଧ୍ୟାନ ଦିଅନ୍ତୁ। ବନ୍ଧୁ ସହିତ ସିନେମା ଦେଖିବେ। କ୍ୟାରିୟରରେ ନୂଆ ଅବସର ପାଇବେ।

**ବିଛା** – କାର୍ଯ୍ୟକ୍ଷେତ୍ରରେ ନୂଆ ମଉକା ପାଇବେ। ଆପଣଙ୍କ ସାମନାକୁ ଭାବନାତ୍ମକ ଚାଲେଞ୍ଜ ଆସିବ। ଜୀବନସାଥୀଠାରୁ ପ୍ରେମ ଓ ସମ୍ମାନ ପାଇବେ। ନିଜର ଆଗକୁ ପାଠପଢ଼ା ପାଇଁ ଧନ ସଂଚୟ କରିବେ।

**ଧନୁ** – ଆପଣଙ୍କ ଲାଗି ସକାରାତ୍ମକ ପରିବର୍ତ୍ତନ ଆଣିବାର ଦିନଟିଏ। କୌଣସି ସମାରୋହକୁ ଯିବାର ସୁଯୋଗ ପାଇବେ। ପ୍ରତିଯୋଗୀ ଛାତ୍ରଛାତ୍ରୀଙ୍କୁ ଅଧିକ ପରିଶ୍ରମ କରିବାକୁ ହେବ। ପ୍ରେମୀଯୁଗଳଙ୍କ ଲାଗି ଦିନଟି ଭଲ।

**ମକର** – ଆପଣଙ୍କୁ ସଫଳତା ଦେବା ପାଇଁ ଦିନଟିଏ। ଆପଣ ସକାରାତ୍ମକ ମାନସିକତା ରଖନ୍ତୁ। କାର୍ଯ୍ୟକ୍ଷେତ୍ରରେ କେ ?ଣସି ବଡ଼ ଦାୟିତ୍ୱ ପାଇବେ। ଜମି ବ୍ୟବସାୟ କରୁଥିବା ଲୋକଙ୍କ ଲାଗି ଦିନଟି ଭଲ।

**କୁମ୍ଭ** – କୌଣସି ଅନୁଭବୀ ବ୍ୟକ୍ତିଙ୍କ ସହ ସାକ୍ଷାତ ହୋଇପାରେ। ପାରିବାରିକ ଆୟୋଜନରେ ଧନ ଖର୍ଚ୍ଚ ହେବ। ସାମାଜିକ କାର୍ଯ୍ୟରେ ସହଯୋଗ କରିବେ। ଚାକିରିଜୀବୀଙ୍କ ଲାଗି ଦିନଟି ଭଲ।

**ମୀନ** – ଚାକିରିରେ କର୍ତ୍ତୃପକ୍ଷଙ୍କ ସହଯୋଗ ପାଇବେ। ଯାହା ଦ୍ୱାରା ଯଥେଷ୍ଟ ଲାଭ ହେବାର ସମ୍ଭାବନା। ପରିବାରରେ ଆନନ୍ଦର ବାତାବରଣ ରହିବ। ନାରାଜ ଥିବା ବନ୍ଧୁଙ୍କୁ ମନାଇବା ପାଇଁ ଦିନଟି ଭଲ।

# କଦଳୀ ପତ୍ର ବାମ୍ଫ ଛତୁ

**ଆବଶ୍ୟକ ସାମଗ୍ରୀ :** କଦଳୀପତ୍ର, ପାଳ ଛତୁ, କଟା ପିଆଜ, ଜିରା-ସୋରିଷ-ଅଦା-ରସୁଣ ବଟା, କଞ୍ଚା ଲଙ୍କା, ଲୁଣ, ରିଫାଇନ୍ ତେଲ, ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, କଟା ଧନିଆ ପତ୍ର, ବସା ଦହି ଓ ଆମ୍ବୁଲ ।

**ପ୍ରସ୍ତୁତି ପ୍ରଣାଳୀ-** ପ୍ରଥମେ ପାଳ ଛତୁକୁ ଧୋଇ ଛୋଟ ଛୋଟ ଖଣ୍ଡ କରି କାଟି ଦିଅନ୍ତୁ। ଏହାକୁ ହଳଦି କିଛି ସମୟ ଭିଜାଇ ରଖନ୍ତୁ । ପରେ ଛତୁକୁ ପାଣିରୁ ଚିପୁଡ଼ି ଏକ ପ୍ଲେଟ୍ରେ ରଖନ୍ତୁ ।
ଏବେ କଡ଼େଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ କଟା ପିଆଜକୁ ପକାନ୍ତୁ । ପିଆଜ ଅଳ୍ପ ଭାଜି ହୋଇ ଲାଲ୍ ହୋଇ ଆସିଲେ ସେଥିରେ ଛତୁକୁ ପକାଇ ଭାଜନ୍ତୁ । ଛତୁ ଅଳ୍ପ ଭାଜି ହେବା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ସେଥିରେ ଆବଶ୍ୟକ ଅନୁସାରେ ବସା ଦହି, ଲୁଣ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଜିରା-ସୋରିଷ-ଅଦା-ରସୁଣ ବଟା ଓ ଆମ୍ବୁଲ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ । ଏହାପରେ ମସଲା ଗୋଳା ଛତୁକୁ ଏକ କଦଳୀପତ୍ରରେ ଗୋଡ଼ାଇ ଇଟିଲି ଛାଞ୍ଚରେ ରଖି ଗ୍ୟାସରେ ବସାଇ ଦିଅନ୍ତୁ। ଏହାକୁ ୧୫ରୁ ୨୦ମିନିଟ୍ ପର୍ଯ୍ୟନ୍ତ ଇଟିଲି ଛାଞ୍ଚରେ ବସାଇ ଦିଅନ୍ତୁ। ପରେ ଗ୍ୟାସକୁ ବନ୍ଦ କରି ଦିଅନ୍ତୁ। ଥଣ୍ଡା ହୋଇଗଲା ପରେ କଦଳୀପତ୍ରରେ ଗୋଡ଼ାଇ ରଖିଥିବା ଛତୁକୁ ବାହାରକୁ କାଢି ଦିଅନ୍ତୁ। ତାକୁ ଏକ ପ୍ଲେଟ୍କୁ କାଢ଼ି କଟା କଞ୍ଚା ଲଙ୍କା ଓ ଧନିଆ ପତ୍ର ପକାଇ ସଜାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା କଦଳୀ ପତ୍ର ବାମ୍ଫ ଛତୁ। କଦଳୀ ପତ୍ର ବାମ୍ଫ ଛତୁକୁ ରୁଟି ଓ ଭାତ ସହ ଖାଇପାରିବେ।






# ଖୁବ୍ ଶୀଘ୍ର ଜାରିହେବ ଜମିର ବନ୍ଦୋବସ୍ତ ସମ୍ପର୍କିତ ଏସ୍ଓପି



ଭୁବନେଶ୍ୱର, (ପିପିଏସ୍): ଗତବର୍ଷ ବକେୟା ଥିବା ପ୍ରାୟ ୩୮ ହଜାର ଏକର ବେବନ୍ଦୋବସ୍ତ ଜମିରୁ ପ୍ରାୟ ୭ ହଜାର ଏକର ଜମିର ବନ୍ଦୋବସ୍ତ ମାମଲା ଫଇସଲା କରାଯାଇ ରୟତି ସତ୍ୱରେ ରେକର୍ଡ଼ଭୁକ୍ତ କରାଯାଇଛି। ଏହି ପରିପ୍ରେକ୍ଷୀରେ କଟକ, ପୁରୀ, ଭଦ୍ରକ, ବଲାଙ୍ଗୀର ଏବଂ ଜଗତସିଂହପୁର ଆଦି ଜିଲ୍ଲାମାନଙ୍କରେ ଅଧିକ ବକେୟା ଥିବା ମାମଲାଗୁଡିକର ବନ୍ଦୋବସ୍ତ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ସହ ଯୋଗ୍ୟ ବ୍ୟକ୍ତିମାନଙ୍କ ସପକ୍ଷରେ ଜମିପଟ୍ଟା ଜାରି କରିବା ନିମନ୍ତେ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି, ଯେଉଁଠି ସମ୍ପୃକ୍ତ ବ୍ୟକ୍ତିବିଶେଷ ବେବନ୍ଦୋବସ୍ତ ଜମି ନିମନ୍ତେ ସଲାମି ଦେଉ ନାହାଁନ୍ତି; ସେ କ୍ଷେତ୍ରରେ କାରଣ ଦର୍ଶାଅ ନୋଟିସ୍ ଦେଇ ଏକ ମାସ ମଧ୍ୟରେ ଶୀଘ୍ର ଫଇସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଲୋକସେବା ଭବନଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରୁ ମିଳିଥିବା ସୂଚନାନୁସାରେ, ଯେଉଁ ଜମିମାନଙ୍କର କୌଣସି ବନ୍ଦୋବସ୍ତ ନିର୍ଦ୍ଧାରିତ ହୋଇ ନାହିଁ ତଥା ଖତିଆନରେ କୌଣସି ସ୍ଥିରୀକୃତ ଖଜଣା କିମ୍ବା ସ୍ୱୀକୃତ ମାଲିକାନା ଦର୍ଶାଯାଇନାହିଁ, ସେହି ସବୁ ଜମି ବେବନ୍ଦୋବସ୍ତ ଜମି ଅଧୀନରେ ଆସୁଥିବା ବେଳେ ଯେଉଁ ପର୍ଯ୍ୟନ୍ତ ସମୁଚିତ ପ୍ରକ୍ରିୟାରେ ସଠିକ୍ ମାଲିକାନା ନିର୍ଦ୍ଧାରିତ ନ ହୋଇ ପାରିଛି, ସେପର୍ଯ୍ୟନ୍ତ ତାହା ସରକାରୀ ଜମି ଭାବରେ ପରିଗଣିତ ହୋଇଥାଏ। ପ୍ରଶାସନିକ ଦୃଷ୍ଟିକୋଣରୁ ଉକ୍ତ ଜମିର ବନ୍ଦୋବସ୍ତ ତହସିଲଦାରଙ୍କ ଦ୍ୱାରା ଉପଜିଲ୍ଲାପାଳ ଏବଂ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ କରାଯାଇଥାଏ। ଜମି ରେକର୍ଡ଼ ସଠିକ୍ ରଖିବା, ଅନଧିକୃତ ଦଖଲ ରୋକିବା ଏବଂ ରାଜସ୍ୱ ବୃଦ୍ଧି କରିବା ପରିପ୍ରେକ୍ଷୀରେ ବେବନ୍ଦୋବସ୍ତ ଜମିର ସେଟେଲମେଣ୍ଟ୍ ନିମନ୍ତେ ବିଭିନ୍ନ ସମୟରେ ରାଜ୍ୟସରକାରଙ୍କ ପକ୍ଷରୁ ସର୍କୁଲାର୍ ଜାରି ହୋଇଥିବା ବେଳେ ଖୁବ୍ଶୀଘ୍ର ଏ ସମ୍ପର୍କିତ ସମସ୍ତ ସର୍କୁଲାର, ନିର୍ଦ୍ଦେଶାବଳୀ ଆଦିକୁ ସଂକଳିତ କରି ଏକ ସ୍ୱତନ୍ତ୍ର ଏସଓପି ପୁସ୍ତିକା ଜାରି କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି।

ଜମିପଟ୍ଟାର ୨ ଖାନା ବା କଲମ୍ ୨ ସଂଶୋଧନକୁ ଗୁରୁତ୍ୱ ଦେଇ ଏପର୍ଯ୍ୟନ୍ତ ବିଶେଷ କାର୍ଯ୍ୟକ୍ରମ ଅଧୀନରେ ୬୨.୬୮ ଲକ୍ଷ ଖାତାର ସର୍ଭେ ହୋଇଥିବା ବେଳେ ତନ୍ମଧ୍ୟରୁ ପ୍ରାୟ ୫୮.୮୦ ଲକ୍ଷ ରେକର୍ଡ଼ ସଂଶୋଧିତ ହେବା ସହ ସଠିକ୍ ମାଲିକାନା ସପକ୍ଷରେ ପଟ୍ଟା ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଜସ୍ୱ ନିରୀକ୍ଷକ (ଆର୍ ଆଇ)ମାନଙ୍କୁ ପ୍ରତ୍ୟେକ ମାସରେ ୨୫୦ ରୁ ୩୦୦ ଖାତାର ସର୍ଭେ କରିବା ନିମନ୍ତେ ଲକ୍ଷ୍ୟ ନିର୍ଦ୍ଧାରିତ କରି ତଦନୁଯାୟୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି କୃଷକ ପଞ୍ଜୀକରଣ (ଫାର୍ମର୍ ରେଜିଷ୍ଟ୍ରି) ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ସଂଶୋଧିତ ଖାତା ଗୁଡ଼ିକରେ କୃଷକମାନଙ୍କୁ ସଠିକ୍ ଭାବେ ପଞ୍ଜୀକୃତ କରିବା ସହ ଆଧାର ଲିଙ୍କ୍ ସଂଯୋଗୀକରଣକୁ ସଫଳତା ସହ ସମାପନ କରିବାକୁ କୃଷି ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାଦ୍ୱାରା କୃଷକମାନଙ୍କ ପାଇଁ ବିଭିନ୍ନ ସରକାରୀ ସୁବିଧାସୁଯୋଗ ଉପଲବ୍ଧ ହେବା ଅଧିକ ସହଜ ଏବଂ ସମ୍ଭବ ହେବ।

ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ରାଜସ୍ୱ ପ୍ରଶାସନକୁ ସୁଦୃଢ଼ କରିବା ନିମନ୍ତେ ଗୁରୁତ୍ୱାରୋପ କରିଥିଲେ। ଆଗାମୀ ଦିନରେ ପ୍ରତ୍ୟେକ ମାସରେ ନିର୍ଦ୍ଦିଷ୍ଟ ମାପକ (ପାରାମିଟ୍) ଆଧାରରେ ଜିଲ୍ଲାମାନଙ୍କର ର୍ୟାଙ୍କିଙ୍ଗ୍ କରାଯିବ ବୋଲି କହିଛନ୍ତି। ର୍ୟାଙ୍କିଙ୍ଗ୍ ଆଧାରରେ ଭଲ ପ୍ରଦର୍ଶନ କରିନଥିବା ଜିଲ୍ଲାମାନଙ୍କର ସମୀକ୍ଷା କରାଯିବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରଶାସନିକ କାର୍ଯ୍ୟ ସମ୍ପନ୍ନ ନ କଲେ ଅଥବା କାର୍ଯ୍ୟାଦେଶ ଅବମାନନା କଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ସେହିପରି ବେବନ୍ଦୋବସ୍ତ ଥିବା ସରକାରୀ ଜମିକୁ ଜବରଦଖଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରି ତାଙ୍କ ବିରୋଧରେ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜସ୍ୱ ସଚିବ ଦୃଢ଼ ନିର୍ଦ୍ଦେଶ ଦେଇଛନ୍ତି।

ସେ କାଳବୈଶାଖୀ ଅଥବା କୌଣସି ବି ବିପର୍ଯ୍ୟୟ ଘଟିଲେ ତୁରନ୍ତ ତାହାର କ୍ଷୟକ୍ଷତି ଆକଳନ କରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ଅବଗତ କରାଇବା ସହ ସମସ୍ତ ସହାୟତା ଅଗ୍ରାଧିକାର ଭିତ୍ତିରେ ଯୋଗାଇ ଦେବାକୁ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ବିଭାଗ ଅଧୀନରେ ଥିବା ସମସ୍ତ ଓଏଏସ୍ ଏବଂ ଓଆରଏସ୍ ଅଧିକାରୀଙ୍କୁ ବଦଳି ନିର୍ଦ୍ଦେଶ ଆସିବାର ସାତ ଦିନ ମଧ୍ୟରେ ନୂତନ ନିଯୁକ୍ତି ସ୍ଥାନରେ ଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ବଦଳି କାର୍ଯ୍ୟାଦେଶ ଅବମାନନା କରିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ମଧ୍ୟ ଦିଆଯାଇଛି। ଏଥିସହିତ ସମସ୍ତ ଆରଡିସିଙ୍କୁ ସେମାନଙ୍କସ୍ତରରେ ନିୟମିତ ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦେବା ସହ ବିଭାଗ ପକ୍ଷରୁ ମଧ୍ୟ ବିଭିନ୍ନ ଜିଲ୍ଲାମାନଙ୍କର ସମୟକ୍ରମେ ସମୀକ୍ଷା କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ ଅରବିନ୍ଦ ପାଢ଼ୀ, ମାନ୍ୟବର ରାଜସ୍ୱ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ, ରାଜସ୍ୱ ବିଭାଗର ଅତିରିକ୍ତ ଶାସନ ସଚିବ ଅମୀୟ କୁମାର ସାହୁ, ଯୁଗ୍ମ ଶାସନ ସଚିବ ପ୍ରଦୀପ କୁମାର ସାହୁ, ଓଏସଡି ରଶ୍ମି ରଞ୍ଜନ ରାଉତଙ୍କ ସମେତ ଆଭାସୀ ମାଧ୍ୟମରେ ସମସ୍ତ ଡିଭିଜନର ଆରଡିସି, ସମସ୍ତ ଜିଲ୍ଲାର ଏଡିଏମ୍ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

# ୩୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଧରାପଡିଲେ ବରଗଡ଼ର ଡିଆରପି

ଭୁବନେଶ୍ୱର, (ପିପିଏସ୍): ଓଡ଼ିଶା ଭିଜିଲାନ୍ସ ଦୁର୍ନୀତି ବିରୋଧୀ କାର୍ଯ୍ୟାନୁଷ୍ଠାନରେ ବରଗଡ଼ ଜିଲ୍ଲାର ଜିଲ୍ଲା ସମ୍ପଦ ବ୍ୟକ୍ତି (ଡିଆରପି) ରାକ୍ଷୀ ମେହେରଙ୍କୁ ୩୦,୦୦୦ ଟଙ୍କା ଲାଂଚ ନେବା ଅଭିଯୋଗରେ ଗିରଫ କରିଛି। ସେ ପ୍ରଧାନମନ୍ତ୍ରୀ ମାଇକ୍ରୋ ଖାଦ୍ୟ ପ୍ରସ୍ତୁତି ଉଦ୍ୟମ ଔପଚାରିକକରଣ (ପିଏମଏଫପିଏମ) ଯୋଜନା ଅଧୀନରେ ଜିଲ୍ଲା ଶିଳ୍ପ କେନ୍ଦ୍ର (ଡିଆଇସି), ବରଗଡ଼ର ମହାପ୍ରବନ୍ଧକଙ୍କ ଅଧୀନରେ କାମ କରୁଥିଲେ।

ଭିଜିଲାନ୍ସ ଅନୁସାରେ, ଅଭିଯୁକ୍ତ ଜଣେ ଲାଭାର୍ଥୀଙ୍କୁ ସବସିଡି ରାଶି ଜାରି କରିବା ।ଇଁ ଲାଂଚ ଦାବି କରିଥିଲେ। ସମ୍ପୃକ୍ତ ଲାଭାର୍ଥୀ ୧୫ ମାର୍ଚ୍ଚ ୨୦୨୬ରେ ଏହି ଯୋଜନା ଅଧୀନରେ ବେକାରୀ ୟୁନିଟ୍ ସ୍ଥାନ ପାଇଁ ୮.୬୪ ଲକ୍ଷ ଟଙ୍କା ଋଣ ନେଇଥିଲେ। ନିୟମ ଅନୁଯାୟୀ ସେ ୩୫ ପ୍ରତିଶତ ସବସିଡି, ଅର୍ଥାତ ୩,୦୨,୪୦୦ ଟଙ୍କା ପାଇବାର ଥିଲେ। ଅଭିଯୋଗ ଅନୁଯାୟୀ, ରାକ୍ଷୀ ମେହେର ସବସିଡି ଜାରି କରିବା ପ୍ରକ୍ରିୟା ଆଗକୁ ବଢ଼ାଇବା ପରିବର୍ତ୍ତେ ୩୦,୦୦୦ ଟଙ୍କା ଲାଂଚ ଦାବି କରିଥିଲେ। ସେ ଲାଭାର୍ଥୀଙ୍କୁ ନିଜ ମୋବାଇଲ୍ ଫୋନ୍ ମାଧ୍ୟମରେ ବ୍ୟାଙ୍କ ଖାତାର ବିବରଣୀ ପଠାଇ ଟଙ୍କା ସିଧାସଳଖ ଖାତାରେ ଜମା କରିବାକୁ କହିଥିଲେ। ଲାଞ୍ଚ ଦେବାରେ ଅସମର୍ଥ ହେବାରୁ ଲାଭାର୍ଥୀ ଓଡ଼ିଶା ଭିଜିଲାନ୍ସ ସହ ସମ୍ପର୍କ କରି ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଭିଜିଲାନ୍ସ ଟିମ୍ ଜାଲ ବିଛାଇ ଅଭିଯୁକ୍ତଙ୍କୁ ସେହି ସମୟରେ ଗିରଫ କରିଥିଲା, ଯେତେବେଳେ ଲାଭାର୍ଥୀ ତାଙ୍କ ନିର୍ଦ୍ଦେଶାନୁସାରେ ୩୦,୦୦୦ ଟଙ୍କା ତାଙ୍କ ବ୍ୟାଙ୍କ ଖାତାରେ ଜମା କରୁଥିଲେ। କାର୍ଯ୍ୟାନୁଷ୍ଠାନ ସମୟରେ ଭିଜିଲାନ୍ସ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍ ଜବତ କରିଛି, ଯେଉଁଥିରେ ବ୍ୟାଙ୍କ ଟ୍ରାଞ୍ଜାକସନ ସମ୍ପର୍କିତ ତଥ୍ୟ ମିଳିଛି। ଗିରଫ ପରେ ଭିଜିଲାନ୍ସ ଟିମ୍ ଅଭିଯୁକ୍ତ ସହ ସମ୍ପର୍କିତ ତିନୋଟି ଠିକଣାରେ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ରେଡ କରିଛି । ଏହି ମାମଲାରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ (ସଂଶୋଧନ) ଅଧିନିୟମ, ୨୦୧୮ର ଧାରା ୭ ଅନୁସାରେ ମାମଲା ରୁଜୁ କରାଯାଇଛି। ମାମଲାର ଆଗାମୀ ତଦନ୍ତ ଜାରି ରହିଛି।

# ଅହମ୍ମଦାବାଦରେ 'ଓଡ଼ିଶା ନିବେଶକ ସମ୍ମିଳନୀ ରୋଡ୍-ଶୋ'ରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, (ପିପିଏସ୍); ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅହମ୍ମଦାବାଦରେ ଆୟୋଜିତ 'ଓଡ଼ିଶା ନିବେଶକ ସମ୍ମିଳନୀ ରୋଡ୍-ଶୋ'ରେ ଯୋଗ ଦେଇଛନ୍ତି। ଏହି ରୋଡ୍-ଶୋ ଅବସରରେ ବସ୍ତ୍ର ଓ ବୟନ ଶିଳ୍ପ ସମେତ ବିଭିନ୍ନ କ୍ଷେତ୍ର ଭିତ୍ତିକ ଆଲୋଚନା ଏବଂ ଉଦ୍ୟୋଗପତିଙ୍କ ସହ ସିଧାସଳଖ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ ୨୬ଟି 'ୱାନ୍-ଟୁ-ୱାନ୍' ବୈଠକରେ ଅଧ୍ୟକ୍ଷତା କରି ଶିଳ୍ପପତିଙ୍କ ସହ ନିବେଶ ସୁଯୋଗ ଓ ନୀତିଗତ ସହାୟତା ବିଷୟରେ ଆଲୋଚନା କରିଛନ୍ତି। 'ପୂର୍ବୋଦୟ' ପରିକଳ୍ପନାର ଆଗାମୀ ଦିନରେ ଓଡ଼ିଶାକୁ ଦେଶର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ରସ୍ଥଳ ଭାବେ ଗଢ଼ିତୋଳିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତର ପ୍ରଥମ ଦିନରେ ପ୍ରମୁଖ ଉଦ୍ୟୋଗପତି ଏବଂ ବ୍ୟବସାୟିକ ସଂଘମାନେ ବ୍ୟାପକ ଭାବରେ ଯୋଗଦାନ କରିଛନ୍ତି। ଏହା ଓଡ଼ିଶାର ବିକଶିତ ଶିଳ୍ପ ବ୍ୟବସ୍ଥା ପ୍ରତି ବଢୁଥିବା ଆତ୍ମବିଶ୍ୱାସକୁ ପ୍ରତିଫଳିତ କରିଛି। ୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧିଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବ ଭାରତର ଅଭ୍ୟୁଦୟ ସହିତ ଭାରତର ଅର୍ଥନୈତିକ ସମ୍ପ୍ରସାରଣ ହେବ । ପଶ୍ଚିମ ଭାରତ ସହିତ ପୂର୍ବ ଭାରତର ବିକାଶ ହେଲେ ଏହି ଅଭିବୃଦ୍ଧି ଅଧିକ ସନ୍ତୁଳିତ ହେବ। ଓଡ଼ିଶା ଏହି ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ରାୟଗଡା ନୂତନ ରେଲୱେ ଡିଭିଜନ ଭାବେ ଘୋଷିତ

# ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ପିପିଏସ୍): ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଉନ୍ନତି ଓ ଆକାଂକ୍ଷାକୁ ଆଗେଇ ନେବାରେ ନିରନ୍ତର ସହଯୋଗ, ଉଦାର ସମର୍ଥନ ଏବଂ ଦୂରଦର୍ଶୀ ନେତୃତ୍ୱ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ରାୟଗଡାକୁ ନୂତନ ରେଲୱେ ଡିଭିଜନ ଭାବେ ଘୋଷଣା କରାଯାଇଥିବା ପାଇଁ କେନ୍ଦ୍ରୀୟ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି। ସେ ଏହି ନିଷ୍ପତିକୁ ଐତିହାସିକ ବୋଲି କହିଥିବା ସହ ଏହା ଦକ୍ଷିଣ ଓଡିଶାର ଲୋକମାନଙ୍କର ଦୀର୍ଘଦିନର ଦାବି ପୂରଣ କରିଛି ବୋଲି ଉଲ୍ଲେଖ କରିଛନ୍ତି।

ଔପଚାରିକ ସୂଚନା ଅନୁସାରେ, ରାୟଗଡା ରେଲୱେ ଡିଭିଜନ ୧ ଜୁନରୁ କାର୍ଯ୍ୟରତ ହେବ, ଯାହା ଏହି ଅଞ୍ଚଳ ପାଇଁ ଏକ ପରିବର୍ତ୍ତନଶୀଳ ଯୁଗର ଆରମ୍ଭ କରିବ। ଏହି ପଦକ୍ଷେପ ଫଳରେ ଅଞ୍ଚଳୀୟ ସଂଯୋଗରେ ଉଲ୍ଲେଖନୀୟ ସୁଧାର ହେବ, ପର୍ଯ୍ୟଟନର ଅପାର ସମ୍ଭାବନା ଖୋଲିବ, ରାଜସ୍ୱ ବୃଦ୍ଧି ପାଇବ ଏବଂ ସମାବେଶୀ ଓ ସସ୍ଥାୟୀ ଉନ୍ନତିକୁ ଗତି ମିଳିବ।

ମୁଖ୍ୟମନ୍ତ୍ରୀ ମାଝୀ ଏହି ନିଷ୍ପତିକୁ "ଡବଲ ଇଞ୍ଜିନ ସରକାର"ର ଏକ ଶକ୍ତିଶାଳୀ ଉଦାହରଣ ବୋଲି କହିଛନ୍ତି ଏବଂ ଏହାକୁ ଓଡିଶାର ଉନ୍ନତି ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଷ୍ଟୋନ ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ, ଏହା ରାଜ୍ୟକୁ ଭାରତର ଉନ୍ନତିରେ ଏକ ପ୍ରମୁଖ ଭାଗୀଦାର ଭାବେ ଗଢ଼ି ତୋଳିବା ସହ 'ବିକଶିତ ଭାରତ' ଲକ୍ଷ୍ୟକୁ ସାଧନ କରିବାରେ ସାହାଯ୍ୟ କରିବ।

# ଲକ୍ଷ୍ମୀସାଗରେ ଆପାର୍ଟମେଣ୍ଟରେ ଭୟାବହ ଅଗ୍ନିକାଣ୍ଡ, ୩ ମୃତ

ଭୁବନେଶ୍ୱର, (ପିପିଏସ୍) ଭୁବନେଶ୍ୱରର ଲକ୍ଷ୍ମୀସାଗର ଅଞ୍ଚଳରେ ଅବସ୍ଥିତ ବସନ୍ତ ଭିଲା ଆପାର୍ଟମେଣ୍ଟରେ ବୁଧବାର ଭୋରରେ ଭୟାବହ ଅଗ୍ନିକାଣ୍ଡ ଘଟିବାରୁ ଦୁଇ ଜଣ ଦେଖାଶୁଣା କରୁଥିବା କର୍ମଚାରୀଙ୍କ ସହ ଜଣେ ନାବାଳିକାର ମୃତ୍ୟୁ ଘଟିଛି।

ମୃତକମାନଙ୍କ ପରିଚୟ ବିଶ୍ୱଜିତ ବେହେରା (ସିକ୍ୟୁରିଟି ଗାର୍ଡ) ଏବଂ ସୁଲଭା ବେହେରା (କେୟାରଟେକର) ଭାବେ ହୋଇଛି। ପ୍ରାରମ୍ଭିକ ସୂଚନା ଅନୁସାରେ, ଅଗ୍ନିକାଣ୍ଡର କାରଣ ଗାର୍ଡ ରୁମରେ ଥିବା ବିଦ୍ୟୁତ ପ୍ୟାନେଲ ବୋର୍ଡରେ ହୋଇଥିବା ଶର୍ଟ ସର୍କିଟ୍ ବୋଲି ଅନୁମାନ କରାଯାଉଛି। ଘଟଣା ପ୍ରାୟ ସକାଳ ୪ଟା ସମୟରେ ଘଟିଥିଲା, ସେତେବେଳେ ଅଧିକାଂଶ ବାସିନ୍ଦା ଶୋଇଥିଲେ। ସୂଚନା ପାଇବା ସହିତ ଦମକଳ ବିଭାଗର ଦଳ ଘଟଣାସ୍ଥଳକୁ ପହଞ୍ଚି ଦୀର୍ଘ ପ୍ରୟାସ ପରେ ନିଆଁକୁ ନିୟନ୍ତ୍ରଣକୁ ଆଣିଥିଲେ। ଏହି ସମୟରେ ଭବନ ଭିତରେ ଅଟକିଥିବା ଲୋକମାନଙ୍କୁ ସୁରକ୍ଷିତ ଭାବେ ବାହାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ମଧ୍ୟ କରାଯାଇଥିଲା। ଅଗ୍ନିକାଣ୍ଡରେ ଆପାର୍ଟମେଣ୍ଟରେ ବ୍ୟାପକ ସମ୍ପତ୍ତି କ୍ଷତି ମଧ୍ୟ ହୋଇଛି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ଏବଂ ଅଗ୍ନିକାଣ୍ଡର କାରଣ ଓ କ୍ଷୟକ୍ଷତିର ଆକଳନ କରାଯାଉଛି। ଅନ୍ୟପଟେ ଅଗ୍ନିକାଣ୍ଡ ପରେ ମେୟର ସୁଲୋଚନା ଦାସ ଘଟଣାସ୍ଥଳରେ ପହଂଚିଥିଲେ । ଆପାର୍ଟମେଣ୍ଟ ବୁଲି ଦେଖିବା ସହ ପୁରୁଣା ଇଲେକ୍ଟ୍ରୋନିକ୍ସ ସରଞ୍ଜାମ ବଦଳାଇବାକୁ ମେୟର କଡ଼ା ତାଗିଦ୍ କରିଥିଲେ ।

ଖରାଦିନେ ଏ.ସି.ର ସଠିକ ବ୍ୟବହାର କରି
ବିଦ୍ୟୁତ୍ ବିଲ୍ କମ୍ କରନ୍ତୁ, ଏବଂ ପରିବେଶକୁ ସୁରକ୍ଷିତ ରଖନ୍ତୁ

- ବି.ଇ.ଇ. (BEE)ପଞ୍ଚ ତାରକା (5 STAR) ବିଶିଷ୍ଟ ଶକ୍ତି ଦକ୍ଷତା ସମ୍ପନ୍ନ ଏ.ସି. ବ୍ୟବହାର କରନ୍ତୁ ।
- ଏ.ସି.ର ଫିଲ୍ଟରକୁ ନିୟମିତ ଭାବରେ ସଫା କରନ୍ତୁ ।
- ଏ.ସି.ର ତାପମାତ୍ରା ସର୍ବନିମ୍ନ ୨୪°C ରଖନ୍ତୁ । ଏ.ସି.ର ତାପମାତ୍ରା ୧°C ବୃଦ୍ଧି କଲେ ୬% ବିଦ୍ୟୁତ୍ ସଞ୍ଚୟ ହୁଏ ।
- ଅତି ଆବଶ୍ୟକତା ନଥିଲେ ଏ.ସି. ଚଲାନ୍ତୁ ନାହିଁ ।







ଅଧିକ ତାରକା ଅଧିକ ସଞ୍ଚୟ

୧ ୟୁନିଟ୍ ଶକ୍ତି ସଞ୍ଚୟ,୨ ୟୁନିଟ୍ ଶକ୍ତି ଉତ୍ପାଦନ ସହ ସମାନ

ଶକ୍ତି ବିଭାଗ, ଓଡିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ) ତଥା ପ୍ରମୁଖ ବିଦ୍ୟୁତ ନିରୀକ୍ଷକ

OIPR- 4001/4004/2/26-27/0003

# ଦକ୍ଷିଣାଞ୍ଚଳ ରାଜସ୍ୱ ପ୍ରଶାସନିକ ଶାସନ ସଂସ୍କାର ସମ୍ପର୍କିତ ବୈଠକ




ବ୍ରହ୍ମପୁର, (ପିପିଏସ୍): ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ କାର୍ଯ୍ୟାଳୟସ୍ଥ ସମ୍ମିଳନୀ କକ୍ଷ ରେ ତା ୦୫.୦୫.୨୦୨୬ ରିଖ ଆୟୁକ୍ତ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର, ଭା.ପ୍ର.ସେ, ଙ୍କ ଅଧ୍ୟକ୍ଷତାରେ ରାଜସ୍ୱ ପ୍ରଶାସନିକ ଶାସନ ସଂସ୍କାର ସମ୍ପର୍କିତ ବୈଠକ ଅନଷ୍ଠିତ ହୋଇଛି। ପ୍ରଶାସନିକ ଏବଂ ଶାସନ ସଂସ୍କାର ସମିତି ଅଧୀନରେ ଏକ କାର୍ଯ୍ୟଦଳ ସଭା ଦକ୍ଷିଣ ରେଭେନ୍ୟୁ ଡିଭିଜନରେ ଆୟୋଜିତ ହୋଇଥିଲା, ଯେଉଁଠାରେ ପ୍ରଶାସନିକ କାର୍ଯ୍ୟକୁଶଳତା, ସେବା ପ୍ରଦାନ ଏବଂ ଶାସନ ବ୍ୟବସ୍ଥା ସମ୍ବନ୍ଧୀୟ ମୁଖ୍ୟ ବିଷୟଗୁଡିକ ଉପରେ ଆଲୋଚନା କରାଯାଇଥିଲା। ସଭାର ଉଦ୍ଦେଶ୍ୟ ଥିଲା ବର୍ତ୍ତମାନର ସମସ୍ୟାଗୁଡିକ ଚିହ୍ନଟ କରିବା, ଆବଶ୍ୟକ ସଂସ୍କାର ପ୍ରସ୍ତାବ କରିବା ଏବଂ ସାର୍ବଜନିନ ପ୍ରଶାସନକୁ ଉନ୍ନତ କରିବା ପାଇଁ ବ୍ୟବହାରିକ କୌଶଳ ତିଆରି କରିବା। ଆଲୋଚନାରେ ପ୍ରକ୍ରିୟାଗୁଡିକୁ ସରଳ କରିବା, ଅନାବଶ୍ୟକ ପୁନରାବୃତ୍ତି ହ୍ରାସ ଏବଂ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଡିଜିଟାଲ ଶାସନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ, ପାରଦର୍ଶିତା ବଢ଼ାଇବା, ବିଳମ୍ବ କମେଇବା ଏବଂ ନାଗରିକମାନଙ୍କ ପାଇଁ ସେବା ପ୍ରାପ୍ୟତା ସୁଧାରିବା ପାଇଁ ଇ-ଗଭର୍ନାନ୍ସ ଉପକରଣ ବ୍ୟବହାରକୁ ଉଲ୍ଲେଖ କରାଯାଇଥିଲା। ସମୟାନୁବର୍ତ୍ତି ସେବା ପ୍ରଦାନରେ ଥିବା ସମସ୍ୟାମାନଙ୍କୁ ମଧ୍ୟ ଆଲୋଚନା କରାଯାଇ, ନାଗରିକମୁଖୀ ପଦକ୍ଷେପ ଏବଂ ଅଭିଯୋଗ ନିବାରଣ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା।

ରାଜସ୍ୱ କର ଆଦାୟ, ଜମି ଅଧିଗ୍ରହଣ , ଥଇଥାନ , ଜଙ୍ଗଲ ଜମି ଅଧିକାର, ବସୁନ୍ଧରା ଯୋଜନା , ଅନଧିକାର ପ୍ରବେଶ ବା ଜବରଦଖଲ , କଲମ -୨ ଜମିଜମା ସଂସ୍କାର , ଦାଖଲ ଖାରଜ , କିସମ ପରିବର୍ତ୍ତନ , ଜମି ବିଭାଜନ , ଜମି ଚିହ୍ନଟ ଆଦି ପ୍ରକ୍ରିୟାକୁ କିଭଳି ଅଧିକ ସ୍ୱଚ୍ଛ ଓ ତ୍ୱରାନ୍ୱିତ କରାଯାଇପାରିବ ଏବଂ ଓଡିଶା ଭୂ - ସଂସ୍କାର ଆଇନର କଡାକଡି ଅନୁପାଳନ ଏବଂ ଏଥିରେ ଥିବା ଜଟିଳତାକୁ ଦୂର କରିବା ପାଇଁ ପଦକ୍ଷେପ ବିଷୟରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସଭାରେ ମାନବ ସମ୍ପଦ ପରିଚାଳନା ଉପରେ ମଧ୍ୟ ଆଲୋଚନା ହୋଇ, କର୍ମଚାରୀ କ୍ଷମତା, ପ୍ରଶିକ୍ଷଣ ଓ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ ସମ୍ବନ୍ଧୀୟ ବିଷୟ ଉଠାଯାଇଥିଲା ଏବଂ ନିୟମିତ କୌଶଳ ବିକାଶ କାର୍ଯ୍ୟକ୍ରମ ସୁପାରିଶ କରାଯାଇଥିଲା। ପାରଦର୍ଶିତା ଓ ଦାୟିତ୍ୱବୋଧ ବୃଦ୍ଧି ପାଇଁ ମଜବୁତ ଅଡିଟ୍ ପ୍ରଣାଳୀ, ନିରୀକ୍ଷଣ ବ୍ୟବସ୍ଥା ଏବଂ ସାର୍ବଜନିକ ପ୍ରତିକ୍ରିୟା ମେକାନିଜମ୍‌ର ଗୁରୁତ୍ୱ ଉଲ୍ଲେଖ ହୋଇଥିଲା। ସମିତି ଦ୍ୱାରା ସେବା ପ୍ରଦାନ ପାଇଁ ସଂଯୁକ୍ତ ଡିଜିଟାଲ ପ୍ଲାଟଫର୍ମ ରୁପାୟଣ, ନିୟମିତ ପ୍ରଶାସନିକ ଅଡିଟ୍ ଏବଂ କାର୍ଯ୍ୟଦକ୍ଷତା ସମୀକ୍ଷା, ସରକାରୀ କର୍ମଚାରୀଙ୍କ ପାଇଁ କ୍ଷମତା ବୃଦ୍ଧି ପ୍ରୟାସ, ଶକ୍ତିଶାଳୀ ଅଭିଯୋଗ ନିବାରଣ ବ୍ୟବସ୍ଥା ଏବଂ ହିତାଧିକାରୀଙ୍କ ସହଭାଗିତା ମାଧ୍ୟମରେ ଶାସନକୁ ଅଧିକ ସହଭାଗୀମୂଳକ କରିବା ପାଇଁ ସୁପାରିଶ କରାଯାଇଥିଲା। ଏହି ବୈଠକରେ ଦକ୍ଷିଣାଞ୍ଚଳର ୮ଟି ଜିଲ୍ଲାର କିଛି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଉପ-ଜିଲ୍ଲାପାଳ, ତହସିଲଦାର, ରାଜସ୍ୱ ନିରୀକ୍ଷକ ଆଦି ଯୋଗଦାନ କରିଥିଲେ । ଗଂଜାମ, ଗଜପତି, କଳାହାଣ୍ଡି, କନ୍ଧମାଳ, ରାୟଗଡା, କୋରାପୁଟ, ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାର ପ୍ରତିନିଧିମାନେ ନିଜ ନିଜ ଅଂଚଳର ସର୍ବୋତ୍ତମ ସଫଳତା, ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ ନିମନ୍ତେ ପ୍ରସ୍ତାବ ଉପସ୍ଥାପନା କରିଥିଲେ।

ସରକାରୀ ସ୍ତରରେ ଏହି ସୁପାରିସ ଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ଙ୍କୁ ପ୍ରସ୍ତାବ ଦିଅ ଯିବ ବୋଲି ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ବୈଠକ ରେ ଆର୍ ଡି ସି ଙ୍କ ଅତିରିକ୍ତ ସଚିବ ଶ୍ରୀ ରାମେଶ୍ୱର ପ୍ରଧାନ, ଅର୍ଥପରାମର୍ଶଦାତା-ତଥା-ଅନୁ ସଚିବ ଶ୍ରୀମତୀ ମୋନିକା ପ୍ରିୟଦର୍ଶିନୀ ଏବଂ ଅନୁ ସଚିବ ସୁଶ୍ରୀ ତନୁଶ୍ରୀ ପାତ୍ର ଙ୍କ ମିଳିତ ସହଯୋଗ ରେ ଏହି ବୈଠକ ଟି ସୁଚାରୁରୂପେ ପରିଚାଳିତ ହୋଇଛି। ବୈଠକ ରେ ଆର୍ ଡି ସି ଙ୍କ ସଚିବ ଶ୍ରୀ ବିରସେନ ପ୍ରଧାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଆର୍ ଡି ସି ଙ୍କ ଅତିରିକ୍ତ ସଚିବ ଧନ୍ୟବାଦ ଅର୍ପଣ କିରିଥିଲେ।

## ଶୁଣିଲାନି ପ୍ରସାଶନ...

# ଯୁବକମାନଙ୍କ ସହଯୋଗରେ କାଳୀ ମନ୍ଦିରକୁ ରାସ୍ତା ନିର୍ମାଣ



ବ୍ରହ୍ମପୁର)-: ଶୁଣିଲାନି ପ୍ରସାଶନ, ବାରମ୍ଭାର ଗୁହାରି କରି ଥକିପଡିଲେ ଗ୍ରାମବାସୀ, ଶେଷରେ ଅଣ୍ଟାଭିଡ଼ିଲେ ଯୁବ ଗୋଷ୍ଠୀ, ନିର୍ମାଣ କଲେ କାଳୀମନ୍ଦିର ରାସ୍ତା! ଏମିତି ଏକ ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ ଅଙ୍ଗାରଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ନୂଆଗଡ ଗ୍ରାମରେ, ନୂଆଗଡ ସ୍ଥିତ ମା କାଳୀଙ୍କ ମନ୍ଦିରକୁ ବହୁ ଦିନ ହେଲାଣି ରାସ୍ତା ନଥିଲା । ଫଳରେ ଭକ୍ତ ମାନେ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖିନ ହେଉଥିଲେ । ଭକ୍ତ ମାନେ ଚାଲି ଚାଲି ଯାଉଥିଲେ। ଫଳରେ କିଛି ଭକ୍ତଙ୍କ ମା ’ ଙ୍କ ମନ୍ଦିର କୁ ଯିବାକୁ ଇଚ୍ଛା ଥିଲେ ମଧ୍ୟ ରାସ୍ତା ନ ଥିବା ଯୋଗୁଁ ଚାଲି ଚାଲି ଯିବାକୁ ଅନିଛା ପ୍ରକାଶ କରୁଥିଲେ । ମା ଙ୍କ ଦୟା ଏବଂ ଏହି ଗ୍ରାମର କିଛି ଆଗ୍ରହୀ ଯୁବକ ମାନଙ୍କ ସଦିଛା ଫଳରେ ମାଟି ରାସ୍ତା ନିର୍ମାଣ ହୋଇପାରିଛି । ଏନେଇ ମାଙ୍କ ଭକ୍ତ ମାନେ ଖୁସି ବ୍ୟକ୍ତ କରିଛନ୍ତି । ବହୁ ଦିନ ହେଲା ସରକାର ଏବଂ ପ୍ରଶାସନିକ ଅଧିକାରୀ ଏବଂ ନିର୍ବାଚିତ ଜନପ୍ରତିନିଧି ମାନଙ୍କ ପାଖରେ ଅଭିଯୋଗ କରିଥିଲେ ମଧ୍ୟ ରାସ୍ତା ନିର୍ମାଣ ହୋଇ ପାରୁ ନଥିଲା। ବର୍ତ୍ତମାନ ତାହା ଆଗ୍ରହୀ ଯୁବକ ମାନଙ୍କ ଦ୍ୱାରା ସଫଳ ହୋଇଛି । ସୂଚନା ମୁତାବକ ଭକ୍ତ ମାନେ ଘାଇ ହୁଡା ଉପରେ ଚାଲି ଚାଲି ଯାଉଥିଲେ । ବର୍ତ୍ତମାନ ରାସ୍ତା ନିର୍ମାଣ ହେବା ଫଳରେ ମନ୍ଦିର ନିକଟକୁ ଗାଡି ମୋଟର ଯିବା ଆସିବା କରି ପାରିବ ।

# ମାଟ୍ରିକ ଜିଲ୍ଲା ଟପରଙ୍କୁ ମହାକାଳପଡ଼ା ବିକାଶ ମଞ୍ଚ ତରଫରୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡା (ପିପିଏସ୍): କେନ୍ଦ୍ରାପଡା ହାଇସ୍କୁଲ ସାର୍ଟିପିକେଟ ପରୀକ୍ଷା ୨୦୨୬ ମହାକାଳପଡା ବ୍ଲକ ଅନ୍ତର୍ଗତ ଖରି ନାସି ହାଇସ୍କୁଲର ଛାତ୍ର ଦେବଦର୍ଶୀ ମଣ୍ଡଳ ଜିଲ୍ଲା ଟପର ହୋଇ ଜିଲ୍ଲାପାଇଁ ଗର୍ବ ଗୌରବ ହୋଇଛନ୍ତି । ଏହି ଅବସରରେ ମହାକାଳପଡା ବିକାଶ ମଞ୍ଚର ତରଫରୁ ମଣ୍ଡଳକୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚର ସଭାପତି କାଶୀନାଥ ଭାରତୀୟ, ସଂପାଦକ ଭାଗୀରଥୀ ନନ୍ଦ, ଉପସଭାତି ଈଶ୍ୱରଚନ୍ଦ୍ର ବେହେରା, ଉପଦେଷ୍ଟା କେଶବ ଚନ୍ଦ୍ର ପ୍ରମାଣୀକ ଓ ପ୍ରଣବ କୁମାର ଜେନା, ସଦସ୍ୟ ରବିନ୍ଦ୍ର ବେହେରା, ଧନେଶ୍ୱର ସେଠୀ, ରମେଶ ଚନ୍ଦ୍ର ସ୍ୱାଇଁ, ପବିତ୍ର କୁମାର ମାଇତି, ପୁନମ ମହାପାତ୍ର, ସୁପ୍ରିୟା ରାଉତରାୟ, ଜନକର ମଲ୍ଲିକ, ବିଚିତ୍ର ବାରିକ, ମନ୍ମଥ ବେହେରା, ସତ୍ୟସାରଥୀ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଶ୍ରୀମାନ ମଣ୍ଡଳରୁ ଉଜ୍ଜଳ ଭବିଷ୍ୟତ କାମନା ପୂର୍ବକ ଆର୍ଶିବାଦ କରିଥିଲେ। ଉକ୍ତ ସମୟରେ ଦେବଦର୍ଶୀର ବାପା ନକୁଳ ଚନ୍ଦ୍ର ମଣ୍ଡଳ ଓ ମାଆ ସନ୍ଧ୍ୟାରାଣୀ ମଣ୍ଡଳକୁ ମଧ ମଞ୍ଚ ତରଫରୁ ପୁଷ୍ପ ଦେଇ ସମ୍ମାନିତ କରାଯାଇଥିଲା ।

# ଦକ୍ଷିଣାଞ୍ଚଳ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନଙ୍କ ଯୋଗଦାନ



ବ୍ରହ୍ମପୁର, – ଦକ୍ଷିଣାଞ୍ଚଳ ସୂଚନା ଓ ଲୋକସମ୍ପର୍କ ବିଭାଗର ଉପ ନିର୍ଦ୍ଦେଶକ ଭାବେ ଶ୍ରୀ ବସନ୍ତ କୁମାର ପ୍ରଧାନ ଆଜି ବ୍ରହ୍ମପୁରସ୍ଥିତ ଦକ୍ଷିଣାଞ୍ଚଳ ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଯୋଗଦାନ କରି ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାରେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନ କରିଆସିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ର ନିର୍ଦ୍ଦେଶ କ୍ରମେ ପଦୋନ୍ନତି ପାଇ ସେ ବ୍ରହ୍ମପୁର ଉପ ନିର୍ଦ୍ଦେଶକ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି।ପୂର୍ବରୁ ଉପ ନିର୍ଦ୍ଦେଶକ ଭାରପ୍ରାପ୍ତ ଦାୟିତ୍ୱରେ ଥିବା ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସୁରଜିତ ମିଶ୍ର ପଦୋନ୍ନତି ପାଇ ବର୍ତ୍ତମାନ ଅତିରିକ୍ତ ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ବ୍ରହ୍ମପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ରଶ୍ମିରାଣୀ ନିମାକା , ଶ୍ରୀ ଲୋକନାଥ ଶତପଥୀ ନୂତନ ଉପ ନିର୍ଦ୍ଦେଶକଙ୍କୁ ସ୍ୱାଗତ କରିଥିଲେ।

# କବି ସଦାନନ୍ଦ ସାହୁ ଥିଲେ ବହୁ ପ୍ରତିଭାର ଅଧିକାରୀ

ଭଦ୍ରକ, (ପିପିଏସ୍): ପ୍ରକୃତି, ପରିବେଶ, ଜୀବନଧର୍ମୀ, ଦେଶାତ୍ମବୋଧକ, ଲୋକ ସଂସ୍କୃତି, ଲୋକ ପରମ୍ପରା, ସଙ୍ଗୀତ, କବିତା ସ୍ରଷ୍ଟାଙ୍କୁ ଅମର କରିଥାଏ। ଭାଷା ସାହିତ୍ୟ ସମାଜକୁ ବିକାଶଶୀଳ କରିବାରେ ସକ୍ଷମ ହୋଇପାରିବ। ଏକଦା ମହାତ୍ମା ଗାନ୍ଧୀ କହିଥିଲେ, ଗୋଟିଏ ଜାତି ବା ପ୍ରଦେଶକୁ ଜାଣିବାକୁ ହେଲେ ପ୍ରଥମେ ସେ ଅଂଚଳର ଭାଷା ଏବଂ ଭାଷାର ସ୍ରଷ୍ଟାଙ୍କୁ ଜାଣିବା। ସେମାନଙ୍କୁ ସର୍ବଗ୍ରେ ସମ୍ମାନ ଦେବା ଏକାନ୍ତ ଆବଶ୍ୟକ ବୋଲି କବି ସ୍ୱର୍ଗତ ସଦାନନ୍ଦ ସାହୁଙ୍କ ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତିସଭାରେ ବକ୍ତାମାନେ କହିଥିଲେ। ଚରମ୍ପା ଆରସିବିଏଲ୍ ଉଚ୍ଚ ବିଦ୍ୟାଳୟ ନିକଟସ୍ଥ କବିଙ୍କ ବାସଭବନରେ ଶିକ୍ଷାବିତ୍ ତଥା ପ୍ରାବନ୍ଧିକ ଗଗନ ବିହାରୀ ରାଉତଙ୍କ ସଭାପତିତ୍ୱ ଓ ଚରମ୍ପା ସାହିତ୍ୟ ମଞ୍ଚ ସମ୍ପାଦକ ବାବୁଲାଲ ଦାସଙ୍କ ସଂଯୋଜନା ରେ ରେ ମୁଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର କାର୍ତିକ ନାଥ ମଣ୍ଡଳ କବି ସଦାନନ୍ଦ ସାହୁଙ୍କ କବିତାର ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖୁଥିଲେ। ମୁଖ୍ୟବକ୍ତା ଭାବେ ଶିଶୁ କବି ଇଂ ଅଭୟ ସୁତାର, ବରେଣ୍ୟ ବକ୍ତା ଭାବେ ଡ଼. ରାଧାରାଣୀ ମହାପାତ୍ର,ବାବା ଆଖଣ୍ଡଳମଣି କଲେଜ ଅଧ୍ୟକ୍ଷ ନିହାର ରଞ୍ଜନ କର, ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖୁଲାର, ପ୍ରାକ୍ତନ ଅଧ୍ୟକ୍ଷ ଶିବଚରଣ ଖାମୁରାଇ, ଡା ଅନିଲ କୁମାର ଦାଶ କବି ସଦାନନ୍ଦ ସାହୁ ଥିଲେ ବହୁ ପ୍ରତିଭାର ଅଧିକାରୀ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ନବୀନଙ୍କ ଚିଠି, ଅଭିଯୁକ୍ତ ଗିରଫ ସହ ଶିଶୁକୁ ସହାୟତା ମିଳୁ

## ହିଞ୍ଜିଳିରେ ଗର୍ଭବତୀ ମହିଳାଙ୍କୁ ହତ୍ୟା

ବ୍ରହ୍ମପୁର:ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଅଞ୍ଚଳରେ ଘଟିଥିବା ଜଣେ ଗର୍ଭବତୀ ମହିଳାଙ୍କ ନିର୍ମମ ହତ୍ୟା ଘଟଣାକୁ ନେଇ ରାଜନୀତିକ ମହଲରେ ଚର୍ଚ୍ଚା ତୀବ୍ର ହୋଇଛି। ବିରୋଧୀ ଦଳନେତା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖି ଗଭୀର ଉଦବେଗ ପ୍ରକାଶ କରିଛନ୍ତି।

ଚିଠିରେ ନବୀନ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ଯେ, ହିଞ୍ଜିଳି ଅନ୍ତର୍ଗତ ଖରିଡା ଗାଁରେ ଘଟିଥିବା ଏହି ଘଟଣା ଅତ୍ୟନ୍ତ ହୃଦୟବିଦାରକ। ସୂଚନା ଅନୁଯାୟୀ, ନ୍ୟାୟ ଦାବିରେ ନିଜ ସନ୍ତାନକୁ କୋଳରେ ଧରି ସ୍ୱାମୀଙ୍କ ଘର ସାମ୍ନାରେ ଧାରଣାରେ ବସିଥିବା ସମୟରେ ମହିଳାଙ୍କୁ ତାଙ୍କ ସ୍ୱାମୀଙ୍କ ଭାଇ ଆକ୍ରମଣ କରି ହତ୍ୟା କରିଥିଲେ। ଘଟଣା ସମୟରେ ମା’ର ମୃତଦେହ ପାଖରେ ୩ ବର୍ଷର ଶିଶୁ କାନ୍ଦୁଥିବା ଦୃଶ୍ୟ ସମଗ୍ର ଓଡ଼ିଶାର ମନକୁ ଆଘାତ ଦେଇଥିବା ସେ କହିଛନ୍ତି।

ବିରୋଧୀ ଦଳନେତା ଚିଠିରେ ମୁଖ୍ୟମନ୍ତ୍ରୀଙ୍କୁ ତୁରନ୍ତ ହସ୍ତକ୍ଷେପ କରି ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଓ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି। ସେହିପରି ଘଟଣାର ସାକ୍ଷୀ ହୋଇଥିବା ୩ ବର୍ଷର ଶିଶୁକୁ ତୁରନ୍ତ ରାଜ୍ୟ ପକ୍ଷରୁ ଚିକିତ୍ସା, ଆର୍ଥିକ ସହାୟତା ଓ ପୁନର୍ବାସ ସୁବିଧା ଯୋଗାଇବାକୁ ଦାବି କରିଛନ୍ତି।

ଏହାସହ ମହିଳା ଧାରଣାରେ ବସିଥିବା ସମୟରେ ପୋଲିସ ପକ୍ଷରୁ ପୂର୍ବରୁ କାହିଁକି ପ୍ରତିରୋଧମୂଳକ ପଦକ୍ଷେପ ନିଆଯାଇନଥିଲା, ସେନେଇ ମଧ୍ୟ ତଦନ୍ତ କରିବାକୁ ନବୀନ ପଟ୍ଟନାୟକ ଦାବି କରିଛନ୍ତି। ଏପରି ଘଟଣାର ପୁନରାବୃତ୍ତି ରୋକିବା ପାଇଁ କଡ଼ା ପଦକ୍ଷେପ ନେବାକୁ ସେ ଚିଠିରେ ଉଲ୍ଲେଖ କରିଛନ୍ତି।

# ବିଭିନ୍ନ ପଞ୍ଚାୟତରେ ଆକାଶଚୁମ୍ବୀ ପାଣିଟାଙ୍କି,ପାନୀୟ ଜଳ ସାତସପନ



ଧାମନଗର (ପି ପି ଏସ) ଖରା ଆସିଲାଣି, ଜଳକଷ୍ଟ ବି ବଢ଼ିଲାଣି । ହେଲେ ବିଭିନ୍ନ ପଞ୍ଚାୟତରେ ସରୁନି ପାନୀୟ ଜଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ। ଯାହା ଫଳରେ ଧାମନଗର ବ୍ଲକ ଅଞ୍ଚଳରେ ଦିଗହରା ବସୁଧା ଯୋଜନା। ସବୁଠାରୁ ବଡ କଥା ହେଲା ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁଁ ସାଧାରଣ ଲୋକମାନେ ଏପରି ପରିସ୍ଥିତି ଭୋଗୁଛନ୍ତି । ସୂଚନା ଥାଉକି, ପାନୀୟ ଜଳ ସମସ୍ୟାକୁ ଦୂର କରି ଲୋକଙ୍କ ଘରେ ମଧୁର ପାନୀୟ ଜଳ ପହଞ୍ଚାଇବା ବସୁଧା ଯୋଜନାର ମୂଳ ଲକ୍ଷ୍ୟ ଓ ଉଦ୍ଦେଶ୍ୟ।ସରକାର ଏହି ଯୋଜନା ମାଧ୍ୟମରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଦୁଇ ଅବା ତିନିରୁ ଅଧିକ ଉଚ୍ଚତମ ପାଣି ଟାଙ୍କି ନିର୍ମାଣ କରି ପାଇପ ଯୋଗେ ପ୍ରତି ଘରକୁ ପାନୀୟ ଜଳ ଯୋଗାଇବାକୁ ବ୍ୟବସ୍ଥା କରାଇଛନ୍ତି। ହେଲେ କେଉଁଠି ଏହା ବର୍ଷ ବର୍ଷ ଧରି ନିର୍ମାଣ ସରୁନି ତ କେଉଁଠି ପାଣିଟାଙ୍କି କାମ କରୁନି ଅବା କେଉଁଠି କେଉଁଠି ତ୍ରୁଟିପୂର୍ଣ୍ଣ ପାଇପ ବିଛାଣ ପାଇଁ ଲୋକଙ୍କ ପାଖରେ ପହଞ୍ଚି ପାରୁନି ମଧୁର ଜଳ। ଏହି ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଅର୍ଥ ବ୍ୟୟ ହୋଇ ସୁଫଳ ମିଳୁନି। ପ୍ରତି ପ୍ରକଳ୍ପ ପିଛା ୩ କୋଟିରୁ ୬ କୋଟି ଟଙ୍କା ବ୍ୟୟ ବରାଦ ହୋଇ ମଧ୍ୟ ବାଲଟିଏ ପାଣି ପାଉନାହାନ୍ତି ସ୍ଥାନୀୟ ଲୋକେ।ବିଶ୍ୱବ୍ୟାଙ୍କ ସହାୟତାରେ ପରିଚାଳିତ ଏହି ଯୋଜନାଟି କାମକମ ମାତ୍ର ଅଧିକାରୀ, ଯନ୍ତ୍ରୀ ଏପରିକି ଠିକାଦାରଙ୍କର ହାତ ଚିକ୍କଣର ମାଧ୍ୟମ ସାଜିଛି।ଏହି ଯୋଜନା ଦିଗହରା ଓ ଅସଫଳ କେବଳ କନିଷ୍ଠ ଯନ୍ତ୍ରୀଙ୍କ ଖାମଖିଆଲି ନୀତି ଓ ପ୍ରକଳ୍ପର ଜିରୋ ପଏଣ୍ଟରେ ସଠିକ ତଦାରଖ ଅଭାବରୁ ହେଉଛି ବୋଲି ଲୋକମାନେ ଅଭିଯୋଗ କରିଛନ୍ତି। ଏଣୁ ଏହି ଯୋଜନା ଦିଗହରା ପାଇଁ ଠିକା ସଂସ୍ଥା ନୁହଁ ଆଗ ସମ୍ପୃକ୍ତ ବିଭାଗ ଯନ୍ତ୍ରୀ ଓ ଅଧିକାରୀଙ୍କ ବିରୋଧରେ ଶକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ମନ୍ତ୍ରୀଙ୍କ ସମେତ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଠାରେ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

# ଖବରକାଗଜ ବିତରକଙ୍କ ସ୍ମୃତିଚାରଣସଭା ଅନୁଷ୍ଠିତ



ଚାରିଛକ ,(ପି ପି ଏସ) ଚାରିଛକ ସ୍ଥିତ ଏକାନ୍ତ ଆଶ୍ରମ ପରିସରରେ ସ୍ଥାନୀୟ ଅଞ୍ଚଳର ଖବର କାଗଜ ବିତରକ ତଥା ବିଶିଷ୍ଟସମାଜସେବୀ ସ୍ୱର୍ଗତ ଭଗବାନ ସାହୁଙ୍କ ୨ୟ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅବସରରେ ଭଗବାନ ସାହୁ ଚାରୀ ଟେବୁଲ୍ ଟ୍ରଷ୍ଟ ତରଫରୁ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ସାମ୍ବାଦିକ ଡ.କେଦାରନାଥ ସାହୁ ଙ୍କ ସଂଯୋଜନା ରେ ଆୟୋଜିତ ସ୍ମୃତି ସଭାରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଆଇ ଆର୍ ଏସ ଚନ୍ଦ୍ରକାନ୍ତ ଦଳାଇ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଅରୁଣ କୁମାର ସ୍ୱାଇଁ,ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ନିରୋଦ ବରଣ ଖୁଣ୍ଟିଆ, ସମାଜସେବୀ ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ,ପୁରୀ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅକ୍ଷୟ କୁମାର ନାୟକ,ବସନ୍ତ କୁମାର ପାତ୍ର,ବନ ବିହାରୀ ଦାଶ,ଅଧୀନ ପାତ୍ର,ଅର୍ଜୁନ ପାତ୍ର ,ଅରକ୍ଷିତ ଭୋଇ,କାହ୍ନୁ ଚରଣ ବେହେରା, ଜୟନ୍ତ କୁମାର ସେଠୀ, ଶିକ୍ଷକ ନେତ୍ରାନନ୍ଦ ବାରିକ, ସ୍ୱର୍ଣ୍ଣକାର ସନ୍ତୋଷ କୁମାର ଦାଶ,ପଣ୍ଡିତ ମୂରଲୀଧର ଭାରତୀ,ପ୍ରବୀର କୁମାର ଦାଶ,କଳ୍ପନା ଦାସ, ମନସ୍ୱିନୀ ଲେଙ୍କା, ରାମଚନ୍ଦ୍ର ଜେନା,ଶ୍ରୀଧର ଜେନା,ନନ୍ଦ ବାବା , ସାମ୍ବାଦିକ ସନ୍ତୋଷ ଦାସ,ସୌମ୍ୟ ରଞ୍ଜନ ତ୍ରିପାଠୀ,ସୁବାସ ସାହୁ, ଶଶିକାନ୍ତ ତ୍ରିପାଠୀ,ଦେବାଶିଷ ନାୟକ,ବସନ୍ତ ମଲ୍ଲ,ପ୍ରଶାନ୍ତ ସାହୁ,ବିଜୟ ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଭଗବାନ ସାହୁଙ୍କ ସ୍ମୃତି ଚାରଣ କରିଥିଲେ। ସ୍ୱର୍ଗତ ସାହୁ ଥିଲେ ଗରିବ ଲୋକଙ୍କ ଦରଦୀ ବନ୍ଧୁ ,ସେ ଦୀର୍ଘ ୫୦ ବର୍ଷ ଧରି ବିଭିନ୍ନ ଖବର କାଗଜ ନିଜେ ସାଇକେଲରେ ଘର ଘର ବୁଲି ସଠିକ୍ ସମୟରେ ଲୋକମାନଙ୍କ ନିକଟରେ ଖବର କାଗଜ ପହଞ୍ଚାଉ ଥିଲେ । ସେ ଜଣେ ସ୍ପଷ୍ଟବାଦୀ, ନିଷ୍ପାପର,ନିର୍ଭିକ୍ଷ,ମିଷ୍ଟଭାଷୀ, ମେଳାପୀ ଓ ପରୋପକାରୀ ବ୍ୟକ୍ତିଥିଲେ ।ଏହି ଅବସରରେ ଚାରିଛକ ଅଞ୍ଚଳର ସାମ୍ବାଦିକ ଓ ବିତରକ ମାନଙ୍କୁ ଅତିଥି ମାନଂକ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରେସକ୍ଲବ ସଭାପତି ପ୍ରଫୁଲ୍ଲ କୁମାର କର ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ସାମ୍ବାଦିକ ପ୍ରଫୁଲ୍ଲ କୁମାର ସାହୁ ସ୍ମୃତିଚାରଣ ସଭା କୁ ପରିଚାଳନା କରିଥିଲେ।

# ଚାରିଛକ ଅଞ୍ଚଳରୁ ୩ ନାବାଳକ ଉଦ୍ଧାର



ଚାରିଛକ, (ପି ପି ଏସ) ୩ ଜଣ ନାବାଳକଙ୍କୁ ଚାରିଛକ ବଜାରରୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ପୋଲିସ ଜିମା ଦେଇଛନ୍ତି । ସୂଚନା ମୁତାବକ ବିହାର ଅଂଚଳର କିଛି ନାବାଳକ କାକଟପୁରରେ ରେ ଏକ ମାଦ୍ରାସାରେ ରହି ପାଠ ପଢୁଥିଲେ । ପିଲାମାନଙ୍କ ଅଭିଯୋଗ ମୁତାବକ ମାଦ୍ରାସା ସ୍କୁଲରେ ତାଙ୍କୁ ମାରଧର କରିବା ସହ ନିର୍ଯ୍ୟାତନା ଦିଆ ଯାଉଥିଲା । ମାତ ସହିନପାରି ଗତକାଲି ରାତିରେ ୩ ଜଣ ନାବାଳକ ସେଠାରୁ ଖସି ଆସିଥିଲେ। ଚାରିଛକ ଠାରେ କିଛି ଲୋକ ପିଲାମାନଙ୍କୁ ରାସ୍ତା ଉପରେ ଯାଉଥିବା ଦେଖି ସ୍ଥାନୀୟ ପୋଲିସ କୁ ଖବର ଦେଇଥିଲେ । ଚାରିଛକ ଥାନା ପୋଲିସ ଚାରିଛକ ବଜାରରୁ ସେହି ୩ ଜଣ ନାବାଳକଙ୍କୁ ଉଦ୍ଧାର କରି ଥାନାରେ ଅଟକ ରଖି ପଚରା ଉଚରା କରିବାପରେ ସେମାନେ ବିହାର ଅଂଚଳର ବୋଲି ଜଣା ପଡିଛି । ନାବାଳକ ୩ଜଣ ହେଲେ ମହମ୍ମଦ ମୁମତାସିର (୧୪), ମହମ୍ମଦ ମତାଲିଭ (୧୪), ମହମ୍ମଦ ଫିରୋଜ (୧୪) । ନାବାଳକ ତିନିଜଣଙ୍କୁ କାକଟପୁର ଥାନାକୁ ଚାରିଛକ ଥାନା ପୋଲିସ ହସ୍ତାନ୍ତର କରିଥିବା ଜଣାପଡିଛି ।

## ୩ୟ ଶଙ୍ଖନାଦ ନୃତ୍ୟ ଉତ୍ସବ

# ଓଡିଶୀ ନୃତ୍ୟ ପରିବେଷଣ କଲେ କୋଣାର୍କର ସୃଷ୍ଟି ସ୍ନେହାଶ୍ରୀ



କୋଣାର୍କ (ପିପିଏସ)- ଭୁବନେଶ୍ୱର ସ୍ଥିତ ରବିନ୍ଦ୍ର ମଣ୍ଡପଠାରେ ଆୟୋଜିତ ୩ୟ ଶଙ୍ଖନାଦ ନୃତ୍ୟ ଉତ୍ସବରେ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଅଂଚଳର କୁନି ଓଡିଶୀ ନୃତ୍ୟ ଶିଳ୍ପୀ ସୃଷ୍ଟି ସ୍ନେହାଶ୍ରୀ ଓଡିଶୀ ନୃତ୍ୟ ପରିବେଷଣ କରି ନିଜର ଦକ୍ଷତା ପ୍ରତିପାଦନ କରି କଳା ନୈପୁଣ୍ୟ ପ୍ରଦର୍ଶନ ପୂର୍ବକ କୋଣାର୍କ ପାଇଁ ଗୌରବ ଆଣିଥିବା ବେଳେ ସ୍ଥାନୀୟ ଅଂଚଳର ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ସଂଗଠନ ପକ୍ଷରୁ ଶୁଭେଚ୍ଛା ର ସୁଅ ଛୁଟିବାରେ ଲାଗିଛି ।ଖବର ପ୍ରକାଶ ଯେ କୋଣାର୍କ ଥାନା ଅଧିନସ୍ଥ ବନାଖଣ୍ଡି ଗ୍ରାମପଞ୍ଚାୟତର ସାରଡା ଗ୍ରାମର ଦୈନିକ ଖବର କାଗଜ ସମାଜର କୋଣାର୍କ ପ୍ରତିନିଧି ଧନଞ୍ଜୟ ବେହେରାଙ୍କ ଝିଅ ହେଉଛନ୍ତି ସୃଷ୍ଟି ସ୍ନେହାଶ୍ରୀ। ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ଅଗ୍ରଣୀ ନୃତ୍ୟ ଅନୁଷ୍ଠାନର ନୃତ୍ୟାଭିନୟ ଫାଉଣ୍ଡେସନର ଛାତ୍ରୀ ହେଉଛନ୍ତି ସୃଷ୍ଟି ସ୍ନେହାଶ୍ରୀ। ସୃଷ୍ଟି ସ୍ନେହାଶ୍ରୀ ନୃତ୍ୟ ଗୁରୁ କୁମାର ଟୁବୁଲା ଙ୍କ ପାଖରେ ଦୀର୍ଘ ୧ ବର୍ଷ ଧରି ଓଡିଶୀ ନୃତ୍ୟ ଶିକ୍ଷା ଗ୍ରହଣ କରୁଛନ୍ତି। ମଙ୍ଗଳବାର ଭୁବନେଶ୍ୱର ସ୍ଥିତ ରବିନ୍ଦ୍ର ମଣ୍ଡପଠାରେ ଆୟୋଜିତ ଶଙ୍ଖନାଦ ନୃତ୍ୟ ଉତ୍ସବରେ ନୃତ୍ୟାଭିନୟ ଫାଉଣ୍ଡେସନ ପକ୍ଷରୁ ସୃଷ୍ଟି ସ୍ନେହାଶ୍ରୀ ଓଡିଶୀ ନୃତ୍ୟ ପରିବେଷଣ କରିବା ପାଇଁ ସୁଯୋଗ ପାଇ ଓଡିଶାର ଐତିହ୍ୟ, ସଂସ୍କୃତି ଓ ପରମ୍ପରାର ପ୍ରତୀକ ଓଡିଶୀ ନୃତ୍ୟ ପରିବେଷଣ କରି ସୃଷ୍ଟି ସ୍ନେହାଶ୍ରୀ ଉପସ୍ଥିତ ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ନିଜର କଳା ନୈପୁଣ୍ୟକୁ ସଫଳତା ଭାବେ ପ୍ରତିପାଦନ କରି କୋଣାର୍କ ପାଇଁ ଗୌରବ ହାସଲ କରିଛନ୍ତି ।ଏଥିପାଇଁ ସୃଷ୍ଟି ସ୍ନେହାଶ୍ରୀ ନିଜର ନୃତ୍ୟ ଗୁରୁ ଟୁବୁଲା କୁମାର ଓ ନୃତ୍ୟାଭିନୟ ଫାଉଣ୍ଡେସନ ଯୋଗୁଁ ଏକ ଆନ୍ତର୍ଜାତୀୟ ଓଡିଶୀ ନୃତ୍ୟ ଉତ୍ସବରେ ନୃତ୍ୟ ପରିବେଷଣ କରିବାର ସୁଯୋଗ ପାଇ ଦର୍ଶକ ମାନଙ୍କ ମନକୁ ମୋ ନୃତ୍ୟ ଛୁଇଁ ପାରିଥିବାରୁ ମୁଁ ବିଶେଷ ଆନନ୍ଦିତ ବୋଲି କୋଣାର୍କର କୁନି ଓଡିଶୀ ନୃତ୍ୟ ଶିଳ୍ପୀ ସୃଷ୍ଟି ସ୍ନେହାଶ୍ରୀ ମତବ୍ୟକ୍ତ କରିଛନ୍ତି।

# ୧୧୫ ଗ୍ରାମ ବ୍ରାଉନ୍‌ସୁଗାର ଜବତ ୩ କୋର୍ଟ ଚାଲାଣ



କେନ୍ଦ୍ରାପଡ଼ା,(ପିପିଏସ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବ୍ରାଉନ ସୁଗାର ବିରୋଧରେ ବିଶେଷ ଚଢ଼ାଉ କରାଯାଇଥିଲା। ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚଢ଼ାଉ ସଫଳ ହୋଇଥିଲା। ଏହି କାର୍ଯ୍ୟରେ କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ ବଳଗଣ୍ଡି ବଜାର ଅଞ୍ଚଳରୁ ନିଖିଳ ଗୋଛାୟତଙ୍କ ନିକଟରୁ ୩୫ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଥିଲା। ସେହିପରି ପଟ୍ଟାମୁଣ୍ଡାଇ ଟାଉନ ଥାନା ଅନ୍ତର୍ଗତ ପୋଖରୀପଡା ଓ ଦକ୍ଷିଣଡିଆ ସାହି ଅଞ୍ଚଳରୁ ରଞ୍ଜନ ବେହେରା ଓ ଆଶିଷ କୁମାର ପାତ୍ରଙ୍କୁ ଗିରଫ କରାଯାଇ ଏମାନଙ୍କ ପାଖରୁ ୮୦ ଗ୍ରାମ ବ୍ରାଉନ ସୁଗାର ସହ ଏକ ସ୍କୁଟି ଜବତ କରାଯାଇଥିଲା ।ମୋଟ ୩ ଜଣଙ୍କ ପାଖରୁ ସମୁଦାୟ ୧୧୫ ଗ୍ରାମ ବ୍ରାଉନ ସୁଗାର ଜବତ ହୋଇଥିବା ବେଳେ ଏହାର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ଏଗାର ଲକ୍ଷ ପନ୍ଦର ହଜାର ଟଙ୍କା ହେବ। ଗିରଫ ହୋଇଥିବା ତିନିଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ।ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ଛାୟାକାନ୍ତ ନାୟକ ସହ ଅନ୍ୟାନ୍ୟ କର୍ମଚାରୀମାନେ ସକ୍ରିୟ ଭାବେ ସାମିଲ ଥିଲେ ।ବ୍ରାଉନ ସୁଗାର ରାକେଟକୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଥିବା ସହ ଆଗାମୀ ଦିନରେ ଏପରି ଧରପକଡ଼ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ଶ୍ରୀ ମଣ୍ଡଳ ଜଣାଇଛନ୍ତି।

# ବ୍ରହ୍ମପୁରରେ ବନ୍ଧ୍ୟାକରଣ ଅଭିଯାନ ଆଗୁଆ

## ୧୦୪ ଦିନରେ ୩୨% ଲକ୍ଷ୍ୟ ସାଧନ



ବ୍ରହ୍ମପୁର, (ପିପିଏସ୍): ବ୍ରହ୍ମପୁର ସହରରେ ବୁଲା କୁକୁରଙ୍କ ବଂଶବୃଦ୍ଧି ନିୟନ୍ତ୍ରଣ ସହ ସାଧାରଣ ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ପକ୍ଷରୁ ଚାଲିଥିବା ବନ୍ଧ୍ୟାକରଣ ଅଭିଯାନ ଉଲ୍ଲେଖନୀୟ ସଫଳତା ଦିଗରେ ଅଗ୍ରସର ହେଉଛି। ମେୟର ସଂଘମିତ୍ରା ଦଳେଇଙ୍କ ନିର୍ଦ୍ଦେଶନା ଓ ନିରୀକ୍ଷଣରେ ଗତ ଜାନୁଆରୀ ୧୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନ, କେବଳ ୧୦୪ ଦିନରେ ଚମତ୍କାର ପ୍ରଗତି ସାଧନ କରିଛି।

ଏପ୍ରିଲ ଶେଷ ସୁଦ୍ଧା ସହରରେ ମୋଟ ୧୬୯୪ଟି ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ ସହ ଟିକାକରଣ କରାଯାଇଥିବା ବେଳେ, ଜାନୁଆରୀରେ ୨୬୭ଟି, ଫେବୃଆରୀରେ ୪୭୦ଟି, ମାର୍ଚ୍ଚରେ ୫୧୪ଟି ଓ ଏପ୍ରିଲରେ ୪୪୩ଟି କୁକୁରଙ୍କ ଅସ୍ତ୍ରୋପଚାର ସଫଳତାର ସହିତ ସମ୍ପନ୍ନ ହୋଇଛି। ଏଥିରେ ୯୬୯ଟି ପୁରୁଷ ଓ ୭୨୫ଟି ମହିଳା କୁକୁର ଥିବା ତଥ୍ୟ ପ୍ରକାଶ ପାଇଛି।

ବନ୍ଧ୍ୟାକରଣ ପରେ ପ୍ରତ୍ୟେକ କୁକୁରଙ୍କୁ ୩ରୁ ୪ ଦିନ ପର୍ଯ୍ୟନ୍ତ ସତର୍କ ନିରୀକ୍ଷଣରେ ରଖି ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ସହ, ପରେ ସେମାନଙ୍କୁ ସେମାନଙ୍କ ଆଦି ଅଞ୍ଚଳକୁ ପୁନଃ ଛାଡ଼ାଯାଇଛି, ଯାହା ପ୍ରାଣୀ କଲ୍ୟାଣ ନୀତିର ସଠିକ୍ ପାଳନକୁ ପ୍ରକାଶ କରେ।

ଅଭିଯାନ ପୂର୍ବରୁ ହୋଇଥିବା ସର୍ଭେ ଅନୁସାରେ ସହରରେ ପ୍ରାୟ ୫,୩୦୦ରୁ ଅଧିକ ବୁଲା କୁକୁର ରହିଥିବା ଆନୁମାନ ଥିଲା। ସେମାନଙ୍କ ସମ୍ପୂର୍ଣ୍ଣ ବନ୍ଧ୍ୟାକରଣ ପାଇଁ ଏକ ବର୍ଷର ସମୟସୀମା ଧାର୍ଯ୍ୟ ହୋଇଥିବା ବେଳେ, କେବଳ ଚାରି ମାସ ଭିତରେ ପ୍ରାୟ ୩୨ ପ୍ରତିଶତ କାମ ସମ୍ପନ୍ନ ହେବା ଅଭିଯାନର କାର୍ଯ୍ୟକୁଶଳତାକୁ ସ୍ପଷ୍ଟ କରୁଛି। ଏହି ଗତି ଅବ୍ୟାହତ ରହିଲେ ନିର୍ଦ୍ଧାରିତ ସମୟରେ ଲକ୍ଷ୍ୟ ସାଧନ ସମ୍ଭବ ବୋଲି ସମ୍ପର୍କିତ ଅଧିକାରୀମାନେ ଆଶାବାଦୀ।

ଏପର୍ଯ୍ୟନ୍ତ ଗର୍ଭବତୀ, ଅସୁସ୍ଥ କିମ୍ବା ନବଜାତ ଛୁଆ ସହିତ ଥିବା କୁକୁରମାନଙ୍କୁ ଏହି ପ୍ରକ୍ରିୟାରୁ ବାଦ ଦିଆଯାଇଥିବାରୁ, ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କୁ ଅଭିଯାନରେ ସମ୍ମିଳିତ କରାଯିବାର ଯୋଜନା ରହିଛି।

ଏହି ଅଭିଯାନକୁ ସଫଳ କରିବା ପାଇଁ ସହରବାସୀଙ୍କ ସଚେତନ ସହଯୋଗ ଅତ୍ୟାବଶ୍ୟକ ବୋଲି ବିଇଏମ୍‌ସି କମିଶନର ସୁଶ୍ରୀ ଏସ୍. ଶସ୍ୟ ରେଡ୍ଡୀ ଆହ୍ୱାନ କରିଛନ୍ତି। ସମଗ୍ର ପ୍ରକ୍ରିୟା ସମାପ୍ତି ପରେ ପୁନଃ ସର୍ଭେ କରାଯାଇ ଆଗାମୀ ପଦକ୍ଷେପ ନିର୍ଦ୍ଧାରଣ କରାଯିବ।

ଯାଞ୍ଚ ସମୟରେ କମିଟିର ଅଧ୍ୟକ୍ଷ ଓ ମୁଖ୍ୟ ଜିଲ୍ଲା ପ୍ରାଣୀସମ୍ପଦ ଚିକିତ୍ସାଧିକାରୀ ଡ଼. ଅଞ୍ଜନ ଦାସଙ୍କ ସହ ଡ଼. ଅରବିନ୍ଦ ବେହେରା, ଡ଼. ସତ୍ୟନାରାୟଣ କର, ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, ଆସିଷ୍ଟାଣ୍ଟ କମିଶନର ବିଭୂ ପ୍ରସାଦ ମହାପାତ୍ର, ରାଜ୍ୟ ପଶୁ କଲ୍ୟାଣ ବୋର୍ଡର ପ୍ରତିନିଧି ଲଲାଟେନ୍ଦୁ ଚୌଧୁରୀ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ପରେ ଉକ୍ତ ଅଙ୍ଗଗୁଡ଼ିକୁ ନିୟମାନୁସାରେ ପୋତା ଯାଇଥିବା ଜଣାପଡ଼ିଛି।

# ୧ କୋଟି ଟଙ୍କା ଠକେଇ : କେନ୍ଦ୍ରୀୟ ସମବାୟ ବ୍ୟାଙ୍କ କର୍ମଚାରୀ ଗିରଫ

ଜୟପୁର: ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ହେରଫେର ଅଭିଯୋଗରେ ଜୟପୁର ଭିଜିଲାନ୍ସ କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ମାଲକାନଗିରି ଶାଖା ପରିଚାଳକ ସୁଧାଂଶୁ ଖରାକୁ ଗିରଫ କରି କୋର୍ଟଚାଲାଣ କରିଛି । ଏନେଇ ଜୟପୁର ଭିଜିଲାନ୍ସ କାଯ୍ୟାଳୟରେ ଏସ୍‌ପି ରବିନ୍ଦ୍ର କୁମାର ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଭିଜିଲାନ୍ସ ବିଭାଗ ସୁଚନା ଅନୁଯାଇ ମାଲକାନଗିରି ଜିଲ୍ଲାର ୫ଟି ଲ୍ୟାମ୍ପ୍ ପ୍ରାଥମିକ ସମବାୟ ସୋସାଇଟିର ଚାଷୀମାନେ ନେଇଥିବା ୧ କୋଟି ୮ଲକ୍ଷ ୭୫ହଜାର ଟଙ୍କା କୃଷିରଣ ଟଙ୍କା ଫେରାଇଥିଲେ । କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ମାଲକାନଗିରି ଶାଖା ପରିଚାଳକ ସୁଧାଂଶୁ ଖରା ଶାଖାରେ ଜମା ନକରି ଆତ୍ମସାତ କରିଥିଲେ । ଏହି ଟଙ୍କା କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ୍ ଶାଖାରେ ଜମା କରିବା ପାଇଁ ଆସିଥିଲା । ଏହି ଟଙ୍କାକୁ ସେ ହଡ଼ପ କରିଥିଲେ । ଏନେଇ ଭିଜିଲାନ୍ସ ବିଭାଗ କୋରାପୁଟ ଭିଜିଲାନ୍ସ ପୁଲିସ ଥାନା ନଂ ୪ ଓ୫ରେ ଦୁର୍ନୀତି ନିବାରଣ ଆଇନର ଧାରା ୧୩(୨), ୧୩(୧) ବିଏନ୍‌ଏସ୍ର ଧାରା ୩୧୬(୫), ୩୪୪ରେ ଦୁଇଟି ମାମଲା ରୁଜୁ କରିଛି । ଚାଷୀମାନେ ନେଇଥିବା ୧ କୋଟି ୮ଲକ୍ଷ ୭୫ହଜାର ଟଙ୍କା କୃଷିରଣ ଟଙ୍କା ହଡପ କରିଥିବା ଅଭିଯୋଗରେ ଶାଖା ପରିଚାଳକଙ୍କୁ ଗତ ଏପ୍ରିଲ ମାସରେ ବ୍ୟାଙ୍କ କର୍ତ୍ତୃପକ୍ଷ ନିଲମ୍ବିତ କରିଥିଲେ । ଏନେଇ ବିଭାଗ ତରଫରୁ ମଧ୍ୟ ମାଲକାନଗିରି ଥାନାରେ ଅଭିଯୋଗ କରାଯାଇଥିଲା । ପଟେରୁ ଓ ମାଲକାନଗିରି ଲ୍ୟାମ୍ପରେ ହିତାଧିକାରୀମାନେ ରଣ ଖାତା ଓ ଜମା ଖାତା ରେ ଟଙ୍କା ଜମା କରି ଆସୁଥିଲେ । ଉକ୍ତ ଟଙ୍କା କୋରାପୁଟ କେନ୍ଦ୍ର ସମବାୟର ମୁଖ୍ୟ ଶାଖାରେ ଜମା ନକରି ଶାଖା ପରିଚାଳକ ଆତ୍ମସାତ କରୁଥିଲେ । ଶାଖା ପରିଚାଳକ ରସିଦ ଦେଉଥିଲେ ବି ବ୍ୟାଙ୍କ ଖାତାରେ ଜମା କରୁ ନଥିଲେ । ମାର୍ଚ୍ଚ ମାସରେ ହୋଇ ଥିବା ଅଡିଟ ବେଳେ ବ୍ୟାଙ୍କ ହିସାବ ସହ ଲ୍ୟାମ୍ପସ ହିସାବ ମେଳ ନଖାଇବାରୁ ଏହା ଆତ୍ମସାତ ହୋଇଥିବା ଜଣା ପଡିଥିଲା। ଡିଆରସିଏସ ପକ୍ଷରୁ ଏହି ଘଟଣାର ଉଚ୍ଚ ସ୍ତରିୟ ତଦନ୍ତ କରାଯାଇଥିଲା । ଏନେଇ ଭିଜିଲାନ୍ସ ମଧ ତଦନ୍ତ ଆରମ୍ଭ କରିଥିଲା । ଶାଖା ପରିଚାଳକ ଗତ ଫେବୃଆରି ଓ ମାର୍ଚ୍ଚ ୨୦୨୬ ୨ ମାସ ପ୍ରାୟ ୩୦ ଦିନ ଭିତରେ ୧ କୋଟି ୮ ଲକ୍ଷ ୭୫ ହଜାର ଟଙ୍କା ଆତ୍ମସାତ କରିଥିବା ଜାଣି ଭିଜାଲାନ୍ସ ବିଭାଗ ଜାଣି ୨ ଟି ମାମଲା ରୁଜୁ କରି ଥିବା ଏସପି ପଣ୍ଡା ସୁଚନା ଦେଇଛନ୍ତି । ତଦନ୍ତ ରେ ଆତ୍ମସାତ କରିଥିବା ଜାଣିବାକୁ ପାଇଥିଲେ । ଏନେଇ ଚାଷି ଓ ଜମା କାରି ଓ ଲ୍ୟାମ୍ପ ମାନେ ଜାଣି ମୁଖ୍ୟ କାଯ୍ୟାଳୟରେ ଅଭିଯୋଗ ମଧ କରିଥିଲେ ।

# ଦେଶୀ ବନ୍ଧୁକ କାରଖାନା ଠାବ: ଜଣେ ଗିରଫ

କନ୍ଧମାଳ : କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ଆନ୍ତର୍ଗତ ଲାବନ୍ୟନଗର ଗ୍ରାମରେ ଏକ ଚୋରା ଦେଶୀ ବନ୍ଧୁକ କାରଖାନା ଠାବ କରିବାରେ ସଫଳ ହେବା ସହ ଜଣକୁ ଗିରଫ କରିଛି ତୁମୁଡିବନ୍ଧ ପୁଲିସ । ତେବେ ଏହି ଦେଶୀ ଚୋରା ବନ୍ଧୁକ କେଉଁଠାରେ ତିଆରି ହେଉଥିଲା ଏବଂ କେବଳ ଶିକାରୀମାନଙ୍କ ପାଖରେ ପହଞ୍ଚୁଥିଲା ନା ଅନ୍ୟ କେଉଁଆଡେ ଯୋଗାଇ ଦିଆଯାଉଥିଲା ତାହାର ଟେର୍ ପାଇବା ପୁଲିସ ପାଇଁ ଏକ ପ୍ରକାର ଚାଲେଞ୍ଜ ପାଲଟିଥିଲା । ଗତ ଏପ୍ରିଲ ୨୯ ତାରିଖରେ ତୁମୁଡିବନ୍ଧ ବନ ଅଧିକାରୀଙ୍କ ଦାରା ସିର୍ଲା ପଞ୍ଚାୟତର ପିଡାମାହା ଠାରେ ୪ ଜଣ ଦେଶୀ ବନ୍ଧୁକ ଧରି ଶିକାର କରିବା ପାଇଁ ଉଦ୍ୟମବେଳେ ଗିରଫ କରାଯାଇଥିଲା । ଗତ ଶନିବାର ଦିନ ବେଲଘର ଥାନା ଅନ୍ତର୍ଗତ ସାପାରି ଗ୍ରାମର ତିନିଜଣ ଶିକାରୀ



ଶିକାର କରିବାକୁ ଯାଇ ଶିକାରୀଙ୍କ ଗୁଳିରେ ଜଣେ ଶିକାରୀ ଶିକାର ହୋଇ ମୃତ୍ୟୁ ହୋଇଥିବାବେଳେ ଦୁଇ ଶିକାରୀ ଏବଂ ୩ ବନ୍ଧୁକ ଜବତ କରିଛି ବେଲଘର ପୁଲିସ । ଖବର ପ୍ରସାରଣ ପରେ ସୋମବାର ପୁଲିସ ପାଟ୍ରୋଲିଂକୁ କଡାକଡି କରି ତୁମୁଡିବନ୍ଧ ଥାନା ଅନ୍ତର୍ଗତ ମୁଣ୍ଡିଗଡ଼ ପଞ୍ଚାୟତର ଲଦର ଗାଁ ନିକଟସ୍ଥ ଜଙ୍ଗଲରେ କିଛି ଚୋରା ଦେଶୀ ବନ୍ଧୁକ ଗଛତଳେ ପୋତାଯାଇଥିବା କୌଣସି ସୂତ୍ରରୁ ଖବରପାଇ ମାଟି ତଳୁ ୭ଗୋଟି ଚୋରା ବନ୍ଧୁକ ଜବତ କରିଛି ତୁମୁଡିବନ୍ଧ ପୁଲିସ୍ । ତେବେ ଗତ ମଙ୍ଗଳବାର ତୁମୁଡିବନ୍ଧ ପୁଲିସ ଥାନାଠାରୁ ମାତ୍ର ୩ କି.ମି ଦୂରରେ ଥିବା ଲବନ୍ୟ ନଗର ଗ୍ରାମର ଦୈତାରୀ ବିନ୍ଧାଣୀଙ୍କ ନିଜ ବାସଭବନରୁ ତିନୋଟି ଦେଶୀ ବନ୍ଧୁକ, ବନ୍ଧୁକ ପ୍ରସ୍ତୁତ ପାଇଁ ଦୁଇଗୋଟି କାଠ ଫ୍ରେମ, ଗୋଟିଏ ବ୍ଲର, ଦୁଇଟି ଚିମୁଟା, ଗୋଟିଏ ଡ୍ରିଲ ମେସିନ, ଦୁଇଟି ହାତୁଡି, ବିଦ୍ୟୁତ ଚଳିତ ଏକ ଲୁହା କଟର ଏହିପରି ୨୧ ଗୋଟି ଦେଶୀ ବନ୍ଧୁକ ତିଆରି ଯନ୍ତ୍ର ସହ କିଛି ସାମଗ୍ରୀ ଜବତ କରାଯାଇଛ । ଏହି ବାବଦରେ ତୁମୁଡିବନ୍ଧ ଥାନାରେ ୬୨/୨୦୨୬ ଏକ ମାମଲା ରୁଜୁକରି ଅଭିଯୁକ୍ତ ଦୈଆରୀ ବିନ୍ଧାଣିଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏନେଇ ତୁମୁଡିବନ୍ଧ ଥାନା ଅଧିକାରୀ ଶୁଭ୍ରଜିତ ସାମନ୍ତରାୟ ସୂଚନା ଦେଇଛନ୍ତି ।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ନୂଆପଡା: ନୂଆପଡା ଜିଲ୍ଲା ସଦର ମହକୁମା ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଜିଲ୍ଲାପାଳଙ୍କ ସହ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆମ୍ରିତପାଲ ସିଂ, ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ), ସମୀର କୁମାର ସାହୁ, ବନଖଣ୍ଡ ଅଧିକାରୀ, (କେନ୍ଦୁପତ୍ର) ଏ ମାଧବୀଲତା, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ଦ୍ୱାରିକାନାଥ ଶତପଥୀ, ନୂଆପଡ଼ା ପଂଚାୟତ ସମିତି ଅଧକ୍ଷା ତାରେଶ୍ୱରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଶିବିରରେ ୬୭ଗୋଟି ବ୍ୟକ୍ତିଗତ ଓ ୧୪ଟି ଗୋଷ୍ଠୀଗତ ଏଭଳି ମୋଟ୍ ୮୩ ଗୋଟି ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ । ଏହି ସବୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଜିଲ୍ଲାପାଳ ଜଣେ ବ୍ୟକ୍ତିଙ୍କୁ ୧୦

## ୮୩ ଅଭିଯୋଗ

ହଜାର ଟଙ୍କା ତତ୍କାଳିନ ସହାୟତା ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ପ୍ରଦାନ କରିଥିଲେ । ସେହିପରି, ଆଉ ଜଣେ ଅସହାୟ ବ୍ୟକ୍ତିଙ୍କୁ ରେଡ୍ କ୍ରସ ପାଣ୍ଠିରୁ ତତ୍କାଳୀନ ସହାୟତା ପ୍ରଦାନ କରାଯାଇଥିଲା । ଡେପୁଟୀ ଜିଲ୍ଲାପାଳ ଚିନ୍ମୟ ସାଗର ଶିବିର ପରିଚାଳନାରେ ସହଯୋଗ କରିଥିଲେ । ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଓ ବିଭିନ୍ନ ଗଣମାଧମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଏକ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା । ଅପରାହ୍ନରେ ଭାନପୁର ଗ୍ରାମ ପଂଚାୟତର ମସାନକୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ପରିବର୍ଦ୍ଧିତ ଜନଶୁଣାଣୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ଗ୍ରାମ ପଂଚାୟତ ସ୍ତରୀୟ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ, ପ୍ରାଣୀ ପାଇଁ ଦିନଟିଏ ଇତ୍ୟାଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ହାଣ୍ଡିଭଙ୍ଗା ସ୍ୱାଗତ ତୋରଣ କାର୍ଯ୍ୟରେ ଅନିୟମିତତା

ଚମ୍ପୁଆ: ଚମ୍ପୁଆ ଉପଖଣ୍ଡସ୍ଥ ହାଣ୍ଡି ଭଙ୍ଗା ସ୍ୱାଗତ ତୋରଣ କାର୍ଯ୍ୟ ବିନା ସୂଚନା ଫଳକରେ ନିର୍ମାଣ କରାଯାଉଥିବା ବେଳେ ଏହା ଅତି ନିମ୍ନମାନର ହେଉଥିବା ସ୍ଥାନୀୟ ଲୋକଙ୍କ ପକ୍ଷରୁ ଅଭିଯୋଗ ହେଉଛି । ଖବର ଅନୁସାରେ, କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ବ୍ଲକ ବଡ଼ କାଳିମାଟି ପଂଚାୟତର ହାଣ୍ଡି ଭଙ୍ଗା ଜଳ ପ୍ରପାତକୁ ଯିବା ପୂର୍ବରୁ ସ୍ୱାଗତ ତୋରଣ ନିର୍ମାଣ କାର୍ଯ୍ୟ ଚାଲିଛି । ତେବେ ଏହି କାର୍ଯ୍ୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଚମ୍ପୁଆ (ଆଇଟିଡିଏ) ପକ୍ଷରୁ କରାଯାଉଥିବା କୁହାଯାଉଥିବା ବେଳେ କାର୍ଯ୍ୟ ସମ୍ପର୍କିତ କୌଣସି ସୂଚନା ଫଳକ ଲଗାଯାଇ ନ ଥିବାରୁ ଏହି କାର୍ଯ୍ୟ କେଉଁ ବିଭାଗ ପକ୍ଷରୁ କେତେ ଅନୁଦାନରେ କରାଯାଉଛି ତାର ସଠିକ୍ ତଥ୍ୟ ଜଣା ପଡୁନାହିଁ । ସରକାରୀ ନିୟମ ଅନୁଯାୟୀ ଯେ କୌଣସି ପ୍ରକଳ୍ପ ହେଉନା କାହିଁକି ପ୍ରଥମେ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ ହୋଇଥିବା ବେଳେ ଏଠାରେ ଠିକାଦାର ସମସ୍ତଙ୍କୁ ଅନ୍ଧାରରେ ରଖି ବିଭାଗୀୟ ଅଧିକାରୀଙ୍କ ସହ ଭିତିରି ବୁଝାମଣାରେ ସରକାରୀ ନିୟମକୁ ଖୋଲାଖୋଲି ଉଲଂଘନ କରି ପକେଟ ଗରମ କରୁଥିବା କୁହାଯାଉଛି । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଉକ୍ତ ତୋରଣର ଢ଼ଳେଇ କାର୍ଯ୍ୟ ସମୟରେ ବିଭାଗୀୟ କୌଣସି ଅଧିକାରୀ କିମ୍ବା ଯନ୍ତ୍ରୀ କାର୍ଯ୍ୟ ତଦାରଖ କରିବାକୁ ଯାଉ ନ ଥିବାରୁ ଏଠାରେ ଅତି ନିମ୍ନମାନର କାର୍ଯ୍ୟ କରାଯାଉଛି । ପିଲର ଗୁଡିକ ଖାଲି ବାଲି ସଲବଲ ଦେଖା ଯାଉଥିବା ବେଳେ ସେଂଟ୍ରିଙ୍ଗ ଖୋଲିବା ପରେ ସିମେଂଟ ମାରି ଚିକ୍କଣ କରି ନିମ୍ନମାନର କାର୍ଯ୍ୟକୁ ଘଂଟ ଘୋଡାଇବା ପାଇଁ ଚେଷ୍ଟା କରାଯାଉଛି । ପିଲର ଗୁଡିକରେ ଆବଶ୍ୟକ ଅନୁଯାୟୀ ପାଣି ମଧ୍ୟ ଦିଆ ଯାଉ ନଥିବା ଅଭିଯୋଗ ହେଉଛି । ତଥାପି ଏଠାରେ ନା ଆଇଟିଡିଏ ପକ୍ଷରୁ କୌଣସି ଅଧିକାରୀ ଆସୁଛନ୍ତି ନା ଯୋଡ଼ା ବ୍ଲକ ପ୍ରଶାସନଙ୍କ ଦୃଷ୍ଟି ପଡୁଛି । ଏହି କାର୍ଯ୍ୟ ପ୍ରତି ସମସ୍ତେ ନିରବଦ୍ରଷ୍ଟା ସାଜି ଥିବାରୁ ଠିକାଦାର ନିମ୍ନମାନର କାମ କରି ମାଲେମାଲ ହେଉଛନ୍ତି । ଅନ୍ୟପକ୍ଷରେ ହାଣ୍ଡି ଭଙ୍ଗା ଜଳପ୍ରପାତ ସାରା ଓଡିଶାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ତା'ର ସ୍ୱାଗତ ତୋରଣ ନିର୍ମାଣ କାର୍ଯ୍ୟରେ ଏଭଳି ଅନିୟମିତତାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ତେଣୁ ଏଥିପ୍ରତି ଜିଲ୍ଲାପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଗାଡ଼ି ଦୁର୍ଘଟଣାରେ ୪ ଗୋରୁ ମୃତ

ନୂଆପଡ଼ା: ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ରଜନା ଗ୍ରାମ ବିଜୁ ଏକ୍ସପ୍ରେସ ୱେ ରେ ଆଜି ଗୋଟିଏ ଗୋରୁ ବୋଝେଇ ଗାଡ଼ି ଆଜି ଦୁର୍ଘଟଣାଗ୍ରସ୍ତ ହୋଇଥିବା ସୂଚନା ମିଳିଛି । ଏଥିରେ ୪ ଗୋଟି ଗୋରୁଙ୍କର ମୃତ୍ୟୁ ଘଟିଥିବା ବେଳେ ୨ ଗୋଟି ଗୋରୁ ଗୁରୁତର ଆହତ ହୋଇଛନ୍ତି । ପରେ କୋମନା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡା: ସାଗର ସାହୁ, ରଜନା ପ୍ରାଣୀଧନ ନିରୀକ୍ଷକ କିରଣ କୁମାର ପ୍ରଧାନ, ରଜନା ସରପଂଚ କ୍ଷୀରସିନ୍ଧୁ ଭୋଇ ଓ ଗ୍ରାମବାସୀ ଦୁର୍ଘଟଣା ସ୍ଥାନରେ ପହଂଚିଥିଲେ । ଦୁର୍ଘଟଣା ଗାଡିରୁ ୪ ଟି ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ୨ଟି ଗୋରୁ ଆଘାତପ୍ରାପ୍ତ ହୋଇଥିଲେ । ଆଘାତପ୍ରାପ୍ତ ଗୋରୁଙ୍କ ଚିକିତ୍ସା କରାଯାଇଥିବା ବେଳେ ମୃତ ୪ ଗୋରୁଙ୍କ ଶବ ବ୍ୟବଚ୍ଛେଦ କରାଯାଇଥିବା ସୂଚନା ମିଳିଛି । କୋମନା ପୋଲିସ ଗୋରୁ ବୋଝେଇ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଚଳାଇଥିବା ସୂଚନା ଦେଇଛନ୍ତି ।

# ରାଜ୍ୟ ସନ୍ତରଣ ପ୍ରତିଯୋଗିତା ବଲାଙ୍ଗୀରରୁ ୮ ଖେଳାଳି ମନୋନୀତ



ବଲାଙ୍ଗୀର(ପିପିଏସ୍) : ଚଳିତମାସର ଆସନ୍ତା ୧୬ ଓ ୧୭ ତାରିଖ ଦୁଇଦିନ ଧରି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଠାରେ ରାଜ୍ୟ ବରିଷ୍ଠ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏନେଇ ବଲାଙ୍ଗୀର ଜିଲ୍ଲା ସନ୍ତରଣ ସଂଘ ତରଫରୁ ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂ ଦେଓ ସନ୍ତରଣଗାରରେ ବରିଷ୍ଠ ଖେଳାଳିମାନଙ୍କର ଟାଇମିଂ ନିଆଯାଇଥିଲା । ଭଲ ଟାଇମିଂ ଦେଇ ପୂର୍ଣ୍ଣ ବିଶି, ଶ୍ରୀନିବାଶ ନାଏକ, ଦୟା ସାଗର କଠାର, ସମ୍ରାଟ ଗଡତିଆ, ସୋମନାଥ ପୁଟେଲ, ପ୍ରିୟାନସୁ ପ୍ରିତମ ପୁରୋହିତ, ସ୍ୱାଗତ ସେଠ, ଆୟୁଷ ରଞ୍ଜନ ଭୁକ୍ତା, ରାଜ୍ୟ ବରିଷ୍ଠ ସନ୍ତରଣ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ଏନେଇ କୋଚ ନରେଶ କୁମାର ପ୍ରଧାମ, ସୁରେଶ ପ୍ରଧାନ, ଶୈଳେନ୍ଦ୍ରି ବରର୍ତ୍ତୀ, ସୀମା ରାଉତ, ତରୁଣ ସେଠ, ଏବଂ ବଲାଙ୍ଗୀର ଜ଼ିଲ୍ଲା ସନ୍ତରଣ ସଂଘ ସମ୍ପାଦକ ତଥା ରାଜ୍ୟ ସନ୍ତରଣ ସଂଘ ଉପ ସଭାପତି ସୁମିତ ରଞ୍ଜନ ପୁରୋହିତ ଉପସ୍ଥିତ ଥିଲେ ।

# ବିଜୟ ଉତ୍ସବ

ବଲାଙ୍ଗିର(ପିପିଏସ): ପଶ୍ଚିମବଙ୍ଗ, ଆସାମ ଏବଂ ପୁଡୁଚେରୀରେ ଭାରତୀୟ ଜନତା ପାର୍ଟି(ବିଜେପି)ର ବୃହତ ବିଜୟକୁ ନେଇ ଲୋଇସିଂହା ନିର୍ବାଚନ ମଣ୍ଡଳୀରେ ବିଜୟ ଉତ୍ସବ ପାଳନ ହୋଇଛି । ଏହି ଅବସରରେ ସ୍ଥାନୀୟ ନେତୃବୃନ୍ଦ ଓ ଦଳୀୟ କାର୍ଯ୍ୟକର୍ତା ଉପସ୍ଥିତ ରହି ଅତ୍ୟନ୍ତ ଉତ୍ସାହର ସହ ଏହି ସଫଳତାକୁ ପାଳନ କରିବା ସହ ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରୀର ଜନସାଧାରଣ ଓ ବିଜେପି କାର୍ଯ୍ୟକର୍ତା ମାନଙ୍କୁ ସେମାନେ ଶୁଭେଚ୍ଛା ଜଣାଇଛନ୍ତି । ସମଗ୍ର ଦେଶ ମୋଦିଙ୍କ ନେତୃତ୍ୱକୁ ସମର୍ଥନ କରୁଥିବାରୁ ଦେଶ ଆଗେଇ ଥିବା କର୍ମକର୍ତା କହିଛନ୍ତି ।

# ବିଦ୍ୟୁତ କାଟ୍ ସମସ୍ୟା ନେଇ ଟାଟା ପାୱାର ଅଫିସ୍ ଘେରାଉ

ଜୟପୁର: କୋରାପୁଟ ଜିଲ୍ଲା ଜୟପୁର ଟାଟା ପାୱାର କାର୍ଯ୍ୟାଳୟରେ ସହରର ବିଦ୍ୟୁତ କାଟ୍ ସମସ୍ୟାକୁ ନେଇ ଅସନ୍ତୋଷ ଦେଖାଯାଇଛି । ଜୟପୁର ଚାମ୍ବର ଅଫ କମର୍ସ ଓ ଜୟପୁର ପୌର କାଉନସିଲରମାନେ ଟାଟା ପାୱାର ଜୟପୁର ସର୍କଲ ହେଡ୍ ଦୀପକ ସିଫ୍ୱଙ୍କୁ ସାକ୍ଷାତ କରି ଲଗାତାର ବିଦ୍ୟୁତ କାଟ ଯୋଗୁଁ ସହରବାସୀଙ୍କ ଦୈନନ୍ଦିନ ଜୀବନ ଓ ବ୍ୟବସାୟରେ ସୃଷ୍ଟି ହେଉଥିବା ଅସୁବିଧା ନେଇ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି । ଚାମ୍ବର ଅଫ କମର୍ସର ସମ୍ପାଦକ ବି.ସତୀଶ, ପୌର ଉପାଧକ୍ଷ ବି. ସୁନୀତାଙ୍କ ସମେତ ଚାମ୍ବର ଅଫ କମର୍ସର ଅନ୍ୟ ନିର୍ଦ୍ଦେଶକ ମାନେ ଅଭିଯୋଗ କରିଛନ୍ତି ଯେ, ଚଳିତ ଗ୍ରୀଷ୍ମ ପ୍ରବାହ ସମୟରେ ଦିନରେ ଘଂଟା ପ୍ରତି ବିଦ୍ୟୁଟ କାଟ୍ ହେଉଛି । ଏହା ଯୋଗୁଁ ଛୋଟ ବ୍ୟବସାୟ ଦୋକାନ ଏବଂ ଉଦ୍ୟୋଗଗୁଡିକ କ୍ଷତିଗ୍ରସ୍ତ ହେଉଛି । କାଉନସିଲରମାନେ ଅଭିଯୋଗ କରିଛନ୍ତି କି ଜଳ, ସ୍ୱାସ୍ଥ୍ୟସେବା ଉପରେ ମଧ ଏହାର ପ୍ରଭାବ ପଡୁଛି ।

ରାତି ସମୟରେ ମଧ୍ୟ ଅନିୟମିତ ବିଦ୍ୟୁତ ଯୋଗାଣ ଯୋଗୁଁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଟାଟା ପାୱାର ଜୟପୁର ସର୍କଲ ହେଡ୍ ଦୀପକ ସିଫ୍ୱ କହିଛନ୍ତି ଯେ, ବିଦ୍ୟୁତ ଚାହିଦା ଅତ୍ୟଧିକ ବୃଦ୍ଧି ପାଇବା ଏବଂ କିଛି ଯାନ୍ତ୍ରିକ ସମସ୍ୟା ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହେଉଛି । ଶିଘ୍ର ସମାଧାନ ପାଇଁ କାର୍ଯ୍ୟ ଚାଲିଛି ବୋଲି ପ୍ରତିଶୃତି ଦେଇଛନ୍ତି । ଏହି ସାକ୍ଷାତକାରରେ ଚାମ୍ବର ଅଫ କମର୍ସର ଉପସଭାପତି ଦିଲ୍ଲିପ ରେଡ୍ଡି, ଲୋକନାଥ ପାତ୍ର, ସତୀଶ ପାତ୍ର, କେ.ଈଶ୍ୱର ରାଓଙ୍କ ସମେତ କାଉନସିଲର ପାର୍ଥଶାରଥୀ ମଲ୍ଲିକଙ୍କ ସମେତ ଅନ୍ୟ କାଉନସିଲର ଉପସ୍ଥିତ ଥିଲେ । ସମସ୍ୟାର ଶିଘ୍ର ସମାଧାନ ନହେଲେ ଆଗାମୀ ଦିନରେ ଚାମ୍ବର ଅଫ କମର୍ସ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

# କୋଲାବିରାରେ ମସଜିଦ-ମଦ୍ରାସା ନିର୍ମାଣକୁ ବିରୋଧ

ଝାରସୁଗୁଡ଼ା: କୋଲାବିରା ବ୍ଲକରେ ପ୍ରସ୍ତାବିତ ମସଜିଦ ଓ ମଦ୍ରାସା ନିର୍ମାଣକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ରୂପ ନେଇଛି । ବିଭିନ୍ନ ଗ୍ରାମର ଶତାଧିକ ଲୋକ ଏକତ୍ରିତ ହୋଇ ସୋମବାର କୋଲାବିରା ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରି ପ୍ରକଳ୍ପକୁ ବନ୍ଦ କରିବାକୁ ଦାବି କରିଛନ୍ତି ।

ଦାବିପତ୍ରରେ ଉଲ୍ଲେଖ ଅନୁସାରେ, କୋଲାବିରା ଗ୍ରାମର ୧୦ ନମ୍ବର ୱାର୍ଡ ଅନ୍ତର୍ଗତ ଖାତା ନମ୍ବର ୪୮୦ ଓ ପ୍ଲଟ ନମ୍ବର ୬୩୯/୧୧୦୮ ରେ ମସଜିଦ ଓ ମଦ୍ରାସା ନିର୍ମାଣ ପ୍ରକ୍ରିୟା ଚାଲିଛି । ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି । ଗ୍ରାମବାସୀମାନେ କହିଛନ୍ତି ଯେ, ଉକ୍ତ ଅଂଚଳରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକ ସଂଖ୍ୟା ଅତ୍ୟନ୍ତ କମ୍ ଥିବାରୁ ଏପରି ପ୍ରତିଷ୍ଠାନର ଆବଶ୍ୟକତା ନାହିଁ । ତଦୁପରି,

## ତହସିଲଦାରଙ୍କୁ ଦାବିପତ୍ର

ଅଂଚଳରେ ଦୀର୍ଘଦିନ ଧରି ବିଭିନ୍ନ ଧର୍ମାବଲମ୍ବୀଙ୍କ ମଧ୍ୟରେ ସାମ୍ପ୍ରଦାୟିକ ସମ୍ମିଳନ ରହିଆସିଛି । ବାହାର ଅଂଚଳରୁ ଲୋକ ଆସି ଏଠାରେ ମସଜିଦ ନିର୍ମାଣ କଲେ ଭବିଷ୍ୟତରେ ଶାନ୍ତି ଭଙ୍ଗ ହେବାର ଆଶଙ୍କା ରହିଛି ବୋଲି ସେମାନେ ଦାବି କରିଛନ୍ତି । ଏହାସହିତ, ମଦ୍ରାସା ମାଧ୍ୟମରେ ସ୍ଥାନୀୟ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କୁ ପ୍ରଭାବିତ କରି ଧର୍ମାନ୍ତର କରାଯାଇପାରେ ବୋଲି ମଧ୍ୟ ଦାବିପତ୍ରରେ ଉଲ୍ଲେଖ ହୋଇଛି । ପ୍ରସ୍ତାବିତ ସ୍ଥାନ ନିକଟରେ ଜଗନ୍ନାଥ ମନ୍ଦିର, ହନୁମାନ ମନ୍ଦିର ଓ ସମଲେଶ୍ୱରୀ ମନ୍ଦିର ପରି ପ୍ରାଚୀନ ଧାର୍ମିକ ସ୍ଥଳ ଥିବାରୁ ଏଠାରେ ମସଜିଦ ନିର୍ମାଣ ହେଲେ ଧାର୍ମିକ ପରିବେଶ ପ୍ରଭାବିତ ହେବ ବୋଲି ଗ୍ରାମବାସୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି । ଦାବିପତ୍ର ପ୍ରଦାନ ସମୟରେ ଝିର୍ଲାପାଲି ସରପଂଚ ତିଲୋତମା ଛଂଚାଣ, ପରମାଣପୁର କସରପଂଚ ଜାହ୍ନବୀ ପ୍ରଧାନ, ବିନୋଦ ପଟେଲ, ଲତିକା ସାହୁ, ଗଜିନ୍ଦ୍ର କିଷାନ ଓ ଅନ୍ୟାନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ ।

# ଦେବୋତ୍ତର ବିଭାଗର ପରାମର୍ଶଦାତା କମିଟି ଗଠିତ

ଜୟପୁର: ଜୟପୁର ଦେବୋତ୍ତର ବିଭାଗର ପରାମର୍ଶଦାତା କମିଟି ଗଠିତ ହୋଇଛି । ପ୍ରଶାସନିକ ଅଧିକାରୀ କମିଟିର ସଭ୍ୟ ରହିଥିବା ବେଳେ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କୁ ଏଥିରେ ସାମିଲ କରାଯାଇଛି । ପରାମର୍ଶଦାତା କମିଟିରେ ଜୟପୁର ତହସିଲଦାର କାର୍ଯ୍ୟନିର୍ବାହୀ ଅଧିକାର ରହିଛନ୍ତି । ଏଥିସହ ଜୟପୁର ଉପଜିଲାପାଳ, ଜୟପୁର ବିଡ଼ିଓ, ଜୟପୁର ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ, ଟାଉନ ଥାନା ଅଧିକାରୀ ରହିଛନ୍ତି । ସେହିପରି ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଦେବେନ୍ଦ୍ର ବାହାନୀପତି, ସନ୍ଦିପ ସାମନ୍ତରାୟ, ପରେଶ ରଥ, ପିଭିଏସ ନାନାଜୀ ଆଚାରୀ, ତ୍ରିନାଥ ସିଂଲାଲ, ପି ରମେଶ ପାତ୍ର ଭବାନୀ ଆଚାର୍ଯ୍ୟ, ନିହାର ବିଶୋୟୀ, ସାଧୁ ଚରଣ ଚୌଧୁରୀ ଲାଲ ମୋହନ ମିଶ୍ର ନଟେନ୍ଦ୍ରନାଥ ନାୟକ ଧୀରେନ୍ଦ୍ର ରଥ ଏବଂ ଲିଙ୍ଗରାଜ ନିଶଙ୍କୁ ପରାମର୍ଶଦାତା କମିଟିର ସଦସ୍ୟ ଭାବେ ମନୋନୀତ କରାଯାଇଛି । ପୁର୍ଣାଙ୍ଗ କମିଟି ଗଠନ କରିବା ପରେ ଏଥିରେ ଦେବୋତର ବିଭାଗ କମିଶନର ମୋହର ମାରିଥିବା ଜଣାଯାଇଛି ।

# ବିଜେପି ଇନ୍ଦ୍ରାଦି ମଣ୍ଡଳ ପକ୍ଷରୁ ଜନଆକ୍ରୋଶ ପଦଯାତ୍ରା

ନୂଆପଡ଼ା: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତର ପବିତ୍ର ଗୃହ ସାଂସଦରେ ଗତ ମାସରେ ଆଗତ ହେଇଥିବା 'ନାରୀ ଶକ୍ତି ବନ୍ଦନ ଅଧିନିୟମ- ୨୦୨୩'କୁ କାର୍ଯ୍ୟକାରୀ କରିବା ପାଇଁ ଯେଉଁ ପଦକ୍ଷେପ ନେଇଥିଲେ ତାକୁ ବାଧକ ସାଜିଥିବା ଭାରତୀୟ ଜାତୀୟ କଂଗ୍ରେସ ଓ ବିଜେଡି, ସମାଜବାଦି ପାର୍ଟି, ଡିଏମକେ, ତୃଣମୂଳ କଂଗ୍ରସ ଭଳି ଇଣ୍ଡି ମେଂଟ ର ସଦସ୍ୟମାନେ ଷଡ଼ଯନ୍ତ୍ର କରି ପରାସ୍ତ କରିଥିଲେ । ଦେଶର ଜନସଂଖ୍ୟାର ଅଧା ଶତକଡା ୫୦ ଭାଗ ହେଉଛନ୍ତି ମହିଳା ତାଙ୍କର ହକ୍ ଏବଂ ଅଧିକାରକୁ କ୍ଷୁର୍ଣ୍ଣ କରି ନାରୀ ସମ୍ମାନକୁ କୁଠାରଘାତ କରିଥିବା ଏହି କୁଚକ୍ରି ଦଳମାନଙ୍କ ବିରୋଧରେ ଆଜି ଖଡିଆଳ ବିଧାନସଭା ମଣ୍ଡଳୀ ଅନ୍ତର୍ଗତ ଇନ୍ଦ୍ରାଦି ମଣ୍ଡଳର ଚନାବେଡା ଗ୍ରାମ ଠାରେ ଆଜି ମଣ୍ଡଳ ସ୍ତରୀୟ 'ଜନ ଆକ୍ରୋଶ ମହିଳା ପଦଯାତ୍ରା' ଅନୁଷ୍ଠିତ ହୋଇଥିଲା । ଏହି ଜନ ଆକ୍ରୋଶ ମହିଳା ପଦଯାତ୍ରାରେ ରାହୁଲ ଗାନ୍ଧୀ, ନବୀନ ପଟ୍ଟନାୟକ ଓ ଅଖିଳେଶ ଯାଦବ ଓ ମମତା ବାନାର୍ଜୀଙ୍କର କୁଶ ପୁତ୍ତଳିକା ଦାହ କରାଯାଇଥିଲା । ଉକ୍ତ ପଦଯାତ୍ରାରେ ପୂର୍ବତନ ଜିଲା ପରିଷଦ ଅଧକ୍ଷା ପୁଷ୍ପାଞ୍ଜଳୀ ପାଣ୍ଡେ, ନାରୀ ନେତ୍ରୀ ଜୟନ୍ତି ବେହେରା, ସୁଜାତା ଗୌଡ, ଗୋଲାପି ସୂର୍ଯ୍ୟବଂଶୀ, ଭୂମିଶୁତା ଦଳପତି, କାନ୍ତି ମାଝି, କ୍ଷଣପ୍ରଭା କୁମ୍ଭାର, କୌଶଲ୍ୟା ଭୋଇ , ସସ୍ମିତା ଭୋଇ , ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅଜିତ କିଶୋର ଚଲାନ, ଖିତିରାମ ବେହେରା, ଲବ ରଣା, ପ୍ରଦୀପ ନାୟକ, ଟୁନା ଦୁରିଆ, ଲିଲୁ ବେହେରା, ଭୋଳା ଷଡ଼ଙ୍ଗୀ, ପରମାନନ୍ଦ ଭୋଇ, ଉପେନ୍ଦ୍ର ମାଝି, ଚନ୍ଦ୍ରମଣି ନାଗ ପ୍ରମୁଖଙ୍କ ସମେତ ଶତଧିକ ମହିଳା ଏବଂ ମଣ୍ଡଳସ୍ତରୀୟ ପଦାଧିକାରୀ ନେତୃବୃନ୍ଦ ତଥା କାର୍ଯ୍ୟକର୍ତାଗଣ ଉପସ୍ଥିତ ଥିଲେ ।

# ନବନିର୍ମାଣ କୃଷକ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଓ ବୈଠକ

ନୂଆପଡ଼ା: ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଠାରେ ନବନିର୍ମାଣ କୃଷକ ରଥକୁ ଆଜି ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ନବନିର୍ମାଣ କୃଷକ ସଂଗଠନ ନୂଆପଡ଼ା ତରଫରୁ ସହରର ଆମ୍ବେଦକର ଛକ ଠାରେ ଜିଲ୍ଲା ସଂଯୋଜକ କେଶବ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟକର୍ତାଙ୍କ ସହିତ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ପ୍ରଥମେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏକ ଶୋଭାଯାତ୍ରା ବାହାରି ଖଡ଼ିଆଳ ଅଗ୍ରସେନ ଭବନ ଠାରେ ପହଂଚିଥିଲା । ପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ନବ ନିର୍ମାଣ କୃଷକ ସଂଗଠନ ରାଷ୍ଟ୍ରୀୟ ସଂଯୋଜକ ତଥା ରାଜ୍ୟ ସଭାପତି ଅକ୍ଷୟ କୁମାରଙ୍କ ନେତୃତ୍ୱରେ ସମଗ୍ର ଓଡ଼ିଶାର ସମସ୍ତ ଜିଲ୍ଲାରୁ କୃଷକ ମାନେ ଗତ ମାର୍ଚ୍ଚ ୨୨ ତାରିଖରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କେନ୍ଦୁଝର ଜିଲା ଘଟଗାଁ ତାରିଣୀ ପୀଠରୁ ପଦଯାତ୍ରା ଆରମ୍ଭ କରି ଭୁବନେଶ୍ୱରରେ ପର୍ଯ୍ୟନ୍ତ ପହଂଚି ଥିଲେ । ଏହି ପଦଯାତ୍ରାର ସମ୍ପୂର୍ଣ୍ଣ ୨୧ଟି ଦାବି ଓ ମୁଖ୍ୟତଃ ୩ଟି ଦାବି, ପ୍ରାଇସ୍, ପ୍ରେଷ୍ଟିଜ୍, ପେନସନ୍ କୁ ନେଇ ପଦଯାତ୍ରା ଆରମ୍ଭ ହୋଇଥିଲା । କିନ୍ତୁ ସରକାର ମାର୍ଚ୍ଚ ୩୦ ତାରିଖ ଦିନ ୫ ହଜାର ପୋଲିସ କର୍ମଚାରୀଙ୍କୁ ଲଗାଇ ପଦଯାତ୍ରା କରୁଥିବା ୭୦୦ ଜଣ ଚାଷୀ ଓ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ସମେତ ୧୨ ଜଣ ଚାଷୀ ନେତା ମାନଙ୍କୁ ଗିରଫ କରି ୧୫ ଦିନ ଜେଲରେ ଭରିଦେଲେ । ଓଡ଼ିଶା ପ୍ରଦେଶ ଗଠନର ସୁତ୍ରଧର ମଧୁସୂଦନ ଦାସଙ୍କ ଜୟନ୍ତୀ ଅପ୍ରେଲ ୨୮ ତାରିଖରୁ ଏକ କୃଷକ ରଥ ବାହାରି ସମସ୍ତ ଜିଲ୍ଲା ମାନଙ୍କୁ ପହଂଚି, ଜିଲ୍ଲା କମିଟି ମାନଙ୍କ ଉପସ୍ଥିତିରେ ଚାଷୀ ମାନଙ୍କ ସହିତ ମିଶି ଆଲୋଚନା କରି ମଇ ୧୪ ତାରିଖ ସୁଦ୍ଧା ଭୁବନେଶ୍ୱରରେ ପହଂଚିବ ବୋଲି ସୂଚନା ମିଳିଛି । ଆଜିର ଏହି କାର୍ଯ୍ୟକ୍ରମରେ ଚୈତନ୍ୟ ତାଣ୍ଡି, ଶ୍ରିନିବାସ ବେହେରା, ଗଦାଧର ବେହେରା, ଟିକଚନ ଆଡବଙ୍ଗ ଏବଂ ଅନେକ ଚାଷୀ ଉପସ୍ଥିତ ଥିଲେ ।

# ଅଶୋକ ରାଜ୍ୟ ବିଜେଡ଼ିର ସମ୍ପାଦକ ଭାବେ ନିଯୁକ୍ତ

ବୌଦ୍ଧ(ପିପିଏସ୍) : ରାଜ୍ୟ ବିଜେଡି କାର୍ଯ୍ୟାଳୟ ଶଙ୍ଖଭବନ ପକ୍ଷରୁ ପ୍ରାପ୍ତ ସୂଚନା ଅନୁଯାୟୀ ବୌଦ୍ଧ ଜିଲ୍ଲାର



ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅଶୋକ କୁମାର ସାହୁ ରାଜ୍ୟ ବିଜେଡ଼ିର ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି । ଗତ ମଙ୍ଗଳବାର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଉକ୍ତ ନିଯୁକ୍ତିପତ୍ର ପ୍ରଦାନ କରିଥିବା ବେଳେ ଶ୍ରୀ ସାହୁଙ୍କୁ ଦଳୀୟ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

# କଳାହାଣ୍ଡି ଜିଲ୍ଲାରେ ଏ-୧ ଗ୍ରେଡ୍‌ରେ ୧୧୮ ଜଣ କୃତକାର୍ଯ୍ୟ

ଭବାନୀପାଟଣା :ମାଟ୍ରିକ ପରୀକ୍ଷାରେ ଅଧିକ ସଂଖ୍ୟକ ଏ-ୱାନ ଗ୍ରେଡ୍ ହାସଲ ନିମନ୍ତେ କଳାହାଣ୍ଡି ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଗତବର୍ଷ ଏକ ଅଭିନଭ କାର୍ଯ୍ୟକ୍ରମ 'ପ୍ରକାଶ' ଆରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ରେକର୍ଡ ସଂଖ୍ୟାରେ ଏ-୧ ଗ୍ରେଡ ରଖି ଜିଲା ପାଇଁ ଗୌରବ ଆଣିଛନ୍ତି । ସୂଚନାଯୋଗ୍ୟ ଯେ, ଏହି କାର୍ଯ୍ୟକ୍ରମ ପାଇଁ ଗତ ଜୁଲାଇରେ ସମସ୍ତ ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ନେଇ ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା । ପ୍ରଥମେ ଜିଲାର ୧୩ ବ୍ଲକର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଏକ ପରୀକ୍ଷା ଆୟୋଜିତ ହୋଇଥିଲା । ଏଥିରେ ଚିହ୍ନଟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ପ୍ରଧାନଶିକ୍ଷକଙ୍କ ଦ୍ୱାରା ବ୍ଲକ ସ୍ତରରେ ଦୁଇଦିନିଆ ସ୍ୱତନ୍ତ୍ର ମାର୍ଗଦର୍ଶନ ଶିବିର ଆୟୋଜନ କରାଯାଇଥିଲା । ଜିଲା ସ୍ତରରେ ୨ଟି ପର୍ଯ୍ୟାୟରେ ୪ ଦିନିଆ ସ୍ୱତନ୍ତ୍ର ଆବାସିକ ମାର୍ଗଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୧୨୭ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ । ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଙ୍କ ନେତୃତ୍ୱରେ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୩୬ ଜଣ ଜିଲା ସାଧନ ଶିକ୍ଷକ-ଶିକ୍ଷୟିତ୍ରୀ ଛାତ୍ରୀଛାତ୍ରଙ୍କୁ ଉତ୍ତମ ମାର୍ଗଦର୍ଶନ କରିଥିଲେ । ପ୍ରକାଶ ଶିବିର ପରେ ମଧ୍ୟ ମାସିକ ପରୀକ୍ଷା, ଦୈନିକ ଅନ୍‌ଲାଇନ କ୍ଲାସ ମାଧ୍ୟମରେ ସନ୍ଦେହ ମୋଚନ କରାଯାଉଥିଲା । ଫଳସ୍ୱରୂପ ଚଳିତ ବର୍ଷ ଜିଲାର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ରେକର୍ଡ ସଫଳତା ମିଳିଛି । ଜିଲାରେ ୧୧୮ ଜଣ ଏ-ୱାନ ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଛନ୍ତି । ଗତବର୍ଷ ମାତ୍ର ୧୯ ଛାତ୍ରୀଛାତ୍ର ଏ-




ୱାନ ଗ୍ରେଡ୍ ପାଇଥିଲେ । ସେହିପରି ଚଳିତବର୍ଷ ୧୨୭୬ ଜଣ ଏ-୨, ୩୬୧୬ ଜଣ ବି-୧, ୫୦୭୭ ଜଣ ବି-୨ ଗ୍ରେଡ୍‌ରେ ସଫଳତା ପାଇବା ସହ ୧୫୬ ବିଦ୍ୟାଳୟରେ ଶତ ପ୍ରତିଶତ ପାସ୍ ହାର ରହିଥିଲା । ଏହାସହ ଜିଲ୍ଲାର ପାସ୍‌ହାର ୯୭.୮୬% ରହିଛି । ସେହିପରି କଳାହାଣ୍ଡି ଜିଲା ପାସ୍ ହାରରେ ରାଜ୍ୟରେ ସପ୍ତମ ସ୍ଥାନରେ ରହିଛି । ଭବାନୀପାଟଣା ବ୍ଲକ ଗଣନାଥପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସ୍ୱାତୀ ମହାକୁଡ଼ ୫୭୭ ମାର୍କ ରଖି ଜିଲା ଟପ୍ପର ହୋଇଛନ୍ତି । ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ତପିମଣି ଜାନି, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ଓ ବିଷୟ ଶିକ୍ଷକ ଶିକ୍ଷୟିତ୍ରୀ, ପିତାମାତା ଓ ଅଭିଭାବକଙ୍କ ମିଳିତ ପ୍ରୟାସ ମାଧ୍ୟମରେ ପ୍ରକାଶ କାର୍ଯ୍ୟକ୍ରମ ଏକ ଦୃଷ୍ଟାନ୍ତମୂଳକ ସଫଳତା ଆଣିଦେଇଛି । ଜିଲାପାଳ ପାୱାର ସଚିନ ପ୍ରକାଶ ସମସ୍ତ ଛାତ୍ରୀଛାତ୍ର, ପିତାମାତା ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ । ପୁଣି ଏମାନଙ୍କୁ ଦମନ କରିବାକୁ ପୋଲିସ୍ ଦୌଡ଼ିବେ । ଆଜି ଯାହାକୁ ଚପାଇ ଦିଆଯାଉଛି କାଲି ସେ ଓଲଟି ପ୍ରତିଶୋଧ ନେବ ।

-ଡକ୍ଟର ହରେକୃଷ୍ଣ ମହତାବ

(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର

ତା ୭।୦୫ । ୨୦୨୬ ■ ଗୁରୁବାର

# ଜଳ ଲାଗି ମରୁଛନ୍ତି ଲୋକେ

ଆଫ୍ରିକା ମହାଦେଶର ଏକ ଦେଶହେଉଛି ଚାଡ । ସେଠାରେ ଜଳ ଲାଗି ଦୁଇ ଗୋଷ୍ଠୀ ମଧ୍ୟରେ ହୋଇଥିବା ହିଂସାତ୍ମକ ଲଢ଼େଇରେ ଚାଳିଶରୁ ଅଧିକ ଲୋକଙ୍କର ମୃତ୍ୟୁ ଘଟିବା ଦୁଃଖଦ ତ ନିଶ୍ଚୟ, ବିଶ୍ୱକୁ ସଚେତ କରିବା ଭଳି ଘଟଣା ମଧ୍ୟ । ପ୍ରକାଶିତ ବିବରଣୀରୁ ଜଣାପଡ଼େ ଯେ, ଚାଡର ଜଳ ଅଧ୍ୟୁଷିତ ଅଞ୍ଚଳରେ ଥିବା ,କ ଜଳସ୍ରୋତ ଉପରେ ନିଜର ଦଖଲକୁ ନେଇ ଆରମ୍ଭ ହୋଇଥିବା ଗଣ୍ଡଗୋଳ ଦେଖୁଦେଖୁ ହିଂସାତ୍ମକ ପ୍ରତିଶୋଧରେ ବଦଳି ଯାଇଥିଲା ଓ ମୁର୍ଦ୍ଦାରଗୁଡ଼ିକ ଲଦିହୋଇ ଯାଇଥିଲା । ପ୍ରଥମ ଦୃଷ୍ଟିରେ ଲାଗିପାରେଯେ ଚାଡ ଏକ ବିଫଳ ରାଷ୍ଟ୍ର, ଯେଉଁଠି କିଛି ବ୍ୟବସ୍ଥା କାର୍ଯ୍ୟ କରେ ନାହିଁ । ସେଠାକାର ସମାଜ ଆଜିର ଯୁଗରେ ମଧ୍ୟ ମନୁଷ୍ୟର ଗୁରୁତ୍ୱ ବୁଝେ ନାହିଁ, କିନ୍ତୁ କଥା ଏତିକିରେ ସୀମିତ ନୁହେଁ । ଶସ୍ୟ ଓ ଜଳ ହେଉଛି ମନୁଷ୍ୟର ଅସ୍ତିତ୍ୱ ପାଇଁ ଦୁଇଟି ମୌଳିକ ଅନିବାର୍ଯ୍ୟତା ଓ ଅନିବାର୍ଯ୍ୟତାର କୌଣସି ବିକଳ୍ପ ନାହିଁ । ଠିକ୍ ଯେପରି ନିଶ୍ୱାସ ନେବାର କୌଣସି ବିକଳ୍ପ ନାହିଁ । ତେଣୁ ଏହି ଘଟଣାକୁ ବର୍ବର ସମାଜର ମୂଢ଼ତାପୂର୍ଣ୍ଣ କୃତ୍ୟ ଭାବେ ଦେଖିବା ଆସନ୍ନ ବିପତ୍ତି ପ୍ରତି ମୁହଁ ଲୁଚାଇବା ଭଳି ଘଟଣା ବୋଲି କୁହାଯିବ । ଚାଡରେ ଜଳସଂକଟ ଅତି ଉତ୍କଟ ଓ ସେଠାରେ ପ୍ରାୟ ଅଧାରୁ ଅଧିକ ଜନସଂଖ୍ୟା ପିଇବା ପାଣିର ସଂକଟ ଭୋଗୁଛନ୍ତି ।

ଯେହେତୁ ପଡ଼ୋଶୀ ସୁଡାନରେ ଗୃହଯୁଦ୍ଧ ଚାଲିଛି, ବହୁସଂଖ୍ୟାରେ ଲୋକେ ସେ ଦେଶ ଛାଡ଼ି ଚାଡକୁ ଚାଲିଆସୁଛନ୍ତି, ତେଣୁ ସେଠାରେ ଶସ୍ୟ, ଜଳର ଘୋର ଅଭାବ ଦେଖାଦେଇଛି । ଆଜିକୁ ପ୍ରାୟ ତିନି ଦଶନ୍ଧି ତଳେ ଜାତିସଂଘର ତତ୍କାଳୀନ ମହାସଚିବ ବୁତରସ ଗୁତରସ ଘାଲୀ କହିଥିଲେ ତୃତୀୟ ବଶ୍ୱଯୁଦ୍ଧ ଜଳ ପାଇଁ ଲଢ଼ାଯାଇପାରେ । ସେତେବେଳେ ଯଦି ଦୁନିଆ ଏହା ପ୍ରତି ସମୁଚିତ ଧ୍ୟାନ ଦେଇଥାନ୍ତା, ତେବେ ଏବେକାର ସେକ୍ରେଟେରୀ ଜେନେରାଲ୍ ଏଣ୍ଟୋନିଓ ଗୁଟେରସଙ୍କୁ ଆଜି ନିବେଦନ କରିବାକୁ ପଡ଼ିନଥାନ୍ତା ଯେ ସ୍ୱଚ୍ଛ ପିଇବା ପାଣିର ଅଭାବରେ ପ୍ରତିବର୍ଷ ଚଉଦ ଲକ୍ଷରୁ ଅଧିକ ଲୋକ ଦୁନିଆରେ ମୃତ୍ୟୁର ଶିକାର ହେଉଥିବାରୁ ସରକାରଗୁଡ଼ିକ ଜଳସଂପଦ ଉପରେ ଅଧିକ ଖର୍ଚ୍ଚ କରନ୍ତୁ । ଅସଲରେ ଏ ପୁଞ୍ଜିନିବେଶ ଦେଶର ଭବିଷ୍ୟତ ଲାଗି ନିବେଶ ହେବ । ବିଶ୍ୱ ବ୍ୟାଙ୍କ ମଧ୍ୟ ନିଜର ଅଧ୍ୟୟନର ଭିତ୍ତିରେ ଯୁକ୍ତି କରି ଆସିଛି ଯେ ଜଳାଭାବ ଓ ମରୁଡ଼ି କାରଣରୁ ୨୦୩୦ ମସିହା ଭିତରେ ସଂସାରରେ ପ୍ରାୟ ସାତକୋଟି ଲୋକଙ୍କର ବିସ୍ଥାପନ ହେବାର ବିପଦ ସୃଷ୍ଟି ହୋଇପାରେ । ଯଦି ଏପରି ହୁଏ, ତେବେ ଏ ଜନସଂଖ୍ୟା ଯେଉଁଠି ଯାଇ ପହଞ୍ଚିବ, ସେଠି କ'ଣ ଉପଲବ୍ଧ ଥିବା ଶସ୍ୟ-ଜଳ ଉପରେ ଚାପ ପଡ଼ିବ ନାହିଁ ?

ପୃଥିବୀପୃଷ୍ଠରେ ମଧୁର ଜଳର ଭଣ୍ଡାର ଏମିତି ବି ଢ଼େର କମ୍, ତାହା ମଧ୍ୟ ଅଧିକାଂଶ ହିମଖଣ୍ଡ ବା ଗ୍ଲାସିୟର ଭାବେ ରହିଛି । ଜଳବାୟୁ ପରିବର୍ତ୍ତନର ପ୍ରଭାବ ଏବେ ବୈଜ୍ଞାନିକ ବିମର୍ଶ ହୋଇ ଆଉ ନ ରହି ସାଧାରଣ ଜନତାଙ୍କ ମଧ୍ୟରେ ଚର୍ଚ୍ଚାର ପ୍ରସଙ୍ଗ ହେଲାଣି । ପାଣିପାଗ ଚକ୍ର ମଧ୍ୟ ତୀବ୍ରଗତିରେ ବଦଳିବାରେ ଲାଗିଛି । ଏସବୁ ଭିତରେ ଚାଡରେ ଘଟିଥିବା ମୃତ୍ୟୁର ତାଣ୍ଡବ ଯେ ଉନ୍ନତ ଓ ବିକାଶଶୀଳ ଦେଶରେ ନ ଘଟିବ, ତା'ର କୌଣସି ଗ୍ୟାରେଣ୍ଟି ନାହିଁ । ଚାଡ ଭଳି ଘଟଣାରୁ ଭାରତର ନୀତି-ନିର୍ଦ୍ଧାରକଙ୍କୁ ଶିକ୍ଷା ଗ୍ରହଣ କରିବା ଦରକାର । ଆମର ଅଧିକାଂଶ ମହାନଗର ତଥା ବଡ଼ ସହରସବୁ ଗ୍ରୀଷ୍ମକାଳରେ ପାନୀୟ ଜଳ ସଂକଟର ସମ୍ମୁଖୀନ ହେଉଛନ୍ତି । କେତେକ ଜାଗାରେ ପାନୀୟ ଜଳ ଲାଗି କଳି-ତକରାଳ ଝଗଡ଼ା ମଧ୍ୟ ହେଉଛି । ଆଗାମୀ ଦିନମାନଙ୍କରେ ସହରଗୁଡ଼ିକ ଉପରେ ଜନସଂଖ୍ୟାର ଚାପ ବଢ଼ିବ । ଏପରି ଅବସ୍ଥାରେ ଲୋକଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ଯୋଜନାବଦ୍ଧ ଉଦ୍ୟମ ହେବା ଦରକାର । ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧ କରାଇବା, ତା'ର ସ୍ରୋତକୁ ସଂରକ୍ଷିତ ରଖିବା ଓ ନଦୀଗୁଡ଼ିକୁ ପ୍ରଦୂଷଣମୁକ୍ତ କରିବା ପାଇଁ ସବୁମନ୍ତେ ଉଦ୍ୟମ ହେବା ବାଞ୍ଛନୀୟ । ଏ କାର୍ଯ୍ୟ କେବଳ ସରକାରଙ୍କ ଦ୍ୱାରା ସମ୍ଭବପର ହେବନାହିଁ, ନାଗରିକ ସମାଜକୁ ମଧ୍ୟ ନିଜର ସନ୍ତତିଙ୍କ ପାଇଁ ବିଚାର କରି ପଦକ୍ଷେପ ନେବାକୁ ହେବ । ଜଳସ୍ରୋତ ସବୁକୁ ବଞ୍ଚାଇ ରଖିବାକୁ ହେବ, ତା'ନହେଲେ ସାମାଜିକ ସଂଘର୍ଷକୁ ଏଡ଼ାଯାଇ ପାରିବ ନାହିଁ । ❐❐

# ଉତ୍ତମ ଅଧ୍ୟୟନ

ଉତ୍ତମ ଅଧ୍ୟୟନ ଦ୍ୱାରା ନାଗରିକଟିଏ ଉତ୍ତମ ପୁସ୍ତକ ଅଧ୍ୟୟନ ଏବଂ ଉତ୍ତମ ଆଚରଣ ଦ୍ୱାରା ସମାଜରେ ଆଦୃତି ଲାଭ କରିଥାଏ । ତେବେ ଉପଯୁକ୍ତ ପଠନ ବା ଅଧ୍ୟୟନ ମନୁଷ୍ୟକୁ ଉତ୍ତମ ମାର୍ଗରେ ପରିଚାଳିତ କରିଥାଏ । ବର୍ତ୍ତମାନର ସମୟ ପାଇଁ ଏହା ପ୍ରାସଙ୍ଗିକ ନିଶ୍ଚୟ । କଥାଟି ହେଉଛି ଅନେକ ଦିନ ତଳର । ଯେଉଁ ଲୋକମାନେ ରାଜାଙ୍କୁ ଭେଟିବାକୁ ଆସୁଥିଲେ ରାଜା ସେମାନଙ୍କୁ ତିନୋଟି ପ୍ରଶ୍ନ ପଚାରୁଥିଲେ । ପ୍ରଥମ ପ୍ରଶ୍ନ - ସର୍ବୋତ୍ତମ ବ୍ୟକ୍ତି କହିଲେ ଆମେ କାହାକୁ ବୁଝିବା ? ଦ୍ୱିତୀୟ ପ୍ରଶ୍ନ - ଆମ ପକ୍ଷରେ ସବୁଠୁ ଉତ୍କୃଷ୍ଟ ସମୟ କେଉଁଟି ? ତୃତୀୟ ପ୍ରଶ୍ନ - ଆମର କେଉଁ କାମକୁ ଆମେ ସବୁଠୁ ଭଲ କାମ ବୋଲି କହିବା ? ଏଇ ପ୍ରଶ୍ନ ଗୁଡ଼ିକର ଉତ୍ତର ପାଇବା ପାଇଁ ରାଜା ବ୍ୟାକୁଳ ହେଉଥିଲେ । ଦିନେ ସେ ବଣକୁ ଯାଇ ପାହାଡ଼ ଓ ପ୍ରାନ୍ତର ପାର ହୋଇ ବୁଲୁଥାନ୍ତି । ସେ ଗୋଟିଏ ଆଶ୍ରମ ଦେଖି ସେଠି ଟିକେ ବିଶ୍ରାମ କରିବାକୁ ମନ କଲେ । ରାଜା ସେଠି ପହଞ୍ଚିବା ସମୟରେ ଜଣେ ସାଧୁ ସେଠି ଗଛରେ ପାଣି ଦେଉଥିଲେ । ରାଜାଙ୍କୁ ଦେଖି, ସାଧୁ ତାଙ୍କୁ କିଛି ଫଳ ଓ ଶୀତଳ ଜଳ ଦେଲେ । ସେତିକି ବେଳେ ଆଉ ଜଣେ ସାଧୁ ଦେହସାରା ଖଣ୍ଡିଆ ଖାବରା ହୋଇଥିବା ଜଣେ ଲୋକକୁ ଆଶ୍ରମକୁ ନେଇ ଆସିଲେ । ପ୍ରଥମ ସାଧୁ ଜଣକ ତାହା ଦେଖିଲା କ୍ଷଣି ସେଇ ଲୋକଟି ପାଖକୁ ଗଲେ, ତାର ଘାଆ ଘଉଡ ସଫା କରିଦେଲେ, ଏବଂ ଘା'ଗୁଡ଼ିକୁ ଭୁଲ କରିବା ପାଇଁ ଚେରମୂଳରୁ ପ୍ରସ୍ତୁତ ପ୍ରଲେପ ଲଗାଇ ଦେଲେ । ମଧୁର ବଚନ କହି ସେଇ ଲୋକଟିକୁ ସାନ୍ତ୍ୱନା ମଧ୍ୟ ଦେଲେ । ଏବଂ ରାଜା ଏଥର ଧନ୍ୟବାଦ ଅର୍ପଣ କରି ବିଦାୟ ନେବାକୁ ବାହାରିଲେ । ସାଧୁ ରାଜାଙ୍କୁ ଆଶୀର୍ବାଦ କଲେ । କିନ୍ତୁ ରାଜାଙ୍କ ମନ ଗୋଳେଇ ଘାଣ୍ଟି ହେଉଥାଏ ସେଇ ତିନୋଟି ପ୍ରଶ୍ନ ବିଷୟ, ସାଧୁ କାଳେ ଠିକ୍ ଉତ୍ତର ଦେଇ ପାରିବେ, ଏଇ ଆଶାରେ ରାଜା ତାଙ୍କୁ ପ୍ରଶ୍ନ ଗୁଡ଼ିକ କହିଲେ । ସାଧୁ କହିଲେ, 'ଆପଣ ଆଶ୍ରମରେ ଯେଉଁ କାର୍ଯ୍ୟ ହେବାର ଦେଖିଲେ, ତହିଁରେ ପ୍ରଶ୍ନ ଗୁଡ଼ିକର ଉତ୍ତର ନିହିତ ଅଛି । ଆପଣ ଯେତେ ବେଳେ ଆଶ୍ରମକୁ ଆସିଲେ, ମୁଁ ସେତେବେଳେ ଗଛରେ ପାଣି ଦେଉଥିଲି । ତାହା ହିଁ ଥିଲା ମୋର ସେ ସମୟର କର୍ତ୍ତବ୍ୟ । ଆପଣଙ୍କୁ ଦେଖି ମୁଁ ସେ କର୍ତ୍ତବ୍ୟ ଛାଡ଼ି ମୁଁ ଆପଣଙ୍କ ପାଖକୁ ଆସି ଆପଣଙ୍କୁ ଫଳ ଓ ଜଳ ଦେଲି । ମୁଁ ଆପଣଙ୍କର କ୍ଷୁଧା ତୃଷ୍ଣା ନିବାରଣ କରୁଥିବା ସମୟରେ ଜଣେ କ୍ଷତ ବିକ୍ଷତ ପୀଡ଼ିତ ବ୍ୟକ୍ତିଙ୍କୁ ଆଶ୍ରମକୁ ଅଣାଗଲା । ତେଣୁ ମୁଁ ଆପଣଙ୍କର ସେବା ଛାଡ଼ି ସେହି ପୀଡ଼ିତ ବ୍ୟକ୍ତିଙ୍କର ସେବାରେ ଲାଗିଲି । ଯେକେହି ଆପଣଙ୍କର ସେବା ପାଇବା ଆଶାରେ ପହଞ୍ଚିଲେ, ସେ ହେଉଛନ୍ତି ସେଇ ସମୟ ପାଇଁ ଆପଣଙ୍କ ସେବା ପାଇବାର ସବୁଠୁ ଉପଯୁକ୍ତ ବ୍ୟକ୍ତି । ସେବାରେ ଆପଣ ତାଙ୍କୁ ଯେତେ ସନ୍ତୋଷ ଦେଇ ପାରିଲେ, ତାହା ହିଁ ଆପଣଙ୍କ ପକ୍ଷରେ ସର୍ବୋତ୍ତମ କାର୍ଯ୍ୟ, ଏବଂ ଯେଉଁ ମୁହୂର୍ତ୍ତଟି ଆପଣ ଏହିପରି ଭାବରେ (ଅନ୍ୟର ସେବାରେ) କଟାଇ ପାରିଲେ, ତାହାହିଁ ଆପଣଙ୍କ ପକ୍ଷରେ ସର୍ବୋତ୍କୃଷ୍ଟ ସମୟ ।

ଦେବଦତ୍ତ ବିଶ୍ୱାଳ

ଚହଟା, କଟକ

# ଜଳ ସମସ୍ୟା ଓ ଭବିଷ୍ୟତ ପଦକ୍ଷେପ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ପୃଥିବୀର ସମସ୍ତ ଜୀବଜଗତ ପାଇଁ ଜଳ ଅତ୍ୟାବଶ୍ୟକ । କୁହାଯାଏ ଯେ 'ଜଳ ହିଁ ଜୀବନ', ଯାହା ଏହାର ଗୁରୁତ୍ୱକୁ ଦର୍ଶାଏ । ମାନବ ସଭ୍ୟତା ନଦୀ କୂଳରେ ଉତ୍ପତ୍ତି ହୋଇଥିଲା ଏବଂ ଜଳ ଉପରେ ଆଧାରିତ ହୋଇ ଅଗ୍ରଗତି କରିଛି । ତଥାପି, ଆଜିର ସମୟରେ, ଜଳ ଅଭାବ ଏକ ଗମ୍ଭୀର ସମସ୍ୟା ଭାବରେ ଉଭା ହେଉଛି । ବର୍ଦ୍ଧିତ ଜନସଂଖ୍ୟା, ଶିଳ୍ପାୟନ, ଜଳ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଜଳ ସମ୍ପଦ ହ୍ରାସ ପାଉଛି । ତେଣୁ, ଜଳ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଭବିଷ୍ୟତ ପଦକ୍ଷେପ ନେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଶ୍ୱର ଅନେକ ଦେଶ ଜଳ ଅଭାବ ସହିତ ସଂଘର୍ଷ କରୁଛନ୍ତି । ଯଦିଓ ପୃଥିବୀର ୭୦% ଜଳରେ ଆଚ୍ଛାଦିତ ତଥାପି ଶୁଦ୍ଧ ପାନୀୟ ଜଳର ପରିମାଣ ବହୁତ କମ୍ ଆଉ ଏଥିପାଇଁ ଅତ୍ୟଧିକ ଭୂତଳ ଜଳ ବ୍ୟବହାର, ନଦୀ, ହ୍ରଦ ଏବଂ ଝରଣାର ପ୍ରଦୂଷଣ, ପରିବେଶଗତ ଅସନ୍ତୁଳନ, ଅସମୟରେ ବର୍ଷା ଏବଂ ଜଳବାୟୁ ପରିବର୍ତ୍ତନ ଯୋଗୁଁ ହୋଇଛି । ଯଦି ଏହି ସମସ୍ୟା ଲାଗାତର ଜାରି ରହେ, ତେବେ ଭବିଷ୍ୟତରେ ଲୋକମାନେ ପାନୀୟ ଜଳରୁ ବଞ୍ଚିତ ମଧ୍ୟ ହୋଇପାରନ୍ତି । ଜଳ ସୁରକ୍ଷା ଅର୍ଥ ହେଉଛି ସମସ୍ତଙ୍କ ପାଇଁ ପର୍ଯ୍ୟାପ୍ତ ଏବଂ ସ୍ୱଚ୍ଛ ଜଳ ଯୋଗାଣ ସୁନିଶ୍ଚିତ କରିବା । ଏହା କେବଳ ମାନବ ଜୀବନ ପାଇଁ ନୁହେଁ ବରଂ କୃଷି, ଶିଳ୍ପ ଏବଂ ପରିବେଶ ପାଇଁ ମଧ୍ୟ ଅତ୍ୟାବଶ୍ୟକ । ଜଳ ସୁରକ୍ଷା ବିନା ଅନେକ ସମସ୍ୟା ଉପୁଜିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଉଦାହରଣ ସ୍ୱରୂପ ଖାଦ୍ୟ ଉତ୍ପାଦନ ହ୍ରାସ ପାଇବ, ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବ ଏବଂ ଆର୍ଥିକ ଅଭିବୃଦ୍ଧି ମଧ୍ୟ ବାଧାପ୍ରାପ୍ତ ହେବ । ଜଳ ସୁରକ୍ଷା ହେଉଛି ସ୍ଥାୟୀ ବିକାଶର ମୂଳଦୁଆ ।

ଜଳ ସମସ୍ୟାର ସମାଧାନ ପାଇଁ ଆମକୁ ରୀତିମତ ଅନେକ ଭବିଷ୍ୟତ ପଦକ୍ଷେପ ନେବାକୁ ପଡିବ । ପ୍ରଥମତଃ, ବର୍ଷାଜଳର ସଂଗ୍ରହ । ବର୍ଷା ହେଉଛି ପ୍ରାକୃତିକ ଜଳର ମୁଖ୍ୟ ଉତ୍ସ । ଆମେ ବର୍ଷାଜଳ ସଂଗ୍ରହ କରି ଭୂତଳ ଜଳ ପୁନଃ ପୂରଣ କରିପାରିବା । ଘର, ସ୍କୁଲ ଏବଂ କଳ କାରଖାନାରେ ବର୍ଷାଜଳ ସଂଗ୍ରହ ବ୍ୟବସ୍ଥାକୁ ବାଧ୍ୟତାମୂଳକ କରାଯିବା ଉଚିତ । ଦ୍ୱିତୀୟତଃରେ ଜଳ ସଂରକ୍ଷଣ ସଚେତନତା । ଲୋକଙ୍କୁ ଜଳ ସଂରକ୍ଷଣ ବିଷୟରେ ସଚେତନତା ସୃଷ୍ଟି କରାଯିବା ଉଚିତ । ଅପଚୟ ଜଳ ବ୍ୟବହାରକୁ ରୋକିବା, ଲିକ୍ ହେଉଥିବା ପାଇପ୍ ମରାମତି କରିବା, କମ୍ ପାଣିରେ ଦୈନନ୍ଦିନ କାର୍ଯ୍ୟ ସମାପ୍ତ କରିବା ଇତ୍ୟାଦି ଛୋଟ ଛୋଟ ଅଭ୍ୟାସ ବିଷୟରେ ସଚେତନ ହେବା ଗୁରୁତ୍ୱପୂର୍ଣ୍ଣ । ଏହା ପ୍ରଚୁର ପାଣି ସଞ୍ଚୟ କରିପାରିବ । ତୃତୀୟରେ ନଦୀ ଏବଂ ଜଳାଶୟକୁ ସଂରକ୍ଷଣ କରିବା । ନଦୀ, ହ୍ରଦ ଏବଂ ପୋଖରୀକୁ ପ୍ରଦୂଷଣରୁ ରକ୍ଷା କରିବା ଉଚିତ । ଶିଳ୍ପ ଏବଂ ଘରୋଇ ଅଳିଆ ଆବର୍ଜନାକୁ ସିଧାସଳଖ ଜଳାଶୟରେ ପକାଇବା ଉଚିତ ନୁହଁ । ଚତୁର୍ଥରେ ଭୂତଳ ଜଳର ବ୍ୟବସ୍ଥିତ ବ୍ୟବହାର । ଭୂତଳ ଜଳର ଅତ୍ୟଧିକ ବ୍ୟବହାର ଜଳସ୍ତରକୁ ହ୍ରାସ କରୁଛି । ତେଣୁ, ଏହାର ବ୍ୟବହାର ନିୟନ୍ତ୍ରଣ କରାଯିବା ଉଚିତ ଏବଂ ପୁନଃ ସଂଗ୍ରହ ତଥା ପୂରଣ ବ୍ୟବସ୍ଥାକୁ ବିସ୍ତାର କରାଯିବା ଉଚିତ । ପଞ୍ଚମରେ କୃଷିରେ ଆଧୁନିକ ଜଳସେଚନ ବ୍ୟବସ୍ଥା ଗ୍ରହଣ କରିବା । କୃଷିରେ ପ୍ରଚୁର ପାଣି ବ୍ୟବହାର ହୁଏ । ତେଣୁ, ଡ୍ରିପ୍ ଜଳସେଚନ ଏବଂ ସିଞ୍ଚନକାରୀ ବ୍ୟବସ୍ଥା ଜଳ ବ୍ୟବହାରକୁ ହ୍ରାସ କରିପାରିବ । ଷଷ୍ଠରେ ଗଛ ଲଗାଇବା ଏବଂ ପରିବେଶ ସୁରକ୍ଷା ଜଳ ସଂରକ୍ଷଣରେ ଅଧିକ ଗଛ ଲଗାଇବା ଏବଂ ଜଙ୍ଗଲ ସୁରକ୍ଷା ଏକ ପ୍ରମୁଖ ଭୂମିକା ଗ୍ରହଣ କରେ । ଗଛ ବର୍ଷାକୁ ଧରିଥାଏ ଏବଂ ଭୂତଳ ଜଳ ସଂରକ୍ଷଣ କରିଥାଏ । ସପ୍ତମରେ ଜଳ ପୁନଃବ୍ୟବହାର ଏବଂ ପୁନଃଚକ୍ରଣ । ଘରୋଇ ଏବଂ ଶିଳ୍ପ ଜଳକୁ ବିଶୋଧନ ଏବଂ ପୁନଃବ୍ୟବହାର କରାଯିବା ଉଚିତ । ଏହା ଜଳ ଅପଚୟକୁ ହ୍ରାସ କରିଥାଏ । ଅଷ୍ଟମରେ ସରକାରୀ ନୀତି ଏବଂ ଆଇନ । ଜଳ ସଂରକ୍ଷଣ ପାଇଁ ଦୃଢ଼ ନୀତି ଏବଂ ଆଇନ ଅତ୍ୟାବଶ୍ୟକ । ଜଳ ବ୍ୟବହାରକୁ ନିୟନ୍ତ୍ରଣ କରୁଥିବା ଏବଂ ଏହାକୁ ପ୍ରଦୂଷିତ କରୁଥିବା ଲୋକଙ୍କ ପାଇଁ କଠୋର ଆଇନ ଏବଂ ଦଣ୍ଡ ଆବଶ୍ୟକ । ନବମରେ ନୂତନ ପ୍ରଯୁକ୍ତିବିଦ୍ୟାର ବ୍ୟବହାର । ଡିସାଲିନେସନ୍ ଏବଂ ସମୁଦ୍ର ଜଳ ବିଶୋଧନ ତଥା ଲୁଣି ପାଇଁକୁ ମଧୁର ପାଣିରେ ବ୍ୟବସ୍ଥା କରିବା ଏବଂ ସ୍ମାର୍ଟ ଜଳ ପରିଚାଳନା ଭଳି ନୂତନ ପ୍ରଯୁକ୍ତିବିଦ୍ୟା ଗ୍ରହଣ କରିବା ଜଳକୁ ସୁରକ୍ଷିତ କରିବାରେ ସାହାଯ୍ୟ କରିପାରିବ । ଶେଷରେ, ଜଳ ସମ୍ପଦ ବିଷୟରେ ଅଧିକ ଗବେଷଣା ଏବଂ ଜ୍ଞାନ ଆବଶ୍ୟକ । ନୂତନ ପଦ୍ଧତି ଏବଂ ପ୍ରଯୁକ୍ତିବିଦ୍ୟା ଖୋଜି ଜଳ ସମସ୍ୟାର ସମାଧାନ କରାଯାଇପାରିବ । ଜଳବାୟୁ ପରିବର୍ତ୍ତନ ଜଳ ସମ୍ପଦକୁ ଗୁରୁତର ଭାବରେ ପ୍ରଭାବିତ କରୁଛି । ବର୍ଷା ଧାରାରେ ପରିବର୍ତ୍ତନ ହେଉଛି, ଏବଂ ଝଡ଼ ଏବଂ ଗରମ ତରଙ୍ଗ ବୃଦ୍ଧି ପାଇଛି । ତେଣୁ, ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ମଧ୍ୟ ଜଳ ସୁରକ୍ଷାର ଏକ ଅଂଶ । ଆମ ଦେଶରେ, ଭାରତ ସରକାର ଅନେକ ଗୁଡିଏ ଯୋଜନା ପ୍ରସ୍ତୁତ କରିଛନ୍ତି । ଯେପରି-ଜଳ ଜୀବନ ମିଶନ, ନମାମି ଗଙ୍ଗେ ଯୋଜନା ଏବଂ ଅଟଳ ଭୂଜଳ ଯୋଜନା ଭଳି ବିଭିନ୍ନ ଜଳ ସୁରକ୍ଷା ଯୋଜନା ଆରମ୍ଭ କରିଛନ୍ତି ।

ଏହି ସମସ୍ତ ପଦକ୍ଷେପ ଜଳ ସଂରକ୍ଷଣ ଏବଂ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ । ଜଳ ସୁରକ୍ଷା ସରକାରଙ୍କ ଏକମାତ୍ର ଦାୟିତ୍ୱ ନୁହେଁ । ପ୍ରତ୍ୟେକ ବ୍ୟକ୍ତି ଏଥିରେ ଭୂମିକା ଗ୍ରହଣ କରିବା ଉଚିତ । ଉଦାହରଣ ସ୍ୱରୂପ, ପରିବାରର ଜଳ ବ୍ୟବହାର ହ୍ରାସ କରିବା ଉଚିତ୍ , ପୋଖରୀ ଏବଂ ନଦୀ ସଫା କରିବାରେ ଅଂଶଗ୍ରହଣ କରିବା ଉଚିତ୍, ଗଛ ଲଗାଇବା ଆବଶ୍ୟକ ଏବଂ ସଚେତନତା ଅଭିଯାନରେ ଅଂଶଗ୍ରହଣ କରିବା ଆବଶ୍ୟକ । ଜଳ ସଂରକ୍ଷଣ ଏକ ସାମୂହିକ ଦାୟିତ୍ୱ । ଯଦି ଆମେ ଏହି ବିଷୟରେ ଏବେ ପଦକ୍ଷେପ ନନେବୁ, ତେବେ ଭବିଷ୍ୟତରେ ଜଳ ଅଭାବ ଏକ ଗମ୍ଭୀର ସମସ୍ୟା ହୋଇପଡ଼ିବ । ତେଣୁ ସଠିକ୍ ପଦକ୍ଷେପ ଏବଂ ସଚେତନତା ସହିତ, ଆମେ ଜଳ ସମ୍ପଦକୁ ସୁରକ୍ଷା ଦେଇପାରିବା । ଯେପରି କୁହାଯାଏ, 'ଆଜିର ସଂରକ୍ଷଣ ଆଗାମୀର ଜୀବନ ' - ଏହି ମୌଳିକ ମନ୍ତ୍ରକୁ ମନରେ ରଖି ଆମେ ସମସ୍ତେ ଜଳ ସଂରକ୍ଷଣ ସହିତ ଆଗକୁ ବଢ଼ିବା ଉଚିତ ।

ଅରଙ୍ଗାବାଦ, ବରୀ, ଯାଜପୁର

ମୋ:୮୨୪୯୫୦୨୭୭୬

# ଭାବ, ଅଭାବ ଓ ସ୍ୱଭାବ

**ଡକ୍ଟର ପ୍ରମୋଦ କୁମାର ପଣ୍ଡା**

ମଣିଷ ଏକ ସାମାଜିକ ପ୍ରାଣୀ । ସେ ଏକାକୀ ରହିବାକୁ ଭଲ ପାଏ ନାହିଁ । ଏକାଠି ରହିବାକୁ ପସନ୍ଦ କରିଥାଏ । ତା'ସହିତ ମିଶେ ଯାସହିତ ତା ମନ ମିଶେ । ଚିନ୍ତାଧାରା ଖାପ ଖାଏ । କିନ୍ତୁ ଆଜିକାର ଦୁନିଆଁ ଏତେ ମତଲବୀ ଯେ ବିନା ସ୍ୱାର୍ଥରେ କେହି କାହା ସହିତ ମିଶିବାକୁ ପସନ୍ଦ କରିନଥାନ୍ତି । ତଥାପି ମୁଖ୍ୟତଃ ତିନିଗୋଟି କାରଣ ପାଇଁ ମଣିଷ ମଣିଷ ପାଖକୁ ଯାଏ । ଭାବ, ଅଭାବ ଓ ପ୍ରଭାବ । ଯଦି କୌଣସି ବ୍ୟକ୍ତି ଆପଣଙ୍କ ନିକଟକୁ ଭାବରେ ଆସୁଛନ୍ତି ତାଙ୍କୁ ଭାବପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରନ୍ତୁ । ଭାବ ଅର୍ଥ ଖୁସି, ଆନନ୍ଦ, ସନ୍ତୋଷ । ମନେକରନ୍ତୁ ଆପଣଙ୍କ ପଡୋଶୀଙ୍କ ପୁଅ କିମ୍ବା ଝିଅର ବ୍ୟାଙ୍କ ଅଫିସର ଭାବେ ଚୟନ ହେଲା ଓ ସେହି ଖୁସିରେ ତାଙ୍କ ମାତା କିମ୍ବା ପିତା ଆପଣଙ୍କ ପାଖକୁ ଆସି ଜଣେଇଲେ ଯେ ତାଙ୍କ ପୁଅ କିମ୍ବା ଝିଅ ବ୍ୟାଙ୍କ ଅଫିସର ଭାବେ ମନୋନୀତ ହୋଇଛନ୍ତି ତେବେ ଆପଣ ମଧ୍ୟ ତାଙ୍କ ଖୁସିରେ ଖୁସି ହୁଅନ୍ତୁ । ତାଙ୍କ ସହିତ ଭଲରେ ଦୁଇ ପଦ କଥା ହୁଅନ୍ତୁ । ଶୁଭକାମନା ଦିଅନ୍ତୁ । ଶୁଭେଚ୍ଛା ଜାଣନ୍ତୁ । ପୁଅ/ଝିଅକୁ ଆଶୀର୍ବାଦ ଦିଅନ୍ତୁ । ଈର୍ଷାପରାୟଣ ହୁଅନ୍ତୁ ନାହିଁ । ବରଂ ଯଦି ସମ୍ଭବ ଓ ଚାକିରୀ କ୍ଷେତ୍ରରେ ଆପଣଙ୍କ ଅଭିଜ୍ଞତା ରହିଛି ତେବେ କିଛି ସକାରାତ୍ମକ ପରାମର୍ଶ ଦିଅନ୍ତୁ ଯାହା ତାର କାମରେ ଲାଗିବ । ସିଏ ଉପକୃତ ହେବା ସହ ଖୁସି ମଧ୍ୟ ହେବ । ଯଦି ଆପଣଙ୍କ ପୁଅ କିମ୍ବା ଝିଅ ଆଇ.ଏ.ଏସ୍. ଅଛନ୍ତି ତେବେ ମଧ୍ୟ ତାଙ୍କୁ ହୀନ ଚକ୍ଷୁରେ ଦେଖନ୍ତୁ ନାହିଁ । ଏହାର ବିପରୀତ ଯଦି ଆପଣଙ୍କ ପୁଅ କିମ୍ବା ଝିଅ ଚାକିରୀ ଖୋଜି ପାଇପାରୁନାହାନ୍ତି କିମ୍ବା ଛୋଟ ଚାକିରୀ କରୁଛନ୍ତି ତେବେବି ମନରେ ବିଦ୍ୱେଷ ଭାବ ରଖନ୍ତୁ ନାହିଁ ।

ଦ୍ୱିତୀୟ ପରିସ୍ଥିତି ହେଲା ଅଭାବ । ମଣିଷକୁ ଅଭାବ ପଡିଲେ ମଧ୍ୟ ମଣିଷ ପାଖକୁ ଯାଏ । ମନର ଭାବ ପ୍ରକାଶ କରେ କିମ୍ବା ସହାୟତା ଲୋଡ଼େ । ଅଭାବ ଅର୍ଥ ଭାବର ଅନୁପସ୍ଥିତି । ଦୁଃଖ, ନିରାନନ୍ଦ, ଆର୍ଥିକ ଅସ୍ୱଚ୍ଛଳତା ଓ ଆବଶ୍ୟକତା ଆଦି । ମନେକରନ୍ତୁ ଆପଣଙ୍କ ଜଣେ ପରିଚିତ ବ୍ୟକ୍ତିଙ୍କ ପାଖରେ ନିଜ ପୁଅ କିମ୍ବା ଝିଅର ଚିକିତ୍ସା କରିବାକୁ ହଠାତ୍ କିଛି ପଇସାର ଜରୁରି ଦରକାର ପଡିଲା । ସିଏ ଆପଣଙ୍କ ଉପରେ ଭରସା କରି କିଛି ଟଙ୍କା ଧାର ସୂତ୍ରରେ ମାଗିଲେ । ଯଦି ଆପଣ ସମର୍ଥ ତେବେ ତାଙ୍କୁ ନିଶ୍ଚୟ ସାହାଯ୍ୟ କରନ୍ତୁ । ତାଙ୍କ ଦୁଃଖରେ ପ୍ରତିଭାଗୀ ହୁଅନ୍ତୁ । ସମ୍ବେଦନା ଜାଣନ୍ତୁ । ରୋଗରେ ପୀଡିତ ପୁଅ କିମ୍ବା ଝିଅର ଆଶୁ ଆରୋଗ୍ୟ କାମନା କରନ୍ତୁ । ତାଙ୍କୁ ନିରୁତ୍ସାହିତ କରନ୍ତୁ ନାହିଁ । ନୈତିକ ସମର୍ଥନ ଜଣାନ୍ତୁ । ଭବିଷ୍ୟତରେ ଦରକାର ହେଲେ ଅକୁଣ୍ଠିତ ସାହାଯ୍ୟ ମାଗିବାକୁ ଉତ୍ସାହିତ କରନ୍ତୁ । ଅଭାବ କେବଳ ଆର୍ଥିକ ଦୁଃସ୍ଥିତି କିମ୍ବା ପଇସାର ଅନୁପଲବ୍ଧତା ମଧ୍ୟରେ ସୀମିତ ନୁହଁ । ଏହା ପାରିବାରିକ ଗଣ୍ଡଗୋଳ, ମାନସିକ ଅଶାନ୍ତି, ଅପମାନ, ଅପଶବ୍ଦ କିଛିବି ହୋଇପାରେ । ଆପଣଙ୍କୁ ବିଶ୍ୱାସ କରି ସିଏ ତାଙ୍କ ଦୁଃଖ କିମ୍ବା ଯନ୍ତ୍ରଣା ଆପଣଙ୍କ ସହ ବା□ୁଛନ୍ତି । ତାର ଅଯଥା ଲାଭ ଉଠାନ୍ତୁ ନାହିଁ । ତାଙ୍କଠୁ ମୁହଁ ଫେରାନ୍ତୁ ନାହିଁ । ଧୈର୍ଯ୍ୟର ସହିତ ତାଙ୍କ କଥା ଶୁଣନ୍ତୁ । ଦୁଃଖ ବୁଝନ୍ତୁ । ଆଶ୍ୱାସନା ଦିଅନ୍ତୁ । ହତୋତ୍ସାହିତ କିମ୍ବା ଦୁର୍ବଳ ନହେବାକୁ ବୁଝାନ୍ତୁ । ଦୁଃଖ ବା□ିଲେ କମେ ଏବଂ ସୁଖ ବା□ିଲେ ବଢେ । ତାଙ୍କ କଥା ନିଜ ପେଟରେ ରଖନ୍ତୁ । ଏକାନରୁ ସେକାନ କରନ୍ତୁ ନାହିଁ । କାରଣ ତୁଣ୍ଡ ବାଇଦ ସହସ୍ର କୋଶ । ଅଧିକ ଲୋକ ଜାଣିଲେ ହୁଏତ ସେ ଲଜ୍ଜିତ କିମ୍ବା ଅପମାନିତ ହୋଇପାରନ୍ତି । ତେଣୁ ସହାୟତା ସହିତ ସତର୍କତା ମଧ୍ୟ ଜରୁରି । ସମ୍ବେଦନା ସହ ସଂଯମ ମଧ୍ୟ ଆବଶ୍ୟକ । ତେବେଯାଇ ବିଶ୍ୱାସ ବଢିବ । ସମ୍ପର୍କ ସୁଦୃଢ ହେବ ।

ତୃତୀୟ ପରିସ୍ଥିତି ପ୍ରଭାବ । ଆପଣଙ୍କର ସ୍ୱଭାବର ପ୍ରଭାବରେ ଆକର୍ଷିତ ହୋଇ ଲୋକେ ଆପଣଙ୍କ ପାଖକୁ ଆସିପାରନ୍ତି । ଯଦି ଇମିତି ହେଉଛି ତେବେ ଆପଣ ମହାନ, ଭାଗ୍ୟବାନ । ଏହା ବିଶ୍ୱନିୟନ୍ତାଙ୍କ ବରଦାନ । ଈଶ୍ୱରଙ୍କ ଆଶୀର୍ବାଦ । କୃଷ୍ଣଙ୍କ କୃପା । ଏମିତିରେ ଆପଣ ଅହଙ୍କାରୀ ହୁଅନ୍ତୁ ନାହିଁ । ଆତ୍ମଗର୍ବ ଓ ଅଭିମାନ କରନ୍ତୁ ନାହିଁ । ଲୋକଙ୍କୁ ପରାମର୍ଶ ଦିଅନ୍ତୁ । ପ୍ରତାରଣା କରନ୍ତୁ ନାହିଁ । ଲୋକଙ୍କୁ ଅଣଦେଖା ଅନାଦର କରନ୍ତୁ ନାହିଁ । ଭଦ୍ର ଆଚରଣ କରନ୍ତୁ । ଠିକ୍ ଠିକ୍ ଉ□ର ରଖନ୍ତୁ । ପକ୍ଷପାତି ହୁଅନ୍ତୁ ନାହିଁ । ଅନ୍ୟକୁ ପକ୍ଷପାତର ପାତ୍ର ହେବାକୁ ଦିଅନ୍ତୁନାହିଁ । ଜଗିରଖି ଚଳନ୍ତୁ । ଯିମିତି ଆପଣଙ୍କ ଚିତ୍ର ଓ ଚରିତ୍ର ଅକ୍ଷୁର୍ଣ୍ଣ ରହିବ । ଉଚ୍ଚାରଣ ଓ ଆଚରଣ ସମନ୍ୱିତ ରହିବ । ଭାବ ଏବଂ ଅଭାବରେ ମଣିଷ ଅନ୍ୟ ମଣିଷ ନିକଟକୁ ପ୍ରାୟତଃ ନିଜର ସ୍ୱାର୍ଥ ସିଦ୍ଧି ପାଇଁ ଯାଏ । କିନ୍ତୁ ପ୍ରଭାବୀ ମଣିଷ ନିଜେ ଯାଏ ନାହିଁ । ଲୋକେ ଆକର୍ଷିତ ହୋଇ ଆସନ୍ତି । ଯିମିତି ଲୁହାକୁ ଚୁମ୍ବକ ଆକର୍ଷଣ କରେ । ଏଥିରେ ଲୁହା ଅପେକ୍ଷା ଚୁମ୍ବକର ପ୍ରାଧାନ୍ୟ ଅଧିକ ଥାଏ । ଚୁମ୍ବକତ୍ୱ କମିଲେ ଲୁହା ମଧ୍ୟ ଚୁମ୍ବକର ବୋଲ ମାନେ ନାହିଁ । ଆକର୍ଷିତ ହୁଏ ନାହିଁ । ଚୁମ୍ବକ ତା ନିଜର ନିଜତ୍ୱ ହରାଇବସେ । ଭାବି ଓ ଅଭାବୀଙ୍କ ତୁଳନାରେ ପ୍ରଭାବୀ ବ୍ୟକ୍ତି ଅଧିକ ପୂଜାସ୍ପଦ । ତେଣୁ ସେମାନେ ଅଧିକ ସଚେତନ, ସଂଯମୀ ଓ ସଦାଚାରୀ ହେବା ଆବଶ୍ୟକ ।

ମଣିଷକୁ ମଣିଷ ଭଳି ବ୍ୟବହାର ପ୍ରଦର୍ଶନ ପ୍ରତ୍ୟେକ ମଣିଷର ଧର୍ମ । ସିଏ ଭାବି ହେଉ କିମ୍ବା ଅଭାବୀ । ଭାବ, ଅଭାବ ଓ ପ୍ରଭାବ ମଣିଷର ସ୍ୱଭାବ ନିର୍ଦ୍ଧାରଣ କରିଥାଏ ।

ସମ୍ବଲପୁର

ମୋ:୭୯୭୮୨୮୩୧୯୦

## ସଂପାଦକଙ୍କୁ ପତ୍ର

### ଗଢ଼ି ଜାଣିଲେ ଘର ସୁନ୍ଦର

ମହାଶୟ,

ପରିବାର ତଥା ଘରେ ଶୃଙ୍ଖଳା ପରିସ୍ଥିତି ରହିଲେ ଏହା ଗ୍ରାମ, ସହର, ଓ ଦେଶକୁ ଶୃଙ୍ଖଳିତ କରି ରଖିଥାଏ । ଏହି ଶୃଙ୍ଖଳିତ ବ୍ୟବସ୍ଥାର ମୁଖ୍ୟ କର୍ଣ୍ଣଧାର ହେଉଛି ନାରୀ । ନାରୀ ଚାହିଁଲେ ବ୍ୟବସ୍ଥାକୁ ବିଗାଡ଼ି ଦେଇପାରେ । ନାରୀ ମାନଙ୍କର ପ୍ରଗତିରେ ଦେଶର ଉନ୍ନତି ହୁଏ ବୋଲି କହିଲେ କେହି ଦ୍ୱିମତ ହେବେ ନାହିଁ । କିନ୍ତୁ ବିବାହ ପରି ଏକ ପବିତ୍ର ଅନୁଷ୍ଠାନ ମଧ୍ୟରେ କେବଳ ନାରୀ ହିଁ ସମସ୍ତ ଛୋଟ ବଡ କାର୍ଯ୍ୟ ପାଇଁ ଦାୟୀ ରହିବ ତାହା ସଂପୂର୍ଣ୍ଣ ଯଥାର୍ଥ ନୁହେଁ । ଯେପରି ଗୃହର ସମସ୍ତ ସଦସ୍ୟଙ୍କ ପାଇଁ ନାରୀ ତା'ର ଅନେକ ଇଚ୍ଛାକୁ ବଳି ପକାଏ ଠିକ୍ ସେହିପରି ତା'ର ମାନସିକତାକୁ ସମ୍ମାନ ଦେଇ ଗୋଟିଏ ସୁସ୍ଥ ବାତାବରଣ ତିଆରି କରିବା ମଧ୍ୟ ସମସ୍ତଙ୍କର କର୍ତ୍ତବ୍ୟ ଅଟେ । ଧରାବନ୍ଧା ଭାବରେ ପ୍ରତ୍ୟେକ ସମସ୍ୟା ତା' ଉପରେ ଲଦି ଦେବା ସମୀଚୀନ ନ ହୋଇପାରେ । ଅନେକ ସମୟରେ ନାରୀ ହିଁ ଅନ୍ୟ ନାରୀର ଦୁଃଖର କାରଣ ହୋଇଥାଏ । ଯେଉଁଠି ପୁରୁଷ ତା'ର ଦୃଢ଼ତାରେ ସମସ୍ୟାର ସମାଧାନ କରିବା ଉଚିତ୍ କାରଣ ପୁରୁଷ ସଦାସର୍ବଦା ଦୃଢ଼ ଓ ଅବିଚଳିତ ହୋଇଥିବା ଆବଶ୍ୟକ । ସଂସାରରେ ଯେତେ ସମସ୍ୟା ତିଆରି ହୁଏ ତା'ର ମୂଳ କାରଣ କେଉଁଠି ନା କେଉଁଠି ଅହଙ୍କାର, ଈର୍ଷା, ହିଂସା, କ୍ରୋଧ, ପରଶ୍ରୀକାତରତା ଓ ବିବେକକୁ ଅଣଦେଖା କରିବା । ଏହିସବୁ ଅପଗୁଣ ଗୁଡିକୁ ଦୂରେଇ ସୁସ୍ଥ ସମାଜଟିଏ ଗଠନ କରିବାକୁ କାହାର ବି ଇଚ୍ଛା ଆଗ୍ରହ ଥିଲାପରି ମନେ ହୁଏନି । କେବଳ ଅନ୍ୟ ଉପରେ ଦୋଷ ଲଦି ନିଜେ ବିଚାରକ ସାଜି ନିର୍ଦ୍ଦୋଷ ହୋଇଯିବା ଠାରୁ ସହଜ ଆଉ କ'ଣ ଥାଇପାରେ । ଦେଶରେ ଯେଉଁଭଳି ଭାବରେ ଜନସଂଖ୍ୟା ବଢ଼ି ଚାଲିଛି ବିବାହକୁ ବନ୍ଦ କରିଦେବାର ଆବଶ୍ୟକତା ରହିଛି । ଅବଶ୍ୟ ଏହା ଧ୍ୱଂସର ପ୍ରାରମ୍ଭ ସୂଚନା ମାତ୍ର କାରଣ ମନୁଷ୍ୟ ସବୁପରେ ବି ଜଣେ ଜୈବିକ ପ୍ରାଣୀ । କିନ୍ତୁ ଭାରତବର୍ଷ ପରି ପବିତ୍ର ଭୂଖଣ୍ଡରେ ଖୁବ୍ କମ୍ ଜାଗାରେ ହିଁ ଗୋଟିଏ ସୁସ୍ଥ ପରିବାର ଆନନ୍ଦରେ କାଳ କାଟୁଥିବ । ନଚେତ୍ ଏମତି କୋଉ ଘର ପରିବାର ନାହିଁ ଯେଉଁଠି ବୈବାହିକ ସମସ୍ୟା ନଥିବ ।

ସୁରେଶ କୁମାର ଦାଶ, ପୁରୀ

# ଶ୍ରୀକ୍ଷେତ୍ରରେ ଚନ୍ଦନଯାତ୍ରା

**ସୁଷମା ପରିଜା**

ଶ୍ରୀଜଗନ୍ନାଥଙ୍କର ବାର ମାସରେ ତାଙ୍କର ତେର ଯାତ୍ରା ର ବର୍ଣ୍ଣାଢ଼୍ୟ ଉତ୍ସବ ପାଳିତ ହୋଇଥାଏ ମହା ସମାରୋହରେ । ସେହି ତେର ଯାତ୍ରା ମଧ୍ୟରୁ ସବୁଠାରୁ ପ୍ରଲମ୍ବିତ ଯାତ୍ରା ଟି ହେଉଛି " ଚନ୍ଦନ ଯାତ୍ରା" । ଏହା ବୈଶାଖ ମାସ ଶୁକ୍ଲପକ୍ଷ ତୃତୀୟା ଠାରୁ ଆରମ୍ଭ ହୋଇ ଜ୍ୟେଷ୍ଠ ମାସ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଦୀର୍ଘ ବୟାଳିଶ ଦିନ ଧରି ପାଳନ କରାଯାଇଥାଏ । ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ରୌଦ୍ରତାପ ଅସହ୍ୟ ହେବାରୁ ପ୍ରଭୁ ଶୀତଳତା ଖୋଜନ୍ତି । ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ପ୍ରତ୍ୟହ ଚନ୍ଦନ ଲେପି ତାଙ୍କୁ ଶୀତଳତା ପ୍ରଦାନ କରିବା ନିମନ୍ତେ ପ୍ରୟାସ କରିଥାନ୍ତି । ତଥାପି ପ୍ରଭୁ ଙ୍କ ଦେହ ମନ ଶାନ୍ତ ହୁଏ ନାହିଁ । ଏହି ଗ୍ରୀଷ୍ମ ସମୟରେ ମହାପ୍ରଭୁ ନିତ୍ୟ ପରିଧାନ କରୁଥିବା ପାଟ୍ଟବସ୍ତ୍ର ପରିବର୍ତ୍ତେ ବଇରାଣୀ ସୂତା ଲୁଗା ପରିଧାନ କରନ୍ତି । ଚଉସରି ଅଳକା ଏବଂ ଗଭା ଚୂଳ ଲାଗି ହୋଇଥାନ୍ତି । ଚନ୍ଦନ ଯାତ୍ରା ଅବସର ରେ ମହାପ୍ରଭୁ ଙ୍କର ଚଳନ୍ତି ପ୍ରତିମା ରାମକୃଷ୍ଣ, ମଦନମୋହନ, ଭୂଦେବୀ ଶ୍ରୀଦେବୀଙ୍କୁ ସାଥିରେ ନେଇ ମଣିବିମାନ ଆରୋହଣ କରି ମହାସମାରୋହରେ ବାହାରି ଆସନ୍ତି ପରମ ପାବନ ନରେନ୍ଦ୍ର ପୁଷ୍କରିଣୀର ଚନ୍ଦନ ଚକଡା ରେ ଚନ୍ଦନ ଚର୍ଚ୍ଚିତ ହୋଇ ନନ୍ଦା ଭଦ୍ରା ନାବରେ ଚାପ ଖେଳି ଶୀତଳତା ଆହରଣ କରିବାକୁ । ଯେମିତି ସଉକିଆ ଆମ ମହାପ୍ରଭୁ ସେମିତି ସଉକିଆ ତାଙ୍କର ଯାତ୍ରା ପର୍ବ । ଅକ୍ଷୟ ତୃତୀୟା ଶ୍ରୀକ୍ଷେତ୍ର ର ଏକ ପ୍ରମୁଖ ଉତ୍ସବ । ଏହି ଦିନରେ ମହାପ୍ରଭୁ ଙ୍କର ଘୋଷ ଯାତ୍ରା ପାଇଁ ରଥ କାଠ ଅନୁକୂଳ ହୋଇଥାଏ । ବଡ ଦେଉଳରେ ଅକ୍ଷୟ ତୃତୀୟା ଦିନ ମଧ୍ୟାହ୍ନ ଧୂପ ସରିଲା ପରେ ତିନି ବଡ଼ପଣ୍ଡା ମହାପ୍ରଭୁଙ୍କର ଆଜ୍ଞାମାଳ ନେଇ ଘଣ୍ଟ ଘଣ୍ଟା ଶଙ୍ଖ ହୁଳହୁଳି ମଧ୍ୟରେ ଅନ୍ୟ ସେବକ ମାନଙ୍କ ଗହଣରେ ବଡଦାଣ୍ଡରେ ଥିବା ରଥଖଳାରେ ପହଞ୍ଚି ଥାଆନ୍ତି । ସ୍କନ୍ଦ ପୁରାଣ,ନିଳାଦ୍ରୀ ମହୋଦୟ, ବାମନ ସଂହିତା ରେ ଏହି ଉତ୍ସବ ର ବର୍ଣ୍ଣନା ରହିଛି । ଘଟୁଆରୀ ସେବକ ମାନଙ୍କ ଦ୍ୱାରା ପ୍ରସ୍ତୁତ ଘୋରା ଚନ୍ଦନ ଭୋଗମଣ୍ଡପ ସେପଟ ଘରେ ଅଧିବାସ ହୋଇ ରହିଥାଏ । ଗୋରା ଚନ୍ଦନ ପୂର୍ଣ୍ଣ ପାତ୍ରକୁ ଧରି ସେବକମାନେ ଶ୍ରୀମନ୍ଦିରକୁ ତିନିଥର ପରିକ୍ରମା କରିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଶ୍ରୀ ଅଙ୍ଗରେ ଚନ୍ଦନ ଲେପନ ହୋଇଥାଏ । ସେଥିପାଇଁ ଅନେକ ଏହାକୁ "ଗନ୍ଧ ଲେପନ ପର୍ବ "ବୋଲି କହିଥାନ୍ତି । ସେବକମାନେ ଚଳନ୍ତି ପ୍ରତିମା ମାନଙ୍କୁ ରତ୍ନସିଂହାସନ ଉପରୁ ଆଣି ରାମକୃଷ୍ଣଙ୍କୁ ଏକ ସୁସଜ୍ଜିତ ପାଲିଙ୍କିରେ ଏବଂ, ମଦନମୋହନ, ଭୂଦେବୀ, ଶ୍ରୀଦେବୀଙ୍କୁ ମଣି ବିମାନରେ ବସାଇ ବାଇଶି ପାହାଚ ବାଟଦେଇ ଆସନ୍ତି ରଥଖଳାକୁ । ସେଠାରେ ଠାକୁର ମାନଙ୍କ ଉପସ୍ଥିତିରେ ରଥ ଅନୁକୂଳ ବିଧି ସମ୍ପନ୍ନ ହୋଇସାରିବା ପରେ ମଣି ବିମାନକୁ କାନ୍ଧରେ ବୋହି ବିମାନ ବଡୁ ସେବକମାନେ ପଟୁଆର ରେ ନେଇ ବାହାରି ଯାଆନ୍ତି ନରେନ୍ଦ୍ର ପୁଷ୍କରିଣୀ ନିକଟକୁ । ଏହି ମଣି ବିମାନ ଟି ଶିଶୁ କାଠରେ ନିର୍ମିତ ଏବଂ ଏଥିରେ ରୂପା ଛାଉଣି ହୋଇ ହାତୀ ଦାନ୍ତ ର ଅନେକ କାରୁକାର୍ଯ୍ୟ ଯୁକ୍ତ ।ଏହାର ଚାରୋଟି ବାହୁ କୁ ତିନି ତିନି ଜଣ କରି ମୋଟ୍ ବାରଜଣ ଯୁବ ବିମାନବଡୁ ସେବକ କାନ୍ଧରେ ବୁହାଇ ନିଅନ୍ତି ବଡ ଦେଉଳରୁ ନରେନ୍ଦ୍ର ପୁଷ୍କରିଣୀ ପର୍ଯ୍ୟନ୍ତ । ରାମକୃଷ୍ଣଙ୍କ ସହିତ ଆସି ଯୋଗ ଦିଅନ୍ତି ପଞ୍ଚ ମହାଦେବ (ଶ୍ରୀକ୍ଷେତ୍ର ଭାଷାରେ ପଞ୍ଚୁ ପାଣ୍ଡବ) ଶ୍ରୀ ଜମ୍ବେଶ୍ୱର, ଶ୍ରୀ ଲୋକନାଥ, ଶ୍ରୀ ମାର୍କଣ୍ଡେଶ୍ୱର, ଶ୍ରୀ ନୀଳକଣ୍ଠେଶ୍ୱର ଏବଂ ଶ୍ରୀ କପାଳମୋଚନ । ଛତ୍ର, ତ୍ରାସ, ଆଲଟ ଚାମର ସହ ବିଜେ କାହାଳୀ, ଶଙ୍ଖ ହୁଳହୁଳି ମୃଦଙ୍ଗ ଝାଞ୍ଜ ଘଣ୍ଟ ଧ୍ୱନିରେ କମ୍ପି ଯାଏ ଶ୍ରୀକ୍ଷେତ୍ରର କୋଣ ଅନୁକୋଣ । ନରେନ୍ଦ୍ର ପୁଷ୍କରିଣୀରେ ଚନ୍ଦନ ଯାତ୍ରାର ପ୍ରସ୍ତୁତି ଆରମ୍ଭ ହୋଇଥାଏ ଚୈତ୍ର ପୂର୍ଣ୍ଣିମା ଦିନରୁ । ପ୍ରତିବର୍ଷ ନନ୍ଦା ଏବଂ ଭଦ୍ରା ନାମରେ ପରିଚିତ ଦୁଇଟି ବଡ଼ବଡ଼ ଡଙ୍ଗାରେ ମହାପ୍ରଭୁ ଚାପ ଖେଳନ୍ତି ଏବଂ ବାହାର ଚନ୍ଦନ ଯାତ୍ରା ର ଏକୋଇଶି ଦିନ ପରେ ସେଇ ଡଙ୍ଗା ଦୁଇଟିକୁ ଓଲଟାଇ ପୁଷ୍କରିଣୀ ର ବାଲିରେ ପୋତି ଦିଆଯାଏ । ପ୍ରତି ବର୍ଷ ଚୈତ୍ର ପୂର୍ଣ୍ଣିମା ଦିନ ଏହାକୁ ଢ଼ାଲିରୁ କଢ଼ା ଯାଇ ତାହାର ବିଧି ମୁତାବକ ସଂସ୍କାର କରାଯାଏ ଏବଂ ରଙ୍ଗ ଦିଆଯାଇଥାଏ । ଅକ୍ଷୟ ତୃତୀୟା ଦିନ ମଣି ବିମାନ ନରେନ୍ଦ୍ର ପୁଷ୍କରିଣୀ ରେ ପହଞ୍ଚିଲା ପୂର୍ବରୁ ଚନ୍ଦନ ଯାତ୍ରା ର ସକଳ ବନ୍ଦୋବସ୍ତ ହୋଇ ସାରିଥାଏ ସେଠାରେ । ଜଗନ୍ନାଥ ବଲ୍ଲଭ ମଠ ଦ୍ୱାରା ପ୍ରସ୍ତୁତ ହୋଇ ଆସିଥିବା ଚନ୍ଦନ କର୍ପୂର ଜାଇଫଳ ଯୁକ୍ତ ସୁଗନ୍ଧି ଜଳ ପ୍ରସାଦ ସଜ କରି ଦିଅଁ ମାନଙ୍କ ଆଗମନକୁ ଅପେକ୍ଷା କରି ବସିଥାନ୍ତି ଭିତରଚ୍ଛୁ ମହାପାତ୍ର ।ମଣି ବିମାନ ଆଉ ପାଲିଙ୍କି ପହଞ୍ଚିଲା କ୍ଷଣି ପାଛୋଟି ନେଇ



ଯାଆନ୍ତି ଚନ୍ଦନ ଚକଡା କୁ । ସେଠାରେ ଜଳପ୍ରସାଦ ଲାଗି ହେଲା ପରେ ଦିଅଁ ମାନେ ଦିନ ଚାପ ପାଇଁ ବାହାରନ୍ତି । ନନ୍ଦା ଭଦ୍ରା ଦୁଇଟି ଯାକ ନାଆ କୁ ଯୋଡି ତିଆରି ହୋଇଥାଏ ଚାପ । ନନ୍ଦା ବା ସୁନନ୍ଦା ନାମକ ନାବ ଟି ଲାଲ୍ ରଙ୍ଗର, ସେଥିରେ ବିଜେ କରନ୍ତି ମଦନମୋହନ, ଭୂଦେବୀ,ଶ୍ରୀଦେବୀ । ଭଦ୍ରା ବା ବୈରାଟିକା ନାମକ ନାବ ଟି ଧଳା ରଙ୍ଗର, ସେଥିରେ ବିଜେ କରନ୍ତି ରାମକୃଷ୍ଣ ଏବଂ ପଞ୍ଚ ମହାଦେବ । ଦିଅଁ ମାନଙ୍କ ସହିତ ପଣ୍ଡା ମାନେ ବସିଲା ପରେ ଆରମ୍ଭ ହୁଏ ଚାପ ଖେଳ । ମଝିରେ ମଝିରେ ଦିଅଁ ମାନଙ୍କୁ ଭୋଗ, ବିଡିଆ ଲାଗି ହେଉଥାଏ ।

ସୁନନ୍ଦା ଏବଂ ବୈରାଟିକା ନାବ ଦୁଇଟି ର ଅଗ୍ରଭାଗରେ ଯୋଡି ହୋଇ ଥାଆନ୍ତି ଦୁଇଟି ସୋଲରେ ତିଆରି ବଡ ବଡ ହଂସ । ହଂସ ଦୁଇଟି ସୁନ୍ଦର ଭାବରେ ଜରି ଫୁଲରେ ସୁସଜ୍ଜିତ ହୋଇଥାନ୍ତି, ଦେଖିଲେ ଲାଗେ ସେ ଯେମିତି ହଂସ ଦୁଇଟି ଚାପ ଡଙ୍ଗାକୁ ସେମାନଙ୍କ ଥଣ୍ଟରେ ଭିଡି ନେଉଛନ୍ତି । ଏମାନଙ୍କ ଆଗେ ଆଗେ ବାଟ କଢାଇ ଚାଲୁଥାଏ ଅନ୍ୟ ଏକ ଡଙ୍ଗା । ତା'ର ନାମ ବୈଜୟନ୍ତୀ । ସେଥିରେ ଥାଆନ୍ତି ବଡ ଦେଉଳର ବଜନ୍ତ୍ରୀ (ବାଜା ବଜାଇବା) ସେବକ, ଯେଉଁ ମାନେ ଝାଞ୍ଜି ଖୋଳ କରତାଳ କାହାଳ ବଜାଇ ଚାପ ଖେଳୁ ଥିବା ଦିଅଁ ମାନଙ୍କର ମନୋରଞ୍ଜନ କରୁଥାନ୍ତି । ତା'ପରେ ଦିଅଁ ମାନେ ଚନ୍ଦନ ଚକଡାକୁ ଫେରି ଆସନ୍ତି । ସେଠାରେ ଚନ୍ଦନ କୁଣ୍ଡରେ ଚନ୍ଦନ ଲେପନ ହେବା ସହିତ ଆଡ଼ପ ନାୟକଙ୍କ ଦ୍ୱାରା ପ୍ରସ୍ତୁତ ଛେନା ମାଣ୍ଡୁଅ ଏବଂ ପଟ ରସାବଳି ଭୋଗ ଲାଗି ହୁଅନ୍ତି । ନାନାଦି ପୁଷ୍ପ ଅଳଙ୍କାର ରେ ବେଶ ପଟା ହୋଇ ପ୍ରସ୍ତୁତ ହୁଅନ୍ତି ପୁନର୍ବାର ନରେନ୍ଦ୍ର ପୁଷ୍କରିଣୀ ରେ ରାତି ଚାପ ଖେଳ ପାଇଁ । ସାନ୍ଧ୍ୟ କାଳୀନ ଶାନ୍ତ ସ୍ନିଗ୍ଧ ପରିବେଶରେ ଦିଅଁମାନଙ୍କ ସେ ଚାପ ଖେଳ ଅତୀବ ମନୋହର । ରାତି ଚାପ ଖେଳ ରେ ଦିଅଁ ମାନେ ତିନି ଘେରା ପରିକ୍ରମା କରିଥାନ୍ତି । ଚାପ ଖେଳ ସାରି ପ୍ରତିଦିନ ଫେରିଯାଆନ୍ତି ବଡ ଦେଉଳକୁ । ସିଂହଦ୍ୱାରରେ ରାମକୃଷ୍ଣଙ୍କୁ ପାଲିଙ୍କିରୁ ଓହ୍ଲାଇ ସେବକମାନେ କୋଳ କରି ବାଇଶି ପାହାଚ ଦେଇ ଦେଉଳକୁ ବିହୁଡି ଆଲୁଅ ଦେଖାଇ ନେଇଥାନ୍ତି, ସେହି ସମୟରେ ବାଇଶି ପାହାଚରେ ସେବକ ମାନଙ୍କ ବ୍ୟତୀତ ଅନ୍ୟ କୌଣସି ଭକ୍ତ ମାନଙ୍କୁ ପ୍ରବେଶ ନିଷେଧ ଥାଏ । ରାମକୃଷ୍ଣ ବାଇଶି ପାହାଚ ରେ ଆଖିରୁ ଅଦୃଶ୍ୟ ହେଲା ପରେ ପଞ୍ଚ ମହାଦେବ ବାହୁଡନ୍ତି ଆପଣା ଆପଣା ସ୍ଥାନକୁ । ସିଂହଦ୍ୱାର ଦେଇ ବାଇଶି ପାହଚରେ ମଦନମୋହନ ଭୂଦେବୀ ଶ୍ରୀଦେବୀ ଙ୍କୁ ସେମିତି କାନ୍ଧରେ ବୋହି ନିଅନ୍ତି ବିମାନ ବଡୁ ସେବକମାନେ ମଣି ବିମାନରେ । ସେଠାରେ ସେମାନଙ୍କୁ ଯଥାସ୍ଥାନରେ ରଖି ପହୁଡ କରନ୍ତି । ଏହିପରି ଏକୋଇଶି ଦିନ ବ୍ୟାପୀ ବାହାର ଚନ୍ଦନ ଯାତ୍ରା ହୋଇଥାଏ । ତହିଁରୁ କୋଡ଼ିଏ ତମ ଦିବସରେ ଚାପ ଭଉଁରୀ ଖେଳନ୍ତି, ପ୍ରତ୍ୟେକ କୋଣରେ ସାତ ଘେରା ଭଉଁରୀ କାଟି କାଟି ପୁରା ପୁଷ୍କରିଣୀକୁ ପରିକ୍ରମା କରିଥାନ୍ତି । ଏକୋଇଶି ତମ ଦିନରେ ଚାପ ଖେଳ ସରିବା ପରେ ଦିଅଁମାନେ ହଳଦୀ ପାଣିରେ ଗାଧୋଇ ପୁନଶ୍ଚ ବେଶଲାଗି ହୋଇ ବଡ ଦେଉଳକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି । ତହିଁ ଆର ଦିନ ଠାରୁ ବଡ ଦେଉଳରେ ଆରମ୍ଭ ହୋଇଥାଏ ଭିତର ଚନ୍ଦନଯାତ୍ରା । ଏକୋଇଶି ଦିନ ବ୍ୟାପୀ ଜଳକ୍ରୀଡା ମଣ୍ଡପ ରେ ଦିଅଁ ମାନେ୍ବିଜେ କରି ଚନ୍ଦନ କୁଣ୍ଡରେ ଜଳକ୍ରୀଡ଼ା କରିଥାନ୍ତି ।

ପୋତା ପୋଖରୀ, କଟକ-୪





# କେନାଲରେ ଆସୁନି ପାଣି, ଜଳକର ଦେଉଛନ୍ତି ଚାଷୀ

ରାଇରଙ୍ଗପୁର : ଗରିବ ଆଦିବାସୀ ଚାଷୀମାନଙ୍କ ମୁଣ୍ଡରେ ପଡ଼ିଲା ଚଡ଼କ। କିପରି କରିବେ ଚାଷ ? ଜଳ କର ପିଛା ଛାଡୁ ନାହିଁ। ଏହି ଭଳି ଚାଷୀ ମାରଣା ଯୋଜନା ଘଟଣା ଘଟିଛି ମୟୂରଭଞ୍ଜଜିଲ୍ଲା ବିଜାତଳା ବ୍ଲକର ବାଙ୍କବଳ ଓ କୁସୁମୀ ବ୍ଲକର ସୁଲେଇପାଟ ଖଡଖାଇ ବନ୍ଧ କେନାଲର ଦୁର୍ଦ୍ଦଶା।
ସୁଲେଇପାଟ ବନ୍ଧରୁ ୭୯୯୦ ହେକ୍ଟର ଜମି ଓ ବାଙ୍କବଳ ୭୨୦୦ ହେକ୍ଟର ଜମିକୁ ଜଳସେଚନ ସୁବିଧା ରହିଛି। ଉକ୍ତ ଦୁଇ ବନ୍ଧର କେନାଲରୁ ୪୫ରୁ ଅଧିକ ଗ୍ରାମର ଚାଷୀ ଜଳକର ଦେଉଥିବା ଜଣାପଡ଼ିଛି। ଦେଖିବାକୁ ଗଲେ ସରକାର ଚାଷୀମାନଙ୍କ ପାଇଁ ଅନେକ ଯୋଜନା କରି କୋଟି କୋଟି ଟଙ୍କାର ଚାଷୀଙ୍କ ହିତ ପାଇଁ ନୂଆ ନୂଆ ପ୍ରକଳ୍ପ ଆରମ୍ଭ କରୁଛନ୍ତି। ଯୋଜନା ଅନୁଯାୟୀ କାର୍ଯ୍ୟ ସମାପ୍ତ ହେଉଛି। ତେବେ ପ୍ରକଳ୍ପ ନିମ୍ନମାନର କାର୍ଯ୍ୟ ପାଇଁ ଫେଲ ମାରୁଛି। କିନ୍ତୁ ଦେଖିବାକୁ ଗଲେ ପ୍ରକୃତରେ ଚାଷୀ କ'ଣ ଲାଭ ପାଉଛି। ପ୍ରଶ୍ନ ଉଠୁଛି କୋଟିକୋଟି ଟଙ୍କାରେ ନିର୍ମାଣ କରାଯାଇଥିବା କେନାଲ ପାଣି କାହା ସ୍ୱାର୍ଥରେ ଉକ୍ତ ଦୁଇଟି ବନ୍ଧର କେନାଲ ଦୀର୍ଘ ବର୍ଷ ଆଗରୁ ନିର୍ମାଣ କରିବା ସହିତ ମରାମତି ମ ବିଭାଗ ପକ୍ଷରୁ କରାଯାଇଥିଲା। ତଥାପି ଚାଷି ପାଣିର ଲାଭ ପାଇପାରିଲେ ନାହିଁ।
କେନାଲ କିଭଳି କେନାଲ ଦୁଇ ଧାରରେ ଥିବା ସିମେଣ୍ଟ କଂକ୍ରିଟ ମଧ୍ୟ ଫାଟି ଯାଇଛି। ଆଉ କେନାଲର ମ ଭାଗ ଗ୍ରାଉଣ୍ଡର ଚଟାଣର ମେଜିଆ ମଧ୍ୟ ନିମ୍ନମାନର କାର୍ଯ୍ୟ ହୋଇଛି। କେନାଲର ମଧ୍ୟ ଭାଗରେ ଅନେକ ଗାତ ଓ ଖାଲଖମାର କଣା ହେବାରୁ କେନାଲ ଦେଇ ଯେଉଁ ପାଣି ଯାଉଛି ତାହା ଖାଲ ବାଟଦେଇ ଅନ୍ୟ ଆଡକୁ ପାଣି ମାଟି ତଳେ ପଶି ଅନ୍ୟତ୍ର ଚାଲି ଯାଉଅଛି।
କେତେକ ସ୍ଥାନରେ ଚାଷୀ କେନାଲର କଣା ଓ ଗାତ ସ୍ଥାନକୁ ମାଟି ଦେଇ ବନ୍ଦ କରିବାକୁ ଚେଷ୍ଟା କରିବା ପରେବି ଚାଷୀମାନେ ବିଫଳ ହେଉଥିବା ଦେଖିବାକୁ ମିଳିଛି। ଚାଷୀ ଠିକ୍ ସମୟରେ ପାଣି ପାଇବାରୁ ବଞ୍ଚିତ ହେଉଥିବା କଥା ଚାଷୀମାନେ ପ୍ରକାଶ କରିଥିଲେ। ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିବା ପରେ ବି କୌଣସି ପ୍ରତିକାର କରାନଯିବା ଦୁର୍ଭାଗ୍ୟଜନକ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ସାଧାରଣ ବର୍ଗର ଚାଷୀ ଚଳିତ ବର୍ଷ ଚାଷ ପାଇଁ ଧାର କରଜ ଓ କିଏ କିଏ ବ୍ୟାଙ୍କ ଋଣ କରିଛନ୍ତି। ତାହା କିପରି ପରିଶୋଧ କରାଯିବ ସେ ନେଇ ଚିନ୍ତାରେ ଚାଷୀ।
ବର୍ତ୍ତମାନ ଚାଷୀମାନଙ୍କର ଗୋଟିଏ ଦାବି ରହିଛି ଯେତେ ପର୍ଯ୍ୟନ୍ତ ସରକାର କେନାଲକୁ ପୁନର୍ବାର ମରାମତି କରିନାହାଁନ୍ତି ସେତେଦିନ ପର୍ଯ୍ୟନ୍ତ ଜଳ କର ଦେବେ ନାହିଁ ବୋଲି ଚେତାବନି ଦେଇଛନ୍ତି। ଚାଷୀଙ୍କ ଦାବି କେନାଲ ମରାମତି ନାହିଁତ ଜଳକର ଦେବେ ନାହିଁ। ଏଣୁ ଜଳ ସମ୍ପଦ ବିଭାଗ ଏ ଦିଗରେ ଦୃଷ୍ଟି ଦେବା ସହିତ ଚାଷୀ ମାନଙ୍କ ସମସ୍ୟା ଦୂରକରନ୍ତୁ ନଚେତ ଆଗାମୀ ଦିନରେ ଚାଷୀ ଆନ୍ଦୋଳନ ପନ୍ଥା ଗ୍ରହଣ କରିବେ ବୋଲି ଚାଷୀ ମାନେ ଚେତାବନୀ ଦେଇଛନ୍ତି।



## ଅସ୍ତିତ୍ୱ ହରାଉଛି କୋଏଲ, ଜଳସେଚିତ ହୋଇପାରୁନି ଚାଷଜମି



ରାଉରକେଲା: ପଡ଼ୋଶୀ ଝାଡ଼ଖଣ୍ଡ ଛୋଟାନାଗପୁର ମାଳ ଅଂଚଳର ଲୋହରଦାଗାରୁ ଉତ୍ପତି କୋଏଲ ନଦୀ। ଉଭୟ ଝାଡ଼ଖଣ୍ଡ ଓ ଓଡ଼ିଶାର ୨୮୫ କିଲୋମିଟର ଅଂଚଳରେ ପ୍ରବାହିତ। ଦକ୍ଷିଣ କୋଏଲ ନଦୀ ଓଡ଼ିଶାର ସୁନ୍ଦରଗଡ଼ରେ ପ୍ରବାହିତ ହୋଇ ବେଦବ୍ୟାସରେ ଶଙ୍ଖ ଓ ବ୍ରାହ୍ମଣୀରେ ମିଶିଛି। ଏକଦା କୋଏଲ ଥିଲା ଅଂଚଳବାସୀଙ୍କର ଜୀବନରେଖା। ନଦୀର ଉପରମୁଣ୍ଡ ଝାଡ଼ଖଣ୍ଡ ବସିଆ ନିକଟରେ ଡ୍ୟାମ୍ ନିର୍ମାଣ ଓ ଅବାଧ ବାଲି ଉତୋଳନ କୋଏଲ ପାଇଁ ବଡ଼ ବିପଦ ପାଲଟିଛି। ବର୍ଷ ବର୍ଷ ଧରି ସ୍ଥାନୀୟବାସିନ୍ଦାଙ୍କ ପାଇଁ ଜୀବନରେଖା ପାଲଟିଥିବା କୋଏଲର ଅସ୍ତିତ୍ୱ ଏବେ ସଙ୍କଟରେ। ବିଧାନସଭାରେ ପ୍ରଶ୍ନ ଉଠିବା ପରେ ଓଡ଼ିଶା ସରକାର ବିଳମ୍ବରେ ହେଲେ ମଧ୍ୟ ରାଉରକେଲା ହମିରପୁର ନିକଟରେ କୋଏଲ ଜଳକୁ ସଂରକ୍ଷିତ ରଖିବା ଲାଗି ବ୍ୟାରେଜ୍ ନିର୍ମାଣ କରୁଛନ୍ତି। ଯାହା ୨୦୨୬ ଜୁନ ମାସ ଶେଷ ସୁଦ୍ଧା ସରିବ ବୋଲି କୁହାଯାଉଛି। ତେବେ ଏଥିରେ ପୂର୍ବରୁ ଯେତିକି ଲୋକଙ୍କୁ ଲାଭ ମିଳୁଥିଲା, ତା' ହେବନି। କାରଣ ଯେ ପର୍ଯ୍ୟନ୍ତ ଝାଡ଼ଖଣ୍ଡ ଉପରମୁଣ୍ଡରୁ ଡ୍ୟାମ୍ ପାଣି ଛଡ଼ା ନଯାଇଛି, ସେ ପର୍ଯ୍ୟନ୍ତ କୋଏଲ ସୁନ୍ଦରଗଡ଼ର ରାଉରକେଲା ଓ କିଛି ବ୍ଲକ୍‌ବାସୀଙ୍କୁ ଏମିତି ଦୁଃଖ ଦେଇ ଚାଲିଥିବ। ବର୍ଷା ଦିନେ ସ୍ଥିତି ଅସମ୍ଭାଳ ହେଉଥିବ। ଖରାଦିନେ ନଦୀଜଳସ୍ତର ହ୍ରାସ ପାଉଥିବାରୁ ଇସ୍ପାତ ସହରାଂଚଳ ସମେତ ଆଖପାଖରେ ଜଳସଙ୍କଟ ଉତ୍କଟ ହେଉଛି। କିଛି ବର୍ଷ ତଳେ କୋଏଲ ଶୁଖିଯିବାରୁ ସହରରେ ପାନୀୟ ଜଳ ପାଇଁ ହାହାକାର ସ୍ଥିତି ସୃଷ୍ଟି ହୋଇଥିଲା। କୋଏଲ ନଦୀ ଇସ୍ପାତ ସହରାଂଚଳ, ଶକ୍ତିନଗର, କୋଏଲନଗର, ଝିରପାଣି, ଜଗଦା, ହମିରପୁର ଆଦି ଅଂଚଳର ପାଖାପାଖି ୨ ଲକ୍ଷରୁ ଅଧିକ ଲୋକଙ୍କୁ ପାନୀୟ ଜଳ ଯୋଗାଣ ହୋଇଥାଏ। କେବଳ ସେତିକି ନୁହେଁ; କୁଆରମୁଣ୍ଡା, ନୂଆଗାଁ, ବିଶ୍ରା ସମେତ କିଛି ବ୍ଲକ୍‌ରେ ପ୍ରାୟ ୨ ହଜାର ହେକ୍ଟର ଚାଷଜମି ଜଳସେଚିତ ହୋଇଥାଏ। ଦ୍ୱିତୀୟ ଶିଳ୍ପାଂଚଳ ପାଇଁ କୋଏଲ ନଦୀ ବେଶ୍ ଗୁରୁତ୍ୱପୂର୍ଣ୍ଣ। କାରଣ ଶିଳ୍ପାଂଚଳକୁ ଆବଶ୍ୟକ ପାଣି ପାଇଁ କୋଏଲ ନଦୀ ହିଁ ଏକମାତ୍ର ବିକଳ୍ପ। ସେପଟେ ବାଲିମାଫିଆଙ୍କ ବେଧଡକ ବାଲି ଉଠାଣ ନଦୀ ପାଇଁ ବିପଦ ଆଣୁଛି। ବେଳ ଥାଉ ଥାଉ ସୁରକ୍ଷା ପାଇଁ କୌଣସି ଠୋସ୍ ପଦକ୍ଷେପ ନିଆନଗଲେ କୋଏଲ ନଦୀ ସବୁଦିନ ପାଇଁ ତା'ର ପରିଚୟ ହରାଇବସିବ, ଏଥିରେ ଦ୍ୱିମତ ନାହିଁ।

## ବିକାଶ ଖୋଜୁଛି ଗଜପତି: ଜୀବନକୁ ବାଜି ଲଗାଇ ନଦୀ ପାର ହେଉଛନ୍ତି ଲୋକେ

ଗଜପତି : ଦେଶ ସାଧୀନତା ପ୍ରାପ୍ତିକୁ ୭୯ ବର୍ଷ ଅତିକ୍ରମ କରିସାରିଥିବା ବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ଆଉ ୧୦ ବର୍ଷ ପରେ ୧୦୦ ବର୍ଷ ପୂରିବ। ଓଡ଼ିଶା ସରକାର ଭିଜନ ୨୦୩୬ ଓ ୨୦୪୭ ପାଇଁ ରୂପରେଖ ପ୍ରସ୍ତୁତ କରୁଛନ୍ତି। ସରକାର ଆତ୍ମନିର୍ଭରଶୀଳ ଓ ପ୍ରଯୁକ୍ତି ବିଦ୍ୟା କଥା କହୁଥିବା ବେଳେ ଉପାନ୍ତ ଅଂଚଳରେ ଆମର ବିକାଶ କିଭଳି ହୋଇପାରିଛି, ଏହି ଚିତ୍ର ହିଁ ତାର ଜ୍ୱଳନ୍ତ ପ୍ରମାଣ। ରାଜଧାନୀ ଭୁବନେଶ୍ୱର ଠାରୁ ପ୍ରାୟ ୩୦୦ କିମି ଦୂରରେ ଥିବା ଗଜପତି ଜିଲ୍ଲାର ଅଧିକାଂଶ ଅଂଚଳରେ ଗମନାଗମନର ପ୍ରମୁଖ ସମସ୍ୟା ଦେଖାଯାଇଥାଏ। ଶିକ୍ଷା, ସାସ୍ଥ୍ୟ ଓ ଗମନାଗମନ ବ୍ୟବସ୍ଥା ବିପର୍ଯ୍ୟସ୍ତ ଦେଖାଯାଇଥାଏ। ଗଜପତି ଜିଲ୍ଲାର ରାୟଗଡ ବ୍ଲକ ଭାଲିଆ ସାହି ଗ୍ରାମର ଭୀମ ମଣ୍ଡଳ ସନ୍ଧ୍ୟାରେ ଆଶ୍ରୟସ୍ଥଳୀରୁ ଘରକୁ ଫେରିବା ପରେ ଘରେ ରୋଷେଇ କରିବା ପାଇଁ ଜିନିଷପତ୍ର ନଥିବାରୁ ପୁଣିଥରେ ନଦୀ ପାର ହୋଇ ଦୋକାନକୁ ଯାଇ ଆଉ ଘରକୁ ଫେରି ନାହାନ୍ତି। ସକାଳୁ ସକାଳୁ ପ୍ରଥମେ ଗ୍ରାମବାସୀ ଓ ପରିବାର ଖୋଜାଖୋଜି କରିଥିଲେ। ସେହି ସମୟରେ ନଦୀରୁ ନିଖୋଜ ଯୁବକଙ୍କ ଚପଲ ମିଳିଥିବାରୁ ନଦୀରେ ଭାସିଯାଇଥିବା ସନ୍ଦେହ କରି ପୁଲିସକୁ ଖବର ଦେଇଥିଲେ।

### ନଦୀକୂଳରେ ପରିବାର ଲୋକଙ୍କ ଅପେକ୍ଷା

ଖବର ପାଇ ପୁଲିସ ଯାଂଚ କରିବା ପରେ ଓଡ୍ରାଫ୍ ଟିମ୍ ସହଯୋଗ ଲୋଡ଼ିଥିଲା। ସେହି ସମୟଠାରୁ ଅନୁସନ୍ଧାନ ଜାରି ରହିଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ନିଖୋଜ ବ୍ୟକ୍ତିଙ୍କ କୌଣସି ଖୋଜ ଖବର ମିଳିପାରି ନାହିଁ। ନିଜେ ରାୟଗଡ଼ ବ୍ଲକ ଉନ୍ନୟନ ଅଧିକାରୀ ସୁଶାନ୍ତ ବାରିକ୍ ଉପସ୍ଥିତ ରହି ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି। ପରିବାରବର୍ଗଙ୍କ ସହ ଆତ୍ମିୟ ସଜନ ଓ ଗ୍ରାମବାସୀ ନଦୀ କୂଳରେ ଅପେକ୍ଷା କରି ରହିଛନ୍ତି। ରାୟଗଡ଼ ପୁଲିସ ଘଟଣାସ୍ଥଳରେ ପହଂଚି ଖୋଜାଖୋଜି ଜାରି ରଖିଛନ୍ତି।



# ପାଠପଢ଼ା ଓଡ଼ିଶାର, କଥା ବୁଝନ୍ତି ପଡ଼ିଶାର

ନୂଆପଡ଼ା: ଜନ୍ମମାଟି ଓଡ଼ିଶାରେ..ଓଡ଼ିଆ ମିଡିୟମ ସ୍କୁଲରେ ବି ପଢୁଛନ୍ତି.. ଶିକ୍ଷକମାନେ ଓଡ଼ିଆ ଭାଷାରେ ପାଠ ପଢ଼ାଉଛନ୍ତି..ବଡ଼ବଡ଼ ଅକ୍ଷରରେ ଓଡ଼ିଆ ଭାଷାରେ ସ୍କୁଲର ନାମ ଫଳକ ଲେଖାଯାଇଛି । ହେଲେ ସ୍କୁଲର ପିଲାମାନେ ନା ଓଡ଼ିଆ ବୁଝୁଛନ୍ତି ନା କହିପାରୁଛନ୍ତି । ଛାତ୍ରଛାତ୍ରୀଙ୍କୁ କିଛି ପଚାରିଲେ ସେମାନେ ହିନ୍ଦୀ ନଚେତ ଲରିଆ ଭାଷା (ଆଂଚଳିକ ଭାଷା)ରେ ଉତର ଦେଉଛନ୍ତି । ଓଡ଼ିଆରେ କିଛି କହିବା ବେଳେ ଥଙ୍ଗଥଙ୍ଗ ହେଉଛନ୍ତି । ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ରହିଛି ଏଭଳି ଏକ ସ୍କୁଲ । ତେବେ ଏହି ସ୍କୁଲର ପିଲାମାନେ ଯଦି ଓଡ଼ିଆ ବୁଝୁନାହାନ୍ତି ତେବେ ପାଠ କେମିତି ପଢୁଛନ୍ତି ? କାହିଁକି ସେମାନେ ଓଡ଼ିଆ କହିପାରୁନାହାନ୍ତି ?

**ଓଡ଼ିଆ ବୁଝନ୍ତିନି ଓଡ଼ିଶା ପିଲା:** ଓଡ଼ିଶା-ଛତିଶଗଡ଼ ସୀମାନ୍ତ ନୂଆପଡ଼ା ଜିଲ୍ଲା ଆମସେନା ଗ୍ରାମ ପଂଚାୟତର ଠେଲକୋବେଡା ଗାଁ। ଗାଁ ମୁଣ୍ଡରେ ରହିଛି ଏକ ସରକାରୀ ପ୍ରାଥମିକ ବିଦ୍ୟାଳୟ । ସ୍କୁଲର ନାଁ, ଗାଁ, ଆଉ ସରକାରୀ ଯୋଜନା ବିଷୟରେ ଓଡ଼ିଆ ଭାଷାରେ ଲେଖାଯାଇଛି । ସ୍କୁଲର ଶିକ୍ଷକ ଶିକ୍ଷୟତ୍ରୀ ସବୁ ଓଡ଼ିଆ । କିନ୍ତୁ ଏଠାରେ ଥିବା ଛାତ୍ରଛାତ୍ରୀ ଓଡ଼ିଆ ଭାଷା ବହୁତ କମ ବୁଝନ୍ତି ଓ ଲରିଆ ଭାଷାରେ କଥା ହୁଅନ୍ତି। ଏଭଳି ପରିସ୍ଥିତିରେ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ବଡ଼ ଅଡୁଆ ପରିସ୍ଥିତିର ସାମ୍ନା କରିବାକୁ ପଡୁଛି । ସେମାନେ ଏହି ସମସ୍ୟାକୁ ଲରିଆ ଭାଷା ଶିଖି ବ୍ୟକ୍ତିଗତ ସ୍ତରରେ ସମାଧାନ କରୁଛନ୍ତି । କାରଣ ପିଲାଙ୍କୁ ପାଠ ପଢ଼େଇବା ସମୟରେ ଓଡ଼ିଆରେ ପାଠ ପଢେଇବା ସହ ତାକୁ ଲରିଆରେ ଅନୁବାଦ (ଟ୍ରାନ୍ସଲେଟ) କରି ବୁଝେଇବାକୁ ପଡିଥାଏ।

**ଓଡ଼ିଆ ବଦଳରେ କହୁଛନ୍ତି ଲରିଆ ଭାଷା:** ଏହି ସ୍କୁଲରେ ଶିକ୍ଷକତା କରୁଥିବା ବରଗଡ଼ ଜିଲ୍ଲାର ଜଣେ ଶିକ୍ଷକ ଛବିଲ ବରିହା କହିଛନ୍ତି, 'ଛତିଶଗଡ଼ ସୀମାରେ ଏହି ଅଂଚଳ ଥିବାରୁ ଏଠାରେ ପିଲାମାନେ ଓଡ଼ିଆ ଶିଖିପାରୁନାହାନ୍ତି । ସେମାନେ ଛତିଶଗଡର ସବୁ ପର୍ବ ପର୍ବାଣୀ ପାଳନ କରନ୍ତି । ଏହି ଅଂଚଳରେ ତାଙ୍କର ଆଂଚଳିକ ଭାଷା ଲରିଆ ପ୍ରଚଳିତ ଅଛି । ତେଣୁ ଆମେ ଓଡ଼ିଆରେ ପାଠ ପଢେଇବା ସମୟରେ ଲରିଆ ଭାଷାରେ ମଧ୍ୟ ବୁଝେଇବାକୁ ପଡିଥାଏ । ଆମକୁ ମୁଖ୍ୟତଃ ପାଠକୁ ଓଡ଼ିଆରୁ ଲରିଆକୁ ଅନୁବାଦ କରିବାକୁ ପଡିଥାଏ । ଏଠାକାର ଛାତ୍ରଛାତ୍ରୀ ଆମେ କହୁଥିବା ଓଡ଼ିଆ ଭାଷାର ମାତ୍ର ୧୫ % ଅର୍ଥ ବୁଝି ପାରନ୍ତି । ପିଲାମାନେ ଯୁକ୍ତ ୨ (+୨) ପାସ କଲା ପରେ ବି ଭଲରେ ଓଡ଼ିଆ କହି ପାରୁନାହାନ୍ତି । ପିଲାମାନେ ଓଡ଼ିଆ ଲେଖୁଛନ୍ତି, କିନ୍ତୁ ବହି ପଢିବାରେ ସେମାନଙ୍କୁ ଟିକେ କଷ୍ଟ ହେଉଛି । ଏହା ଦ୍ୱାରା ଆମକୁ ପାଠ ପଢେଇବାରେ ମଧ୍ୟ ବହୁତ କଷ୍ଟ ହେଉଛି ।

**ଓଡ଼ିଆକୁ ଅନୁବାଦ କରି ପଢାଯାଏ:** ସେହିପରି ସ୍କୁଲର ଶିକ୍ଷୟିତ୍ରୀ ଆଶା ସିଂ କହିଛନ୍ତି,'ଏଠାରେ ଭାଷାଗତ ସମସ୍ୟା ରହିଛି, ଏମାନେ ଓଡ଼ିଆ ପଢ଼ନ୍ତି । ଆମେ ପ୍ରଥମେ ଓଡ଼ିଆରେ ବୁଝାଉ, ପରେ ଛତିଶଗଡି ବା ଲରିଆ ଭାଷାରେ ଅନୁବାଦ କରି ବୁଝେଇବାକୁ ପଡିଥାଏ । ଏହି ଛାତ୍ରଛାତ୍ରୀମାନେ ଓଡ଼ିଆ କହିପାରନ୍ତି ନାହିଁ । ସପ୍ତମ ଅଷ୍ଟମ ପଢିଲା ପରେ ଟିକେ ଟିକେ ଓଡ଼ିଆରେ କଥା ହୋଇପାରନ୍ତି । ଏଠାରେ ସ୍କୁଲରୁ ବାହାରିବା ମାତ୍ରେ ପିଲାମାନେ ଛତିଶଗଡି ଭାଷାରେ କଥା ହୁଅନ୍ତି । ଆମ ସହ ମଧ ସେମାନେ ଛତିଶଗଡି/ ଲରିଆ ଭାଷାରେ କଥା ହୁଅନ୍ତି । ସେମାନଙ୍କ ଉପରେ ରହିଛି ଛତିଶଗଡର ଛାପ: ତେବେ ସେମାନଙ୍କ ଜନ୍ମମାଟି ଓଡିଶା ହୋଇଥିଲେ ବି ସଂସ୍କୃତି ଛାତିଶଗଡି । ମୁଖ୍ୟତଃ ସେମାନେ ଲରିଆ ଭାଷାରେ କଥା ହେଉଥିବା ବେଳେ ତାଙ୍କର ସଂସ୍କୃତି, ଭେଷଭୂଷା, ଚାଲି ଚଳନରେ ଛତିଶଗଡର ଛାପ ସମ୍ପୂର୍ଣ୍ଣ ଭାବେ ବାରି ହୋଇଯାଏ । ପିଲାମାନେ ପ୍ରାଥମିକ ସ୍କୁଲରେ ଓଡ଼ିଆ ଭାଷାରେ ପାଠ ତ ପଢ଼ନ୍ତି ହେଲେ ଓଡ଼ିଆ ବୁଝିପାରନ୍ତି ନାହିଁ । କିନ୍ତୁ ସେମାନେ ପରୀକ୍ଷା ଓଡ଼ିଆ ଭାଷାରେ ଦିଅନ୍ତି । ମୁଖ୍ୟତଃ ପିଲାମାନେ ସପ୍ତମ ଶ୍ରେଣୀ ପଢିଲା ପରେ ଯାଇ ଓଡ଼ିଆ ଭାଷାକୁ କିଛି କିଛି ବୁଝିପାରନ୍ତି । ଆଉ ଯେଉଁମାନେ ସ୍କୁଲ ମାଟି ମାଡ଼ିନାହାନ୍ତି ସାମାନଙ୍କୁ ଓଡ଼ିଆ କହିବା କାଠିକର ପାଠ ହେଉଛି।



# ଜିଲ୍ଲା ଉନ୍ନୟନ ଓ ଗ୍ରାମୋଦୟ ବୈଠକ

ନୂଆପଡ଼ା: ନୂଆପଡ଼ା ଜିଲ୍ଲାର ସାମଗ୍ରିକ ଉନ୍ନୟନକୁ ତ୍ୱରାନ୍ୱିତ କରିବା ଓ ଅନ୍ତଃବିଭାଗ ସମନ୍ୱୟ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ ସଭାବନା ସଭାଗୃହରେ ଜିଲ୍ଲା ଉନ୍ନୟନ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବନଖଣ୍ଡ ଅଧିକାରୀ (ବନ୍ୟପ୍ରାଣୀ) ସମୀର ସାହୁ, ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ୍ ଖାନ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ, ଏପିଡି କ୍ଷମାନିଧି ଭୋଇଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଏବଂ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକର ଆରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଜିଲ୍ଲାପାଳ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓସାସ୍ ମାଧ୍ୟମରେ ଅନଲାଇନ ଫାଇଲ ଓ ସମସ୍ତ ଚିଠିପତ୍ର ଆଦାନ ପ୍ରଦାନ ନିଶ୍ଚିତ କରିବାକୁ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପ ନିର୍ଦ୍ଦେଶକ, ପରିସଂଖ୍ୟାନ ଦିଲେଶ୍ୱର ଧରୁଆ ବିଗତ ମାସର ବୈଠକର ବିବରଣୀ ଉପସ୍ଥାପନ କରିଥିଲେ। ବିଗତ ମାସରେ ଉନ୍ନୟନ କାର୍ଯ୍ୟରେ ଥିବା ବାଧା, ବିସଂଗତି ଓ ସେଗୁଡ଼ିକର ସମାଧାନ ଏବଂ ପ୍ରତ୍ୟେକ ବିଭାଗର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ବୈଠକରେ ପର୍ଯ୍ୟଟନ ବିଭାଗ ବିଭିନ୍ନ କାର୍ଯ୍ୟ ଓ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଉପରେ ସମୀକ୍ଷା ହୋଇଥିଲା। ସମସ୍ତ ନିର୍ମାଣ କାର୍ଯ୍ୟ ଶୀଘ୍ର ସମାପ୍ତ କରିବାକୁ ରାସ୍ତା ଓ କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ ଓ ଜାତୀୟ ରାଜପଥ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରୁ ଜଣାଗଲା ଯେ, ଜିଲ୍ଲାର ଚାକିରୀ ଆଶାୟୀଙ୍କ ପ୍ରଶାସନିକ, ବ୍ୟାଙ୍କିଂ, ଏସ୍‌ଏସ୍‌ସି ଓ ଅନ୍ୟାନ୍ୟ ନିଯୁକ୍ତି ପରୀକ୍ଷା ପାଇଁ କୋଚିଂ ଗତ ୧୪ ତାରିଖରୁ ଆରମ୍ଭ ହୋଇଯାଇଛି। ସେହିପରି, ଜଳସେଚନ, ପଂଚାୟତି ରାଜ, ରାଜସ୍ୱ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ରାସ୍ତା ଓ ଗୃହନିର୍ମାଣ, ଗ୍ରାମ୍ୟ ଉନ୍ନୟନ, ଉଠା ଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ପ୍ରାଣୀ ସମ୍ପଦ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ, ଖଣି ଓ ପର୍ଯ୍ୟଟନ, ବିଜ୍ଞାପିତ ଅଂଚଳ ପରିଷଦ ସମେତ ସମସ୍ତ ବିଭାଗର କାର୍ଯ୍ୟ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ତହସିଲଦାର ମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଚିକିତ୍ସାଳୟ, ପ୍ରାଣୀ ଚିକିତ୍ସାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ଖେଳ ପଡିଆ ମାନଙ୍କୁ ଜମିପଟ୍ଟା ଯୋଗାଇବା ସହ ନୂତନ କୋଠା ନିର୍ମାଣ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକ ଶେଷରେ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କୁ ଉତ୍ସର୍ଗୀକୃତ ମନୋଭାବ ସହିତ କାର୍ଯ୍ୟ କରି ଜିଲ୍ଲାକୁ ପ୍ରଗତି ପଥରେ ଦୃତ ଆଗେଇ ନେବା ପାଇଁ ଆହ୍ୱାନ ଦେଇଥିଲେ। ଏହାପରେ, ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗ୍ରାମଦୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ସମସ୍ତଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବୈଠକରେ ବନଖଣ୍ଡ ଅଧିକାରୀ ଅଜିଜ୍ ଖାନ, ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଏପିଡି କ୍ଷମାନିଧି ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ, ଉପ ଜିଲ୍ଲାପାଳ ଶୁର୍ମି ସୋରେନ୍, ସମସ୍ତ ବିଡ଼ିଓ, ତହସିଲଦାର , ଜିଲ୍ଲା ସ୍ତରୀୟ ଅଧିକାରୀ, ଯନ୍ତ୍ରୀ ଏବଂ ଲାଇନ୍ ବିଭାଗ ଅଧିକାରୀ ଯୋଗ ଦେଇଥିଲେ।

## ରାଜ୍ୟପାଳଙ୍କୁ ଭେଟିଲେ ଜିଏମ୍ୟୁ କୁଳପତି

ସମ୍ବଲପୁର: ସମ୍ବଲପୁରର ଅଗ୍ରଣୀ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ର. ବ୍ୟୋମକେଶ ତ୍ରିପାଠୀ ଭୁବନେଶ୍ୱର ସ୍ଥିତ ଲୋକ ଭବନ ଠାରେ କୁଳାଧିପତି ତଥା ରାଜ୍ୟପାଳ ଡ଼. ହରିବାବୁ କମ୍ଭମପତିଙ୍କୁ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ଆଲୋଚନା ସମୟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଏକାଡେମିକ ଯୋଜନା ଭବିଷ୍ୟତ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ରାଜ୍ୟପାଳ ଡ଼. କମ୍ଭମପତି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଉତ୍କର୍ଷତା ଏବଂ ଗବେଷଣାର ଉନ୍ନତି ନେଇ ଶୁଭ କାମନା ଜଣାଇଥିଲେ। ସୂଚନାଯୋଗ୍ୟ, ପ୍ର. ତ୍ରିପାଠୀ ଗତମାସ ୨୦ ତାରିଖ ଦିନ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍ୟୁ), ସମ୍ବଲପୁରର କୁଳପତି ଭାବରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟ ସର୍ବାଙ୍ଗୀନ ଉନ୍ନତି ଦିଗରେ ଆବଶ୍ୟକୀୟ ଦିଗ ପ୍ରତି ଏହି ସାକ୍ଷାତକାର ସମୟରେ ଦୃଷ୍ଟି ଆକର୍ଷଣ କରାଇଥିବା ଜଣାଯାଇଛି।

# ୭୧ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ



ବଲାଙ୍ଗିର, (ପିପିଏସ): ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର, ବଲାଙ୍ଗିରର ବୈଠକ ଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଗୌରବ ଶିଓ୍ୱାଜୀ ଇସଲଓ୍ୱାର ଏବଂ ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜୀ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକ ଶୁଣିଥିଲେ। ଏହି ଶିବିରରେ ମୋଟ ୭୧ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା। ସେମାନଙ୍କ ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ୫୪ଟି ଏବଂ ସାମୁହିକ ୧୭ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିରୁ ୦୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି, ଦାଖଲ ହୋଇଥିବା ଅଭିଯୋଗ ପତ୍ରଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲେ। ବିଭିନ୍ନ ଗାଁରୁ ଆସିଥିବା ଲୋକମାନେ ନିଜ-ନିଜ ସମସ୍ୟା ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ ସମସ୍ତ ଅଭିଯୋଗ ଶୁଣିବା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସେଗୁଡ଼ିକର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ତରଣୀ ସୁନା, ବଲାଙ୍ଗିର ଉପଜିଲ୍ଲାପାଳ ଆଲୋକ କୁମାର ପଟେଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନକେତି ହୋତା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଧୀରେନ ସିଂ ବରିହା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଡେପୁଟି କଲେକ୍ଟର ନିବେଦିତା ସ୍ୱାଇଁ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶୋଭିନା ଭୋଇ, ବଲାଙ୍ଗିର ଗୋଷ୍ଠୀ ଉନ୍ନୟନ ଅଧିକାରୀ ହୃଷୀକେଶ ଗଣ୍ଡ ତଥା ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ନୂଆପଡ଼ାରେ ମାଟ୍ରିକ କୃତୀ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା

ନୂଆପଡ଼ା: ନୂଆପଡ଼ା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ସ୍ଥାନୀୟ ନେସନାଲ ମହାବିଦ୍ୟାଳୟ ଠାରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ୨୦୨୬ ରେ ଏ-୧ ଓ ଏ-୨ ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ସଭା ଆଜି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ନୂଆପଡ଼ା ମାନ୍ୟବର ବିଧାୟକ ଜୟ ଭାଇ ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆରକ୍ଷୀ ଅଧିକ୍ଷକ ଆମ୍ରିତପାଲ ସିଂ, ଉପଜିଲ୍ଲାପାଳ ସୂର୍ମୀ ସୋରେନ, ବିଜ୍ଞାପିତ ଅଂଚଳ ପରିଷଦ ଖରିଆର ରୋଡର ଅଧ୍ୟକ୍ଷା ଡ଼ଃ ସୋନିଆ ଜୈନ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ପ୍ରଶାନ୍ତ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଓ ଡ଼ଃ ରେଶମଲାଲ ନାଏକ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନୂଆପଡ଼ା ଶାଖାର ଜେନେରାଲ ମ୍ୟାନେଜର ଲିଙ୍କନ ଦାଶ ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷ ହିତେଶ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଆରକ୍ଷୀ ଅଧିକ୍ଷକ ଛାତ୍ରଛାତ୍ରୀଙ୍କୁ ସୋସିଆଲ ମିଡିଆରୁ ଦୂରେଇ ରହି ଲକ୍ଷ୍ୟ ହାସଲ ପାଇଁ ପୁସ୍ତକ ପାଠନର ଗୁରୁତ୍ୱ ବିଷୟରେ ଉପଦେଶ ଦେଇଥିଲେ। ଉପଜିଲ୍ଲାପାଳ ପିଲାମାନଙ୍କୁ ବଡ଼ ସ୍ୱପ୍ନ ଦେଖି ସେଗୁଡିକୁ ପୂରଣ କରିବାକୁ ଆହ୍ୱାନ ଦେଇଥିଲେ। ବିଧାୟକ ଜୟ ଭାଇ ଢୋଲକିଆ ସଂଘର୍ଷମୟ ଜୀବନରେ ହାର ନମାନି ଆଗକୁ ବଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେଇଥିଲେ। ସେ ଜିଲ୍ଲାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ୩୧ ହଜାର, ୨୧ ହଜାର ଓ ୧୧ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ। ଜିଲ୍ଲାପାଳ ମଧୁସୁଦନ ଦାସ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ଜୀବନରେ ସରଳ ମଣିଷ ହେବା ସବୁଠୁ କଠିନ ବୋଲି କହିଥିଲେ ଏବଂ ନୂଆପଡ଼ା ଜିଲ୍ଲାକୁ ଶିକ୍ଷା କ୍ଷେତ୍ରରେ ଶୀର୍ଷସ୍ଥାନରେ ପହଂଚାଇବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

ଉଲ୍ଲେଖନୀୟ ଯେ, ନୂଆପଡ଼ା ଜିଲ୍ଲା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା–୨୦୨୬ ରେ ୯୭.୮୭ ପ୍ରତିଶତ ପାସ୍‌ହାର ସହ ରାଜ୍ୟରେ ଷଷ୍ଠ ସ୍ଥାନ ଅଧିକାର କରିଛି। ଏଥିରେ ୧୩ ଜଣ ଏ-୧ ଓ ୨୨୬ ଜଣ ଏ-୨ ଗ୍ରେଡ୍ ପାଇ ସଫଳତାର ନୂତନ ରେକର୍ଡ ସୃଷ୍ଟି କରିଛନ୍ତି। ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ଫଳକ, ଉପହାର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲା। ପ୍ରକାଶ ଥାଉକି, ନୂଆପଡ଼ା ଜିଲ୍ଲା ୨୦୨୪ ମାଟ୍ରିକ ପରୀକ୍ଷାରେ ୩୦ତମ ସ୍ଥାନରୁ ୨୦୨୫ ରେ ୧୪ତମ ସ୍ଥାନକୁ ଏବଂ ୨୦୨୬ ରେ ଷଷ୍ଠ ସ୍ଥାନକୁ ଉନ୍ନତ ହୋଇଛି। ଏହି ସଫଳତା ପଛରେ ଜିଲ୍ଲାପାଳଙ୍କ ମାର୍ଗଦର୍ଶନରେ ଚାଲିଥିବା "ସମ୍ଭାବନା କାର୍ଯ୍ୟକ୍ରମ" ର ମୁଖ୍ୟ ଭୂମିକା ରହିଛି। ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ପ୍ରଶାନ୍ତ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ଧନ୍ୟବାଦ ଜ୍ଞାପନ କରିଥିଲେ। ଶିକ୍ଷକ ଗୋରାଙ୍ଗ ସାହୁ କାର୍ଯ୍ୟକ୍ରମର ମଂଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଓ ବ୍ଲକ୍ ସ୍ତରର ସମସ୍ତ ଅଧିକାରୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମର ସଫଳ ରୂପାୟଣରେ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀ, ସାଧନ କର୍ମୀ, ସଂଯୋଜକ, ଗୋଷ୍ଠୀ ଶିକ୍ଷାଧିକାରୀ ଓ ସମଗ୍ର ଶିକ୍ଷା ନୂଆପଡ଼ାର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଜୟପୁରରେ ଛାତ୍ରଛାତ୍ରୀଙ୍କ ହରିତ ଅଭିଯାନ

# ଛାତ ବଗିଚା ଓ ସହରୀୟ ଉଦ୍ୟାନ ସମ୍ପର୍କିତ ସଚେତନତା ରାଲି

ଜୟପୁର: ସ୍ଥାୟୀ ଜୀବନ ଶୈଳୀ ଓ ସହରୀୟ ହରିତ ପରିବେଶକୁ ପ୍ରୋତ୍ସାହନ ଦେବା ପାଇଁ ଜୟପୁରରେ ଛାତ ବଗିଚା ଓ ସହରୀ ଉଦ୍ୟାନ ବିଷୟରେ ଦୁଇଟି ସଚେତନତା ରାଲି ସଫଳତାର ସହ ଆୟୋଜିତ ହୋଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କର ଉତ୍ସାହଭରା ଭାଗିଦାରି ଦେଖିବାକୁ ମିଳିଲା। ସକାଳ ସମୟରେ ଅମ୍ବାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ହୋଇଥିଲା, ଯେଉଁଠାରେ ଶ୍ରେଣୀ ୧ ରୁ ୧୧ ପର୍ଯ୍ୟନ୍ତ ପ୍ରାୟ ୧୦୦ ଛାତ୍ରଛାତ୍ରୀ ଓ ୧୫ ଜଣ ଶିକ୍ଷକ ଭାଗ ନେଇଥିଲେ। ଛାତ୍ରଛାତ୍ରୀମାନେ ପ୍ଲାକାର୍ଡ ଓ ବ୍ୟାନର ଧରି ସ୍ଲୋଗାନ ଦେଇ ପରିବେଶ ସୁରକ୍ଷା ଓ ସହରରେ ଗଛ ଲଗାଇବାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିଥିଲେ। ଏହି ରାଲି ପରେ ବିଦ୍ୟାଳୟ ପ୍ରାଙ୍ଗଣରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅପରାହ୍ନରେ ପ୍ରକାଶ ବିଦ୍ୟାଳୟ, ଜୟପୁରରେ ଦ୍ୱିତୀୟ ରାଲି ଆୟୋଜିତ ହୋଇଥିଲା, ଯେଉଁଠାରେ ଶ୍ରେଣୀ ୯ ରୁ ୧୨ ପର୍ଯ୍ୟନ୍ତ ୫୦ରୁ ଅଧିକ ଛାତ୍ରଛାତ୍ରୀ ଓ ୧୦ ଜଣ ଶିକ୍ଷକ ଭାଗ ନେଇଥିଲେ।

ଏହି ରାଲି ବିଦ୍ୟାଳୟରୁ ଆରମ୍ଭ ହୋଇ ପ୍ରାୟ ୧ କି.ମି. ପରିସରର ସମସ୍ତ ଘରକୁ କଭର କରିଥିଲେ। ଛାତ୍ରଛାତ୍ରୀମାନେ ଘରେ ଘରେ ପତ୍ରିକା ବଣ୍ଟନ କରି ଛାତ ବଗିଚାର ଲାଭ ଓ ପ୍ରକ୍ରିୟା ବିଷୟରେ ସଚେତନତା ଜଣାଇଥିଲେ। ପୁରୁଷ ଓ ମହିଳା ଛାତ୍ରଛାତ୍ରୀମାନେ ଏକତ୍ର ସ୍ଲୋଗାନ ଦେଇ ସମଗ୍ର ପରିବେଶକୁ ଉତ୍ସାହିତ କରିଥିଲେ। ଏହି ରାଲି ପରେ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଭୟ ବିଦ୍ୟାଳୟରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ରାଜ୍ୟ ପରିକଳ୍ପନା ନବୀନ ପ୍ରକଳ୍ପ – ଛାତ ବଗିଚା ଓ ସହରୀୟ ଉଦ୍ୟାନର ପ୍ରଧାନ ଅନୁସନ୍ଧାନକାରୀ ଓ ପ୍ରଧାନ ବୈଜ୍ଞାନିକ, ଉପସ୍ଥାପନା ଦେଇଥିଲେ। ସେ ଛାତ ବଗିଚାର ପରିବେଶୀୟ, ପୌଷ୍ଟିକ ଓ ଆର୍ଥିକ ଲାଭ ବିଷୟରେ ତଥ୍ୟ ଦେଇଥିବା ସହ ସହରୀୟ ପରିପ୍ରେକ୍ଷୀରେ ଏହାର ଉଦ୍ୟମିତା ସମ୍ଭାବନା ଓ ସାମଗ୍ରିକ ଉଦ୍ୟାନ ବିଜ୍ଞାନର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମଗୁଡିକୁ ସଫଳତାର ସହ ସମନ୍ୱୟ କରିଥିଲେ ଅମ୍ବାଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନୀଲ ପଡ଼ି ଓ ପ୍ରକାଶ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏନ ନିଶାଙ୍କୁ, ଯାହାଙ୍କର ପ୍ରୟାସ ଦ୍ୱାରା ଦୁଇଟି କାର୍ଯ୍ୟକ୍ରମ ସୁଚାରୁ ରୂପେ ସଂପନ୍ନ ହୋଇପାରିଥିଲା। ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ମନରେ ଗଭୀର ପ୍ରଭାବ ପକାଇଥିଲା। ସେମାନେ ନିଜ ଘରେ ଗଛ ଲଗାଇବାକୁ ସଙ୍କଳ୍ପ କରିଥିବା ସହ ସ୍ୱ ଅଞ୍ଚଳରେ ଅନ୍ୟମାନଙ୍କୁ ମଧ୍ୟ ସଚେତନ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଏହି ପ୍ରୟାସ ଯୁବପିଢ଼ୀଙ୍କ ମନରେ ପରିବେଶ ସଚେତନତା ବୃଦ୍ଧି କରିଥିବା ସହ ସେମାନଙ୍କୁ ଏକ ହରିତ ଓ ସ୍ଥାୟୀ ଭବିଷ୍ୟତ ଗଠନରେ ସକ୍ରିୟ ଭୂମିକା ନେବାକୁ ପ୍ରେରିତ କରିଛି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

କେନ୍ଦୁଝର: କେନ୍ଦୁଝରରେ ଜିତୁ ମୁଣ୍ଡାଙ୍କୁ ନ୍ୟାୟ ଦାବିରେ ଆଜି କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ବିର୍ସା ମୁଣ୍ଡା ହୋ ସମାଜର ଲୋକେ। ହାତରେ ପ୍ଲାକାର୍ଡ଼ ଧରି ପୁରୁଷ ଏବଂ ମହିଳାମାନେ କାଳି ପଡ଼ିଆରୁ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିତୁ ମୁଣ୍ଡାଙ୍କ ଘଟଣା, ପ୍ରଶାସନିକ ବ୍ୟବସ୍ଥାର ଦୋଷ ଦୁର୍ବଳତାକୁ ଉଜାଗର କରୁଥିବା କହିଛନ୍ତି ଉପସ୍ଥିତ ନେତା। ନିରୀହ, ସରଳ ଆଦିବାସୀମାନେ ପ୍ରତିଦିନ ଏଭଳି ଘଟଣାର ଶିକାର ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ବହୁ ବର୍ଷରୁ ଆଦିବାସୀଙ୍କ ପ୍ରତି ଯେଉଁ ଶୋଷଣ ଏବଂ ଅତ୍ୟାଚାର ଚାଲିଛି, ଜିତୁ ମୁଣ୍ଡାଙ୍କର କାହାଣୀ ତା'ର ଏକ ନିଦର୍ଶନ ବୋଲି ସେମାନେ କହିଛନ୍ତି। ଏଭଳି ଏକ ସ୍ପର୍ଶକାତର ଘଟଣା ପରେ, ସରକାରୀ ବିଧି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ଥିବା ସେମାନେ ଦାବି କରିଛନ୍ତି।

## ଜଳାଭାବରୁ ଧାନଫସଲ ନଷ୍ଟ

# ଘଟଣାସ୍ଥଳରେ ବିଜେଡି ସତ୍ୟ ଅନୁସନ୍ଧାନ ପ୍ରତିନିଧି ଦଳ

ନୂଆପଡ଼ା: ନୂଆପଡ଼ା ଜିଲ୍ଲା ପତୋରା ଅପର ଯୋଙ୍କ ଜଳସେଚନ ପ୍ରକଳ୍ପରେ ଜଳ ଆବଂଟନ ସମସ୍ୟା ଦେଖାଯାଇଥିବା ବେଳେ ଡ୍ୟାମର ଜଳଧାରଣ କ୍ଷମତା ହ୍ରାସ କରିବା ନେଇ ବିଜେଡି ସତ୍ୟ ଅନୁସନ୍ଧାନ ପ୍ରତିନିଧି ଦଳ କ୍ଷୋଭ ପ୍ରକାଶ କରିଥିଲେ। ଡ୍ୟାମ ଜଳ ଗଚ୍ଛିତ ପାଇ ୩୫୦.୨୦ ମିଟର ରହିଥିବା ବେଳେ ହେକ୍ଟର ଜମି ପାଇଁ ଜଳ ଗଚ୍ଛିତ ରହିଥାଏ। ଜଳାଭାବରୁ ଫସଲ କ୍ଷତି ଘଟଣାକୁ ନେଇ ବିଜେଡିର ସତ୍ୟ ଅନୁସନ୍ଧାନ ପ୍ରତିନିଧି ଦଳ ଗସ୍ତ କରି ଗ୍ରାଉଣ୍ଡ ଜିରୋର ତଦନ୍ତ ରିପୋର୍ଟ ଦଳର ମୁଖ୍ୟ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବେ ବୋଲି ପ୍ରକାଶ କରିଛନ୍ତି। ଏହି ପ୍ରତିନିଧି ଦଳରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ, ପ୍ରଦୀପ ଦିଶାରି, ବର୍ଷା ସିଂ ବରିହା, ପୂର୍ବତନ ବିଧାୟକ ସରୋଜ କୁମାର ମେହେର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ, ଜିଲ୍ଲା ସଭାପତି ଅନବି ରଂଜନ ଯୋଶୀ, ଜିଲ୍ଲାର ବିଜେଡି କର୍ମୀମାନେ ଯୋଗ ଦେଇଥିଲେ। ପ୍ରତିନିଧି ଦଳ କ୍ଷତିଗ୍ରସ୍ତ ଅଂଚଳର ୯ ଗୋଟି ପଂଚାୟତ ଗସ୍ତ କରିଥିବା ବେଳେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସାକ୍ଷାତ କରି ତାଙ୍କ ଫସଲ କ୍ଷତି କାରଣ ଏବଂ ଚାଷୀ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲ। ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ।

# ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ଶ୍ରଦ୍ଧାଳୁଙ୍କ ଶ୍ରୀକ୍ଷେତ୍ର ଯାତ୍ରା

ସମ୍ବଲପୁର: ନବରଙ୍ଗପୁର ଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଜିଲ୍ଲାସ୍ତରୀୟ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ସମ୍ବଲପୁର ଜିଲ୍ଲା ସଦରମହକୁମା ସ୍ଥିତ ତପସ୍ୱିନୀ ପ୍ରେକ୍ଷାଳୟ ଠାରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ଅଶୋକ କୁମାର ଭୋଇଙ୍କ ସମେତ ଅନ୍ୟ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ତୀର୍ଥଯାତ୍ରୀ ପ୍ରମୁଖ ଉପସ୍ଥିତ ରହି ଆଭାସୀ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ ନିଜ ଅଭିଭାଷଣରେ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ଶ୍ରେଷ୍ଠ ଦର୍ଶନ, ଏ ସୌଭାଗ୍ୟ ଆଜି ଆମ ଜିଲ୍ଲାର ଆର୍ଥିକ ଅନଗ୍ରସର ୭୪ ଜଣ ବରିଷ୍ଠ ନାଗରିକଙ୍କୁ ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ମାଧ୍ୟମରେ ସୁଯୋଗ ମିଳିପାରିଛି ବୋଲି କହିଥିଲେ। ସମସ୍ତଙ୍କ ଯାତ୍ରା ସୁଖମୟ ଓ ନିରାପଦମୟ ହେଉ ବୋଲି ପ୍ରଭୁଙ୍କ ଠାରେ ମନ୍ତ୍ରୀ ଶ୍ରୀ ପୂଜାରୀ କାମନା ମଧ୍ୟ କରିଥିଲେ। ସୂଚନାନୁଯାୟୀ ଏହି ଯୋଜନା ମାଧ୍ୟମରେ ସମ୍ବଲପୁର ରୁ ଶ୍ରୀକ୍ଷେତ୍ର ପୁରୀ ଅଭିମୁଖେ ୭୪ଜଣ ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ପାଇଛନ୍ତି । ଯାତ୍ରୀ ମାନଙ୍କ ଯାତ୍ରା ପାଇଁ ଦୁଇଟି ବସର ବ୍ୟବସ୍ଥା ସହିତ ଖାଦ୍ୟ, ପାନୀୟ ଏବଂ ଆଶ୍ରୟସ୍ଥଳୀର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏତଦ୍‌ବ୍ୟତୀତ ଏହା ସହିତ ସ୍ୱାସ୍ଥ୍ୟ ଜନିତ ସମସ୍ୟାର ତ୍ୱରିତ୍ ଉପଶମ ପାଇଁ ଦୁଇଟି ଡାକ୍ତରୀ ଟିମ୍ ଏବଂ ୪ ଜଣ ଏସ୍କର୍ଟ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିବା ଜଣାପଡ଼ିଛି। ସମ୍ବଲପୁର ଜିଲ୍ଲାର ରେଢାଖୋଲରୁ ୫ ଜଣ, ରେଢାଖୋଲ ପୌର ପରିଷଦରୁ ୫ ଜଣ, କୁଚିଣ୍ଡାରୁ ୧୫ ଜଣ, କୁଚିଣ୍ଡା ପୌର ପରିଷଦରୁ ୩ ଜଣ, ଧନକଉଡାରୁ ୪ଜଣ, ଜମନକୀରାରୁ ୧୦ ଜଣ, ରେଙ୍ଗାଲିରୁ ୮ ଜଣ, ଯୁଯୁମୁରାରୁ ୯ ଜଣ, ନାକଟିଦେଉଳ ରୁ ୬ ଜଣ ଓ ସମ୍ବଲପୁର ସହରରୁ ୯ ଜଣ ତୀର୍ଥଯାତ୍ରୀ ଅନ୍ତର୍ଭୁକ୍ତ ଥିବା ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡ଼ିଛି।

# ସିଜିମାଲିରେ ବେଦାନ୍ତର 'ନିର୍ମଳ ପ୍ରୋଜେକ୍ଟ'ରେ ଜଳ ଯୋଗାଣ ବ୍ୟବସ୍ଥା



ରାୟଗଡା(ପିପିଏସ୍) : ଜିଲ୍ଲା କାଶୀପୁର ବ୍ଲକର ଦୁର୍ଗମ ଗାଁରେ ମହିଳାମାନଙ୍କ ଦିନ ପାଣି ପାଇଁ ଲମ୍ବା ଯାତ୍ରାରୁ ଆରମ୍ଭ ହେଉଥିଲା। ଡୁମେରପଦର, ସାଗାବାରୀ, ଚୁଲବାଡି, ସୁଙ୍ଗେର, ଧାମନଘାଟି, ସିଆଡିମାଲ ଓ ଲଦାଖମନ ଭଳି ଗାଁରେ ପାଣି ଏକ ମୁଖ୍ୟ ସମସ୍ୟା ଥିଲା। ଏହା ଅସମାନ ଭୂମି ଓ ଅନିଶ୍ଚିତ ଜଳବାୟୁ ଉପରେ ନିର୍ଭରଶୀଳ ଥିଲା। ପରିବାରର ସବୁ ଦାୟିତ୍ୱ ବହନ କରୁଥିବା ମହିଳାଙ୍କ ପାଇଁ ଏହି ସଂଘର୍ଷ ଦିନର ଘଣ୍ଟା ଘଣ୍ଟା ସମୟ ନେଇଯାଉଥିଲା । ସିଜିମାଲି ପାହାଡ଼ ଅଞ୍ଚଳରେ ବକ୍ସାଇଟ୍ ଭଣ୍ଡାର ଥିଲେ ବି ଦୀର୍ଘଦିନ ଧରି ଜଳ ସଂକଟ ଲାଗି ରହିଥିଲା। ଅଭେଦ୍ୟ ମାଳଭୂମି ଯୋଗୁଁ ବର୍ଷାଜଳ ବହିଯାଏ। ଏଠାରେ ଭୂତଳ ଜଳ ୭୫୦ ଫୁଟ ତଳେ ରହିଥିବାବେଳେ ଝରଣା ଖରାଦିନେ ପ୍ରାୟତଃ ଶୁଖିଯିବାର ଦେଖିବାକୁ ମିଳିଥାଏ। ତେବେ ଏହି ଜଳସମସ୍ୟାର ସମାଧାନ ପାଇଁ ବେଦାନ୍ତ ଆଲୁମିନିୟମ 'ନିର୍ମଳ ପ୍ରୋଜେକ୍ଟ' ଅଧୀନରେ ୭ଟି ଗାଁରେ ସୌର-ଚାଳିତ ଗଭୀର ବୋରୱେଲ୍ ସ୍ଥାପନ କରିଛି। ଆଜି ୩,୦୦୦ରୁ ଅଧିକ ଲୋକଙ୍କୁ ବର୍ଷସାରା ନିରାପଦ ପାନୀୟଜଳ ମିଳୁଛି। ଡୁମେରପଦରର ଚନ୍ଦ୍ରିକା ନାୟକ କୁହନ୍ତି, ଆଗରୁ ପାଣି ପାଇଁ ଅଧା ଦିନ ଚାଲିଯାଉଥିଲା। ଖରାଦିନେ ଆହୁରି ଦୂରକୁ ଯିବାକୁ ପଡୁଥିଲା। ବେଦାନ୍ତର ଏହି ପ୍ରୟାସ ଆମ ପାଇଁ ବରଦାନ। ପୂର୍ବରୁ ଏଠାକାର ଅଧିବାସୀମାନେ ପାନୀୟଜଳ ପାଇଁ ଅସ୍ୱଚ୍ଛ ଝରଣା ପାଣି ଉପରେ ନିର୍ଭର କରୁଥିବାବେଳେ ଏବେ ବିଶୋଧନ ବ୍ୟବସ୍ଥା ସହ ସୁରକ୍ଷିତ ଜଳ ମିଳୁଛି। ସୌରଶକ୍ତି ଯୋଗୁଁ ଅନିୟମିତ ବିଦ୍ୟୁତ୍ ସମସ୍ୟା ବି ଦୂର ହୋଇଛି। ଆଉ ଟ୍ୟାଙ୍କର କି ବିଦ୍ୟୁତ୍‌କୁ ଅପେକ୍ଷା କରିବାକୁ ପଡୁନି। ଘର ପାଖରେ ପାଣି ମିଳୁଛି। ଏହା ଆମ ଦୈନନ୍ଦିନ ଜୀବନ ବଦଳାଇ ଦେଇଛି ବୋଲି କୁହନ୍ତି ଜଣେ ଗ୍ରାମୀଣ ମହିଳା। ଏଠାରେ ସୂଚନାଯୋଗ୍ୟ ଯେ, ବେଦାନ୍ତ କେବଳ ବୋରୱେଲ୍ ନୁହେଁ, ଜଳଭୌତିକ ଅଧ୍ୟୟନ ମାଧ୍ୟମରେ ଝରଣା ପୁନରୁଦ୍ଧାର, ବର୍ଷାଜଳ ସଂରକ୍ଷଣ ଓ ପୁନଃଚାର୍ଜ ଯୋଜନା କରୁଛି। ୨୦ରୁ ଅଧିକ ସ୍ଥାନ ଚିହ୍ନଟ ହୋଇଛି। ବୈଷୟିକ ମୂଲ୍ୟାଙ୍କନ କହୁଛି ବକ୍ସାଇଟ୍ ଭଣ୍ଡାର ଭୂତଳ ଜଳଭଣ୍ଡାରଠାରୁ ବହୁ ଉପରେ ରହିଛି। ତେଣୁ ଖଣି କାର୍ଯ୍ୟ ସହ ଜଳ ସୁରକ୍ଷା ସମ୍ଭବ ହେବେ ବୋଲି ମତ ପ୍ରକାଶ ପାଇଛି।

# ଝାଲ୍ ମୁଢ଼ିରେ ଉତ୍ସବ ମନାଇଲା ବିଜେପି

ଜୟପୁର: ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରି ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟି ର ବିଜୟ ପରେ ଜୟପୁର ସହରରେ ଉତ୍ସବମୁଖର ପରିବେଶ ଦେଖିବାକୁ ମିଳିଛି। ଦଳ ପକ୍ଷରୁ ଅଧିକାଂଶ ଆସନରେ ବିଜୟ ଲାଭ କରି ସରକାର ଗଠନ କରିଥିବା ଖବର ଆସିବା ସହିତ ସ୍ଥାନୀୟ ବିଜେପି କର୍ମୀମାନଙ୍କ ମଧ୍ୟରେ ଖୁସି ର ଲହରୀ ଦେଖିବାକୁ ମିଳିଥିଲା । ମଙ୍ଗଳବାର ସନ୍ଧ୍ୟାରେ ରେ ଜୟପୁର ରାଜନଗର ଛକ ରେ ଦଳୀୟ କର୍ମକର୍ତାମାନେ ଏକତ୍ରିତ ହୋଇ ବିଜୟ ଉତ୍ସବ ପାଳନ କରିଥିଲେ। ମିଠା ବାଂଟିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ଜୟପୁରର ବରିଷ୍ଠ ନେତା ଗୌତମ ସାମନ୍ତରାୟଙ୍କ ଉପସ୍ଥିତି ଉତ୍ସବକୁ ଆହୁରି ଉତ୍ସାହିତ କରିଥିଲା। ଟଙ୍କଧର ତ୍ରିପାଠୀ ପଶ୍ଚିମବଙ୍ଗର ନନ୍ଦୀଗ୍ରାମ ଓ ଭବାନୀପୁର ନିର୍ବାଚନ ମଣ୍ଡଳୀର ଦାୟିତ୍ୱରେ ଥିବାବେଳେ, ସେଠାରେ ବିଜେପି ପ୍ରାର୍ଥୀଙ୍କ ବିଜୟ ଦଳୀୟ କର୍ମୀମାନଙ୍କ ମଧ୍ୟରେ ଆହୁରି ଉତ୍ସାହ ବୃଦ୍ଧି କରିଥିଲା।

# ଚାରିଛକରେ ନବନିର୍ମାଣ କୃଷକ ସଂଗଠନର ଜାଗରଣ ଯାତ୍ରା



ହରଭଙ୍ଗା(ପିପିଏସ୍) : ହରଭଙ୍ଗା ବ୍ଲକ ଚାରିଛକ ଠାରେ ମଙ୍ଗଳବାର ଅପରାହ୍ନରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଜାଗରଣ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ହରଭଙ୍ଗା ତହସିଲ କାର୍ଯ୍ୟାଳୟ ଠାରୁ ଏକ ପଦଯାତ୍ରା ବାହାରି ଚାରିଛକ ବଜାର ପରିକ୍ରମା କରି ଶିବମନ୍ଦିରଠାରେ ପହଞ୍ଚିଥିଲେ। ନବନିର୍ମାଣ ସଙ୍ଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ବୌଦ୍ଧ ଜିଲ୍ଲା ବରିଷ୍ଠ କୃଷକ ନେତା ଇଂ ବିକାଶ ମହାକୁଳ, ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ,ଉପଦେଷ୍ଟା ଡ କୁଳମଣୀ,ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମଡି ମନୋହର ଅଲ୍ଲୀ, ରଞ୍ଜିତ୍ ପଟ୍ଟନାୟକ, ପ୍ରଭାତ ମହାଳିକ, ବୌଦ୍ଧ ଜିଲ୍ଲା ସଭାପତି ନରେନ୍ଦ୍ର କୁମାର ସାହୁ, ରାଜ୍ୟ ସଂଯୋଜକ ହୃଷିକେଶ ପ୍ରଧାନ, ବ୍ଲକ ସଭାପତି ପଦ୍ମ କିଶୋର ମାହାର , ବୌଦ୍ଧ ବ୍ଲକ୍ ସଭାପତି ମନୋଜ ମହାକୁଡ଼, ମଞ୍ଜୁଲତା ସେଠୀ, ଜୋସ୍ନା ରାଣୀ ମହାକୁଡ଼ ଚାଷୀ ଙ୍କ ବିଭିନ୍ନ ଦାବିକୁ ନେଇ ଏକ ସଭା ଅନୁଷ୍ଠିତ ହୋଇଥିଲା। ,ନବନିର୍ମାଣ କୃଷକ ସଂଗଠନ ଦୀର୍ଘ ୧୬ ବର୍ଷ ହେଲା ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ୍ ଇତ୍ୟାଦି ଦାବିକୁ ନେଇ ଅନବରତ ଭାବରେ ଧାରଣା, ସତ୍ୟାଗ୍ରହ, ଗଣପଦଯାତ୍ରା ଓ ଜେଲ୍‌ଯାତ୍ରା ଇତ୍ୟାଦି ମାଧ୍ୟମରେ ତାର ସଂଘର୍ଷ ଜାରି ରଖିଛି। ଯାହାର ପରିଣାମ ସ୍ୱରୂପ କାଳିଆ ଯୋଜନା ଠାରୁ ଆରମ୍ଭ କରି ଧାନ ଉପରେ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ଇନ୍‌ପୁଟ୍ ସହାୟତାର ଲାଭ ଚାଷୀ ପାଖରେ ପହଞ୍ଚିଛି। ଠିକ୍ ସେହିପରି ଗତ ମାର୍ଚ୍ଚ ୨୨ ତାରିଖରୁ ଘଟଗାଁରୁ ଆରମ୍ଭ ହୋଇଥିବା ଏକ କୃଷକ ଏକତା ପଦଯାତ୍ରା। ପ୍ରାଇସ୍(ଚାଷୀ ଉତ୍ପାଦର ଉଚିତ୍ ମୂଲ୍ୟ), ପ୍ରେଷ୍ଟିଜ୍ (ଚାଷୀର ସମ୍ମାନ, ସ୍ୱାଭିମାନ ଓ ସ୍ୱାବଲମ୍ବନ), ପେନସନ୍ (ଚାଷୀ ସୁରକ୍ଷା ଭତ୍ତା- ୨୦ ବର୍ଷରୁ ପ୍ରତ୍ୟେକ ଚାଷୀଙ୍କୁ ମାସିକ ୧୦ ହଜାର ଟଙ୍କା ସୁରକ୍ଷା ଭତ୍ତା ଏବଂ ୬୦ ବର୍ଷରୁ ପ୍ରତ୍ୟେକ ବୟସ୍କଙ୍କୁ ୩ ହଜାର ଟଙ୍କା ବାର୍ଦ୍ଧକ୍ୟ ଭତ୍ତା) ଏବଂ ଜମି, ଜଳ, ଜଙ୍ଗଲ, ଖଣି ଉପରେ ମୂଳ ଅଧିବାସୀର ଅଧିକାର ସମେତ ଜଳସେଚନ, ଜଳ ନିଷ୍କାସନ, ଶୀତଳ ଭଣ୍ଡାର, ଧାନର ଅଭାବୀ ବିକ୍ରି ଇତ୍ୟାଦି ୨୧ ଦଫା ଦାବିକୁ ନେଇ ମାର୍ଚ୍ଚ ୩୧ ତାରିଖରେ ବିଧାନସଭା ସାମ୍ନାରେ ଥିବା ପିଏମଜିରେ ଏକ ଚାଷୀ ସମାବେଶ ମାଧ୍ୟମରେ ସରକାରଙ୍କୁ ଉକ୍ତ ଦାବିଗୁଡ଼ିକ ବିଷୟରେ ସ୍ମାରକ ପତ୍ର ଦେଇ ଆଲୋଚନା କରିବାର ଥିଲା। କିନ୍ତୁ ଅହିଂସା ଓ ଶାନ୍ତିପୂର୍ଣ୍ଣ ଭାବରେ ଚାଲୁଥିବା ସରଳ ଚାଷୀ ଓ ଆଦିବାସୀଙ୍କର ପଦଯାତ୍ରାକୁ କଟକର ଫୁଲନଖରା ଠାରେ ଅଟକାଇ ଗତ ୩୦ ମାର୍ଚ୍ଚରେ ୭୦୦ ଚାଷୀକୁ ଯେଉଁଥିରେ ୨୦୦ ମହିଳା ଉପସ୍ଥିତ ଥିଲେ ଅଗଣତାନ୍ତ୍ରିକ ଭାବରେ ଗିରଫ କରିନେଲେ ଏବଂ ତତ୍ ସହିତ ହିଂସା ଓ ଦଙ୍ଗା ଇତ୍ୟାଦି ମିଛ ଆରୋପ ଲଗାଇ ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାରଙ୍କ ସହିତ ଉତ୍ତରପ୍ରଦେଶର ରାଷ୍ଟ୍ରୀୟ ନେତୃତ୍ୱ ଅରବିନ୍ଦ ମୂର୍ତ୍ତି ଆଇକ୍ୟାନ୍‌ର ରାଷ୍ଟ୍ରୀୟ ସଂଯୋଜକ, ଝାଡ଼ଖଣ୍ଡର ନେତୃତ୍ୱ ବିଜୟ ସିଂ ଅଲ୍ ଇଣ୍ଡିଆ ପିପୁଲ୍ସ ଫ୍ରଣ୍ଟର ଉପ-ସଭାପତି ଏବଂ ନବନିର୍ମାଣ କୃଷକ ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କୁ ମିଶାଇ ମୋଟ ୧୩ ଜଣଙ୍କୁ ୧୫ ଦିନ ପାଇଁ ଜେଲ୍ ପଠାଇଦେଲେ। ଏଥିରେ ସରକାର ଓ ପ୍ରଶାସନର ଅଗଣତାନ୍ତ୍ରିକ ଓ ଅସାମ୍ବିଧାନକ ମୁଖା ଖୋଲିବା ସହିତ ଚାଷୀର ପ୍ରାଇସ୍, ପ୍ରେଷ୍ଟିଜ୍, ପେନସନ ଓ ଜମି, ଜଳ, ଜଙ୍ଗଲ ଓ ଖଣି ଉପରେ ମୂଳ ଅଧିବାସୀର ଅଧିକାର ସମେତ ୨୧ଟି ଦାବୀଗୁଡ଼ିକୁ ନେଇ ଲୋକଙ୍କ ସ୍ୱାଭିମାନକୁ ଜାଗ୍ରତ ଓ ସଂଗଠିତ କରିବାର ପ୍ରୟାସ ଚାଲୁ ରଖିବା ପାଇଁ ନବନିର୍ମାଣ କୃଷକ ସଂଗଠନ ସଂକଳ୍ପବଦ୍ଧ। ଏଥିପାଇଁ ଏହି ଯାତ୍ରାରେ ସମସ୍ତ ଚାଷୀ, ମୂଲିଆ, ଯୁବକ, ଛାତ୍ର, ମହିଳା, ଓକିଲ, ସାମ୍ବାଦିକ, ବୁଦ୍ଧିଜୀବୀ ଏବଂ ସମସ୍ତ ଗଣତାନ୍ତ୍ରିକ ସଂଗଠନ ସମେତ ବିରୋଧି ରାଜନୈତିକ ଦଳମାନଙ୍କୁ ଏଥିରେ ସହଯୋଗ କରିବା ପାଇଁ ନିବେଦନ କରିଥିଲେ ନବନିର୍ମାଣ କୃଷକ ସଙ୍ଗଠନର କାର୍ଯ୍ୟକର୍ତ୍ତା ମାନେ। ବରିଷ୍ଠ କୃଷକ ନେତା ବିକାଶ ମହାକୁଳ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ କୃଷି ସଙ୍କଟର ସମାଧାନ ପ୍ରତି ସରକାରଙ୍କ ଆନ୍ତରିକତା ଓ ଅଙ୍ଗୀକାରବଦ୍ଧତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ଏବଂ ଏ ପରିପ୍ରେକ୍ଷୀରେ କୃଷକ ସମସ୍ୟାର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା ହୋଇଛି। ଚାଷୀଙ୍କ ସମସ୍ୟାକୁ ଅଣଦେଖା କରିବା ଗମ୍ଭୀର ଉଦ୍‌ବେଗର ବିଷୟ ବୋଲି ବୋଲି କହିବା ସହିତ କୃଷକମାନେ ସରକାରଙ୍କ ନୀତି ନିଷ୍ପତ୍ତିଗତ ଚକ୍ରବ୍ୟୁହ ଭିତରେ ଫସି ଛଟପଟ ହେଉଥିବା ବେଳେ ଆଗାମୀ ଦିନରେ ସ୍ପଷ୍ଟ ବିଚାରଧାରାକୁ ଆଧାର କରି ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଗଣମାଧ୍ୟମ ସମ୍ମୁଖରେ ମତପ୍ରକାଶ କରିଥିଲେ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଚମ୍ପୁଆ : ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଚମ୍ପୁଆ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରାବଣୀ ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ବ୍ଲକ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ନାଏକ ଯୋଗଦେଇ ଉଦଘାଟନ କରିଥିବାବେଳେ ସମ୍ମାନୀତ ଅତିଥି ଭାବେ ପାଟଣା ବିଧାୟକ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, କେନ୍ଦୁଝର ସାଂସଦ ପ୍ରତିନିଧି ସିଦ୍ଧାର୍ଥ ସିଂ, ଗୋଷ୍ଠି ଉନ୍ନୟନ ଅଧିକାରୀ ସ୍ମୃତି ରଞ୍ଜନ ସାହୁ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସରିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଭିନ୍ନକ୍ଷମ ପାଇଁ ସରକାର କରୁଥିବା ବିଭିନ୍ନ ଯୋଜନାର ଲାଭ ପ୍ରଦାନ ସହ ସରକାରୀ ସୁବିଧାରୁ ବଂଚିତ ଭିନ୍ନକ୍ଷମଙ୍କୁ ଚିହ୍ନଟ କରି ସହାୟତା ଯୋଗାଇବା ନେଇ ଶିବିର ଆୟୋଜନର ଲକ୍ଷ୍ୟ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ କ୍ଷଶିବିରରେ ଚମ୍ପୁଆ ବ୍ଲକର ୨୨ ଗୋଟି ଗ୍ରାମପଂଚାୟତ ଓ ଚମ୍ପୁଆ ଏନ୍‌ଏସି ରୁ ୧୯୬ ଜଣ ଭିନ୍ନକ୍ଷମ ନାମ ପଞ୍ଜିକରଣ କରିଥିଲେ। ସେଥି ମଧ୍ୟରୁ ୧୪୩ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଶ୍ରବଣ ବାଧିତ ବିଶେଷଜ୍ଞ ଡା. ଅନୀତା ମଞ୍ଜରୀ ଜେନା, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ତନ୍ମୟ ମଲ୍ଲିକ, ମାନସିକ ଅନଗ୍ରସର ବିଶେଷଜ୍ଞ ଡା. ନିହାର ରଞ୍ଜନ ରଥ, ଚକ୍ଷୁ ବିଶେଷଜ୍ଞ ଡା. ରଶ୍ମିରଞ୍ଜନ ଭଞ୍ଜ , ଟେକ୍ନିସିଆନ ମାନସ ରଞ୍ଜନ ମହାନ୍ତ ଯୋଗ ଦେଇ ଭିନ୍ନକ୍ଷମ ମାନଙ୍କୁ ପରୀକ୍ଷା କରି ଚିହ୍ନଟ କରିଥିଲେ। ୪ ଜଣ ଭିନ୍ନକ୍ଷମଙ୍କୁ ବ୍ୟାଟେରୀ ଚାଳିତ ହ୍ୱିଲଚେୟାର ପ୍ରଦାନ କରାଯିବା ସହ ୧୨ ଜଣଙ୍କୁ ବସ ପାସ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରମୋଦ କୁମାର ନାଏକ, ବିଏସଏସଓ ଶିବାନୀ ମାରାଣ୍ଡି, କାର୍ଯ୍ୟକାରୀ ସହାୟକ ଦୀପଙ୍କର ଦାଶ, ଯାନ୍ତ୍ରିକ ପରିଚାଳକ ଶୁଭଙ୍କର ପାତ୍ର ଓ ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟକ୍ରମ ସହାୟକ ହରେକୃଷ୍ଣ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ବିପ୍ଳବୀ ଧରଣୀଧରଙ୍କ ସ୍ମୃତିଚାରଣ

**ଭୁବନେଶ୍ୱର (ପିପିଏସ୍):** ଜୟନ୍ତୀ ଅବସରରେ ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କୁ ବିଭିନ୍ନ ମହଲରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ମଙ୍ଗଳବାର ଇଏସଆଇ ହସ୍ପିଟାଲ ଛକ ଏବଂ ଓଡ଼ିଶା ବିଧାନସଭା ପାର୍ଶ୍ୱ ଗେଟ୍ ନମ୍ବର- ୧ ନିକଟରେ ଅବସ୍ଥିତ ବିପ୍ଳବୀ ଧରଣୀଧର ନାଏକଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ବାବୁ ସିଂ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁରବୀର ସିଂ, ଅତିରିକ୍ତ ନିର୍ଦ୍ଦେଶକ ସୁରଜିତ୍ ମିଶ୍ର, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତିର ସଭାପତି ଧୃବ କାଲୋଙ୍କ ସହିତ ଅନ୍ୟ ଅଧିକାରୀ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ଗ୍ରାମ୍ୟ ଜଙ୍ଗଲ ଜମିରେ ଚାରାରୋପଣ



**ଭୁବନେଶ୍ୱର (ପିପିଏସ୍):** ବିଏମ୍‌ସି ଅନ୍ତର୍ଗତ କଳାରାହାଙ୍ଗ ଅଞ୍ଚଳରେ ଥିବା ୧୭୧୬ପ୍ଲଟ ଗ୍ରାମ୍ୟ ଜଙ୍ଗଲ ଜମିରେ କଳା ରାହାଙ୍ଗ ଗ୍ରାମବାସୀଙ୍କ ଦ୍ୱାରା ବିଭିନ୍ନ ପ୍ରକାର ବୃକ୍ଷ ଚାରାରୋପଣ କରାଯାଇଛି। ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେୟର ସୁଲୋଚନା ଦାସ, ବିଧାୟକ ସୁଶାନ୍ତ କୁମାର ରାଉତ, ବିଜେପିର ବରିଷ୍ଠ ନେତା ଗୋଲକ ପ୍ରସାଦ ମହାପାତ୍ର, କର୍ପୋରେଟର ମିହିର ରାଉତ, ମୋନାଲିସା ବେହେରା, ସମାଜସେବୀ ପ୍ରତାପ ରାଉତ, ସୁବାସ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ଭୁବନେଶ୍ୱରରେ ଚାରିଆଡେ କଂକ୍ରିଟ ଜଙ୍ଗଲ ମାଡି ଚାଲିଥିଲା ବେଳେ ପ୍ରାକୃତିକ ପରିବେଶ ସୃଷ୍ଟି କରି ପରିବେଶକୁ ଜୀବନୀୟ କରିବାକୁ ଗଛ ଲଗାଇବା ଜରୁରୀ ବୋଲି କହିଥିଲେ ବିଧାୟକ ସୁଶାନ୍ତ ରାଉତ କହିଥିଲେ। ଏହି କାର୍ଯ୍ୟକ୍ରମକୁ ସନ୍ତୋଷ ନାଥ, ମନୋଜ ଦାସ, ପୁରୁଷୋତ୍ତମ ମହାରଣା, ସ୍ଥାନୀୟ ଦୋକାନୀ ବ୍ୟବସାୟୀ, କଳାରାହାଙ୍ଗ ଗ୍ରାମବାସୀ ବୃନ୍ଦ ପରିଚାଳନା କରିଥିଲେ।

# ଅସହାୟଙ୍କ ସାହାରା ପାଲଟିଛନ୍ତି ମହିଳା

**ଭୁବନେଶ୍ୱର (ପିପିଏସ୍):** ଅସହାୟ ବସ୍ତିର ଲୋକଙ୍କୁ ସାକ୍ଷର କରିବା ସହିତ ବସ୍ତି ଲୋକ କିପରି ଭାବରେ ସମାଜର ପ୍ରତି ଜିନିଷ ବିଷୟରେ ଅବଗତ ହେବେ ଏହି ଚିନ୍ତା ନେଇ ଆଗେଇ ଆସିଛନ୍ତି ମଞ୍ଜୁଲତା। ପିଲାଙ୍କୁ ପାଠ ପଢ଼ାଇବା ସହିତ ବୃଦ୍ଧବୃଦ୍ଧାଙ୍କୁ ବି ଶିକ୍ଷା ଦାନ କରିବାକୁ ସେ ଅଣ୍ଟା ଭିଡ଼ିଛନ୍ତି। ରାଜଧାନୀରେ ଅନେକ ଛୋଟ ବଡ଼ ବସ୍ତି ରହିଛି। ଏହି ବସ୍ତିରେ ପଙ୍କରୁ ପଦ୍ମ ଫୁଟିବା ପରି ପିଲା ହୁଅନ୍ତୁ ଅବା ଲୋକେ ପଦ୍ମପରି ଫୁଟି ବାହାରୁଛନ୍ତି। ଏହିପରି ଚୁନକୋଲି ବସ୍ତିର ମଞ୍ଜୁଲତା ହେମ୍ବ୍ରମ୍ ବସ୍ତିର ଅବହେଳିତ ପିଲାଙ୍କୁ ମାଗଣାରେ ଶିକ୍ଷାଦାନ କରୁଛନ୍ତି। ଏଥିସହିତ ବସ୍ତିର ୧୦ ରୁ ୧୫ ଜଣ ବୃଦ୍ଧାଙ୍କୁ ମଧ ପ୍ରତିଦିନ ଶିକ୍ଷାଦାନ ଦିଅନ୍ତି। ତତ୍‌ସହିତ ସରକାରୀ ଯୋଜନା ବିଷୟରେ ଲୋକ କିପରି ସମସ୍ତ କଥା ଜାଣିବେ ସେହି ଉପରେ ମଞ୍ଜୁଲତା ଧ୍ୟାନ ଦେଇଥାନ୍ତି। ଯଦି ରାତି ଅଧରେ କାହାର ଡ଼ାକ୍ତରଖାନାରେ ରହିବା ପାଇଁ ଲୋକ ଅଭାବ ଥାନ୍ତି ମଞ୍ଜୁଲତା ରାତିରେ ସେହି ରୋଗୀ ପାଖରେ ରହିଯାଆନ୍ତି। ଯଶୋଦା ମା ଫାଉଣ୍ଡେସନର ପିଲାମାନଙ୍କୁ ମଧ ପ୍ରତିଦିନ ୨ ଘଣ୍ଟା ଶିକ୍ଷା ଦାନ ଦେଇଥାନ୍ତି ବୋଲି ସେ କହିଛନ୍ତି।

# ମାଟ୍ରିକ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର(ପିପିଏସ୍):** ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେନ୍ଦୁପାଟଣା ଉତ୍କଳମଣି ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଚଳିତ ମାଟ୍ରିକ ପରୀକ୍ଷାରେ ଏ-୧ ଓ ଏ-୨ ଗ୍ରେଡରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଚଳିତ ବର୍ଷ ବିଦ୍ୟାଳୟର ଛାତ୍ରୀ ଯାଜ୍ଞସେନୀ ପଡିହାରୀ ୫୪୫ ନମ୍ବର ରଖି ଟପ୍ପର ହୋଇଥିଲାବେଳେ ଜ୍ୟୋସ୍ନାମୟୀ ରାଉତ, ଆଦ୍ୟାଶା ଦାସ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ସୁବାସ ଚନ୍ଦ୍ର ପାତ୍ର, ପ୍ରତାପ ରାଉତ, ଜିଲ୍ଲା ପରିଷଦ ସଦସ୍ୟା ବବିତା ରାଉତ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ।

# ବଡ଼ଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ସମ୍ବର୍ଦ୍ଧନ



**ଭୁବନେଶ୍ୱର(ପିପିଏସ୍):** ବଡ଼ଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ମାଟ୍ରିକ ପରିକ୍ଷାରେ ଏ ୧ ଏବଂ ଏ୨ ଗ୍ରେଡରେ ପାସ କରିଥିବା ଛାତ୍ରଛାତ୍ରୀ ମାନଙ୍କ ପାଇଁ ଏକ ସମ୍ବର୍ଦ୍ଧନା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରସଂସଦ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପୁରାତନ ଛାତ୍ରସଂସଦର ସମ୍ପାଦକ ତଥା ବିଦ÷ାଳୟର ମେଣ୍ଟର ପ୍ରତାପ କୁମାର ଜେନା ଯୋଗଦେଇ କୃତୀ ପରୀକ୍ଷାର୍ଥୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ଆଗାମୀ ଦିନମାନଙ୍କରେ ଏହି ସଫଳତା ବଜାୟ ରଖିବା ନିମନ୍ତେ ପିଲାମାନଙ୍କୁ ଅନୁପ୍ରେରିତ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୪୪ ନମ୍ବର ୱାର୍ଡର କର୍ପୋରେଟର ତଥା ପ୍ରାକ୍ତନ ଛାତ୍ର ଅଜିତ କୁମାର ବେହେରା, ଛାତ୍ରସଂସଦର ସଦସ୍ୟ ଯତୀନ୍ଦ୍ର ମୋହନ ଛୋଟରାୟ, ପ୍ରଧାନ ଶିକ୍ଷକ ଭକ୍ତଚରଣ ପାଇକରାୟ, ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, ପ୍ରାକ୍ତନ ଛାତ୍ରସଂସଦର ଅନ୍ୟ ସଦସ୍ୟବୃନ୍ଦ ତଥା କୃତୀ ପରୀକ୍ଷାର୍ଥୀ ମାନଙ୍କ ଅଭିଭାବକ ମାନଙ୍କର ଉପସ୍ଥିତ ରହିଥିଲେ।

# ଅବସରପ୍ରାପ୍ତ ଜଙ୍ଗଲ ସେବା ପଦାଧିକାରୀ କଲ୍ୟାଣ ସଂଘର ବାର୍ଷିକ ଉତ୍ସବ

**ଭୁବନେଶ୍ୱର (ପିପିଏସ୍):** ଅବସରପ୍ରାପ୍ତ ରାଜ୍ୟ ଜଙ୍ଗଲ ସେବା ପଦାଧିକାରୀ କଲ୍ୟାଣ ସଂଘର ପ୍ରଥମ ବାର୍ଷିକ ଉତ୍ସବ ରେଡକ୍ରସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ଓଡ଼ିଶା ବନବାହିନୀ ମୁଖ୍ୟ ଡ. କେ. ମୁରୁଗେସନ ଯୋଗ ଦେଇଥିଲେ। ସଂଘର ସଭାପତି ଶୁଭେନ୍ଦ୍ର ଭୂୟାଁ ଯୋଗଦେଇ ୨୦୧୬ ମସିହାରୁ ରାଜ୍ୟର ପ୍ରାୟ ୨୫୦ଜଣ ଅବସରପ୍ରାପ୍ତ ରେଞ୍ଜର, ଏସିଏଫ୍ ଓ ଡିଏଫ୍‌ଓ ଆରଏସିପି ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହେଉଥିବା ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ବରିଷ୍ଠ ସଦସ୍ୟ ତଥା ଜଙ୍ଗଲ ବିଭାଗର ସେବାନିବୃତ୍ତ ଅଧିକାରୀ ଅକ୍ଷୟ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ସଂଘର କାର୍ଯ୍ୟକାରିଣୀ ଅଧକ୍ଷ କୃଷ୍ଣ ପ୍ରସାଦ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ଅଞ୍ଜନ କୁମାର ମହାନ୍ତି ବିବରଣୀ ପାଠ କରିଥିଲେ ଏବଂ ଯୁଗ୍ମ ସମ୍ପାଦକ ଶୁଭ ଚମ୍ପତିରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# 'ବିତର୍କିତ ଅପରାହ୍ଣ' ମଞ୍ଚସ୍ଥ

**ଭୁବନେଶ୍ୱର (ପିପିଏସ୍):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଏବଂ ଓଡ଼ିଶା ନାଟ÷ ସଂଘର ମିଳିତ ଆନୁକୂଲ୍ୟରେ ଶନିବାର ଭଞ୍ଜକଳା ମଣ୍ଡପରେ ନାଟକ ମଞ୍ଚସ୍ଥ ହୋଇଯାଇଛି ନାଟକ 'ବିତର୍କିତ ଅପରାହ୍ଣ'। ପଦ୍ମଶ୍ରୀ ମନୋରଞ୍ଜନ ଦାସଙ୍କ ରଚିତ ଏବଂ ନାରାୟଣ ମିଶ୍ରଙ୍କ ନିର୍ଦ୍ଦେଶିତ ଏହି ନାଟକକୁ କ୍ୟାନ୍‌ମାସ୍ ପାରାଦ୍ୱୀପ ପରିବେଷଣ କରିଥିଲେ। ଏହି ନାଟ୍ୟ ସନ୍ଧ୍ୟାରେ ଅତିଥି ଭାବେ ନାଟ÷ ନିର୍ଦ୍ଦେଶକ ଲାଲା ବିରେନ ରାୟ ଯୋଗଦେଇଥିଲେ। ଓଡ଼ିଶା ନାଟ÷ ସଂଘର ସଭାପତି ମିହିର କୁମାର ମେହେର ସଭାପତିତ୍ୱ କରିଥିଲେ। ଓଡ଼ିଶା ନାଟ÷ ସଂଘର ସାଧାରଣ ସଂପାଦକ ସୁଧାଂଶୁ ମୋହନ ଦ୍ୱିବେଦୀ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ସଂଘର ଯୁଗ୍ମ ସମ୍ପାଦକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ନାଟକର ନିର୍ଦ୍ଦେଶକ ଶ୍ରୀମନ୍ ନାରାୟଣ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଘରେ କଳାକନା ବୁଲାଇଲା ଘରୋଇ ସହାୟକ



**ଭୁବନେଶ୍ୱର (ପିପିଏସ୍):** ପୁଣି ବିଶ୍ୱାସରେ ବିଷ ଦେଇଛି ଘରୋଇ ସହାୟକ। ମାଲିକାଣୀ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଘରେ କଳାକନା ବୁଲାଇଛି। ଆଇଆରସି ଭିଲେଜ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଘରୋଇ ସହାୟକ ଓ ରିସିଭର (ବଣିଆ)କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଅନ୍ତର୍ଗତ ବ୍ରହ୍ମପୁରା ଗାଁର ମନୋଜ କୁମାର ସାହୁ (୩୨) ଓ ପୁରୀ ଜିଲ୍ଲା ଚନ୍ଦନପୁରର ବସନ୍ତ କୁମାର ସାହୁ (୩୭)। ପୁଲିସ ସୂତ୍ରାନୁସାରେ, ପ୍ରିୟଦର୍ଶିନୀ ମହାନ୍ତି ପ୍ଲଟ୍ ନଂ - ଏନ୍ ୨/୧୬୯ ରେ ରହୁଥିବା ବେଳେ ମନୋଜ ତାଙ୍କ ଘରେ ଘରୋଇ ସହାୟକ ଭାବେ କାମ କରୁଥିଲା। ୫ ବର୍ଷ ହେବ କାମ କରୁଥିବାରୁ ଘର ଲକର ଚାବି ଓ ସୁନା ଅଳଙ୍କାର କେଉଁଠି ରହିଛି, ସେ ବିଷୟରେ ମନୋଜକୁ ଜଣାଥିଲା। ନିକଟରେ ପ୍ରିୟଦର୍ଶିନୀ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏହାର ସୁଯୋଗ ନେଇ ମନୋଜ ଆଲମାରି ଭିତରୁ ସୁନାଗହଣା ନେଇ ଯାଇଥିଲା। ଗହଣା ଦୋକାନୀ ବସନ୍ତକୁ ସୁନାଗହଣା ବିକ୍ରି କରି ଟଙ୍କା ଆଣିଥିଲା। ଏହାପରେ ଚାକିରି ଛାଡ଼ି ପଳାଇଥିଲା। ପ୍ରିୟଦର୍ଶିନୀ ଘରକୁ ଫେରିବା ପରେ ସୁନାଗହଣା ଚୋରି ହୋଇଥିବା ନେଇ ଜାଣିବାକୁ ପାଇଥିଲେ। ଏନେଇ ପ୍ରିୟଦର୍ଶିନୀଙ୍କ ପକ୍ଷରୁ ଅରୁନ୍ଧତୀ ଚୌଧୁରୀ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ମନୋଜ ଉପରେ ପୁଲିସର ସନ୍ଦେହ କରି ପାଟକୁରା ଅଞ୍ଚଳରୁ ତାକୁ ଗିରଫ କରିଥିଲା। ତା' ଠାରୁ ତଥ୍ୟ ପାଇ ବଣିଆ ବସନ୍ତକୁ ଗିରଫ କରିଥିଲା। ସେମାନଙ୍କ ଠାରୁ ୩ଟି କାନଫୁଲ, ସୁନାଚେନ୍, ବ୍ରେସ୍‌ଲେଟ୍ ଓ ନଗଦ ୫୦ହଜାର ଟଙ୍କା ପୁଲିସ ଜବତ କରିଥିଲା। ତେବେ ମନୋଜ ତା'ର ପ୍ରେମିକା ରାଗିଣୀକୁ ମଧ ସୁନାଗହଣା ଓ ଟଙ୍କା ଦେଇଥିବା ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି। ମନୋଜ ସୁନା ଚେନ, ସୁନା ମୁଦି, କାନଫୁଲ ଓ ପ୍ରାୟ ଦେଢ଼ଲକ୍ଷ ଟଙ୍କା ପ୍ରେମିକାକୁ ଦେଇଥିବାର ପ୍ରମାଣ ପୁଲିସ ହାତରେ ଲାଗିଛି। ହେଲେ ଗିରଫ ଭୟରେ ରାଗିଣୀ ଫେରାର ହୋଇ ଯାଇଛି। ତା'କୁ ଧରିବା ଲାଗି ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

# ଆଇଏଏସ୍ ବିଷ୍ଣୁପଦଙ୍କ ଘରୁ ଚୋରି ଘଟଣାରେ ଜଣେ ଗିରଫ

**ଭୁବନେଶ୍ୱର (ପିପିଏସ୍):** ଆଇଏଏସ୍ ଅଧିକାରୀ ବିଷ୍ଣୁପଦ ସେଠୀଙ୍କ ଘରୁ ଚୋରି ଘଟଣାରେ ଜଣଙ୍କୁ ଗିରଫ କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେଦାରପଲ୍ଲୀ ବସ୍ତିରେ ରହୁଥିବା ଫତେଗଡ଼ ଥାନା କାଳୀକା ପ୍ରସାଦର ଗୋବରା ଓରଫ୍ ରବୀନ୍ଦ୍ର ନାୟକ (୩୫)।

ପୁଲିସ ସୂତ୍ରାନୁସାରେ, ବିଷ୍ଣୁପଦଙ୍କ ପତ୍ନୀ ବୈଶାଳୀ ସେଠୀ ତାଙ୍କ ଭ୍ୟାନିଟି ବ୍ୟାଗଟି ଶୋଇବା ଘରର ଝରକା ପାଖରେ ରଖିଥିଲେ। ଗୋବରା ସୁଯୋଗ ଅଣ୍ଡାଳି ଉକ୍ତ ବ୍ୟାଗଟିକୁ ଚୋରି କରି ନେଇଥିଲା। ଚୋରି ହୋଇଥିବା ଭ୍ୟାନିଟି ବ୍ୟାଗରେ ଦୁଇଟି ସୁନା କାନଫୁଲ, ଗୋଟିଏ ହୀରା ମୁଦି, ଚାବି, ଡେବିଟ କାର୍ଡ ଓ ଟଙ୍କା ରହିଥିଲା। କିଛି ସମୟର ପରେ ଉକ୍ତ ବ୍ୟାଗଟି କିଛି ଦୂରରୁ ପାଇଥିଲେ ମଧ ଟଙ୍କା କି ଗହଣା ପାଇନଥିଲେ।ଏନେଇ ବୈଶାଳୀ କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ମଙ୍ଗଳବାର ଗୋବରାକୁ ଗିରଫ କରିବା ସହ ୫ ଶହ ଟଙ୍କା ଜବତ କରିଥିଲା। ମାତ୍ର ୫୦୦ ଟଙ୍କା ଜବତ ହୋଇଥିବା ବେଳେ ସୁନା କାନଫୁଲ, ହୀରା ମୁଦି, ଚାବି ଓ ଡେବିଟ କାର୍ଡ ଆଦି ଠାବ ହୋଇପାରିନାହିଁ। ତେବେ ଘଟଣାର ଅଧିକ ତଦନ୍ତ ପାଇଁ ଗୋବରାକୁ ରିମାଣ୍ଡରେ ଆଣିବାକୁ ପୁଲିସ ଯୋଜନା କରିଛି। ଦିନିକିଆ ରିମାଣ୍ଡରେ ନେବାକୁ ପୁଲିସ ପକ୍ଷରୁ କୋର୍ଟରେ ଆବେଦନ କରାଯାଇଛି। ସେପଟେ ଗୋବରା ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ପୂର୍ବରୁ ଶ୍ରୀ ଲିଙ୍ଗରାଜ ଥାନାରେ ୨ଟି ଓ ଏୟାରଫିଲ୍ଡ ଥାନାରେ ଗୋଟିଏ ଚୋରି ମାମଲା ରହିଛି।

# ଘରେ ପଶି ଯୁବତୀଙ୍କୁ ଦୁଷ୍କର୍ମ

**ଭୁବନେଶ୍ୱର (ପିପିଏସ୍):** ରାଜଧାନୀରେ ପୁଣି ଯୁବତୀଙ୍କୁ ଦୁଷ୍କର୍ମ। ଘରେ ଏକାକୀ ଥିବାର ସୁଯୋଗ ନେଇ ଯୁବତୀଙ୍କୁ ଦୁଷ୍କର୍ମ କରିଛି ସମ୍ପର୍କୀୟ। ଡୁମୁଡୁମା ନିକଟରେ ଏଭଳି ଘଟଣା ଘଟିଥିବା ବେଳେ ଖଣ୍ଡଗିରି ଥାନାର ଦ୍ୱାରସ୍ଥ ହୋଇଛନ୍ତି ଯୁବତୀ।

ଅଭିଯୋଗ ଅନୁଯାୟୀ, ଜଣେ ୨୩ ବର୍ଷୀୟା ଯୁବତୀ ଖଣ୍ଡଗିରି ଥାନା ଅନ୍ତର୍ଗତ ଡୁମୁଡୁମା ନିକଟରେ ରହୁଛନ୍ତି। ସମ୍ପର୍କୀୟ ଯୁବକ ଜଣକ ଅନେକ ସମୟରେ ତାଙ୍କ ଘରକୁ ଯିବାଆସିବା କରନ୍ତି। ନିକଟରେ ଯୁବତୀ ଜଣକ ଏକୁଟିଆ ଥିବାବେଳେ ସମ୍ପର୍କୀୟ ଜଣକ ଘରକୁ ଆସିଥିଲେ। ହଠାତ୍ ଭିତର ପଟରୁ କବାଟ ବନ୍ଦ କରି ଦେଇଥିଲା। ଘର ଭିତରେ ଜୋରଜବରଦସ୍ତି ଯୁବତୀଙ୍କୁ ଦୁଷ୍କର୍ମ କରିଥିଲା। ସେ ବିରୋଧ କରିବା ସତ୍ତ୍ୱେ ସମ୍ପର୍କୀୟ ତାଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିଲା। ଘଟଣା ବିଷୟରେ କାହାରିକୁ ଜଣାଇଲେ ଜୀବନରେ ମାରିଦେବ ବୋଲି ଧମକ ଦେଇଥିଲା। ଯୁବତୀ ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ଖଣ୍ଡଗିରି ପୁଲିସର ଦ୍ୱାରସ୍ଥ ହୋଇଛନ୍ତି। ସେ ଲିଖିତ ଅଭିଯୋଗ ଦେବାପରେ ପୁଲିସ ଦୁଷ୍କର୍ମ ମାମଲା ରୁଜୁ କରି ତଦନ୍ତ କରୁଛି।

# ମୋବାଇଲ୍ ଚୋରି ବେଳେ ଧରାପଡ଼ିଲେ ୬ ଅଭିଯୁକ୍ତ

## ୨୪ ମୋବାଇଲ୍ ସହ ଡ୍ରୋନ୍ ଜବତ

**ଭୁବନେଶ୍ୱର(ପିପିଏସ୍):** କମିସନରେଟ୍ ପୁଲିସ ମଙ୍ଗଳବାର ଏକ ଗ୍ୟାଙ୍ଗ୍‌କୁ ଗିରଫ କରିଛି। ଏହି ଗ୍ୟାଙ୍ଗ୍ ସହରର ମୋବାଇଲ ଦୋକାନ ଗୁଡ଼ିକୁ ଟାର୍ଗେଟ କରି ମୋବାଇଲ ଚୋରି କରୁଥିଲା। ଗ୍ୟାଙ୍ଗ୍‌ର ମାଷ୍ଟରମାଇଣ୍ଡ ଜଣେ ନାବାଳକ ଥିଲା ବେଳେ ତାଙ୍କ ନାମରେ ପୂର୍ବରୁ ୭ଟି ମାମଲା ବିଭିନ୍ନ ଥାନାରେ ରହିଛି। ଏହା ସହ ଉକ୍ତ ଗ୍ୟାଙ୍ଗରେ ଜଣେ ଯୁବକ ରହିଥିଲା। ସେ ହେଲା ଯାଜପୁର ବରୁଆଁର କୁନିଣ୍ଡା ଗ୍ରାମର ଆଦିତ୍ୟ ସାହୁ। ସେ ଭୁବନେଶ୍ୱର ପାଣ୍ଡରା ଅଞ୍ଚଳରେ ରୁହନ୍ତି। ଅଭିଯୁକ୍ତମାନଙ୍କ ଠାରୁ ୨୪ ମୋବାଇଲ୍, ୬ଟି ଇୟର ବଡ୍, ଗୋଟିଏ ଡ୍ରୋନ୍, ଦୁଇଟି ଚୋରା ମୋଟର ସାଇକେଲ୍, ମୋବାଇଲ୍ ଆସୋସୋରିଜ୍ ଜବତ କରାଯାଇଛି। ଏହା ସହ ସଟର ତାଡ଼ିବାକୁ ବ୍ୟବହୃତ ଯନ୍ତ୍ରପାତୀ ଜବତ କରାଯାଇଛି। ବିଗତ ୨ମାସ ମଧରେ ଦୁଇଟି ମୋବାଇଲ ଦୋକାନରୁ ଏମାନେ ମୋବାଇଲ ଚୋରି କରୁଥିଲେ। ପଟିଆ ଷ୍ଟେସନ ନିକଟସ୍ଥ ତ୍ରିସା ମୋବାଇଲ ଷ୍ଟୋର ନାମକ ଏକ ମୋବାଇଲ ଦୋକାନରୁ ନାବାଳକ ଚୋର ଗ୍ୟାଙ୍ଗ ଏପ୍ରିଲ ୪ ତାରିଖରେ ଚୋରି କରିଥିଲେ। ଏନେଇ ଦୋକାନ ମାଲିକ ମାନସ ରଞ୍ଜନ ପଣ୍ଡା ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ସେହିପରି ଏହି ଗ୍ୟାଙ୍ଗ୍ ଗତ ୩ ତାରିଖ ଦିନ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ନିଗମ ଟେଲି କମ୍ୟୁନିକେସନ୍ ନାମକ ଏକ ମୋବାଇଲ ଦୋକାନର ସଟର ତାଡ଼ି ଦାମୀ ମୋବାଇଲ ଚୋରି କରି ନେଇଥିଲେ। ତେବେ ଏହି ଗ୍ୟାଙ୍ଗ୍ ଡକାୟତି ମାମଲାରେ ମଧ ସମ୍ପୃକ୍ତ ଥିବା ଜଣାପଡ଼ିଛି।

# ଏଲ୍‌ପିଜି ସମସ୍ୟା ନେଇ ରାସ୍ତାକୁ ଓହ୍ଲାଇବ ଉପଭୋକ୍ତା ମହାସଂଘ



**ଭୁବନେଶ୍ୱର(ପିପିଏସ୍):** ମଧ୍ୟପ୍ରାଚୀ ଯୁଦ୍ଧ ପ୍ରଭାବରେ ରାଜ୍ୟରେ ଏଲ୍‌ପିଜି ସଙ୍କଟ ସୃଷ୍ଟି ହୋଇଛି। ପରିତାପର ବିଷୟ ଉପଭୋକ୍ତାମାନେ ବୁକିଙ୍ଗ୍ କରି ମାସ ମାସ ଧରି ରନ୍ଧନଗ୍ୟାସ ପାଉନଥିବା ବେଳେ ବ୍ୟାପକ ପରିମାଣରେ ଗ୍ୟାସ୍ କଳାବଜାରୀ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ମୁନାଫାଖୋର କଳାବଜାରୀକାରୀ ଗ୍ୟାସ୍ ସିଲିଣ୍ଡର ପିଛା ୩୦୦୦ ଟଙ୍କା ନେଇ ମାଲେମାଲ୍ ହେଉଥିବା ଉପଭୋକ୍ତା ମହାସଂଘ ପକ୍ଷରୁ ଅଭିଯୋଗ ହୋଇଛି। କଳାବଜାରୀ ରୋକିବା ପାଇଁ ସବୁ ପ୍ରଚେଷ୍ଟା କରାଯାଇଛି ବୋଲି ଯୋଗାଣ ବିଭାଗ ଡିଣ୍ଡିମ ପିଟୁଥିବା ବେଳେ ଗ୍ୟାସ୍ କମ୍ପାନୀ ଡିଲରମାନେ କମ୍ପାନୀ ଗାଡ଼ିରେ ଗ୍ୟାସ୍ ବୋହିନେଇ ଚୋରା ବ୍ୟବସାୟୀମାନଙ୍କୁ ଚାଲାଣ କରି ହାତ ଚିକ୍କଣ କରୁଛନ୍ତି। ସେହିପରି ସରକାର କହୁଛନ୍ତି ରନ୍ଧନ ଗ୍ୟାସର ସମସ୍ୟା ନାହିଁ। କମ୍ପାନୀ କହୁଛି ପ୍ରବଳ ଗ୍ୟାସ ଆମ ପାଖରେ ମହଜୁଦ୍ ଅଛି। କିନ୍ତୁ ଏଜେନ୍ସି ଗୋଦାମ ଆଗରେ ଉପଭୋକ୍ତାମାନେ ଖରାରେ ଲମ୍ବା ଧାଡ଼ି ଲଗାଇ ଘଣ୍ଟାଘଣ୍ଟା ଧରି ଛିଡ଼ା ହେବାକୁ ପଡୁଛି। ବୁକିଂ ସହ ଟଙ୍କ ଜମା କରି ଓଟିପି ଆସିବାର ୧୫ଦିନ ବିତିଗଲେ ମଧ ଉପଭୋକ୍ତାଙ୍କୁ ଗ୍ୟାସ ମିଳିପାରୁନାହିଁ। ଅନେକ ସମୟରେ ଉପଭୋକ୍ତାମାନଙ୍କର ଫୋନ୍ ମଧ ଏଜେନ୍ସି ମାନେ ରିସିଭ୍ କରୁନାଥିବା ସହ ଯଦି କରୁଛନ୍ତି, ଉତ୍ତରରେ ଗ୍ୟାସ ଡେଲିଭରି ହେଉଛି ବୋଲି ଶୁଣିବାକୁ ମିଳୁଛି। ସେହିପରି ଶିକ୍ଷାନୁଷ୍ଠାନରେ ମଧ ମଧାହ୍ନଭୋଜନରେ ଘୋର ଅବ୍ୟବସ୍ଥା। ସବୁଠାରୁ ବଡ଼ ଦୟନୀୟ ଭାବେ ଛାତ୍ରଛାତ୍ରୀମାନେ ୫ କେଜି. ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରୁଥିବା ବେଳେ ଘୋର ସଙ୍କଟରେ ପଡ଼ି ଓଳିଏ ଖାଇ ଓଳିଏ ଉପାସ ମଧ ରହି ହଜାର ହଜାର ଛାତ୍ରଛାତ୍ରୀ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଉପଭୋକ୍ତାମାନେ ରାଜରାସ୍ତାକୁ ଓହ୍ଲାଇ ଭୟଙ୍କର ଭାବେ ଆନ୍ଦୋଳନ କରିବେ ବୋଲି ରାଜ୍ୟ ମହାସଂଘର ସଭାପତି ଦିଗମ୍ବର ଜେନା ଚେତାବନୀ ଦେଇଛନ୍ତି।

# ଆମ୍ବୁଲାନ୍ସରେ ଗଞ୍ଜେଇ ଚାଲାଣ ବେଳେ ୪ ଗିରଫ, ଗଞ୍ଜେଇ ଜବତ



**ଭୁବନେଶ୍ୱର (ପିପିଏସ୍):** ବସ୍, ଟ୍ରକ୍, ଦାମୀ କାର, ବାଇକ୍‌ରେ ଗଞ୍ଜେଇ ଚୋରା ଚାଲାଣ ହୋଇଥିଲା। ହେଲେ ଏହି ତରିକା ଏବେ ପୁରୁଣା ହୋଇଗଲାଣି। ଗଞ୍ଜେଇ ଚୋରା ଚାଲଣ ପାଇଁ ଚାଲାଣକାରୀ ପୁଲିସ ଠାରୁ ବଞ୍ଚିବାକୁ ଏବେ ଜରୁରିକାଳୀନ ସେବା ଯୋଗାଉଥିବା ଗାଡ଼ି ବ୍ୟବହାର କରୁଛନ୍ତି। ନୂଆପଲ୍ଲୀ ଥାନା ପୁଲିସ ଏକ ଆମ୍ବୁଲାନ୍ସକୁ ଅଟକାଇଥିଲା। ଏହି ଆମ୍ବୁଲାନ୍ସରୁ ୨୫କେଜି ଗଞ୍ଜେଇ ମିଳିଲା। ଗଞ୍ଜେଇର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୫ ହଜାର ଟଙ୍କା ହେବ। ଆମ୍ବୁଲାନ୍ସରେ ଚୋରା ଚାଲାଣ ଅଭିଯୋଗରେ ପୁଲିସ ୪ଜଣଙ୍କୁ ଗିରଫ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୟାଗଡ଼ ବାରବାଟି ପ୍ରଶାନ୍ତ କୁମାର ପ୍ରଧାନ, ଯାଜପୁର ଜିଲ୍ଲା ସରଣଗାପୁର ଅଞ୍ଚଳର ବିଶ୍ୱଜିତ ମଲ୍ଲିକ, ଭୁବନେଶ୍ୱର ଅଞ୍ଚଳର ମନୋଜ କୁମାର ମହାପାତ୍ର ଏବଂ ରାମକୃଷ୍ଣ ପ୍ରାଣିଗ୍ରାହୀ।

ଆମ୍ବୁଲାନ୍ସରେ ଗଞ୍ଜେଇ କାରବାର ନେଇ ପୂର୍ବରୁ ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ପୁଲିସ ଆମ୍ବୁଲାନ୍ସକୁ କଳିଙ୍ଗ ଷ୍ଟାଡିୟମ୍ ଗେଟ୍ ନମ୍ବର-୮ ବି ନିକଟରେ ଅଟକାଇଥିଲା। ଯାହାର ନମ୍ବର ହେଉଛି ଓଡ଼ି ୦୫ ବି ଡବ୍ଲୁ - ୦୧୧୦। ଗଞ୍ଜେଇ ମିଳିବା ପରେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ ସେମାନଙ୍କ ୫ଟି ମୋବାଇଲ ଜବତ କରିଥିଲା। ମୁଖ୍ୟ ଅଭିଯୁକ୍ତ ପ୍ରଶାନ୍ତ ଏହି କାରବାର କରୁଥିଲେ। ବହୁ ଦିନ ହେବ ଆମ୍ବୁଲାନ୍ସରେ ଏମାନେ ଗଞ୍ଜେଇ କାରବାର କରୁଥିଲେ।

ଗଞ୍ଜେଇ ଚାଲାଣ ପାଇଁ ନିଶା ବେପାରୀମାନେ ଚତୁରତାର ସହ କାରବାର କରୁଛନ୍ତି। ପୁଲିସ ଜାଲରେ ନ ପଡ଼ିବା ପାଇଁ ନୂଆ ନୂଆ ତରିକା ଆପଣାଉଛନ୍ତି। ଆମ୍ବୁଲାନ୍ସରେ ଗଞ୍ଜେଇ ଚାଲାଣ ଘଟଣାରେ ପୁଲିସ ଏକ ମାମଲା (ନଂ.୩୦୩/୨୦୨୬) ପଞ୍ଜିକୃତ କରିଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ମନୋଜ ଉକ୍ତ ଆମ୍ବୁଲାନ୍ସର ମାଲିକ। ଏକ ଘରୋଇ ହସ୍ପିଟାଲରେ ଆମ୍ବୁଲାନ୍ସଟି ନିୟୋଜିତ ଥିଲା ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

ପୁଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ କଟକରୁ ଗଞ୍ଜେଇ ନେଇ ଭୁବନେଶ୍ୱର ଆସୁଥିଲେ। ନୟାପଲ୍ଲୀ ରେଣ୍ଟାଲ କଲୋନିରେ ଗଞ୍ଜେଇ ଦେବାର ଥିଲା। ଏନେଇ ସୂଚନା ମିଳିବା ପରେ ପୁଲିସ ଭୁବନେଶ୍ୱରରେ ଛକି ରହିଥିଲା। ସକାଳ ସମୟରେ ପୁଲିସ ଟିମ୍ କଳିଙ୍ଗ ଷ୍ଟାଡିୟମ ଗେଟ ନଂ-୮ ପାଖରେ ଚଢ଼ାଉ କରି ଆମ୍ବୁଲାନ୍ସକୁ ଜବତ କରିଥିଲା। ଯାଞ୍ଚ ପରେଷ୍ଟ୍ରେଚର ତଳେ ୨ଟା ବସ୍ତାରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଏଥିସହ ନଗଦ ୮୦୦ ଟଙ୍କା ମଧ୍ୟ ମିଳିଥିଲା। ତେବେ ଗଞ୍ଜେଇ କାହାକୁ ଦେଇଥାନ୍ତେ ତାହା ଜାଣିବାକୁ ପୁଲିସ ଅଧିକ ତଦନ୍ତ ଚଳାଇଛି।

# ମହିଳାଙ୍କ ମୃତଦେହ ଉଦ୍ଧାର

**ଭୁବନେଶ୍ୱର (ପିପିଏସ୍):** ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗଙ୍ଗୁଆ ନାଳ ନିକଟରେ ଜଣେ ମହିଳାଙ୍କ ମୃତଦେହ ମିଳିଛି। ମୃତ ମହିଳା ଜଣଙ୍କ ହେଲେ ସ୍ମୃତିମୟୀ ନାୟକ। ତାଙ୍କ ବୟସ ୩୩। ତାଙ୍କ ଘର ଯାଜପୁର ମଣିପୁର ଗ୍ରାମରେ। ସେ ଗଙ୍ଗୁଆ ନାଳ ନିକଟରେ ତାଙ୍କ ସ୍ୱାମୀ ଅରୁପାନନ୍ଦ ନାୟକ ସହ ରହୁଥିଲେ। ମିଳିଥିବା ସୂଚନା ମୁତାବକ, ତାଙ୍କ ଘର ଅନ୍ୟ ସଦସ୍ୟମାନେ ବାହାରକୁ ଯାଇଥିଲେ। ସ୍ମୃତିମୟୀ ଏକୁଟିଆ ଥିଲେ। ଗୋଟିଏ ଦିନ ପରେ ଅଚାନକ ତାଙ୍କ କବାଟ ନଖୋଲିବାରୁ ଘର ମାଲିକଙ୍କ ସନ୍ଦେହ ହୋଇଥିଲା। ସେ ଘର ଭିତରେ ମୃତ ଅବସ୍ଥାରେ ପଡ଼ି ରହିଥିଲେ। ତାଙ୍କ ପାଟିରୁ ଗରଳ ବାହାରୁଥିଲା। ଏହାପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ସାପ କାମୁଡିବା ଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି ବୋଲି ପୁଲିସ ଏବଂ ଡାକ୍ତର ଅନୁମାନ କରିଛନ୍ତି। ମଙ୍ଗଳବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି।

# ସଂରକ୍ଷଣ ଆଇନ ଦାବି କରି ମହିଳା କଂଗ୍ରେସର ମଶାଲ ଶୋଭାଯାତ୍ରା




**ଭୁବନେଶ୍ୱର(ପିପିଏସ୍):** ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଜିଲ୍ଲାରେ ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଆଇନ୍ ଦାବିରେ ମଶାଲ ଶୋଭାଯାତ୍ରା କରାଯାଇଛି। ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଏହି କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି। ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀୟା ମହାନ୍ତିଙ୍କ ନେତୃତ୍ୱରେ ଆଜି ଏକ ମଶାଲ ଶୋଭାଯାତ୍ରା କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ମହିଳା କଂଗ୍ରେସର କର୍ମକର୍ତାମାନେ ବିକ୍ଷୋଭ କରିଥିଲେ। ଏହି ଅବସରରେ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ମହାନ୍ତି କହିଛନ୍ତି ଯେ, ଲୋକସଭା ଏବଂ ବିଧାନସଭାରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଆଇନ ଲାଗୁରେ ବିଜେପି ଓ ମୋଦୀ ସରକାର ବାଧକ ସାଜିଛନ୍ତି। ୨୦୨୩ ମସିହାରେ ଏହାକୁ ଆଇନରେ ପରିଣତ କରିବା ପାଇଁ କଂଗ୍ରେସ ସମେତ ସମସ୍ତ ଅଣ ବିଜେପି ଦଳ ସମର୍ଥନ ଦେଇଥିଲେ ମଧ୍ୟ ମୋଦୀ ସେରକାର ଏହାକୁ କାର୍ଯ୍ୟକାରୀ କରିବାରେ ଅକ୍ଷମ ହୋଇଛନ୍ତି । ବର୍ତ୍ତମାନ ଲୋକସଭାରେ ଥିବା ୫୪୩ ଆସନ ଏବଂ ବିଭିନ୍ନ ବିଧାନସଭାର ସ୍ଥିତ ଅବସ୍ଥାକୁ ନେଇ କ'ଣ ପାଇଁ ୩୩ ପ୍ରତିଶତ ମହିଳା ସଂରକ୍ଷଣ କରାଯାଉନାହିଁ । ଡିଲିମିଟେସନ ସହିତ ମହିଳା ସଂରକ୍ଷଣ ଆଇନ୍ ଯୋଡି ଦିଆଯାଉଛି। ବିଜେପି କଂଗ୍ରେସ ମହିଳା ସଂରକ୍ଷଣର ବିରୋଧ ବୋଲି ଯେଉଁ ଅପପ୍ରଚାର କରୁଛି ତାହା ଦୁର୍ଭାଗ୍ୟଜନକ। ମହିଳା ସଂରକ୍ଷଣ ସପକ୍ଷରେ କଂଗ୍ରେସ ରହିଛି ଏବଂ ଏହାକୁ ତୁରନ୍ତ ଲାଗୁ କରିବା ପାଇଁ ଆନ୍ଦୋଳନ ଜାରି ରଖିଛି। ମହିଳାମାନଙ୍କ ପ୍ରତି ବିଜେପି ଦଳ, ମୋଦି ସରକାର ଓ ମୋହନ ସରକାର ଆଚରଣ ଓ ଉଚ୍ଚାରଣ କଣ ତାହା ସାରା ଦେଶ ଦେଖୁଛି। ମଣିପୁରରେ ମହିଳାଙ୍କୁ ଅତ୍ୟାଚର, ବିଜେପି ସାଂସଦଙ୍କର ମହିଳା କୁସ୍ତି ଯୋଦ୍ଧାଙ୍କୁ ଅତ୍ୟାଚର, ଉନ୍ନାଓ ମହିଳା ଦୁଷ୍କର୍ମରେ ବିଜେପି ବିଧାୟକଙ୍କର ସଂପୃକ୍ତି, ଓଡ଼ିଶାରେ ଦିନକୁ ୧୫ ଜଣ ମହିଳା ଦୁଷ୍କର୍ମରେ ଶିକାର, ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀକୁ ଆତ୍ମହତ୍ୟା କରିବା ପାଇଁ ବାଧ କରିବା ଘଟଣା ପ୍ରଭୃତିରେ ବିଜେପି ଦଳର ମହିଳାମାନଙ୍କ ପ୍ରତି ଅସଲ ମନୋଭାବ ବ୍ୟକ୍ତ ହୋଇପଡୁଛି। ସୁତରାଂ ଆଉ ଡ୍ରାମା ନ କରି ତୁରନ୍ତ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଆଇନ ଲାଗୁ କରିବା ପାଇଁ ମହିଳା କଂଗ୍ରେସ ଦାବି କରୁଛି। ଆଜିର କାର୍ଯ୍ୟକ୍ରମରେ ସୁରେଶ କୁମାର ରାଉତରାୟ, ପ୍ରକାଶଚନ୍ଦ୍ର ଜେନା, ମନୋରଞ୍ଜନ ଦାସ, ମାନସ ଆଚାର୍ଯ୍ୟ, ସୁନୀତା ବିଶ୍ୱାଳ, ଶ୍ରୀୟାସ୍ମିତା ପଣ୍ଡା, ଜୟସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମମତା ଓ ପୁତୁରାଙ୍କ ବାସଭବନ ବାହାରେ ସୁରକ୍ଷା କମିଲା

କୋଲକାତା: ପଶ୍ଚିମବଙ୍ଗରେ ଟିଏମ୍ସିର ପରାଜୟ ପରେ ବିଦାୟୀ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ସୁରକ୍ଷା ବ୍ୟବସ୍ଥା ବୁଧବାର ହ୍ରାସ କରାଯାଇଛି। ଦୁଇ ଦିନ ତଳେ ପଶ୍ଚିମବଙ୍ଗରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇଥିଲା। ନିର୍ବାଚନ ଫଳାଫଳ ଅନୁଯାୟୀ ୧୫ ବର୍ଷର ଶାସନ ପରେ ଟିଏମ୍ସି ରାଜ୍ୟରେ ଗାଦିଚ୍ୟୁତ ହୋଇଛି। ବୁଧବାର ସକାଳ ୬ଟା ୩୦ ମିନିଟରୁ ୧୮୮ଏ ହରିଷ୍ ଚାଟାର୍ଜୀ , ୧୨୧ କାଳୀଘାଟ ରୋଡ ଓ ୯ କାମାକ୍ ଷ୍ଟ୍ରିଟ୍ରେ ସୁରକ୍ଷା ହ୍ରାସ କରାଯାଇଛି। ଜଣେ ପୁଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ, ମମତାଙ୍କ ବାସଭବନ ନିକଟରୁ ସିଜର୍ ବାରିକେଡ୍ ବ୍ୟବସ୍ଥା କଢ଼ା ଯାଇ ସାଧାରଣ ଗାର୍ଡରେଲ୍ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୧୮୮ଏ ହରିଷ୍ ଚାଟାର୍ଜୀରେ ମମତାଙ୍କ ବାସଭବନ ରହିଛି , ୧୨୧ କାଳୀଘାଟ ରୋଡରେ ଟିଏମ୍ସି ଦଳୀୟ ମୁଖ୍ୟାଳୟ ଓ ୯ କାମାକ୍ ଷ୍ଟ୍ରିଟ୍ରେ ଅଭିଷେକ ବାନାର୍ଜୀଙ୍କ ଅଫିସ ରହିଛି।

# ଇରାନରେ ଭୟଙ୍କର ଅଗ୍ନିକାଣ୍ଡ: ୮ ଜୀବନ୍ତ ଦଗ୍ଧ

ତେହେରାନ: ଇରାନର ରାଜଧାନୀ ତେହେରାନ ନିକଟରେ ଏକ ବଡ଼ ଦୁର୍ଘଟଣା ଘଟିଛି। ଆଣ୍ଡିସେ ସହରର ଆର୍ଘାଭାନ୍ ସପିଂ ସେଣ୍ଟରରେ ଏକ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ବହୁ ଧନ ଜୀବନ ହାନି ଘଟିଛି। ସମଗ୍ର ଅଞ୍ଚଳରେ ଆତଙ୍କର ବାତାବରଣ ରହିଛି। ଅଗ୍ନିକାଣ୍ଡରେ ୮ ଜଣ ଲୋକ ଜୀବନ୍ତ ଦଗ୍ଧ ହୋଇଛନ୍ତି। ୩୬ ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅଗ୍ନିକାଣ୍ଡ ସମୟରେ ସପିଂ ସେଣ୍ଟରରେ ଅତ୍ୟଧିକ ଭିଡ଼ ଥିବା କୁହାଯାଉଛି। ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ଅଗ୍ନିଶମ ବାହିନୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀମାନେ ଭୟଙ୍କର ଅଗ୍ନିକାଣ୍ଡକୁ ନିୟନ୍ତ୍ରଣ କରିବା ପାଇଁ ଅକ୍ଲାନ୍ତ ପରିଶ୍ରମ କରିଥିଲେ। ଟେଲିଭିଜନ ଫୁଟେଜରେ ବହୁମହଲା କୋଠାରୁ କଳା ଧୂଆଁର ଏକ ବଡ଼ କୁଣ୍ଡଳୀ ଉଠୁଥିବା ଦେଖାଯାଇଛି।

# ବଜାରରୁ ସମ୍ପୂର୍ଣ୍ଣ ନିଷେଧ ହେବ ସିନ୍ଥେଟିକ୍ ପନିର



ନୂଆଦିଲ୍ଲୀ: ଭାରତୀୟ ବଜାରରେ ଗ୍ରାହକଙ୍କ ସ୍ୱାସ୍ଥ୍ୟ ସହ ଖେଳ କରୁଥିବା କୃତ୍ରିମ ବା ସିନ୍ଥେଟିକ୍ ପନିର ବିକ୍ରୟ ବିରୁଦ୍ଧରେ କେନ୍ଦ୍ର ସରକାର ଏବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ, ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (ଏଫଏସଏସଏଆଇ) ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ କ୍ଷତିକାରକ ହେଉଥିବା ନକଲି ପନିରକୁ ବଜାରରୁ ସମ୍ପୂର୍ଣ୍ଣ ନିଷେଧ କରିବାକୁ ନିଷ୍ପତ୍ତି ନେଇଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ନକଲି ପନିରର କାରବାର ରୋକିବା ପାଇଁ ଗଠିତ ଏକ ଉଚ୍ଚସ୍ତରୀୟ କମିଟି ଗତ ଅକ୍ଟୋବର ୨୦୨୫ରେ ଏହି ପ୍ରସ୍ତାବକୁ ଚୂଡ଼ାନ୍ତ କରିଥିବା ବେଳେ ବର୍ତ୍ତମାନର ମାର୍ଚ୍ଚ ୨୦୨୬ ବୈଠକରେ ଏହାକୁ ଆନୁଷ୍ଠାନିକ ମଞ୍ଜୁରୀ ମିଳିସାରିଛି। ଭାରତ ବିଶ୍ୱର ସର୍ବବୃହତ ଦୁଗ୍ଧ ଉତ୍ପାଦନକାରୀ ଦେଶ ହୋଇଥିଲେ ମଧ୍ୟ ବଜାରରେ ପ୍ରକୃତ ପନିର ଭଳି ଦେଖାଯାଉଥିବା ଏବଂ ସମାନ ସ୍ୱାଦ ଯୁକ୍ତ ଶସ୍ତା ସିନ୍ଥେଟିକ୍ ପନିର ବହୁ ପରିମାଣରେ ବିକ୍ରି ହେଉଥିବାରୁ ସାଧାରଣ ଗ୍ରାହକ ପ୍ରତାରିତ ହେଉଛନ୍ତି ଏବଂ ଗମ୍ଭୀର ରୋଗର ଶିକାର ହେଉଛନ୍ତି।ସରକାରୀ ତଥ୍ୟ ଅନୁଯାୟୀ, ବର୍ତ୍ତମାନ ଦେଶର ପ୍ରାୟ ୧,୦୦୦ କମ୍ପାନି ପାଖରେ କୃତ୍ରିମ ପନିର ଉତ୍ପାଦନ ପାଇଁ ଲାଇସେନ୍ସ ରହିଛି। ତେବେ 'ଏଫଏସଏସଏଆଇ'ର ନୂତନ ନୀତି ଅନୁଯାୟୀ, ଏବେ ଏହି ସିନ୍ଥେଟିକ୍ ପନିର ପାଇଁ ନୂତନ ଲାଇସେନ୍ସ ପ୍ରଦାନ ସମ୍ପୂର୍ଣ୍ଣ ବନ୍ଦ କରାଯିବ ଏବଂ ପୂର୍ବରୁ ଲାଇସେନ୍ସ ପାଇଥିବା କମ୍ପାନିଗୁଡ଼ିକୁ ସେମାନଙ୍କର ଷ୍ଟକ୍ ସମାପ୍ତ କରି ପର୍ଯ୍ୟାୟକ୍ରମେ ଉତ୍ପାଦନ ବନ୍ଦ କରିବାକୁ ପର୍ଯ୍ୟାପ୍ତ ସମୟ ଦିଆଯିବ। ପ୍ରକୃତ ପନିର ପ୍ରତି କିଲୋଗ୍ରାମ ପିଛା ପ୍ରାୟ ୪୫୦ ଟଙ୍କା ଥିବା ବେଳେ ଏହି ନକଲି ପନିର ମାତ୍ର ୨୫୦ ରୁ ୩୦୦ ଟଙ୍କାରେ ବିକ୍ରି ହେଉଥିବାରୁ ଅନେକ ରେଷ୍ଟୁରାଣ୍ଟ ଓ ସାଧାରଣ ଗ୍ରାହକ ଏହା ପ୍ରତି ଆକର୍ଷିତ ହେଉଛନ୍ତି। ତାଜା କ୍ଷୀର ପରିବର୍ତ୍ତେ ପାମ୍ ତେଲ, କ୍ଷୀର ପାଉଡର, ଷ୍ଟାର୍ଚ ଓ କେମିକାଲ୍ ଏମଲସିଫାୟର୍ସରୁ ତିଆରି ଏହି କୃତ୍ରିମ ପନିରରେ ପ୍ରୋଟିନ୍ ପରିମାଣ ଖୁବ୍ କମ୍ ଏବଂ କ୍ଷତିକାରକ ଚର୍ବି ଅତ୍ୟଧିକ ଥାଏ। ଏହାର କ୍ରମାଗତ ସେବନ ଯୋଗୁଁ ଶରୀରରେ ଇନସୁଲିନ୍ ପ୍ରତିରୋଧ ସୃଷ୍ଟି ହୋଇ ଟାଇପ୍-୨ ମଧୁମେହ ଭଳି ଭୟଙ୍କର ବ୍ୟାଧି ବୃଦ୍ଧି ପାଉଛି। ଭାରତରେ, ବିଶେଷକରି ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକରେ ପ୍ରୋଟିନର ମୁଖ୍ୟ ଉତ୍ସ ଭାବେ ପନିର ବଜାର ବର୍ତ୍ତମାନ ୧୦.୮ ବିଲିୟନ ଡଲାରରେ ପହଞ୍ଚିଥିବା ବେଳେ ୨୦୩୩ ସୁଦ୍ଧା ଏହା ୨୨.୧ ବିଲିୟନ ଡଲାର ହେବାର ଆକଳନ କରାଯାଇଛି। ଏଭଳି ସ୍ଥିତିରେ ବଜାରର ଶୁଦ୍ଧତା ଓ ଜନସ୍ୱାସ୍ଥ୍ୟ ରକ୍ଷା ପାଇଁ 'ଏଫଏସଏସଏଆଇ'ର ଏହି ନୂତନ ନୀତି ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ ବୋଲି ଆଶା କରାଯାଉଛି।

# ସମୁଦ୍ର ମଝିରେ ଫସିଥିବା ଭାରତୀୟ ଜାହାଜକୁ ସହାୟତା କଲା ପାକିସ୍ତାନ ନୌସେନା !



ଇସଲାମାବାଦ : ବୁଧବାର ଆରବ ସାଗର ମଧ୍ୟରେ, ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଅତି ଅସହାୟ ଅବସ୍ଥାରେ ଅଟକି ରହିଥିବା ଏକ ଭାରତୀୟ ବ୍ୟବସାୟିକ ଜାହାଜକୁ ପାକିସ୍ତାନ ନୌସେନା ସଫଳତାର ସହ ଉଦ୍ଧାର କରିଛି। 'ଏମଭି ଗୌତମ' ନାମକ ମାଲବାହୀ ଜାହାଜଟି ଓମାନରୁ ଭାରତ ଅଭିମୁଖେ ଯାତ୍ରା କରୁଥିବା ସମୟରେ ସମୁଦ୍ର ମଝିରେ ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇଥିଲା, ଯାହାଫଳରେ ଜାହାଜଟି ସେଠାରେ ଫସି ରହିଥିଲା। ମୁମ୍ବାଇସ୍ଥିତ ମାରିଟାଇମ୍ ରେସ୍କ୍ୟୁ ଆଣ୍ଡ କୋଅର୍ଡିନେସନ୍ ସେଣ୍ଟର (ଏମଆରସିସି) ପକ୍ଷରୁ ଏହି ସଙ୍କଟ ସମ୍ପର୍କରେ ଇସଲାମାବାଦ କର୍ତ୍ତୃପକ୍ଷଙ୍କୁ ଜଣାଯାଇ ଜରୁରୀକାଳୀନ ସହାୟତା ପାଇଁ ଅନୁରୋଧ କରାଯିବା ପରେ ପାକିସ୍ତାନ ପକ୍ଷରୁ ତୁରନ୍ତ ଏହି ପଦକ୍ଷେପ ନିଆଯାଇଥିଲା।
ଭାରତର ଅନୁରୋଧକୁ ରକ୍ଷା କରି ପାକିସ୍ତାନ ନୌସେନା ନିଜର ପ୍ରତିରକ୍ଷା ଜାହାଜ 'ପିଏମଏସଏସ କାଶ୍ମୀର'କୁ ତୁରନ୍ତ ଉଦ୍ଧାର କାର୍ଯ୍ୟ ପାଇଁ ସମ୍ପୃକ୍ତ ଅଞ୍ଚଳକୁ ପଠାଇଥିଲା। ଜାହାଜରେ ଥିବା ୭ ଜଣ କ୍ରୁ ସଦସ୍ୟ, ଯାହା ମଧ୍ୟରେ ୬ ଜଣ ଭାରତୀୟ ଓ ଜଣେ ଇଣ୍ଡୋନେସିଆର ନାଗରିକ ସାମିଲ ଥିଲେ, ସେମାନଙ୍କୁ ପାକିସ୍ତାନ ସେନା ପକ୍ଷରୁ ଜରୁରୀକାଳୀନ ଖାଦ୍ୟ, ପାନୀୟ ଜଳ, ଚିକିତ୍ସା ସେବା ଏବଂ ବୈଷୟିକ ସହାୟତା ଯୋଗାଇ ଦିଆଯାଇଛି।ପାକିସ୍ତାନ ମାରିଟାଇମ୍ ସିକ୍ୟୁରିଟି ଏଜେନ୍ସି (ପିଏମଏସଏ)ର ସହଯୋଗରେ ଏହି ମିଶନ୍ ସମ୍ପନ୍ନ ହୋଇଥିବା ବେଳେ ଏହାର ଏକ ଭିଡିଓ ମଧ୍ୟ ସାମ୍ନାକୁ ଆସିଛି, ଯେଉଁଥିରେ ପାକିସ୍ତାନୀ ସୈନ୍ୟମାନେ ବିପଦରେ ଥିବା କ୍ରୁ ସଦସ୍ୟଙ୍କୁ ସାହାଯ୍ୟ କରୁଥିବା ଦେଖାଯାଇଛି। ସୂଚନାଯୋଗ୍ୟ ଯେ, ଗତ ମାସରେ ମଧ୍ୟ ପାକିସ୍ତାନ ନୌସେନା ଉତ୍ତର ଆରବ ସାଗରରେ ଏକ ଜରୁରୀକାଳୀନ ସଙ୍କେତ ପାଇ ଚୀନ୍, ବାଂଲାଦେଶ ଓ ମିଆଁମାର ସମେତ ୧୮ ଜଣ ବିଦେଶୀ ନାଗରିକଙ୍କୁ ''ଏମଭି ଗୋଲ୍ଡ ଅଟମ୍'' ଜାହାଜରୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିଜର ମାନବୀୟ ସେବାର ପରିଚୟ ଦେଇଥିଲା।

# ଭାରତୀୟ ସାମ୍ବାଦିକଙ୍କୁ 'ପୁଲିଜର ପୁରସ୍କାର'



ନୂଆଦିଲ୍ଲୀ : ବିଶ୍ୱ ସାମ୍ବାଦିକତା କ୍ଷେତ୍ରରେ ପୁଣିଥରେ ଚମକିଛି ଭାରତ । ଅନ୍ତର୍ଜାତୀୟ ସ୍ତରରେ ଭାରତର ପରିଚୟକୁ ଆହୁରି ସମୃଦ୍ଧ ଓ ମଜଭୁତ କରିଛନ୍ତି ଦୁଇଜଣ ପ୍ରତିଭାବାନ ଭାରତୀୟ ସାମ୍ବାଦିକ । ଡିଜିଟାଲ ସର୍ଭେଲାନ୍ସ ଏବଂ ସାଇବର ଠକେଇ ଭଳି ଆଧୁନିକ ଯୁଗର ଗୁରୁତର ସମସ୍ୟା ଉପରେ ଏକ ସାହସିକ ତଥା ଗବେଷଣାତ୍ମକ ରିପୋର୍ଟିଂ ପାଇଁ ଭାରତୀୟ ସାମ୍ବାଦିକ ଆନନ୍ଦ ଆର୍କେ ଏବଂ ସୁପର୍ଣ୍ଣା ଶର୍ମା ସମ୍ମାନଜନକ 'ପୁଲିଜର ପୁରସ୍କାର' ଜିତି ଦେଶ ପାଇଁ ଗୌରବ ଆଣିଛନ୍ତି । ଗତ ସୋମବାର ନ୍ୟୁୟର୍କ ସ୍ଥିତ କଲମ୍ବିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହି ପୁରସ୍କାର ଘୋଷଣା କରାଯାଇଛି । ସାମ୍ବାଦିକତା, ସାହିତ୍ୟ ଏବଂ ସଙ୍ଗୀତ କ୍ଷେତ୍ରରେ ବିଶ୍ୱର ଅନ୍ୟତମ ସର୍ବୋଚ୍ଚ ସମ୍ମାନ ଭାବେ ବିବେଚିତ ଏହି ପୁରସ୍କାରକୁ ସାଧାରଣରେ 'ସାମ୍ବାଦିକତାର ଅସ୍କାର' ବୋଲି କୁହାଯାଏ । ବିଜେତାଙ୍କୁ ପୁରସ୍କାର ସ୍ୱରୂପ ଏକ ମାନପତ୍ର ସହ ୧୫ ହଜାର ଆମେରିକୀୟ ଡଲାର (ପ୍ରାୟ ୧୪ ଲକ୍ଷ ୨୬ ହଜାର ଟଙ୍କା) ପ୍ରଦାନ କରାଯାଏ । ଆନନ୍ଦ ଆର୍କେ ଏବଂ ସୁପର୍ଣ୍ଣା ଶର୍ମାଙ୍କୁ 'ଇଲୁଷ୍ଟ୍ରେଟେଡ ରିପୋର୍ଟିଂ ଏବଂ କମେଣ୍ଟ୍ରି' ବର୍ଗରେ ଏହି ସଫଳତା ମିଳିଛି । ବ୍ଲୁମବର୍ଗର ନାଟାଲି ଓବିକୋ ପିୟର୍ସନଙ୍କ ସହ ମିଳିତ ଭାବେ ସେମାନେ ଏହି ପୁରସ୍କାର ପାଇଛନ୍ତି ।

# ତାମିଲନାଡୁରେ ଭାଙ୍ଗିଲା କଂଗ୍ରେସ-ଡିଏମକେ ମେଣ୍ଟ





ଚେନ୍ନାଇ : ତାମିଲନାଡୁରେ ନୂତନ ସରକାର ଗଠନ ପାଇଁ ବିଜୟଙ୍କ ଟିଭିକେକୁ ସମର୍ଥନ ଜଣାଇ କଂଗ୍ରେସ ବୁଧବାର ରାଜ୍ୟରେ ଡିଏମକେ ସହିତ ଦୀର୍ଘକାଳୀନ ମେଣ୍ଟ ଭାଙ୍ଗି ଦେଇଛି। କଂଗ୍ରେସ କହିଛି ଟିଭିକେ ସହିତ ଏହାର ମେଣ୍ଟ "କେବଳ ଏହି ସରକାର ଗଠନ ପାଇଁ ନୁହେଁ, ବରଂ ସ୍ଥାନୀୟ ସଂସ୍ଥା ସଂଗଠନ, ଲୋକସଭା ଏବଂ ରାଜ୍ୟସଭା ପାଇଁ ଭବିଷ୍ୟତରେ ନିର୍ବାଚନ ପାଇଁ ମଧ୍ୟ।"ତାମିଲନାଡୁରେ କଂଗ୍ରେସ ଏବଂ ଡିଏମକେ ମଧ୍ୟରେ ମେଣ୍ଟ ଶେଷ ହୋଇଛି। ଏହି ଖବର ଆମଠାରୁ ନୁହେଁ, ବରଂ କଂଗ୍ରେସ ଦଳର ଏକ ଏକ୍ସ-ପୋଷ୍ଟରୁ ପ୍ରକାଶ ପାଇଛି। ଏହି ରାଜନୈତିକ ପରିବର୍ତ୍ତନ ମଧ୍ୟରେ, ଟିଭିକେ ମୁଖ୍ୟ ବିଜୟଙ୍କ ପାଇଁ ସରକାର ଗଠନ କରିବାର ପଥ ବହୁତ ସହଜ ହୋଇଯାଇଛି। ଟିଭିକେ ଅଧ୍ୟକ୍ଷ ବିଜୟ ଆନୁଷ୍ଠାନିକ ଭାବରେ କଂଗ୍ରେସର ସମର୍ଥନ ମାଗିଥିଲେ, ଯାହା ପରେ ତାମିଲନାଡୁ କଂଗ୍ରେସ କମିଟି ଏବଂ କଂଗ୍ରେସ ବିଧାୟକ ଦଳ (ସିଏଲପି) ରାଜ୍ୟରେ ସରକାର ଗଠନ ପାଇଁ ଟିଭିକେକୁ ସମର୍ଥନ କରିବାକୁ ନିଷ୍ପତ୍ତି ନେଇଥିଲେ। କଂଗ୍ରେସ ତାର ବିବୃତ୍ତିରେ କହିଛି ଯେ ତାମିଲନାଡୁର ଲୋକମାନେ, ବିଶେଷକରି ଯୁବପିଢ଼ି, ଏକ ଧର୍ମନିରପେକ୍ଷ, ପ୍ରଗତିଶୀଳ ଏବଂ କଲ୍ୟାଣକାରୀ ସରକାରଙ୍କ ସପକ୍ଷରେ ସ୍ପଷ୍ଟ ଜନାଦେଶ ଦେଇଛନ୍ତି। କଂଗ୍ରେସ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ ଏହାର ସମର୍ଥନ ସମ୍ପୂର୍ଣ୍ଣ ନିଃସର୍ତ୍ତ ରହିବ ନାହିଁ। ଦଳ କହିଛି ଯେ ଟିଭିକେ ଭାରତୀୟ ସମ୍ବିଧାନର ମୂଲ୍ୟବୋଧରେ ବିଶ୍ୱାସ କରୁନଥିବା କୌଣସି ସାମ୍ପ୍ରଦାୟିକ ଶକ୍ତିକୁ ମେଣ୍ଟରେ ସାମିଲ କରିବ ନାହିଁ। ଏହି ସର୍ତ୍ତ କଂଗ୍ରେସର ବିଚାରଧାରା ଏବଂ ଏହାର ଧର୍ମନିରପେକ୍ଷ ପ୍ରତିଛବିକୁ ଦୃଷ୍ଟିରେ ରଖି ରଖାଯାଇଛି। ଏହି ନୂତନ ରାଜନୈତିକ ସମୀକରଣ ଅନୁଯାୟୀ, କଂଗ୍ରେସ ଏବଂ ଟିଭିକେ ତାମିଲନାଡୁରେ ଏକ ସ୍ଥିର ଏବଂ ଲୋକାଭିମୁଖୀ ସରକାର ପ୍ରଦାନ କରିବା ପାଇଁ ଏକାଠି କାମ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ମେଣ୍ଟର ଉଦ୍ଦେଶ୍ୟ କେବଳ ସରକାର ଗଠନ କରିବା ନୁହେଁ ବରଂ ଭବିଷ୍ୟତରେ ସ୍ଥାନୀୟ ସଂସ୍ଥା ନିମର୍ବାଚନ, ଲୋକସଭା ଏବଂ ରାଜ୍ୟ ସଭା ନିର୍ବାଚନ ଏକାଠି ଲଢ଼ିବା ମଧ୍ୟ।

# ଭାରତକୁ ନାଲିଆଖି ଦେଖାଇଲେ ନେପାଳ ସରକାର



କାଠମାଣ୍ଡୁ : ନେପାଳର ବାଲେନ ସରକାର ଭାରତକୁ ନାଲିଆଖି ଦେଖାଇଛନ୍ତି। ନେପାଳ ସରକାର ମାନସରୋବର ଯାତ୍ରାର ପଥକୁ କଡ଼ା ବିରୋଧ କରିଛନ୍ତି। ଏହା ଭାରତ ଏବଂ ନେପାଳ ମଧ୍ୟରେ ଲିପୁଲେଖ ବିବାଦକୁ ପୁଣି ଥରେ ଚର୍ଚ୍ଚାକୁ ଆଣିଛି। ଭାରତ ଏବଂ ଚାଇନା ଲିପୁଲେଖ ଘାଟ ଦେଇ କୈଳାସ ମାନସରୋବର ଯାତ୍ରା ପୁନଃ ଆରମ୍ଭ କରିବାକୁ ରାଜି ହୋଇଛନ୍ତି। ବାଲେନ ସରକାର କହିଛନ୍ତି, କାଠମାଣ୍ଡୁର ସମ୍ମତି ବିନା ଏହି ତୀର୍ଥଯାତ୍ରା ଆୟୋଜନ କରାଯାଇପାରିବ ନାହିଁ, କାରଣ ଲିପୁଲେଖ ନେପାଳର ଅଂଶ। ନେପାଳ ସରକାର ଏହି ପ୍ରସଙ୍ଗରେ ଭାରତ ଏବଂ ଚାଇନା ଉଭୟକୁ କୂଟନୈତିକ ଚିଠି ପଠାଇଛନ୍ତି। ଭାରତ ପୂର୍ବରୁ ନେପାଳର ଦାବିକୁ ପ୍ରତ୍ୟାଖ୍ୟାନ କରିସାରିଛି। ଚାଇନା ମଧ୍ୟ ନେପାଳର ସ୍ଥିତି ଗ୍ରହଣ କରିବାକୁ କୌଣସି ପଦକ୍ଷେପ ନେଇନାହିଁ। ବିଶ୍ଳେଷକମାନେ ବିଶ୍ୱାସ କରନ୍ତି ଯେ, ଲିପୁଲେଖ ବିବାଦ ସମ୍ପର୍କରେ ନେପାଳ ଗତ କିଛି ବର୍ଷ ମଧ୍ୟରେ ଏପରି ପଦକ୍ଷେପ ନେଇଛି ଯାହା ପରିସ୍ଥିତିକୁ ଆହୁରି ତୀବ୍ର କରିଛି।
ବିବାଦର ମୂଳ ହେଉଛି ଲିମ୍ପିଆଧୁରା, ଲିପୁଲେଖ ଏବଂ କଳାପାଣିର ତ୍ରି-ସଂଯୋଗ, ଯାହା ଭାରତର ଅଂଶ ଏବଂ ଭାରତ ଦ୍ୱାରା ମଧ୍ୟ ନିୟନ୍ତ୍ରିତ। ନେପାଳ ଏହି ଅଞ୍ଚଳକୁ ଦାବି କରେ ଏବଂ ୧୮୧୬ର ସୁଗୌଲି ଚୁକ୍ତିନାମା କଥା କହେ। ନେପାଳ କହିଛି, ଭାରତ କିମ୍ବା ଚାଇନା ତାଙ୍କ ସମ୍ମତି ବିନା ଲିପୁଲେଖ ଦେଇ ବାଣିଜ୍ୟ କିମ୍ବା ଯାତ୍ରା କରିପାରିବେ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ପ୍ରାରମ୍ଭିକ କାର୍ଯ୍ୟକାଳରେ ଏହି ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ଇଚ୍ଛୁକ ଥିଲେ। ତେଣୁ ସେ ୨୦୧୪ରେ ନେପାଳ ଗସ୍ତ କରିଥିଲେ। ସେହି ସମୟରେ, ଉଭୟ ଦେଶର ବୈଦେଶିକ ସଚିବମାନଙ୍କୁ ଆଲୋଚନା କରିବାର ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ପରେ ଏପରି ପରିସ୍ଥିତି ସୃଷ୍ଟି ହେଲା ଯେ ଗୋଟିଏ ବି ବୈଠକ ହୋଇପାରିଲା ନାହିଁ। ମେ' ୨୦୨୦ରେ ନେପାଳର ଓଲି ସରକାର ଏକ ପଦକ୍ଷେପ ନେଇ ପରିସ୍ଥିତିକୁ ଆହୁରି ଖରାପ କରିଦେଲା। ଓଲି ସରକାର ନେପାଳର ସୀମା ମଧ୍ୟରେ ଏହି ତିନୋଟି ଅଞ୍ଚଳକୁ ଦର୍ଶାଇ ଏକ ମାନଚିତ୍ର ପ୍ରକାଶ କଲେ ଏବଂ ସଂସଦ ଏହି ମାନଚିତ୍ରକୁ ଅନୁମୋଦନ କଲେ। ପରବର୍ତ୍ତୀ ସମୟରେ, ଜୁନ୍ ୨୦୨୦ରେ, ନେପାଳ ଜାତୀୟ ପ୍ରତୀକରେ ମାନଚିତ୍ରକୁ ଅନ୍ତର୍ଭୁକ୍ତ କରିବା ପାଇଁ ଏହାର ସମ୍ବିଧାନ ସଂଶୋଧନ କଲା। ଭାରତ ଏହାର ଦୃଢ଼ ବିରୋଧ କରିଥିଲା।




## ଦଶଦିନିଆ ଭଦ୍ରକ ବୈଶାଖୀ ମେଳା ଉଦ୍‌ଯାପିତ

# ବୈଶାଖୀ ପରମ୍ପରାରେ ରହିଛି ଓଡ଼ିଆ ଜାତିର ଜୀବନବୋଧ



ଭଦ୍ରକ, (ପିପିଏସ୍): ଉତ୍କଳୀୟ ସାଂସ୍କୃତିକ ପ୍ରାଣକେନ୍ଦ୍ର ଭଦ୍ରକ ସହରରେ ସ୍ଥାନୀୟ ନେହେରୁ ପଡ଼ିଆ ପରିସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଦୀର୍ଘ ଦଶଦିନ ଧରି ଚାଲିଥିବା 'ବୈଶାଖୀ ମେଳା' ଆଜି ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମେଳା କମିଟି ସଭାପତି ଅଜୟ ନାୟକଙ୍କ ପୌରୋହିତ୍ୟରେ 'ଉତ୍କଳୀୟ ସଂସ୍କୃତିରେ ବୈଶାଖୀ' ପ୍ରସଙ୍ଗ ଉପରେ ଏକ ସାରଗର୍ଭକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ଭାବେ ଓଡ଼ିଶା ସୁପରିଚିତ ଆଧାତ୍ମିକ ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଯୋଗଦେଇ ଉତ୍କଳୀୟ ପରମ୍ପରାରେ ବୈଶାଖ ମାସର ପବିତ୍ରତା, ଧାର୍ମିକତା ଓ ଆଧାତ୍ମିକତା ଉପରେ ଆଲୋକପାତ କରିବା ସହ ସମ୍ମିଳିତ ହେବାରେ ଜୀବନର ସାର୍ଥକତା ଥାଏ ବୋଲି କହିଥିଲେ। ମୁଖ୍ୟ ଅତିଥି ଭାବେ ଭଦ୍ରକ ଓକିଲ ସଂଘର ସଭାପତି ବରୁଣ ଚାନ୍ଦ ଯୋଗଦେଇ ବୈଶାଖ କେବଳ ଏକ ଋତୁ ପରିବର୍ତ୍ତନର ସଙ୍କେତ ନୁହେଁ, ବରଂ ଏହା ଆମ ଜୀବନ, ଜୀବିକା ଓ ଶ୍ରଦ୍ଧାପୂର୍ଣ୍ଣ ଚେତନା ସହ ସଂଶ୍ଳିଷ୍ଟ ବୋଲି ମତବ୍ୟକ୍ତ କରିଥିଲେ। ବରେଣ୍ୟ ଅତିଥି ଭାବେ ଭଦ୍ରକ ଓକିଲ ସଂଘ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ବୈଶାଖୀ ସ୍ୱରରେ ଆମ ମାଟି ଓ ମନ ମହକିତ ହୋଇଛି ବୋଲି ମତପ୍ରକାଶ କରିଥିଲେ। ମେଳା କମିଟି ସଦସ୍ୟ ଅଧିବକ୍ତା ଗଦାଧର ବଳ, ଇଂ. ଅମ୍ବିକା ସ୍ୱାଇଁ, ସମ୍ପାଦକ ରୂପକ ବିହାରୀ ରାୟ, ସଦସ୍ୟା ବସୁମିତ୍ରା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କଅନ୍ୟମାନଙ୍କ ମଧ୍ୟରେ ତ୍ୟାଗଭୂମି ସମ୍ପାଦକ ଅଧିବକ୍ତା ଗଦାଧର ବଳ, ସୁଧାକର ରାଉତ, ଅଶୋକ ଦ୍ୱିବେଦୀ, ଶାନ୍ତିଲତା ନାୟକ, ବସୁମିତ୍ରା ସାହୁ, ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ, ମନୋରଞ୍ଜନ ଦାସ, ପଦ୍ମନ ରାୟ, ସୁଧାକର ରାଉତ, ଉମାକାନ୍ତ ପାଳ, ମଦନ ମୋହନ ନାୟକ, ମୁକ୍ତିକାନ୍ତ ନାୟକ, ବୈଲୋଚନ ବେହୁରିଆ, କୈଳାସ ମହାପାତ୍ର, ଅଶୋକ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ । ବୈଶାଖୀ ମଳର ସମ୍ପାଦକ ରୂପକ ବିହାରୀ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି ଶ୍ରୀ ନାୟକ ଭବ୍ୟ ମେଳା ଆୟୋଜନରେ ସହଯୋଗ କରିଥିବା ବ୍ୟକ୍ତିବିଶେଷ, ବିଭିନ୍ନ ସଂସ୍ଥା, ଜିଲ୍ଲା ପ୍ରଶାସନ ଓ ଜନସାଧାରଣଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ଦିନରେ ଏହି ମେଳାକୁ ଆହୁରି ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ। ଶେଷରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା, ଯାହା ଦର୍ଶକଙ୍କୁ ବିମୋହିତ କରିଥିଲା। ଭଦ୍ରକର ଏହି ଭବ୍ୟ ଆୟୋଜନ ସହରର ସାଂସ୍କୃତିକ ଏକତାକୁ ଜାଗରୁକ କରିଛି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଥିଲା।

# ୧୦୫ ଗ୍ରାମ ଧଳାଜହର ଜବତ, ଜଣେ ଗିରଫ

## ସ୍ମାଟ ଫୋନ ଶହ ୧୨ଶହ ଟଙ୍କା ଜବତ

ଅସ୍ତରଙ୍ଗ, (ପିପିଏସ୍) : ପୁରୀ ଜିଲ୍ଲା ନିମାପଡା ଅବକାରୀ ଥାନା ପୁଲିସକୁ ସଫଳତା ମିଳିଛି। ୧୦ଲକ୍ଷରୁ ଉର୍ଦ୍ଧ ଟଙ୍କାର ଧଳା ଜହର ଜବତ ହୋଇଛି। ଅବକାରୀ ପୁଲିସ ଏହି ଘଟଣାରେ ଜଣକୁ ଗିରଫ କରିଛି। ଗିରଫ ଯୁବକ ଜଣକ ଅସ୍ତରଙ୍ଗ ବ୍ଲକ ଖଣ୍ଡାସାହି ଗ୍ରାମର ବସନ୍ତ କୁମାର ନାୟକ (୫୧)। ତେବେ ବସନ୍ତଙ୍କ ନିକଟରୁ ୧୦୫ଗ୍ରାମର ଧଳା ଜହର ଜବତ କରିଛି ଅବକାରୀ ବିଭାଗ।

ବିଶେଷ ସୂତ୍ରରୁ ଖବର ପାଇ ପୁରୀ ଅବକାରୀ ଅଧିକ୍ଷକ ଶ୍ରୀଯୁକ୍ତ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଧେଶକ୍ରମେ ନିମାପଡା ଅବକାରୀ ଥାନା ଅଧିକାରୀ ଶ୍ରୀଯୁକ୍ତ ପ୍ରଭାକର ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ଦିନ ମଧାହ୍ନ ୧୨ଘଟିକା ସମୟରେ ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଖଣ୍ଡାସାହି ପାର୍ଶ୍ୱବର୍ତ୍ତୀ ଦେବୀ ନଦୀ ରାସ୍ତା ନିକଟରେ ଚଢ଼ାଉ କରି ବସନ୍ତ କୁମାର ନାୟକଙ୍କୁ ଗିରଫ କରି ଧଳା ଜହର ଜବତ କରିବାରେ ସକ୍ଷମ ହୋଇଛନ୍ତି ।ବସନ୍ତଙ୍କ ନିକଟରୁ ୧୦୫ଗ୍ରାମ ଧଳା ଜହର ଜବତ କରିଥିବା ବେଳେ ଯାହାର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଅନୁମାନ କରାଯାଇଛି। ଏହା ସହ ଅଭିଯୁକ୍ତ ଠାରୁ ଏକ ସ୍ମାଟ ଫୋନ ସହ ୧୨ଶହ ଟଙ୍କା ନଗଦ ଜବତ କରିଥିଲା ଅବକାରୀ ପୋଲିସ। ଏ ନେଇ ଅବକାରୀ ଥାନା କେଶ ନମ୍ବର ୧୨/୨୬-୨୭ରେ ଏନ.ଡ଼ି.ପି.ଏସ ମାମଲା ରୁଜୁ କରି କୋର୍ଟ ଚାଲଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ନିମାପଡା ଉପକାରାଗାର କୁ ପଠାଯାଇଛି। ଯାହାକି ସୂଚନା ଦେଇଛନ୍ତି ନିମାପଡା ଅବକାରୀ ଥାନା ଅଧିକାରୀ ଶ୍ରୀଯୁକ୍ତ ପ୍ରଭାକର ସେଠୀ । ଏହି ସ୍ୱତନ୍ତ୍ର ଚଢ଼ାଉ ସମୟରେ ଅବକାରୀ ଥାନା ନିମାପଡା ଓ କୋଣାର୍କ ଅଂଚଳର ଅଧିକାରୀ ପ୍ରମୁଖ ସାମିଲ ଥିଲେ। ଏହି କାରବାର ସହ ଅନ୍ତଃରାଜ୍ୟ ରାକେଟ କାମ କରୁଥିବା ଚର୍ଚ୍ଚା ହେଉଛି। ଧରା ପଡ଼ିଥିବା ଅଭିଯୁକ୍ତ ମାନେ ବାରମ୍ବାର ଏପରି ଅପରାଧ ଭିଆଇ ସହଜରେ ମୁକୁଳି ଯାଉଥିବାରୁ ଦିନକୁ ଦିନ ଅପରାଧ ବଢିବାରେ ଲାଗିଥିବା କଥା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଏଥର ମଧ୍ୟ ନୂଆ ରଥ ଆଶା ମଉଳିଲା. ଜିଲ୍ଲା ଖଣିଜ ପାଣ୍ଠି ବଞ୍ଚିତ ତାଳଚେରବାସୀ



ତାଳଚେର, (ପିପିଏସ୍): ଆଜି ତାଳଚେର ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷ ରଥଯାତ୍ରା ଓ ରଥ ନିର୍ମାଣ, ପରି ଚାଳନା ଉପରେ ଏକ ମିଟିଂ ବ୍ଲକ ସଭାଘରେ ଅନୁଷ୍ଠିତ ହୋଯାଇଅଛି। ଉକ୍ତ ବୈଠକରେ ତାଳଚେର ଲୋକ ପ୍ରିୟ ବିଧାୟକ ବ୍ରଜ କିଶୋର ପ୍ରଧାନ, ପୌର ନଗର ପାଳ ପବିତ୍ର କୁମାର୍ ଭୁତିଆ, ରାଜା ସାହେବ୍ ତାଳଚେର, ତାଳଚେର ପୂର୍ବତନ ବିଧାୟକ ମହେଶ ସାହୁ, ସାଂସଦଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ଦାସ, ନିର୍ବାହୀ ଅଧିକାରୀ ପୌର ପରିଷଦ ତାଳଚେର, ତହସିଲଦାର ଆଲଫା ଜେନା, ଏସଡିପିଓ ଭାରତ ସାହୁ, ପ୍ରଭୃତି ମଞ୍ଚ।ସିନ ଥିଲେ, ତାଳଚେର ବିଧୟକ ନୂତନ ରଥ ନିର୍ମାଣ ପାଇଁ ସ୍ଥାନୀୟ ପୌର ପ୍ରଶାସନ ପକ୍ଷରୁ ବିଶେଷ ତତ୍ପରତା ଦେଖାଇ ନଥିବା ପ୍ରତି ବିରକ୍ତି ପ୍ରକାଶ କରିଥିଲେ ସେ ଯୋଗାଇ ଦେଇଥିବା ତିନି ଟ୍ରିପ ଶାଳ କାଠ ହରଣ ଚାଲ୍ ହୋଇଥିବା କ୍ଷୋଭର ସହ ପ୍ରକାଶ କରିଥିଲେ। ରଥ କାଠ ସୁରକ୍ଷିତ ରଖିବା ପାଇଁ ରାଣୀ ପାର୍କ ଠାରେ ଏକ ଘର ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତାଳଚେର ପୌର ଅଧକ୍ଷ ପବିତ୍ର କୁମାର୍ ଭୁତିଆ ରଥ କାମ ଠିକ୍ ସମୟରେ ସାରିବା ଓ ନୂତନ ଚକ, ଅଖ ନିର୍ମାଣ, ରଥ ସୌନ୍ଦର୍ଯ୍ୟ ବୃଦ୍ଧି ସହିତ ଚଳିତ ଥର ରଥ ନିର୍ମାଣ ସମସ୍ତ ପ୍ରକାରର ଅର୍ଥ ଖର୍ଚ୍ଚ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କରିବେ ବୋଲି ପ୍ରକାଶ କରିଥିଲେ ଓ ରଥ ଉପରେ ବେଢ଼ାଣ କପଡା ତାଙ୍କ ପକ୍ଷରୁ ବହନ କରିବେ ବୋଲି ଉପସ୍ଥିତ ରଥ କମିଟି ସଦସ୍ୟଙ୍କ ସମ୍ମୁଖରେ ଅନୁରୋଧ ରଖିଥିଲେ। ବଡ଼ଦାଣ୍ଡ ଉପରେ ଏକେକ୍ଟି ପୋଲ ଓ ଜବର ଦଖଲ ଉଚ୍ଛେଦ ପାଇଁ ସାମ୍ବାଦିକ ମନୋଜ କମାର ମହାପାତ୍ର ଓ ରଶ୍ମି ରଞ୍ଜନ ମିଶ୍ର ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ଉପ ଜିଲ୍ଲାପାଳ ଏହାକୁ ଗମ୍ଭୀରତା ସହ ନେଇ ପୌର ନିର୍ବାହୀ ଅଧିକାରୀଙ୍କୁ ବଡ଼ଦାଣ୍ଡ ପରି ଦର୍ଶନ କରି ଅବରୋଧ ହାଟେଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସଭାରେ ପୌର ବଡ଼ବାବୁ ଗତଥର ଆୟ ବେୟ ହିସାବ ରଖିଥିଲେ। ଆଇନ ଯିବି କେଶବ ଭୁତିଆ ଜିଲ୍ଲା ଖଣିଜ ପାଣ୍ଠିରୁ ରଥ ନିର୍ମାଣ ଓ ବାର୍ଷିକ ଖର୍ଚ୍ଚ ନିମିତ୍ତ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଉ ବୋଲି ଦାବି କରିଥିଲେ।

ନୂତନ ଭାବେ ରଥଯାତ୍ରା କମିଟି ପଞ୍ଜି କରଣ କରିବା ପାଇଁ ବିଭିନ୍ନ ସଂସ୍ଥାରେ ଚଉକି ସୁରକ୍ଷିତ ରଖୁଥିବା କିଛି ବ୍ୟକ୍ତି ପ୍ରସ୍ତାବ ଦେଇଥିଲେ। ନୂଆଁ ଉପ ଜିଲ୍ଲାପାଳ ରଥ ଯତ୍ରା ପାରେ ପାଞ୍ଜି କରଣ ଦେଖିବା ପାଇଁ କହିଥିଲେ। ତାଳଚେର ଆରକ୍ଷୀ ଅଧିକ୍ଷକ ରଥ ଉପରେ ଅଶୀଳ ଭାଷାରେ ବୋଲା ଯାଉଥିବା କାବ୍ୟ ବନ୍ଦ ପାଇଁ ଦାବି କରିଥିଲେ। ରଥ ଯାତ୍ରାକୁ ଶୃଙ୍ଖଳିତ ଭାବେ ପାଳନ ପାଇଁ ତାଳଚେର ନୂଆଁ ରାଜା ବିଯେନ୍ଦ୍ର ଚନ୍ଦ୍ର ବୀରବର ହରିଚନ୍ଦନ ଅନୁରୋଧ କରିଥିଲେ ଉକ୍ତ ସଭରେ ମନ୍ଦିର ମୁଖ୍ୟ ପତି ବାବୁ, ଆଇନ ଯିବି ଦୟା ସାଗର ମିଶ୍ର, କିଶୋର୍ କ୍ଲବ୍ ସମ୍ପାଦକ ଦିପକ କୁମାର୍ ଥମ୍ଭ, ବିଜେପି ନେତା ପ୍ରକାଶ ମହାରଣା, ପ୍ରାକ୍ତନ କାଉଁ ସିଲୋର ପ୍ରଶାନ୍ତ କୁମାର ଦାସ, କ୍ରୀଡାବିତ୍ ପେସ୍କାର ଗଡନାୟକ୍, ଶ୍ରମିକ ନେତା ରମେଶ ବେହେରା, ଟ୍ରକ ମାଲିକ ସଂଘ ସଭାପତି ଦିଲୀପ କୁମାର୍ ପାଣି, ବଢେଇ ମହାରଣା ଭାଇ, ବିଦାୟ ଦାସ, ରଞ୍ଜିତ ମହାପାତ୍ର, ସାମ୍ବାଦିକ ବିଜୟ କୁମାର ଦେବତାଙ୍କ ସହ ବହୁସଂଖ୍ୟାରେ ସଦସ୍ୟ ଉପସ୍ଥିତ ଥିଲେ ଅନେକ ସାମ୍ବାଦିକ ଓ ଭୋଲେଣ୍ଟରମାନଙ୍କୁ ପ୍ରଶାସନ ପଖ୍ୟରୁ ଚିଠି ଦେଇନଥିବା ଅଭିଯୋଗ ହୋଇଥିଲା। ସନ୍ଧ୍ୟାରେ ରଥ କାଠ ତଦାରଖ କରାଯାଇଥିଲା।

## ନଲ୍ଲାରାମା ଠାକୁରାଣୀଙ୍କ ବାର୍ଷିକୋତ୍ସବ



ଚୌଦ୍ୱାର,(ପିପିଏସ୍): ତେଲୁଗୁ ସମ୍ପ୍ରଦାୟର ଆରାଧ୍ୟା ଦେବୀ ନଲ୍ଲାରାମା ଠାକୁରାଣୀଙ୍କ ବାର୍ଷିକୋତ୍ସବ ଚୌଦ୍ୱାରରେ ଅନୁଷ୍ଠିତ ହୋଇ ଯାଇଛି। ରବିବାର ଠାରୁ ଆରମ୍ଭ ହୋଇ ଦୀର୍ଘ ୩ଦିନ ଧରି ଆୟୋଜିତ ଏହି ଉତ୍ସବରେ ରବିବାରଦିନ ଚୌଦ୍ୱାର ଅଞ୍ଚଳରେ ବସବାସ କରୁଥିବା ତେଲୁଗୁ ସମ୍ପ୍ରଦାୟର ମହିଳା, ଯୁବକ, ଯୁବତୀ,ପିଲା ଓ ବରିଷ୍ଠ ନାଗରିକ ମାନେ ହଳଦୀ ପାଣିର କଳସ ମୁଣ୍ଡାଇ ଓଟିଏମ୍ କଲୋନୀସ୍ଥିତ ତେଲୁଗୁ କ୍ଲବ୍ ପରିସରରୁ ବାହାରି ଶୋଭାଯାତ୍ରାରେ ଯାଇ ୧୨ ନମ୍ବର ୱାର୍ଡ଼ ଅନ୍ତର୍ଗତ ବାଟବୁଢ଼ୀ କଲୋନୀସ୍ଥିତ ମା' ବାଟବୁଢ଼ୀ ଠାକୁରାଣୀଙ୍କୁ ପବିତ୍ର ସ୍ନାନ କରାଇଥିଲେ। ପରେପରେ ମା'ଙ୍କର ପୂଜାର୍ଚ୍ଚନା ସହିତ ଘଟ ସ୍ଥାପନ କରାଯାଇ ଠାକୁରାଣୀଙ୍କୁ ଆବାହନ କରି ଶୋଭାଯାତ୍ରାରେ ନିଆଯାଇ ତେଲୁଗୁ କ୍ଲବ୍ ସ୍ଥିତ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି ଅବସରରେ ମା' ଙ୍କ ନିକଟରେ ଏକ ହଜାର ଆଠ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଉଦ୍‌ଯାପନୀ ଦିବସରେ ମା'ଙ୍କୁ ପୁଷ୍ପାଞ୍ଜଳି ଓ ପ୍ରସାଦ ପ୍ରଦାନ କରାଯାଇ ବାଜା, ରୋଷଣି, ବାଘ, କାଳୀ ଓ ଭାଲୁନୃତ୍ୟ ସହିତ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରାଯାଇ ବିଦାୟ ଦିଆ ଯାଇଥିଲା। ସମ୍ପ୍ରଦାୟର ଝିଅ ମାନଙ୍କଦ୍ୱାରା ପରିବେଷିତ ଦାଣ୍ଡିଆ ନୃତ୍ୟ ବେଶ ଅକର୍ଷଣୀୟ ହୋଇଥିଲା। ସ୍ଥାନୀୟ ବିଧାୟକ ସୌଭିକ୍ ବିଶ୍ୱାଳ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଯୁବନେତା ବିଷ୍ଣୁ ଚରଣ ପରିଡ଼ା, କାଉନସିଲର ଦିଲ୍ଲୀପ ସାହୁ, ସୁବ୍ରତ ସାମଲ, କଲ୍ୟାଣୀ ସାହୁ ପ୍ରମୁଖ ଉତ୍ସବରେ ଅତିଥି ଭାବେ ଯୋଗଦେଇଥିଲେ। ଏହି ଉତ୍ସବରେ କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ତେଲୁଗୁ ସମ୍ପ୍ରଦାୟର ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇଥିଲେ।

## ମଞ୍ଜୁଳ ମଞ୍ଜରୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର

ଭଦ୍ରକ, (ପିପିଏସ୍): ଭଦ୍ରକ ସଂକୁଳ ସ୍ତରୀୟ ଆଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭଦ୍ରକ ଜିଲା ପ୍ରମୁଖ ମନିନ୍ଦ୍ର କୁମାର ଦୀକ୍ଷିତ ଯୋଗଦେଇ ପଂଚକୋଷର ବିକାଶ ହେଲେ ଶିଶୁର ସର୍ବାଙ୍ଗୀନ ବିକାଶ ହୋଇପାରିବ ବୋଲି ମତ ରଖିଥିଲେ। ପୂର୍ବୋତ୍ତର ସମ୍ଭାଗ ସଂଯୋଜକ ବିଭୂତି ଭୂଷଣ ପାଇକରାୟ, ପୂର୍ବୋତ୍ତର ସମ୍ଭାଗର ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ପୂର୍ବୋତ୍ତର ସମ୍ଭାଗର କୋଷାଧ୍ୟକ୍ଷ ସରୋଜ କୁମାର ଓଝା, ପୂର୍ବପ୍ରାନ୍ତର ସହ ପ୍ରାନ୍ତ କାର୍ଯ୍ୟବାହ ରବିନାରାୟଣ ପଣ୍ଡା, ସଂକୁଳ ପ୍ରମୁଖ ସଂଗ୍ରାମ କେଶରୀ ମହାନ୍ତି, ସଂକୁଳ ସଂଯୋଜକ ପ୍ରଣୟ କୁମାର ପଡିଆରୀ, ସ୍ଥାନୀୟ ବିଦ୍ୟାଳୟର ସଂପାଦକ ବିଭୁଚନ୍ଦନ ଜେନା, ଯୁଗ୍ମ ସଂପାଦିକା ମିଲି ମହାନ୍ତି, ସଦସ୍ୟା ରିନାରାଣୀ ଯେନା, ସର୍ବେଶ୍ୱର ମହାପାତ୍ର, ପ୍ରଧାନ ଆଚାର୍ଯ୍ୟ ମାୟାଧର ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଏହି କର୍ମଶାଳାରେ ୭ଟି ବିଦ୍ୟାଳୟର ୧୩୦ ଜଣ ପ୍ରଶିକ୍ଷାର୍ଥୀ ଓ ୧୦ ଜଣ ପ୍ରଶିକ୍ଷକ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଦ୍ୟାଳୟ ପରିଚାଳନା ସମିତିର ସମସ୍ତ କାର୍ଯ୍ୟକର୍ତା ଓ ସଦସ୍ୟ ସହଯୋଗ କରିଥିଲେ। ଶେଷରେ କୋଷାଧ୍ୟକ୍ଷ ବସନ୍ତ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ରଘୁନାଥପୁରରେ ଯୁଗ୍ମଜନ ଅଭିଯୋଗ ଶୁଣାଣି



ରଘୁନାଥପୁର, (ପିପିଏସ) ସୋମବାର ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ୍ ଜୋତି ମହାସଂଘ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯୋଗ ଶିବିର ଜିଲ୍ଲାପାଳ ଜେ. ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୩୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ / ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୮ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୪ଟି, ଆବାସ ଯୋଜନା ସମ୍ପର୍କୀୟ ୩ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୪ଟି, ପୋଲିସ୍ ସହାୟତା ପାଇବା ପାଇଁ ୨ଟି, ପେନସନ ପାଇବା ପାଇଁ ୩ଟି ଏବଂ ଅନ୍ୟାନ୍ୟ ୧୨ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବିଡ଼ିଓ ବିରଞ୍ଚି ନାରାୟଣ ବେହେରା, ତହସିଲଦାର ରାଜଲକ୍ଷ୍ମୀ ନାୟକ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

## ଶ୍ରୀ ରାଧାକୃଷ୍ଣଜୀଉଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଏବଂ ଚବିଶପ୍ରହର ଅଖଣ୍ଡ ନାମଯଜ୍ଞ



ଓଡଗାଁ, (ପିପିଏସ୍) : ନୟାଗଡ ଜିଲ୍ଲା ଓଡଗାଁ ବ୍ଲକ ଅନ୍ତର୍ଗତ ରଙ୍ଗଣୀପାଟଣା ପଞ୍ଚାୟତ ରଙ୍ଗଣୀପାଟଣା ଗ୍ରାମର ବଡସାହିରେ ଶ୍ରୀଶ୍ରୀ ରାଧାକୃଷ୍ଣ ଜୀଉଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଏବଂ ଚବିଶପ୍ରହର ଅଖଣ୍ଡ ନାମଯଜ୍ଞ ମହୋତ୍ସବ ୪ଦିନ ବ୍ୟାପି ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତମାନଙ୍କ ତତ୍ତ୍ୱାବଧାନରେ ମନ୍ଦିର ପ୍ରତିଷ୍ଠା ହେବାପରେ ଯଥାବିଧି ପୂଜା ପରେ ଶ୍ରୀରାଧାକୃଷ୍ଣ ଜୀଉଙ୍କ ନୂତନ ବିଗ୍ରହ ପ୍ରାଣ ପ୍ରତିଷ୍ଠା କରାଯାଇ ଥିଲା। ପ୍ରଥମ ଦିବସରେ ଅଙ୍କୁରାରୋପଣ, ଦ୍ୱିତୀୟ ଦିବସରେ ଜଳଯାତ୍ରା ଓ ରତ୍ନମୁଦ କରାଯାଇ କୁମ୍ଭାଭିଷେକ ଅନୁଷ୍ଠିତ ହୋଇ ଥିଲା। ପରେ ତୃତୀୟ ଦିବସରେ ନୂତନ ବିଗ୍ରହଙ୍କ ସ୍ନାନ ଉତ୍ସବ ଏବଂ ଚତୁର୍ଥ ତଥା ଅନ୍ତିମ ଦିବସ ବୁଧବାର ଶ୍ରୀରାଧାକୃଷ୍ଣ ଜୀଉଙ୍କ ନୂତନ ବିଗ୍ରହ ପ୍ରାଣ ପ୍ରତିଷ୍ଠା କର୍ମ ସମାପନ ହେବା ପରେ ସନ୍ଧ୍ୟାରେ ପୂର୍ଣ୍ଣାହୁତୀ ହୋଇ ଥିଲା। ପୁସ୍ତକ ଆଚାର୍ଯ୍ୟ ପଣ୍ଡିତ ସତ୍ୟନାରାୟଣ ଷଡଙ୍ଗୀ, ଆଚାର୍ଯ୍ୟ ପଣ୍ଡିତ ସାନ୍ତନୁ କୁମାର ଦାଶ, ବରେଣ୍ୟ ପଣ୍ଡିତ ଦୁର୍ଗାମାଧବ ଷଡଙ୍ଗୀ, ଲଡୁକେଶ୍ୱର ରଥ, ଦେବଦତ ପ୍ରହରାଜ ଓ କର୍ତ୍ତା ଭାବେ ସତ୍ୟବାଦୀ ପଣ୍ଡା ଏବଂ କିର୍ତ୍ତୀଭାବେ ତାଙ୍କ ଧର୍ମ ପତ୍ନୀ ରଞ୍ଜୁବାଳା ପଣ୍ଡା ସମସ୍ତ କାର୍ଯ୍ୟ ତୁଲାଇ ଥିଲେ। ଅନ୍ତିମ ଦିବସ ସକାଳୁ ଦିନତମାମ ଶ୍ରୀ ରାଧାକୃଷ୍ଣଜୀଉଙ୍କ ସମସ୍ତ ନୀତିକାନ୍ତି ସହ ହୋମ-ଯଜ୍ଞ ଚାଲିଥିବା ବେଳେ ସନ୍ଧ୍ୟାରେ ପୂର୍ଣ୍ଣାହୂତି କରାଯାଇ ଯଜ୍ଞ ସମାପନ ପରେ ଶ୍ରୀ ରାଧାକୃଷ୍ଣ ଜୀଉଙ୍କ ବିଗ୍ରହକୁ ରତ୍ନ ସିଂହାସନ ରେ ବିରାଜମାନ କରାଯାଇ ଥିଲା। ଏହି ଅବସରରେ ରଙ୍ଗଣୀପାଟଣା ଗ୍ରାମବାସୀ ଓ ଯୁବକ ମାନଙ୍କ ସହଯୋଗରେ ବଡ଼ସାହିରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇ ଥିଲା।

## କାମରେ ଆସୁନି ମାର୍କେଟ କମ୍ପ୍ଲେକ୍ସ, ପାଣିରେ ପଡ଼ିଲା ଲକ୍ଷାଧିକ ଟଙ୍କା



ଭାପୁର, (ପିପିଏସ): ପଞ୍ଚାୟତ ସମିତି ଅନୁଦାନରେ ଲକ୍ଷାଧିକ ଟଙ୍କା ବ୍ୟୟରେ ତିଆରି ହୋଇଥିବା ମାର୍କେଟ କମ୍ପ୍ଲେକ୍ସ ଗୃହଗୁଡିକ ତିଆରି ହେବା ଦିନଠାରୁ ଆଜିପର୍ଯ୍ୟନ୍ତ କାମରେ ଲାଗି ନଥିବା ଦେଖିବାକୁ ମିଳୁଛି। ଭାପୁର ପଞ୍ଚାୟତ ସମିତିର ଶାଳପଡା ପଞ୍ଚାୟତ ମାଣିବନ୍ଧ ଗ୍ରାମ ଛକରେ ଥିବା ୫ଟି ମାର୍କେଟ କମ୍ପ୍ଲେସ ଗୃହ ଗୁଡ଼ିକୁ ଦେଖିଲେ ଏହା ଜଣାପଡୁଛି। ୨୦୦୬ ମସିହାରେ ପଞ୍ଚାୟତ ସମିତି ଅନୁଦାନରୁ ପ୍ରାୟ ୧ ଲକ୍ଷ ୫୬ ହଜାର ଟଙ୍କା ବ୍ୟୟ ବରାଦରେ ମାଣିବନ୍ଧ ଛକରେ ୫ଟି ଦୋକାନ ଗୃହ ନିର୍ମାଣ କରାଯାଇଥିଲା। ମାତ୍ର ଆଜକୁ ୨୦ ବର୍ଷ ବିତି ଯାଇଥିଲେ ମଧ୍ୟ କେଉଁ କାରଣରୁ ଏହି ଦୋକାନ ଗୃହ ଗୁଡ଼ିକ ବଣ୍ଟନ କରାଯାଇ ପାରୁନାହିଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମାଣିବନ୍ଧ ଛକ ବ୍ୟବସାୟର ଏକ ପ୍ରମୁଖ ପେଣ୍ଠସ୍ଥଳୀ ହୋଇଥିବା ସହ ସ୍ଥାନୀୟ ଆଖପାଖ ଅଞ୍ଚଳର ଗ୍ରାମବାସୀ ମାନେ ଏଠାକୁ ଆସିଥାନ୍ତି। ଦୀର୍ଘଦିନ ଧରି ଉକ୍ତ ଗୃହ ଗୁଡ଼ିକ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ମାତ୍ର ଏହାର ବଣ୍ଟନ ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏଥିଯୋଗୁ ଲକ୍ଷ ଲକ୍ଷ ଟଙ୍କା ଭଡ଼ା ସୂତ୍ରରେ ଆଦାୟ ହୋଇପାରୁନି ଏହାଦ୍ୱାରା ରାଜସ୍ୱ ଆଦାୟରେ କ୍ଷତି ହେଉଛି ବୋଲି ବୁଦ୍ଧିଜୀବୀ ଓ ସମାଜସେବୀ ମାନେ ମତବ୍ୟକ୍ତ କରିଛନ୍ତି। ଉକ୍ତ ଗୃହ ଗୁଡ଼ିକ ଭାପୁର ପଞ୍ଚାୟତ ସମିତି ଅଧୀନରେ ଥିବାବେଳେ ଏପର୍ଯ୍ୟନ୍ତ ଶାଳପଡ଼ା ପଞ୍ଚାୟତକୁ ହସ୍ତଗତ ହୋଇନଥିବା ଜଣାପଡ଼ିଛି। ଏନେଇ ଗ୍ରାମବାସୀ ମାନେ ପୂର୍ବରୁ ବହୁବାର ନୟାଗଡ଼ ଜିଲ୍ଲାପାଳ ଓ ଭାପୁର ବିଡ଼ିଓଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ। ଉକ୍ତ ଗୃହ ଗୁଡ଼ିକୁ କିଛି ଲୋକ ଜୋର ଜବରଦଖଲ କରିଥିବା ବେଳେ ଗୃହ ଗୁଡିକର ସଟର ଓ କାନ୍ଥ ନଷ୍ଟ ହୋଇଯାଇଛି। ତୁରନ୍ତ ଉକ୍ତ ଗୃହ ଗୁଡ଼ିକୁ ଶାଳପଡ଼ା ପଞ୍ଚାୟତକୁ ହସ୍ତାନ୍ତର କରାଯାଇ ଏହାର ପୁନଃରୁଦ୍ଧାର କରାଯାଇ ଭଡ଼ା ସୂତ୍ରରେ ଦିଆଗଲେ ସରକାରଙ୍କର ରାଜସ୍ୱ ଆଦାୟ ହେବାସହ ପ୍ରମୁଖ ବଜାରଟି ଉନ୍ନତି ହେବାସହ ଲୋକମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଗ୍ରାମବାସୀ ମାନେ ସ୍ୱାବଲମ୍ବୀ ହୋଇପାରିବେ। ତୁରନ୍ତ ଜିଲ୍ଲାପାଳ ଓ ବିଡ଼ିଓ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବିକରିଛନ୍ତି।

## କେନ୍ଦ୍ରାପଡା ଜିଲ୍ଲା ଠିକାଦାର ମାହାସଂଘର ଚେତାବନୀ

# କମ ମୂଲ୍ୟରେ ଟେଣ୍ଡର ପକାଇଲେ ଠିକାଦାର ଘର ଆଗରେ ହରତାଲ

କେନ୍ଦ୍ରାପଡା, (ପିପିଏସ୍) : ରାଜ୍ୟ ସରକାରଙ୍କ ଟେଣ୍ଡର ପ୍ରକ୍ରିୟାକୁ ରାଜ୍ୟର ଠିକାଦାର ସଂଘ ବିରୋଧ କରୁଥିବା ବେଳେ ଜୀବନ ଜୀବିକା ହରାଇବାକୁ ଯାଉଥିବା କେନ୍ଦ୍ରାପଡା ଜିଲ୍ଲାର ଠିକାଦାରମାନେ ଏହାକୁ ତିବ୍ର ବିରୋଧ କରିଛନ୍ତି । କମ ମୁଲ୍ୟ ଟେଣ୍ଡରରେ କୌଣସି ଠିକାଦାରଙ୍କୁ କାର୍ଯ୍ୟ ନ କରାଇଦେବା ପାଇଁ ଆଜି କେନ୍ଦ୍ରାପଡା ସହରରେ ଅନୁଷ୍ଠିତ କେନ୍ଦ୍ରାପଡା ଜିଲ୍ଲା କଣ୍ଟ୍ରାକ୍ଟର ଫେଡେରେସନର ସାଧାରଣ ଅଧିବେଶନରେ ବଜ୍ର ସପଥ ନେଇଛନ୍ତି । ସରକାରଙ୍କ ନିର୍ଦ୍ଧାରିତ ମୁଲ୍ୟରେ ଟେଣ୍ଡର ପକାଇବାକୁ ଜିଲ୍ଲାର ସମସ୍ତ ଠିକାଦାରଙ୍କୁ ନିବେଦନ କରିଥିବା ବେଳେ ଏଥିରୁ ବିଚ୍ୟୁତ ଠିକାଦାରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଅଧିବେଶନରେ ନିଷ୍ପତ୍ତି ନେଇଛନ୍ତି । ଜିଲ୍ଲାର ବିକାଶ ପାଇଁ ଉନ୍ନତ ମାନର କାମ ଆବଶ୍ୟକ । ଏଥିପାଇଁ ନିର୍ଦ୍ଧାରିତ ମୁଲ୍ୟରେ କାର୍ଯ୍ୟ କରିବା ପାଇଁ ଜିଲ୍ଲାର ଠିକାଦାରମାନେ ଚାହୁଛନ୍ତି । ତେବେ ସରକାର ଯେଉଁ ଟେଣ୍ଡର ପ୍ରକିୟା ନିର୍ଦ୍ଧାରିତ କରିଛନ୍ତି ସେଥିରେ ଠିକାଦାର ମନଇଚ୍ଛା କମ ମୁଲ୍ୟରେ ଟେଣ୍ଡର ନେଇ ନିମ୍ନ ମାନର କାର୍ଯ୍ୟକୁ ପ୍ରୋତ୍ସାହିତ କରୁଛନ୍ତି । ଏହାକୁ କେନ୍ଦ୍ରାପଡା ଜିଲ୍ଲା ଠିକାଦାର ମହାସଂଘ ବିରୋଧ କରୁଛନ୍ତି। ଯେଉଁ ଠିକାଦାର ନିର୍ଦ୍ଧାରିତ ମୁଲ୍ୟଠାରୁ କମ ମୁଲ୍ୟରେ ଟେଣ୍ଡର ପକାଇବ ସେହି ଠିକାଦାର ଘର ଏବଂ ତାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜିଲ୍ଲାର ଠିକାଦାରମାନେ ବସି ରହିବେ ବୋଲି ଠିକାଦାରମାନେ ତାଙ୍କ ବକ୍ତବ୍ୟରେ ଚେତାବନୀ ଦେଇଛନ୍ତି । ମହାସଂଘ ସଭାପତି ମହେନ୍ଦ୍ର କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅଧିବେଶନରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି ।

ଓଡିଶା ସରକାର ତା ୩/୧/୨୦୨୬ରିଖରେ ୧୪.୯୯% ଲେସ୍ ବନ୍ଧନକୁ ଉଠାଇ ଦେଲେ । ଅଲ୍ ଓଡିଶା କଣ୍ଟ୍ରାକ୍ଟର ଆସୋସିଏସନ ଏହାକୁ ବିରୋଧ କରି ଅନ୍ଦୋଳନ କରି ତା୨୦/୦୨/୨୦ / ୨୦୨୬ ରିଖ ଠାରୁ ତା୧୭/୦୩/୨୦୨୬ରିଖ ପର୍ଯ୍ୟନ୍ତ ସାରା ଓଡିଶାରେ ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇଥିଲା। ଲୋୟର ପିଏମଜିରେ ସଂଘର କର୍ମକର୍ତ୍ତା ୮ଦଫା ଦାବୀ ପୂରଣ ପାଇଁ ଅନଶନରେ ବସିଲେ। ସରକାରଙ୍କ ସହ ବହୁବାର ଆଲୋଚନା ପରେ ତା ୧୮/୦୩/୨୦୨୬ରିଖରେ ସରକାର ୭ ଦଫା ଦାବୀକୁ ପର୍ଯ୍ୟାୟ କ୍ରମେ ମାନିନେବାକୁ ସମ୍ମତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହାର ହେଲା । କିନ୍ତୁ ଲେସ ପ୍ରକ୍ରିୟାରେ କୌଣସି ବନ୍ଧନ ପାଇଁ ସରକାର ରାଜିହେଲେ ନାହିଁ। ତେଣୁ ଅଲ ଓଡିଶା କଣ୍ଟ୍ରାକ୍ଟର୍ସ ଆସୋସିଏସନ୍ ଜିଲ୍ଲା ଠିକାଦାର ସଂଘ ଜରିଆରେ ସମସ୍ତ ଠିକାଦାର ଭାଇମାନଙ୍କୁ ନିର୍ଦ୍ଧାରି ମୁଲ୍ୟରେ ଟେଣ୍ଡର ପକାଇବା ପାଇଁ ନିବେଦନ କଲେ । କେନ୍ଦ୍ରାପଡା ଜିଲ୍ଲା ସଂଘ ଏହାକୁ ଜିଲ୍ଲାରେ ପ୍ରଚାର କଲେ। କିଛି ଟେଣ୍ଡରରେ ସମସ୍ତ ଠିକାଦାର ନିର୍ଦ୍ଧାରି ମୁଲ୍ୟରେ ଟେଣ୍ଡର ପକାଇ ଲଟେରୀ ମାଧ୍ୟମରେ କାର୍ଯ୍ୟ କରିବାକୁ ଚାହିଁଲେ । କିନ୍ତୁ ଅନେକ ଟେଣ୍ଡରରେ ୯୯% ଠିକାଦାର ନିର୍ଦ୍ଧାରିତ ମୁଲ୍ୟରେରେ ଟେଣ୍ଡର ପକାଉଥିବା ବେଳେ କିଛି ଖଳ ପ୍ରକୃତିର ଠିକାଦାର ଏହାକୁ ଭଣ୍ଡୁର କରିବାପାଇଁ ନିଜେ, ନଚେତ ଜିଲ୍ଲା ବାହାରର ଠିକାଦାରଙ୍କୁ ଡକାଇ ନିର୍ଦ୍ଧାରିତର କମ ମୁଲ୍ୟରେ ଟେଣ୍ଡର ପକାଉଛନ୍ତି। ଏହାଦ୍ୱାରା ୯୯ପ୍ରତିଶତ ଠିକାଦାର ହତାଶ ହୋଇଛନ୍ତି। ସାରା ଓଡିଶାରେ ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ ଭାବରେ ୫୦ଲକ୍ଷ ଲୋକ ଠିକାଦାର ବ୍ୟବସାୟ ଦ୍ୱାରା ପ୍ରତିପୋଷଣ ହୁଅନ୍ତି । ଲେସରେ କାମ ହେଲେ କାମର ମାନ କମୁଛି, ଲାଭ ହେଉନଥିବାରୁ କାମ ଠିକଣା ସମୟରେ ସରୁ ନାହିଁ। ଏହାଦ୍ୱାରା ଚଳୁଥିବା ପରିବାର ପ୍ରତ୍ୟକ୍ଷ ଆୟରୁ ବଞ୍ଚିତ ହେଉଛନ୍ତି। ରାସ୍ତାକାମ ବହୁଦିନ ଧରି ସରୁନଥିବାରୁ ଦୁର୍ଘଟଣା ଘଟୁଛି। ସରକାରୀ ଅନୁଦାନ ଖର୍ଚ୍ଚ ହେଉ ପାରୁନଥିବାରୁ ଲୋକେ ଏହାର ସୁଫଳ ପାଉନାହାନ୍ତି। ବର୍ଷ ଶେଷରେ ନିର୍ମାଣ ବିଭାଗରେ ବଜେଟ୍‌ର ୫୦% ଖର୍ଚ୍ଚ ହେଉ ନାହିଁ। ତେଣୁ ଠିକାଦାର ମାନଙ୍କର ସ୍ୱାର୍ଥ, ଭବିଷ୍ୟତ ଓ ଜୀବନ ଜୀବିକାର ସୁରକ୍ଷା ପାଇଁ ଜିଲ୍ଲା ଠିକାଦାର ମହାସଂଘ ନିର୍ଦ୍ଧାରିତ ମୁଲ୍ୟରେରେ ଟେଣ୍ଡର ପକାଇବାକୁ ଘୋର ବିରୋଧ କରୁଛି ଏବଂ ଦିନରେ ସମସ୍ତ ଠିକାଦାର ଭାଇମାନଙ୍କୁ ନିର୍ଦ୍ଧାରିତ ମୁଲ୍ୟରେ ଟେଣ୍ଡର ପକାଇବାକୁ ବିନମ୍ର ନିବେଦନ କରୁଛି ବୋଲି ଠିକାଦାର ରାଜେଶ ମହାନ୍ତି, ଉମେଶ ନାୟକ, ଲିଆକତ ଅଲ୍ଲୀ, ଭୁବନ ମୋହନ ସିଂ, ବିକ୍ରମ ପୃଷ୍ଟି, ଉମାଶଙ୍କର ଜେନା, ସଂଗ୍ରାମ ଜେନା (ବୁଲୁ), ପ୍ରମୁଖ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟୁତ ନାୟକ, ସନ୍ତୋଷ ସେଠୀ, ପିଣ୍ଟୁ ମହାନ୍ତି, ସେକ ଆକବର, ଅମଜାତ୍ ଖାନ,ଚଗଲା ବିଶ୍ୱାଳ, ରଘୁ ସ୍ୱାଇଁ, ସୂର୍ଯ୍ୟକାନ୍ତ ସୂତାର, କୁଞ୍ଜ ବିହାରୀ ଦାସ, ସରୋଜକାନ୍ତ ସାହୁ, ମନୋଜ କୁମାର କର ପ୍ରମୁଖ ଉପସ୍ଥିତ ଥିଲେ।


ADMISSION NOTICE

Common Entrance Test-2026

FOR ADMISSION AT

| INSTITUTE | COURSES |
|---|---|
| Pt. Deendayal Upadhyaya National Institute for Persons with Physical Disabilities (Divyangjan) (PDUNIPPD)<br>4, Vishnu Digamber Marg, New Delhi-110002<br>Website: https://pdunippd.nic.in,<br>E-mail: cetpdunippd2026@gmail.com | • BPT<br>• BOT<br>• BPO |
| Swami Vivekanand National Institute of Rehabilitation Training and Research (DIVYANGJAN), Cuttack (SVNIRTAR)<br>Olatapur, PO- Bairoi, Cuttack, Odisha - 754010<br>Website: https://svnirtar.nic.in, E-mail: nirtar@nic.in | • BPT<br>• BOT<br>• BPO<br>• BASLP |
| National Institute for Locomotor Disabilities (DIVYANGJAN), Kolkata (NILD)<br>B T Road, Bonhooghly, Kolkata – 700090<br>website : https://nild.nic.in, E-mail : mail@nioh.in | • BPT<br>• BOT<br>• BPO |
| National Institute for Empowerment of Persons with Multiple Disabilities (DIVYANGJAN), Chennai (NIEPMD)<br>East Coast Road, Muttukadu, Kovalam Post Chennai-603112,<br>Website: www.niepmd.nic.in, E-mail: niepmd@gov.in | • BPT<br>• BOT<br>• BASLP |
| Ali Yavar Jung National Institute of Speech & Hearing Disabilities (Divyangjan), Mumbai (AYJNISHD(D)<br>K.C. Marg, Bandra (W) Reclamation Mumbai - 400 050<br>Website: https://ayjnishd.nic.in,<br>E-mail: ayjnihh-mum@nic.in | • BASLP |
| Ali Yavar Jung National Institute of Speech & Hearing Disabilities (Divyangjan), Regional Center, Kolkata<br>NIEPID Campus, Manovikas Nagar, Bowenpally, Secunderadad<br>Telanfana-500009. Email : adsrc-nihh@ayjnihh.nic.in | • BASLP |
| Ali Yavar Jung National Institute of Speech & Hearing Disabilities (Divyangjan), Regional Center, Secundrabad<br>NIEPID Campus, Manovikas Nagar, Bowenpally, Secunderadad<br>NILD Campus, B.T. Road, Bonhooghly, Kolkata - 700090<br>Website: aderc-nihh@nic.in | • BASLP |
| Composite Regional Centre for Skill Development, Rehabilitation & Empowerment of Persons with Disabilities, (DIVYANGJAN), Guwahati (CRCSRE)<br>Guwahati Medical College Hospital Campus Post Office<br>Indrapur, GMC Hospital Rd, Bhangagarh, Guwahati, Assam-781032<br>Website: https://crcguwahati.nic.in, E-mail: crcguwahati@gmail.com, | • BASLP |
| Composite Regional Centre, Patna<br>Sheikhpura, (Old Dharamshala), Near IGIMS<br>Nursing College, Patna-800014<br>Website: https://crcpatna.nic.in, E-mail-crcpatna@rediffmail.com | • BPO |

Eligibility: 10+2 Science with English as Compulsory Subject

Starting date of online Application: 11.05.2026 (Monday)
Closing date of online receipt of Application: 05.06.2026 (Friday)
Date of Entrance Test: 28.06.2026 (Sunday)

To Apply Online go to - https://admission.svnirtar.nic.in

For Further Details Visit - https://pdunippd.nic.in

All concerned may please note.

Director,
PDUNIPPD, New Delhi

cbc 38101/11/0002/2627



# ଦିଲ୍ଲୀ ବିପକ୍ଷରେ ଚେନ୍ନାଇର ବିଶାଳ ବିଜୟ



ନୂଆଦିଲ୍ଲୀ: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୪୮ତମ ମୁକାବିଲାରେ ଚେନ୍ନାଇ ସୁପର କିଙ୍ଗ୍‌ସର ବିଜୟୀ ହୋଇଛି। ୧୫୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଚେନ୍ନାଇ ବ୍ୟାଟିଂ କରିଥିଲା। ଦଳ ୨ଟି ୱିକେଟ୍

## ସାମସନ୍‌ଙ୍କ ବିସ୍ଫୋରକ ବ୍ୟାଟିଂ

ହରାଇ ୧୫୯ ରନ୍ କରିଛି। ଚେନ୍ନାଇର ସ୍କୋରରେ ପ୍ରାରମ୍ଭିକ ବ୍ୟାଟର ସଞ୍ଜୁ ସାମସନ୍ ବିସ୍ଫୋରକ ବ୍ୟାଟିଂ କରିଛନ୍ତି। ସାମସନ ୫୨ଟି ବଲ୍ ଖେଳି ୭ଟି ଚେ ?କା ଏବଂ ୬ଟି ଛକା ବଳରେ ଅପରାଜିତ ୮୭ ରନ୍ ସଂଗ୍ରହ କରିଛନ୍ତି। କାର୍ତ୍ତିକ ଶର୍ମା ଅପରାଜିତ ୪୧ ରନ୍ କରିଛନ୍ତି। ଚେନ୍ନାଇର ପ୍ରାରମ୍ଭିକ ବ୍ୟାଟିଂ ଯଦିଓ ଭଲ ନଥିଲା, ତଥାପି ପରବର୍ତ୍ତୀ ସମୟରେ ଏଥିରେ ସୁଧାର ଆସିଥିଲା। ଦଳ ୨୪ ରନ୍‌ରେ ପ୍ରଥମ ଏବଂ ୪୫ ରନ୍‌ରେ ଦ୍ୱିତୀୟ ୱିକେଟ୍ ହରାଇଥିଲା। ଅଧିନାୟକ ଋତୁରାଜ ଗାଏକ୍ୱାର୍ଡ ୬ ରନ୍ ଏବଂ ଉର୍ବିଲ ପଟେଲ୍ ୧୭ ରନ୍ କରିଥିଲେ।

ଅରୁଣ ଜେଟଲୀ ଷ୍ଟାଡିୟମରେ ଦିଲ୍ଲୀ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୭ଟି ୱିକେଟ୍ ହରାଇ ୧୫୫ ରନ୍ ସଂଗ୍ରହ କରିଥିଲା। ଦିଲ୍ଲୀ ପାଇଁ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ ସମୀର ରିଜ୍‌ଭି। ସେ ୨୪ଟି ବଲ୍ ଖେଳି ୪୦ ରନ୍ ସଂଗ୍ରହ କରିଥିଲେ। ଏଥିରେ ୪ଟି ଛକା ସାମିଲ ରହିଛି। ତିସ୍ତାନ ଷ୍ଟବ୍ ଦଳ ପାଇଁ ଦ୍ୱିତୀୟ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ, ଯିଏକି ୩୧ଟି ବଲ୍ ଖେଳି ଗୋଟିଏ ଚୌକା ଏବଂ ୨ଟି ଛକା ବଳରେ ୩୮ ରନ୍ ଯୋଡ଼ିଥିଲେ।

ପ୍ରାରମ୍ଭିକ ବ୍ୟାଟର ପାଥୁମ ନିଶଙ୍କା ୧୯ ରନ୍, କେଏଲ୍ ରାହୁଲ ୧୨ ରନ୍, ନିତିଶ ରାଣା ୧୫ ରନ, କରୁଣ ନାୟର ୧୩ ରନ୍ ଏବଂ ଆଶୁତୋଷ ଶର୍ମା ୧୪ ରନ୍ ସଂଗ୍ରହ କରିଥିଲେ। ଦଳର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ହୋଇଥିଲା। ୨୯ ରନ୍‌ରେ ପ୍ରଥମ ଓ ୩୬ ରନ୍‌ରେ ଦ୍ୱିତୀୟ ୱିକେଟ୍‌ର ପତନ ଘଟିଥିଲା। ସେହିପରି ୫୨ ରନ୍‌ରେ ତୃତୀୟ, ୬୧ ରନ୍‌ରେ ଚତୁର୍ଥ, ୬୯ ରନ୍ ?ରେ ପଞ୍ଚମ ୱିକେଟ ପଡ଼ିଥିଲା। ଦିଲ୍ଲୀ ୧୩୪ ରନ୍‌ରେ ଷଷ୍ଠ ଏବଂ ୧୪୯ ରନ୍‌ରେ ସପ୍ତମ ୱିକେଟ ହରାଇଥିଲା।

# ବିବାଦରେ ରାଜସ୍ଥାନ ରୟାଲ୍ସ



ନୂଆଦିଲ୍ଲୀ : ରାଜସ୍ଥାନ ରୟାଲ୍ସ ଦଳର ଅପ୍ରତ୍ୟାଶିତ ମାଲିକ ପରିବର୍ତ୍ତନକୁ ନେଇ ବିବାଦ ଦେଖାଦେଇଛି। ଗତ ମାର୍ଚ୍ଚ ମାସରେ ଘୋଷଣା ହୋଇଥିଲା ଯେ ଭାରତୀୟ-ଆମେରିକୀୟ ବ୍ୟବସାୟୀ କାର୍ଲ ସୋମାନିଙ୍କ ନେତୃତ୍ୱାଧୀନ କନ୍‌ସୋର୍ଟିୟମ୍ (ନିବେଶକ ଗୋଷ୍ଠୀ) ରାଜସ୍ଥାନ ରୟାଲ୍ସକୁ କିଣିଛି। କିନ୍ତୁ ଏବେ ପୁଣି ଖବର ଆସିଛି ଯେ ପ୍ରବାସୀ ଭାରତୀୟ ଶିଳ୍ପପତି ଲକ୍ଷ୍ମୀ ମିତ୍ତଲ ଓ ସେରମ୍ ଇନଷ୍ଟିଚ୍ୟୁଟ୍ ମୁଖ୍ୟ ଅଦାର ପୁନାୱାଲା ରାଜସ୍ଥାନ ରୟାଲ୍ସର ୭୫ ପ୍ରତିଶତ ଅଂଶଧନ କିଣିଛନ୍ତି। ଏହି ଅଧିଗ୍ରହଣ ରବିବାର ସଂପୂର୍ଣ୍ଣ ହୋଇଛି।

ଏବେ ଏହି ସଦ୍ୟତମ ଅଧିଗ୍ରହଣକୁ ନେଇ ପ୍ରଶ୍ନ ଉଠାଇଛନ୍ତି କାର୍ଲ ସୋମାନି। ତାଙ୍କ କନସୋର୍ଟିୟମ୍ ପକ୍ଷରୁ ଜାରି ଏକ ବୟାନରେ ଏହି ସଦ୍ୟତମ ଅଧିଗ୍ରହଣକୁ ନେଇ ଗଭୀର ହତାଶା ବ୍ୟକ୍ତ କରାଯାଇଛି। 'ପାଣ୍ଠି ସମସ୍ୟା'କୁ ନେଇ ତାଙ୍କ ଅଫରକୁ ଖାରଜ କରାଯାଇଥିବା ଅଭିଯୋଗକୁ ସେ ଅସ୍ୱୀକାର କରାଯାଇଛି।

ଗତ ଛ' ମାସ ହେଲା ଏହି ଅଧିଗ୍ରହଣ ପ୍ରକ୍ରିୟାରେ ଆଗୁଆ ରହିବା ସତ୍ତ୍ୱେ ଏକ ବିପକ୍ଷ ଗୋଷ୍ଠୀ ଅଧିଗ୍ରହଣରେ ସଫଳ ହେବାକୁ ନେଇ ଏଥିରେ ପ୍ରଶ୍ନ ଉଠାଯାଇଛି। ତାଙ୍କ କନସୋର୍ଟିୟମରେ ପାଣ୍ଠି ଓ ଢାଞ୍ଚାଗତ ସମସ୍ୟାର ପ୍ରଶ୍ନ ଉଠୁନାହିଁ। ପୁଣି ଗଣମାଧ୍ୟମ ରିପୋର୍ଟର ବିପରୀତ କନ୍‌ସୋର୍ଟିୟମ୍ କେବେ ବି ନିଜ ବିଡ୍‌ରୁ ଓହରି ନାହିଁ ବୋଲି ସ୍ପଷ୍ଟ କରିଛି। ଏହା ସହିତ ରାଜସ୍ଥାନ ରୟାଲ୍ସ ପରିଚାଳନା ବିରୋଧରେ ବି ଏହି କନ୍‌ସୋର୍ଟିୟମ୍ କେତେକ ପକ୍ଷପାତିକା ଅଭିଯୋଗ ଆଣିଛି।

### ମୁମ୍ବାଇ ଇଣ୍ଡିଆନ୍ସ ଅଭ୍ୟାସ ସମୟରେ ବଡ଼ ଅଘଟଣ

# ରୋହିତ ଶର୍ମାଙ୍କ ଶଟ୍ ଭାଙ୍ଗିଦେଲା ଗ୍ରାଉଣ୍ଡସ୍ମ୍ୟାନଙ୍କ ଗୋଡ଼



ମୁମ୍ବାଇ : ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍ ୨୦୨୬)ରେ ମୁମ୍ବାଇ ଇଣ୍ଡିଆନ୍ସର ଷ୍ଟାର ବ୍ୟାଟର ରୋହିତ ଶର୍ମା ଆଘାତ ଯୋଗୁ ୫ଟି ମ୍ୟାଚରୁ ବାହାରେ ରହିବା ପରେ ପଡ଼ିଆକୁ ଏକ ଜବରଦସ୍ତ ଫର୍ମ ସହ ଫେରିଛନ୍ତି। ଲକ୍ଷ୍ନୌ ସୁପର ଜାଏଣ୍ଟସ ବିପକ୍ଷ ମ୍ୟାଚରେ ରୋହିତଙ୍କ ବ୍ୟାଟରୁ ରନ୍‌ବର୍ଷା ଦେଖିବାକୁ ମିଳିଛି। ତାଙ୍କର ବିସ୍ଫୋରକ ୮୪ ରନ (୪୪ ବଲ) ବଳରେ ମୁମ୍ବାଇ ୨୨୯ ରନ୍‌ର ଏକ ବିଶାଳ ଲକ୍ଷ୍ୟକୁ ସଫଳତାର ସହ ହାସଲ କରିପାରିଛି।

ଆରସିବି ବିପକ୍ଷ ଆଗାମୀ ମ୍ୟାଚ୍ ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ନେଟ ପ୍ରାକ୍ଟିସ ସମୟରେ ରୋହିତଙ୍କ ଏକ ଶଟ୍ ଜଣେ ଗ୍ରାଉଣ୍ଡସ୍ମ୍ୟାନଙ୍କ ଦେହରେ ବାଜିଥିଲା। ରୋହିତ ଏକ କଟ୍ ଶଟ୍ ଖେଳୁଥିବା ସମୟରେ ବଲ୍‌ଟି ସିଧାସଳଖ ଯାଇ ସେଠାରେ ଠିଆ ହୋଇଥିବା ଗ୍ରାଉଣ୍ଡସ୍ମ୍ୟାନଙ୍କ ଗୋଡ଼ରେ ବାଜିଥିଲା। ଆଘାତ ଏତେ ଶକ୍ତ ଥିଲା ଯେ ସେ ଯନ୍ତ୍ରଣାରେ ପଡ଼ିଆରେ ଶୋଇପଡ଼ିଥିଲେ।

ଘଟଣା ଦେଖିବା ମାତ୍ରେ ରୋହିତ ଖେଳ ଛାଡ଼ି ତୁରନ୍ତ ତାଙ୍କ ପାଖକୁ ଦୌଡ଼ି ଯାଇଥିଲେ। ସେ କେବଳ ତାଙ୍କ ଅବସ୍ଥା ପଚାରି ବୁଝି ନ ଥିଲେ, ବରଂ ମୁମ୍ବାଇ ଇଣ୍ଡିଆନ୍ସର ସପୋର୍ଟ ଷ୍ଟାଫଙ୍କୁ ଡାକି ତାଙ୍କର ଚିକିତ୍ସା କରାଇଥିଲେ। ରୋହିତଙ୍କ ଏହି ସ୍ନେହୀ ବ୍ୟବହାରକୁ ଦେଖି ସୋସିଆଲ ମିଡିଆରେ ପ୍ରଶଂସକମାନେ ତାଙ୍କୁ ଖୁବ୍ ପ୍ରଶଂସା କରୁଛନ୍ତି।

ରୋହିତ ଶର୍ମା ଚଳିତ ସିଜନରେ ଏପର୍ଯ୍ୟନ୍ତ ଖେଳିଥିବା ମ୍ୟାଚଗୁଡ଼ିକରେ ବେଶ ପ୍ରଭାବଶାଳୀ ରହିଛନ୍ତି। ସେ ମୋଟ ୨୨୧ ରନ୍ (୫ଟି ମ୍ୟାଚରେ) କରିଛନ୍ତି। ଏଥିରେ ଷ୍ଟ୍ରାଇକ ରେଟ୍ ୧୭୪ରୁ ଅଧିକ ରହିଥିବା ବେଳେ ସେଥିରେ ୧୫ଟି ଛକା ଏବଂ ୧୯ଟି ଚୌକା ରହିଛି। ରୋହିତଙ୍କ ବ୍ୟତୀତ ମୁମ୍ବାଇର ଅନ୍ୟତମ ବ୍ୟାଟର ରିକଲଟନ୍ ମଧ୍ୟ ଚଳିତ ସିଜନରେ ଧୂଆଁଧାର ବ୍ୟାଟିଂ କରୁଛନ୍ତି। ସେ ୫୪.୨ ହାରାହାରିରେ ୩୮୦ ରନ୍ ସଂଗ୍ରହ କରିଛନ୍ତି, ଯେଉଁଥିରେ ଗୋଟିଏ ଶତକ ଓ ଦୁଇଟି ଅର୍ଦ୍ଧଶତକ ସାମିଲ ଅଛି। ବର୍ତ୍ତମାନ ରୋହିତଙ୍କ ଫର୍ମକୁ ଦେଖିଲେ ଲାଗୁଛି ଯେ ଆଗାମୀ ମ୍ୟାଚ ଗୁଡ଼ିକରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ସେ ଜଣେ ବଡ଼ ମ୍ୟାଚ ବିଜେତା ସାବ୍ୟସ୍ତ ହେବେ।

# ହାର୍ଦ୍ଦିକ ପାଣ୍ଡ୍ୟା ଆହତ; ମୁମ୍ବାଇ ଚିନ୍ତାରେ



ନୂଆଦିଲ୍ଲୀ : ମୁମ୍ବାଇ ଇଣ୍ଡିଆନ୍‌ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଆହତ ହୋଇଛନ୍ତି। ମାଂସପେଶୀରେ ଆଘାତ ପାଇଁ ହାର୍ଦ୍ଦିକ ସୋମବାର ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ବିପକ୍ଷ ମ୍ୟାଚ ଖେଳିନଥିଲେ। ତାଙ୍କ ସ୍ଥାନରେ ସୂର୍ଯ୍ୟକୁମାର ଯାଦବ ମୁମ୍ବଇ ଇଣ୍ଡିଆନ୍‌ସର ନେତୃତ୍ୱ ନେଇଥିଲେ। ଉକ୍ତ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍‌ସ ୬ ୱିକେଟରେ ଲକ୍ଷ୍ନୌକୁ ପରାସ୍ତ କରିଥିଲା।

ହାର୍ଦ୍ଦିକ ଆହତ ଅଛନ୍ତି ବୋଲି ମୁମ୍ବାଇ ଇଣ୍ଡିଆନ୍‌ସର ରିୟାନ ରିକେଲଟନ ମଙ୍ଗଳବାର ସୂଚନା ଦେଇଛନ୍ତି। ଅଲରାଉଣ୍ଡର ହାର୍ଦ୍ଦିକ ମାଂସପେଶୀ ଯନ୍ତ୍ରଣାର ଶିକାର ହୋଇଛନ୍ତି। ସେ କେବେ ସୁସ୍ଥ ହେବେ; ତାହା ସ୍ପଷ୍ଟ ହୋଇନାହିଁ। ଆମେ ଆଶା କରୁଛୁ ହାର୍ଦ୍ଦିକ ଶୀଘ୍ର ଦଳକୁ ଫେରିବେ। ମୁମ୍ବାଇ ଇଣ୍ଡିଆନ୍‌ସ ପରବର୍ତ୍ତୀ ମ୍ୟାଚ ୧୦ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ଖେଳିବ। ଉକ୍ତ ମ୍ୟାଚ୍ ପାଇଁ ହାର୍ଦ୍ଦିକ ସୁସ୍ଥ ହୋଇଯିବା ନେଇ ଆଶାକରୁଛୁ ବୋଲି ରିକେଲଟନ କହିଛନ୍ତି। ମୁମ୍ବାଇ ଇଣ୍ଡିଆନ୍‌ସ ଆଇପିଏଲରେ ଏବେ ସୁଦ୍ଧା ୧୦ଟି ମ୍ୟାଚ ଖେଳି ୩ଟି ବିଜୟ ଓ ୭ଟି ପରାଜୟ ସହ ୬ ପଏଣ୍ଟ ପାଇଛି।

ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୩ -୯ ମଇ, ୨୦୨୬

ଲିଗାସି ଲଢ଼େଇ




**ଜାତୀୟ:** ଭାରତୀୟ ଜାହାଜ ଉପରେ କାହିଁକି ଇରାନ କଲା ହମ୍‌ଲା ?
**ଅନ୍ତର୍ଜାତୀୟ:** ସାଉଦି ଆଗରେ ଆଣ୍ଠେଇଲା ପାକିସ୍ତାନ !
**ବିଶେଷ ପ୍ରସଙ୍ଗ:** ଜୀବନ ନେଉଛି ରିଲସ୍ ନିଶା
**କ୍ଷୁଦ୍ରଗଳ୍ପ :** ଶ୍ୱେତପଦ୍ମ
**ନାରୀ :** ବିବାହ ପରେ ଝିଅ ବିଦାୟବେଳେ କାହିଁକି ଚାଉଳ ଫିଙ୍ଗେ କନ୍ୟା
**ଚଳଚ୍ଚିତ୍ର :** ଚିରାଗଙ୍କ ସହ ରୋମାନ୍ସ କରୁଛନ୍ତି କି କଙ୍ଗନା ?, ଗ୍ଲାମର ଦୁନିଆ ଛାଡ଼ି ସନ୍ନ୍ୟାସ ନେଲେ ମହାକୁମ୍ଭ ଭାଇରାଲ୍ ଗାର୍ଲ
**ଖେଳ:** ଆଇପିଏଲ୍ ଇତିହାସରେ ପ୍ରଥମ
**ମୀନାବଜାର :** କ'ଣ ସାଙ୍ଗ ! ଏଥର ଖୁସିତ ?, ଚର୍ଚ୍ଚାରେ: ରୋବୋ ଲାଇଟନିଙ୍ଗ, ବିଜ୍ଞାନ: ମସ୍ତିଷ୍କର ବୟସ ବଢ଼ାଉଛି ପ୍ରଦୂଷଣ, ପର୍ଯ୍ୟଟନ: ଶାନ୍ତ-ଶୀତଳ ସାତକୋଶିଆ, ଜାଣନ୍ତି କି ? : ଏସି ରୁମ୍‌ରେ ପାଣି ବାଲଟି କାହିଁକି ରଖାଯାଏ ?, ସ୍ୱାସ୍ଥ୍ୟ: ଖରାରେ ବାହାରକୁ ବାହାରୁଛନ୍ତି କି ? ଭଳି ଆହୁରି ଅନେକ ପ୍ରସଙ୍ଗ ଏଥିରେ ଅଛି।

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ

# ସୀମିତ ଓଭର ବ୍ୟାଟିଂକୁ ନେଇ ଗର୍ବିତ: ରାହୁଲ



ବେଙ୍ଗାଲୁରୁ : ଚଳିତ ଆଇପିଏଲ୍‌ରେ ଚମତ୍କାର ବ୍ୟାଟିଂ କରୁଛନ୍ତି କେ.ଏଲ୍. ରାହୁଲ। ଦିଲ୍ଲୀ କ୍ୟାପିଟାଲ୍‌ସ ପାଇଁ ଖେଳୁଥିବା ରାହୁଲ ଗତମାସ ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ୬୪ ବଲ୍‌ରୁ ଅପରାଜିତ ରେକର୍ଡ ୧୫୨ ରନ୍ କରିଥିଲେ। ଦିଲ୍ଲୀ ୨୬୪ ରନ୍ କରିବା ସତ୍ତ୍ୱେ ପଞ୍ଜାବ ମ୍ୟାଚ୍ ଜିତିଥିଲା। ଅଦ୍ୟାବଧି ୧୦ଟି ମ୍ୟାଚ୍‌ରୁ ରାହୁଲ ୩ଟି ଅର୍ଦ୍ଧଶତକ ଓ ଗୋଟିଏ ଶତକ ବଳରେ ୪୪୪ ରନ୍ କରିଛନ୍ତି। ରାହୁଲ ଭାରତ ପାଇଁ ୭୨ଟି ଟ୍ୱେଣ୍ଟି୨୦ ମ୍ୟାଚ୍‌ରୁ ୨ଟି ଶତକ ଓ ୨୨ଟି ଅର୍ଦ୍ଧଶତକ ସହ ୨୨୬୫ ରନ୍ କରିଛନ୍ତି। ତେବେ ୨୦୨୨ ନଭେମ୍ବର ପରଠାରୁ ତାଙ୍କୁ ଟ୍ୱେଣ୍ଟି୨୦ ମ୍ୟାଚ୍ ଖେଳିବାର ସୁଯୋଗ ମିଳିନାହିଁ। ତାଙ୍କୁ ଜଣେ ଟେଷ୍ଟ ବିଶେଷଜ୍ଞ ଭାବେ ଗଣନା କରାଯାଉଛି। ଏକ ସାକ୍ଷାତ୍‌କାରରେ ରାହୁଲ କହିଛନ୍ତି, ୧୦ ବର୍ଷ ତଳେ ଟ୍ୱେଣ୍ଟି୨୦ ଦଳରେ ସାମିଲ ପାଇଁ ବହୁତ ଇଚ୍ଛା ଥିଲା। ତେବେ ମୋତେ ଧଳା ବଲ୍ ବ୍ୟାଟ୍‌ସମ୍ୟାନ ଭାବେ ଗଣନା କରା ଯାଉନଥିଲା। ମୁଁ ଟେଷ୍ଟ ବିଶେଷଜ୍ଞ ଥିଲି। ହେଲେ ଏହା ପରଠାରୁ ଧଳା ବଲ୍ କ୍ରିକେଟ୍‌ରେ ବ୍ୟାଟିଂର ଉନ୍ନତି ପାଇଁ ବହୁତ ପ୍ରୟାସ କରିଥିଲି। ଆଇପିଏଲ୍‌ରୁ ହିଁ ମୋର ଏହି ପ୍ରୟାସ ଆରମ୍ଭ ହୋଇଥିଲା। ଆଇପିଏଲ୍‌ରେ ଏବେ ମୋର ବ୍ୟାଟିଂ ମୋତେ ଗର୍ବିତ କରିଛି।

# ମୁମ୍ବାଇ ଇଣ୍ଡିଆନ୍ସରୁ ବିଦା ହୋଇପାରନ୍ତି ହାର୍ଦ୍ଦିକ ପାଣ୍ଡ୍ୟା



ନୂଆଦିଲ୍ଲୀ : ମୁମ୍ବାଇ ଇଣ୍ଡିଆନ୍ସ ଆଇପିଏଲ ୨୦୨୬ ପାଇଁ ପ୍ଲେଅଫ୍ ଦୌଡ଼ରୁ ପ୍ରାୟ ବାହାର ହୋଇଗଲାଣି। ସେମାନେ ସେମାନଙ୍କର ବାକି ଚାରୋଟି ମ୍ୟାଚ୍ ଜିତିଲେ ବି, ସେମାନେ କେବଳ ୧୪ ପଏଣ୍ଟ ପାଇପାରିବେ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱରେ ଏମଆଇ (ମୁମ୍ବାଇ ଇଣ୍ଡିଆନ୍ସ)ର ପ୍ରଦର୍ଶନ ଭଲ ରହିନାହିଁ, ଯଦିଓ ତାଙ୍କୁ ରୋହିତ ଶର୍ମାଙ୍କ ବଦଳରେ ଅଧିନାୟକ କରାଯାଇଥିଲା। ଆଘାତ ଯୋଗୁଁ ରୋହିତ ସାମ୍ପ୍ରତିକ ଅନେକ ମ୍ୟାଚ୍ ଖେଳି ନାହାଁନ୍ତି। ସେ ଶେଷ ମ୍ୟାଚ୍ ଖେଳିଛନ୍ତି ଯେତେବେଳେ ହାର୍ଦ୍ଦିକଙ୍କ ସ୍ଥାନରେ ସୂର୍ଯ୍ୟକୁମାର ଯାଦବ ଅଧିନାୟକ ଭାବରେ ଦାୟିତ୍ୱ ନେଇଥିଲେ।

ହାର୍ଦ୍ଦିକ ପାଣ୍ଡ୍ୟା ୨୦୧୫ରେ ଆଇପିଏଲ ଡେବ୍ୟୁ କରିଥିଲେ ଏବଂ ପ୍ରଥମ ସିଜିନ୍‌ରୁ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିଥିଲେ। ୨୦୨୧ ପରେ ଏମଆଇ ତାଙ୍କୁ ରିଲିଜ କରିଥିଲା। ୨୦୨୨ରେ, ତାଙ୍କୁ ନୂତନ ଫ୍ରାଞ୍ଚାଇଜ୍ ଗୁଜରାଟ ଟାଇଟାନ୍ସ ୧୫ କୋଟିରେ କିଣିଥିଲା। ତାଙ୍କ ପ୍ରଥମ ସିଜିନ୍‌ରେ, ଗୁଜରାଟ ଟାଇଟାନ୍ସ ଜିତିଥିଲା ଏବଂ ପରବର୍ଷ, ଦଳ ତାଙ୍କ ଅଧିନାୟକତ୍ୱରେ ଫାଇନାଲରେ ପହଞ୍ଚିଥିଲା। ଦୁଇଟି ସଫଳ ସିଜିନ୍ ସତ୍ତ୍ୱେ, ସେ ଗୁଜରାଟ ଛାଡି ମୁମ୍ବାଇ ଇଣ୍ଡିଆନ୍ସକୁ ଫେରି ଆସିଥିଲେ। ଏହା ସମସ୍ତଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଥିଲା।

୨୦୨୪ ମସିହାରେ ମୁମ୍ବାଇ ଫେରିବା ଅପେକ୍ଷା ଆହୁରି ଆଶ୍ଚର୍ଯ୍ୟଜନକ ଥିଲା ଯେ ଫ୍ରାଞ୍ଚାଇଜ୍ ରୋହିତ ଶର୍ମାଙ୍କ ସ୍ଥାନରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଅଧିନାୟକ କରିଥିଲା । ହାର୍ଦ୍ଦିକ ଏହି ସର୍ତ୍ତରେ ମୁମ୍ବାଇ ଫେରିଥିବା ନେଇ ଚର୍ଚ୍ଚା ଜୋର ଧରିଥିଲା ଏବଂ ଏହାକୁ ବ୍ୟାପକ ସମାଲୋଚନା କରାଯାଇଥିଲା। ହାର୍ଦ୍ଦିକଙ୍କ ଅଧିନାୟକତ୍ୱର ପ୍ରଥମ ବର୍ଷରେ ମୁମ୍ବାଇ ଇଣ୍ଡିଆନ୍ସ ଖରାପ ପ୍ରଦର୍ଶନ କରିଥିଲା, ୧୪ଟି ମ୍ୟାଚ୍‌ରୁ ୧୦ଟି ହାରି ପଏଣ୍ଟ ଟେବୁଲରେ ୧୦ମ ସ୍ଥାନରେ ରହିଥିଲା। ଚଳିତ ସଂସ୍କରଣରେ, ଦଳ ଏପର୍ଯ୍ୟନ୍ତ ୧୦ଟି ମ୍ୟାଚ୍‌ରୁ ୭ଟି ହାରିଛି।

ମୁମ୍ବାଇ ଇଣ୍ଡିଆନ୍ସ ସେମାନଙ୍କର ଇତିହାସର ସବୁଠାରୁ ଖରାପ ପର୍ଯ୍ୟାୟ ଦେଇ ଗତି କରୁଛି। ଯଦିଓ ସେମାନେ ଗତବର୍ଷ ପ୍ଲେଅଫ୍ ରେ ପହଞ୍ଚିଥିଲେ, ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅଧିନାୟକତ୍ୱରେ, ମୁମ୍ବାଇ ଏହି ବର୍ଷ ୯ଟି ମ୍ୟାଚ୍ ରୁ ୭ଟି ହାରିଛି, କେବଳ ୨ଟି ଜିତିଛି। ଏହି ସମୟ ମଧ୍ୟରେ, ଏମଆଇ ସେମାନଙ୍କର ଘରୋଇ ଗ୍ରାଉଣ୍ଡ (ୱାଙ୍ଖେଡେ) ରେ ଲଗାତାର ୪ଟି ମ୍ୟାଚ୍ ହାରିଛି ।

୯ଟି ପରାଜୟରୁ ୭ଟି ପରାଜୟ ପରେ, ହାର୍ଦ୍ଦିକ ପାଣ୍ଡ୍ୟା ଲକ୍ଷ୍ନୌ ସୁପରଜାଏଣ୍ଟ୍ସ ବିପକ୍ଷରେ ଖେଳିନଥିଲେ। ତାଙ୍କ ଅନୁପସ୍ଥିତିରେ, ସୂର୍ଯ୍ୟକୁମାର ଯାଦବ ଅଧିନାୟକ ଭାବେ ଦାୟିତ୍ୱ ସମ୍ଭାଳିଥିଲେ । ଏହି ମ୍ୟାଚ୍ ?ରେ ରୋହିତ ଶର୍ମା ମଧ୍ୟ ୮୪ ରନ୍‌ର ଏକ ଚମତ୍କାର ଇନିଂସ ଖେଳିଥିଲେ। ଏବେ, ହାର୍ଦ୍ଦିକଙ୍କୁ ମୁମ୍ବାଇ ଇଣ୍ଡିଆନ୍ସ ଦଳରୁ ମୁକ୍ତ କରାଯିବ କି ନାହିଁ ସେ ବିଷୟରେ ପ୍ରଶ୍ନ ଉଠାଯାଉଛି। ତାଙ୍କୁ ଅଧିନାୟକ ପଦରୁ ହଟାଇ ଦିଆଯାଇପାରେ ଏବଂ ଏହି ପରିସ୍ଥିତିରେ, ହାର୍ଦ୍ଦିକ ମଧ୍ୟ ଦଳ ଛାଡିବାକୁ ବିଚାର କରିପାରନ୍ତି।

ସଂପାଦକ : ଭର୍ତ୍ତୃହରି ମହତାବ ❒ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❒ Regional Office- BBSR, Ph- 2393583